# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୯/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, June 29/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 214 | ମୂଲ୍ୟ₹୭/-




**ଡୁପ୍ଲାଣ୍ଟିସ୍‌ଙ୍କ ବିଶ୍ୱ ରେକର୍ଡ**

ସ୍ୱିଡେନ୍‌ର ପୋଲଭଲ୍ଟର ଅର୍ମଣ୍ଡ ଡୁପ୍ଲାଣ୍ଟିସ ଗୋଲ୍ଡେନ୍ ସ୍ପାଇକ୍ ମିଟ୍‌ରେ ୬.୧୨ ମିଟର ଦୂରତା ହାସଲ କରି ବିଶ୍ୱରେକର୍ଡ କରିଛନ୍ତି।

୧୪

୧୩

**ଖୁସିରେ ଉଛୁଳୁଛନ୍ତି ପୂଜା ହେଗ୍‌ଡେ**

ସମାଜସେବା ଉପରେ ପର୍ଯ୍ୟବସିତ ଏକ ଫିଲ୍ମରେ ଅଭିନୟ କରିବେ ପୂଜା ହେଗ୍‌ଡେ। ମନଲାଖି ଭୂମିକା ପାଇଥିବାରୁ ସେ ଖୁସିରେ ଉଛୁଳୁଛନ୍ତି।





ବାହୁଡ଼ାଯାତ୍ରା ଅବସରରେ ବୁଧବାର ଶ୍ରଦ୍ଧାଳୁମାନେ ଗୁଣ୍ଡିଚା ମନ୍ଦିରରୁ ୩ ରଥକୁ ଶ୍ରୀମନ୍ଦିର ସିଂହଦ୍ୱାର ଅଭିମୁଖେ ଟାଣିନେଉଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ବାହୁଡ଼ିଲେ ମହାବାହୁ

## ସନ୍ଧ୍ୟା ସୁଦ୍ଧା ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଲା ତିନିରଥ

**ପୁରୀ, ୨୮।୬(ଅଜିତ୍ ମହାନ୍ତି)**

ପବିତ୍ର ଆଷାଢ଼ ଶୁକ୍ଳ ଦଶମୀ ତିଥି ଅବସରରେ ବୁଧବାର ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ରଥାରୂଢ଼ ହୋଇ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପ ଛାଡ଼ି କର୍ମବେଦି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନିରଥ। ପୁଣି ବଡ଼ଦାଣ୍ଡରେ ଭକ୍ତ ଓ ଭଗବାନଙ୍କ ମିଳନ ଘଟିଛି। ନିର୍ଦ୍ଧାରିତ ସମୟର ୪ଘଣ୍ଟା ପୂର୍ବରୁ ନୀତିକାନ୍ତି ଓ ପହଣ୍ଡି ସହ ସଅଳ ରଥଟଣା ଯୋଗୁ ସନ୍ଧ୍ୟା ସୁଦ୍ଧା ତିନି ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଛି। ରଥରେ ବିଶ୍ୱନିୟନ୍ତାଙ୍କ ଦର୍ଶନ କରି ବିହ୍ୱଳିତ ଭକ୍ତପ୍ରାଣ କୃତାର୍ଥ ହୋଇଛି।

ବାହୁଡ଼ାଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ☞ପୃଷ୍ଠା-୨

# ଟାଟା ଅବହେଳା: ୩ ଜୀବନ ଗଲା

**ବାହୁଡ଼ାରେ ରଥଟଣା ବେଳେ ଅଘଟଣ**

**କେନ୍ଦୁଝରରେ ୨, କୋରାପୁଟରେ ଜଣଙ୍କ ମୃତ୍ୟୁ**

**ବାହୁଡ଼ା ଯାତ୍ରାରେ ରଥଟଣାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ରାଜ୍ୟର ୨ ପୃଥକ୍ ସ୍ଥାନରେ ୩ଜଣଙ୍କ ମୃତ୍ୟୁ ଘଟିଛି। ୨ଜଣ ଗୁରୁତର ଆହତ ହୋଇଛନ୍ତି। ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାରର ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। କାରଣ କୌଣସି ପ୍ରକାର ଅଘଟଣକୁ ରୋକିବା ପାଇଁ ଗୁଣ୍ଡିଚା କିମ୍ବା ବାହୁଡ଼ା ଯାତ୍ରା ସମୟରେ ବିଦ୍ୟୁତ୍ କାଟ ଏବଂ ରାସ୍ତାରେ ଥିବା ତାର ହଟାଇବାର ନିୟମ ରହିଛି। କିନ୍ତୁ ଏହା କରାଯାଇ ନ ଥିବାରୁ କେନ୍ଦୁଝର ଜିଲାରେ ୨ଜଣ ଏବଂ କୋରାପୁଟରେ ଜଣଙ୍କ ଜୀବନ ଯାଇଛି।**

**କେନ୍ଦୁଝର/ଝୁମ୍ପୁରା/କୋରାପୁଟ/ଜୟପୁର,୨୮।୬ (ନରେଶ ପଟ୍ଟନାୟକ, ଶଶିଭୂଷଣ ସାହୁ, ଅମିତାଭ ବେହେରା, ପବନ ପାଣିଗ୍ରାହୀ)**

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ କେନ୍ଦୁଆ ଗ୍ରାମ ପଡ଼ିଆରେ ବୁଧବାର ମଧ୍ୟାହ୍ନରେ ରଥଟଣା ପୂର୍ବରୁ ରଥର ନେତ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ଭୁବନପଶି ଗ୍ରାମର ଯୁଗଳକିଶୋର ବାରିକ(୪୦) ଓ କେନ୍ଦୁଆ ଗ୍ରାମର ବରୁଣ ଗିରି (୪୨)। ଘଟଣାରେ ଅନ୍ୟଜଣେ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଠାକୁରଙ୍କ ପହଣ୍ଡି ପୂର୍ବରୁ ରଥକୁ କେତେଜଣ ବ୍ୟକ୍ତି ପଛକୁ ଟାଣି ସାଇଡ୍ କରୁଥିଲେ। ଏହି ସମୟରେ ରଥର ନେତ ଏକ ପାର୍ଶ୍ୱରେ ଥିବା ୧୧କେଭି ବିଦ୍ୟୁତ୍ ତାରରେ ଲାଗି ଯାଇଥିଲା। ରଥଟି ସମ୍ପୂର୍ଣ୍ଣ ଲୁହାରେ ତିଆରି ହୋଇଥିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୬ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ଶଙ୍କର୍ଷଣ ପ୍ରଧାନ(୪୨)ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେବା ବେଳେ ଭୁବନପଶି ଗ୍ରାମର ବୃଦ୍ଧା ଫୁଲମଣି ବାରିକ(୬୫) ଆମ୍ବୁଲାନ୍ସ ଚକତଳେ ପଡ଼ିଯାଇଥିଲେ। ଆମ୍ବୁଲାନ୍ସ ତାଙ୍କ ଗୋଡ଼ରେ ଚଢ଼ିଯିବାରୁ ଡାହାଣ ଗୋଡ଼ ସମ୍ପୂର୍ଣ୍ଣ କଟିଯାଇଛି। ତାଙ୍କୁ କେନ୍ଦୁଝର ଡାକ୍ତରଖାନା ପଠାଯାଇଛି। ଏହି ଘଟଣା ପରେ କେନ୍ଦୁଆ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ରଥଟଣା ସମୟରେ ବିଦ୍ୟୁତ୍ କାଟ୍ କରା ନ ଯାଇଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଚମ୍ପୁଆ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ନାରାୟଣ ବେହେରା କହିଛନ୍ତି, ସେଠାରେ ଆମର କିଛି ଭୁଲ ନାହିଁ। ରଥଟଣା ସ୍ଥାନରୁ ୩୦ ଫୁଟ୍ ପଛରେ ୧୧ କେଭି ଲାଇନ୍ ରହିଛି। ଉକ୍ତ ସ୍ଥାନରୁ ପୂର୍ବରୁ କେବେ ରଥ ଟଣାଯାଏ ନାହିଁ। କିଛି ଲୋକ ରଥକୁ ପଛକୁ ନେଇଥିଲେ। ଫଳରେ ଏଭଳି ଅଘଟଣ ଘଟିଛି ବୋଲି କହିଥିଲେ। ବାରିଆ ଥାନା ଅଧିକାରିଣୀ ବନ୍ଦନା ପାତ୍ର ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ କରୁଛନ୍ତି।

ସେହିପରି କୋରାପୁଟ ଜିଲା କୋଲାବନଗରରେ ବାହୁଡ଼ା ଯାତ୍ରା ସମୟରେ ରଥର ଧ୍ୱଜା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଚାଲି ଆସିବାରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ୍ୟୁବରଣ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ସେନାପତିଙ୍କ ପ୍ରତ୍ୟାବର୍ତ୍ତନ





**ଆହା କି ସୁନ୍ଦର ମଣିମାଙ୍କ ସ୍ୱର୍ଣ୍ଣିମ ଅବତାର**

ପ୍ରଭୁଙ୍କ ସୁନାବେଶ ଉପଲକ୍ଷେ ଆପଣମାନଙ୍କୁ ଶୁଭକାମନା

**ଜୟ ଜଗନ୍ନାଥ !**

ଫ୍ଲାଟ୍ ୬୯୯ଟଙ୍କା/ଗ୍ରାମ୍ ଗଢ଼ା ମୂଲ୍ୟ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣା ଉପରେ

ଫ୍ଲାଟ୍ ୨୫% ରିହାତି ହୀରା ମୂଲ୍ୟ ଉପରେ

ଫ୍ଲାଟ୍ ୧୫% ରିହାତି ମନୋନୀତ ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ଘଣ୍ଟା ଉପରେ

ଫ୍ଲାଟ୍ ୧୫% ରିହାତି ବ୍ରାଣ୍ଡେଡ୍ ରୁପା ସାମଗ୍ରୀ ଉପରେ

ଫ୍ଲାଟ୍ ୫୦% ରିହାତି ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ

ଉତ୍ତମ ଗ୍ରାହକ ସେବା ପ୍ରଦାନ କରିବା ଲାଲ୍‌ଚାନ୍ଦର ମୂଳମନ୍ତ୍ର। କାରଣ ଆମେ ଶତ ପ୍ରତିଶତ ଏଚ୍‌ୟୁଆଇଡି (ହଲ୍‌ମାର୍କଯୁକ୍ତ ଏକକ ପରିଚୟପତ୍ର) ନିୟମ ଅନୁପାଳନ କରିଅଛୁ, ଯାହାଦ୍ୱାରା ଆମର ପ୍ରିୟ ଗ୍ରାହକଙ୍କୁ ସର୍ବୋତ୍ତମ ସପିଂର ଅଭିଜ୍ଞତା ପ୍ରଦାନ କରିପାରିବୁ ।

**ଲାଲ୍‌ଚାନ୍ଦ୍ ପ୍ରତିଶ୍ରୁତି** ★ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ★ ସର୍ବନିମ୍ନ ଗଢ଼ାମୂଲ୍ୟ ★ ଆଜୀବନ ରକ୍ଷଣାବେକ୍ଷଣ ★ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ★ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

**ବିଭ୍ରାନ୍ତିକର ଅଫର୍‌ର ଆକର୍ଷଣରୁ ବଞ୍ଚିବା ପାଇଁ ଗ୍ରାହକଙ୍କ ଉଦ୍ଦେଶ୍ୟରେ ସତର୍କ ସୂଚନା**

କେତେକ ଜୁଏଲର୍ ମେକିଂ ଚାର୍ଜ ୪.୫%ରୁ ଆରମ୍ଭ ହେଉଥିବା କହି ଗ୍ରାହକମାନଙ୍କୁ ବିଭ୍ରାନ୍ତ କରୁଛନ୍ତି । ବାସ୍ତବରେ ଏହି ଅଫର୍ ସ୍ୱଳ୍ପ କେତେକ ଡିଜାଇନ୍ ଉପରେ ଉପଲବ୍ଧ ଥିବାରୁ ଗ୍ରାହକମାନେ ଅଧିକାଂଶ ସମୟରେ ୨୦%ରୁ ଅଧିକ ମେକିଂ ଚାର୍ଜ ଦେଉଛନ୍ତି। ଅନ୍ୟ କେତେକ ଜୁଏଲର୍ ୦% ମେକିଂ ଚାର୍ଜ ପ୍ରଦାନ କରୁଥିବା ଦାବି କରନ୍ତି, କିନ୍ତୁ ଏହି ଅଫରରେ କିଛି ବିଚିତ୍ର ସର୍ତ୍ତ ରହିଥାଏ । ଯେପରିକି ଗ୍ରାହକଙ୍କୁ ସର୍ବନିମ୍ନ ଏକ ଲକ୍ଷ ଟଙ୍କା ମୂଲ୍ୟର ଗହଣା କ୍ରୟ କରିବାକୁ ପଡ଼ିବ ଏବଂ ମୋଟ ବିଲ୍‌ର ଅଧା ମୂଲ୍ୟ ଉପରେ ଏହି ୦% ମେକିଂ ଚାର୍ଜ ଲାଗୁ ହେବ । କିନ୍ତୁ ଯେଉଁ ଗ୍ରାହକ ଏକ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର ଗହଣା କିଣୁଛନ୍ତି ସେମାନେ ୧୭% ରୁ ୩୮% ମଧ୍ୟରେ ମେକିଂ ଚାର୍ଜ ପୈଠ କରୁଛନ୍ତି। ଯେଉଁ ଗ୍ରାହକ ଏକ ଲକ୍ଷ ବା ତା'ଠାରୁ ଅଧିକ ମୂଲ୍ୟର ଗହଣା କିଣୁଛନ୍ତି ସେମାନେ ମୋଟ କ୍ରୟର ଅଧା ମୂଲ୍ୟ ଉପରେ ସମାନ ମେକିଂ ଚାର୍ଜ ରେଟ୍ (୧୭% ରୁ ୩୮%) ଦେଉଛନ୍ତି, ଯାହାର ଅର୍ଥ ହେଉଛି ସେମାନେ ମୋଟ କ୍ରୟ ପାଇଁ ୮.୫% ରୁ ୧୯% ମେକିଂ ଚାର୍ଜ ଦେଉଛନ୍ତି । ଏବେ ୦% ମେକିଂ ଚାର୍ଜ କେଉଁଠି ଅଛି ? ସେହିପରି ଅନ୍ୟ କେତେକ ଜୁଏଲର୍ ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୫୦% ରିହାତି ଦେଉଛନ୍ତି, କିନ୍ତୁ ବାସ୍ତବରେ ସେମାନେ ମେକିଂ ଚାର୍ଜ ହ୍ରାସ କରି ସୁନା ମୂଲ୍ୟ ବଢ଼ାଇ ଦେଉଛନ୍ତି । ଧ୍ୟାନ ରଖନ୍ତୁ ଯେଉଁ ବିଜ୍ଞାପନରେ ଅଫର୍ ଉପରେ ତାରକା (*) ଚିହ୍ନ ରହିଥାଏ, ସେଥିରୁ ଜାଣନ୍ତୁ କି ପ୍ରଦତ୍ତ ଅଫରରେ କିଛି ଲୁକ୍କାୟିତ ସର୍ତ୍ତାବଳୀ ରହିଛି। ଯେତେବେଳେ କି ଲାଲ୍‌ଚାନ୍ଦ୍ ସର୍ବନିମ୍ନ ସୁନା ମୂଲ୍ୟ ସହ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସମସ୍ତ ସୁନା ଗହଣାର ମେକିଂ ଚାର୍ଜ ଉପରେ ବିନା କୌଣସି ଲୁକ୍କାୟିତ ସର୍ତ୍ତରେ ଫ୍ଲାଟ୍ ୬୯୯ଟଙ୍କା/ଗ୍ରାମ୍ ରଖିଛି।

**ଦୟାକରି କିଣିବା ପୂର୍ବରୁ ଅଫର୍‌ଗୁଡ଼ିକୁ ଭଲ ଭାବେ ଯାଞ୍ଚ କରନ୍ତୁ !**

JEWELLERS SINCE 1988

ଭୁବନେଶ୍ୱର ରଘୁନାଥପୁର ☏୦୬୭୪-୨୪୬୯୧୪୯/୧୫୦/୧୫୧ | ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ ☏୦୬୭୪-୨୫୩୪୦୧୬/୧୭/୧୮ | ବ୍ରହ୍ମପୁର ଧର୍ମ ନଗର ☏୦୬୮୦-୨୨୨୯୪୦୧/୦୨/୦୪ | କଟକ କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ ☏୦୬୭୧-୨୩୦୨୫୦୫/୩୫୦୫/୪୫୦୫ | ନୂଆଦିଲ୍ଲୀ ଲାଜ୍‌ପତ୍ ନଗର ☏୦୧୧-୪୫୬୭୯୫୬୪

**ଜୁଲାଇ ତୃତୀୟ ସପ୍ତାହରୁ ମୌସୁମୀ ଅଧିବେଶନ**



ଜୁଲାଇ ତୃତୀୟ ସପ୍ତାହରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହୋଇପାରେ। ପ୍ରଥମେ ପୁରୁଣା ପାର୍ଲାମେଣ୍ଟ ଭବନରେ ଅଧିବେଶନ ଆରମ୍ଭ ହୋଇ ମଧଭାଗରୁ ନୂଆ ବିଲ୍ଡିଂରେ ହେବ ବୋଲି ବୁଧବାର ସଂସଦୀୟ ସୂତ୍ରରୁ ଜଣାପଡ଼ିଛି। ନୂଆ ପାର୍ଲାମେଣ୍ଟ ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ’ ୨୮ରେ ଉଦ୍‌ଘାଟନ କରିଥିଲେ। ପାଖାପାଖି ମାସେ ଚାଲିବାକୁ ଥିବା ମୌସୁମୀ ଅଧିବେଶନ ସ୍ୱାଧୀନତା ଦିବସ ପୂର୍ବରୁ ଶେଷ ହେବ ବୋଲି କୁହାଯାଉଛି।

## ସଂକ୍ଷେପରେ

### ୧୪ ପୋଲିସ ଅପହୃତ

**ମେକ୍ସିକୋ ସିଟି,୨୮।୬(ଏପି):** ମେକ୍ସିକୋର ଦକ୍ଷିଣ ଭାଗରେ ଥିବା ଚିପାସ୍ ରାଜ୍ୟରେ ବନ୍ଧୁକଧାରୀମାନେ ୧୪ ଜଣ ସରକାରୀ ପୋଲିସ ଅଧିକାରୀଙ୍କୁ ଅପହରଣ କରିନେଇଛନ୍ତି। ସୁରକ୍ଷା ଓ ନାଗରିକ ସୁରକ୍ଷା ସଚିବ ଏକ ବିବୃତିରେ କହିଛନ୍ତି, ୧୪ ପୋଲିସ ଅଧିକାରୀଙ୍କ ସହ କେତେଜଣ ମହିଳା ଅଫିସର ଏକ ଟ୍ରକ୍‌ରେ ଯାଉଥିଲେ। ଓକୋଜୋକୋଆଉଟ୍‌ଲା ଓ ଟ୍ୟୁକ୍ସଟ୍‌ଲା ମଝିରେ ଅପହର୍ତ୍ତାମାନେ ମହିଳାମାନଙ୍କୁ ଛାଡ଼ିଦେଇଥିବାବେଳେ ପୁରୁଷ ଅଫିସରମାନଙ୍କୁ ବନ୍ଧୁକ ମୁନରେ ଅଜ୍ଞାତ ସ୍ଥାନକୁ ନେଇଯାଇଛନ୍ତି। ସେମାନଙ୍କ ଅବସ୍ଥିତି ଠାବ ହୋଇନାହିଁ। ଉଦ୍ଧାର କରିବା ପାଇଁ ସ୍ଥଳ ଓ ଆକାଶମାର୍ଗରେ ଅପରେଶନ ଚାଲିଛି।

### ରେଷ୍ଟୁରାଣ୍ଟରେ ରୁଷିଆର ରକେଟ ମାଡ଼

**୩ ଶିଶୁଙ୍କ ସମେତ ୯ ୟୁକ୍ରେନୀୟ ନିହତ**

**କିଭ୍,୨୮।୬(ପି.ଟି.):** ୟୁକ୍ରେନ୍‌ର ପୂର୍ବାଞ୍ଚଳ ସହର କ୍ରାମାଟୋର୍ସ୍କସ୍ଥିତ ଏକ ପିଜା ରେଷ୍ଟୁରାଣ୍ଟକୁ ରୁଷୀୟ ସୈନ୍ୟ ରକେଟ ମାଡ଼ କରିଛନ୍ତି। ଏହି ଆକ୍ରମଣରେ ୩ ଶିଶୁଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫୬ ଜଣ ଆହତ ହୋଇଛନ୍ତି। ୟୁକ୍ରେନ୍‌ର ଆଭ୍ୟନ୍ତରୀଣ ବ୍ୟାପାର ସୂଚନାନୁସାରେ ୧୬ ମାସ ଧରି ରୁଷିଆ ପକ୍ଷରୁ ଆକ୍ରମଣ ଜାରି ରହିଛି। ମଙ୍ଗଳବାର ରାତିରେ ରୁଷୀୟ ସୈନ୍ୟ ଏସ୍-୩୦୦ ମିଶାଇଲ ଜରିଆରେ ଆକ୍ରମଣ କରିଥିଲେ। ଏଥିରେ ୧୮ଟି ବହୁତଳ ବିଶିଷ୍ଟ କୋଠା, ୬୫ ଘର, ୫ ସ୍କୁଲ, ୨ କିଣ୍ଡରଗାର୍ଟେନ୍ସ ଏବଂ ଗୋଟିଏ ଲେଖାଏ ଶପିଙ୍ଗ୍ ସେଣ୍ଟର, ପ୍ରଶାସନିକ କୋଠା ଓ ଅବସର ବିନୋଦନ କେନ୍ଦ୍ର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଆକ୍ରମଣରେ ଦୁଇଜଣ ଭଉଣୀଙ୍କ ମୃତ୍ୟୁ ଘଟିଛି, ଯାହାଙ୍କ ବୟସ ୧୪ ବର୍ଷ ହେବ।

### ପାକିସ୍ତାନରେ ପରିବାରର ୯ ଜଣଙ୍କୁ ହତ୍ୟା

**ପେଶାୱର, ୨୮।୬:** ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଏକ ବିବାହ ବିବାଦକୁ ନେଇ ବୁଧବାର ଗୋଟିଏ ପରିବାରର ୯ ଜଣଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମଲକନ୍ଦ ଜିଲାରେ ଏହି ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ୩ ମହିଳା ଓ ୬ ପୁରୁଷ ଅଛନ୍ତି। ପରିବାର ଲୋକେ ଶୋଇଥିବାବେଳେ ତାଙ୍କ ସମ୍ପର୍କୀୟମାନେ ଘରେ ପଶି ଆଖିବୁଜା ଗୁଳି ଚଳାଇଥିଲେ ବୋଲି ପୋଲିସ କହିଛି। ଏହି ବୀଭତ୍ସ ହତ୍ୟାକାଣ୍ଡର କାରଣ ବିବାହ ବିବାଦ ବୋଲି କୁହାଯାଉଥିବାବେଳେ ପୋଲିସ ଏହାର ତଦନ୍ତ ଚଳାଇଛି। ଆକ୍ରମଣକାରୀଙ୍କୁ ଧରିବା ପାଇଁ ଜିଲାର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ପୋଲିସ ସିଲ୍ କରିଛି।

### ଏନର୍ଜି ଟ୍ରାଞ୍ଜିଶନ୍: ୬୭ତମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ,୨୮।୬:** ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲ୍ୟୁଇଏଫ୍) ପକ୍ଷରୁ ଜାରି ଏନର୍ଜି ଟ୍ରାଞ୍ଜିଶନ୍ ଇଣ୍ଡେକ୍ସ (ଇଟିଆଇ)ରେ ଭାରତ ୬୭ତମ ସ୍ଥାନରେ ରହିଛି। ୧୨୦ ଦେଶକୁ ନେଇ ପ୍ରସ୍ତୁତ ତାଲିକାର ସର୍ବାଗ୍ରେ ଡେନ୍‌ମାର୍କ ରହିଥିବାବେଳେ ନରୱେ, ଫିନ୍‌ଲାଣ୍ଡ ଓ ସୁଇଜରଲାଣ୍ଡକୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ମିଳିଛି। ଆସେଞ୍ଚ୍ୟୁର ସହ ମିଳିତ ଆନୁକୂଲ୍ୟରେ ରିପୋର୍ଟ ପ୍ରକାଶନ ଅବସରରେ ଡବ୍ଲ୍ୟୁଇଏଫ୍ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱରେ ଶକ୍ତି ସଙ୍କଟ, ଭୂରାଜନୈତିକ ଉଠାପକା ମଧ୍ୟରେ ଏନର୍ଜି ଟ୍ରାଞ୍ଜିଶନ୍ ସ୍ଥିର ରହିଛି। କିନ୍ତୁ ଏହି କ୍ଷେତ୍ରରେ ଭାରତ ବିଶେଷ ଅଗ୍ରଗତି କରିଛି।

# ୟୁସିସି: ଆବଶ୍ୟକତା ବନାମ ଅସ୍ତ୍ର



**ଆଗକୁ ଲୋକ ସଭା ନିର୍ବାଚନ ଥିବାରୁ ଭୋଟ ଧ୍ରୁବୀକରଣ ଲାଗି ଏକକ ଦେୱାନୀ ସଂହିତାକୁ ଭାଜପା ଅସ୍ତ୍ର ରୂପେ ବ୍ୟବହାର କରୁଛି ବୋଲି ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରିଛନ୍ତି।**

ନୂଆଦିଲ୍ଲୀ,୨୮।୬
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶରୁ ଫେରିବା ପରେ ମଙ୍ଗଳବାର ମଧ୍ୟପ୍ରଦେଶର ଭୋପାଳରେ ଭାଜପା କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ସେ ଦେଶରେ ସମାନ ଦେୱାନୀ ସଂହିତା ବା ଏକକ ନାଗରିକ ସଂହିତା (ୟୁସିସି) ଲାଗୁ କରାଇବା ସପକ୍ଷରେ ମତ ରଖିଥିଲେ। ସାଧାରଣ ନିର୍ବାଚନକୁ ୧୦ ମାସରୁ କମ୍ ସମୟ ବାକି ଥିବାବେଳେ ମୋଦିଙ୍କ ମନ୍ତବ୍ୟକୁ ବିରୋଧୀ ଦଳଗୁଡ଼ିକ ଗ୍ରହଣ କରିପାରି ନାହାନ୍ତି। କେନ୍ଦ୍ରରେ କ୍ଷମତାସୀନ ଭାଜପା ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଏବଂ ୨୦୧୯ର ନାଗରିକତ୍ୱ ସଂଶୋଧନ ଆଇନ ଭଳି ୟୁସିସିକୁ ଲୋକ ସଭା ନିର୍ବାଚନ ବେଳେ ଭୋଟ ଧ୍ରୁବୀକରଣ ପାଇଁ ଅସ୍ତ୍ର ରୂପେ ବ୍ୟବହାର କରିବ ବୋଲି ନେତାମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସମ୍ବିଧାନର ଚତୁର୍ଥ ଭାଗରେ ଥିବା ଅନୁଚ୍ଛେଦ ୪୪ରେ ୟୁନିଫର୍ମ ସିଭିଲ୍ କୋଡ୍ ସମ୍ପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ସମଗ୍ର ଭାରତ ଭୂଖଣ୍ଡରେ ନାଗରିକମାନଙ୍କ ପାଇଁ ଏକ ୟୁସିସି ଆଣିବାକୁ ରାଷ୍ଟ୍ର ପ୍ରୟାସ କରିବ ବୋଲି ସମ୍ବିଧାନ ପ୍ରଣେତାମାନେ ସ୍ପଷ୍ଟ କରିଛନ୍ତି। ୧୯୮୫ରେ ମହମ୍ମଦ ଅହମ୍ମଦ ଖାନ୍ ବନାମ ଶାହ ବାନୋ ବେଗମ୍‌ଙ୍କ ମାମଲାରେ ସୁପ୍ରିମକୋର୍ଟ ମଧ୍ୟ ୟୁସିସି କାର୍ଯ୍ୟକାରୀ କରାଇବା ସପକ୍ଷରେ ରାୟ ଦେଇଥିଲେ। ଛାଡ଼ପତ୍ର ପାଇଥିବା ଶାହ ବାନୋ ନିଜ ସ୍ୱାମୀଙ୍କଠାରୁ ଭରଣପୋଷଣ ଦାବି କରିଥିବାବେଳେ ଶୀର୍ଷ ଅଦାଲତ ତର୍ଜମା କରିଥିଲେ ଯେ, ସମ୍ପୃକ୍ତ ମୁସଲମାନ ସ୍ୱାମୀଙ୍କ କ୍ଷେତ୍ରରେ ସିଆର୍‌ପିସି ଲାଗୁ ହେବ ନା ମୁସଲିମ୍ ପର୍ସନାଲ ଲ। ୧୯୯୫ରେ ମଧ୍ୟ ସୁପ୍ରିମକୋର୍ଟ ଅନ୍ୟ ଏକ ମାମଲାର ରାୟ ପ୍ରକାଶ ବେଳେ ୟୁସିସି ଲାଗୁ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ରେ ମୋଦି ସରକାରଙ୍କ ଅନୁରୋଧକ୍ରମେ ଲ’ କମିଶନ ପାରିବାରିକ ଆଇନର ସଂସ୍କାର ଉପରେ ୧୮୫ ପୃଷ୍ଠା ସମ୍ବଳିତ କନ୍‌ସଲ୍‌ଟେଶନ୍ ପେପର ଦାଖଲ କରିଥିଲେ। ସେତେବେଳେ କମିଶନ ୟୁସିସିକୁ ଅନାବଶ୍ୟକ ଓ ଅବାଞ୍ଛିତ ବୋଲି ଦର୍ଶାଇଥିଲେ। କର୍ନାଟକ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଋତୁରାଜ ଅୱସ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ୨୨ତମ ଆଇନ କମିଶନ ଗତ ୧୪ ତାରିଖରେ ୟୁସିସି ଉପରେ ବିଭିନ୍ନ ପକ୍ଷ, ଧର୍ମୀୟ ସଂସ୍ଥା ଓ ସାଧାରଣ ଜନତାଙ୍କ ମତାମତ ଲୋଡ଼ିବା ପରଠୁ ଏହି ପ୍ରସଙ୍ଗରେ ଶୀତଳଭଣ୍ଡାରରୁ ବାହାରି ଶିରୋନାମା ମଣ୍ଡନ କରୁଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ମୋଦି ହଠାତ୍ ୟୁସିସି ପ୍ରସଙ୍ଗ ଉଠାଇ ରାଜନୀତିରେ ଉଷ୍ମତା ଭରିଦେଇଛନ୍ତି। ବିରୋଧୀଙ୍କ ମତରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ନେଇ ଏତେ ତରତର ହେବାର ଯଥାର୍ଥତା ନାହିଁ। ମୋଦି ଚାହିଁଥିଲେ ପୂର୍ବରୁ ମଧ୍ୟ ୟୁସିସି ପ୍ରସଙ୍ଗ ଉଠାଇ ଏହାକୁ ଲାଗୁ କରାଇବା ଦିଗରେ ପଦକ୍ଷେପ ନେଇପାରିଥାନ୍ତେ। ଏହା ଏକ ଜଟିଳ ପ୍ରକ୍ରିୟା। ସମାଜର ସବୁ ବର୍ଗର ଲୋକଙ୍କ ମତାମତ ଲୋଡ଼ା। ବିନା ସହମତିରେ ୟୁସିସି ଆଣିବା ଅସମ୍ଭବ। ଏପରି କି ଏହା ସମୟ ସାପେକ୍ଷ ମଧ୍ୟ। ଏହିସବୁ ଦିଗକୁ ଅଣଦେଖା କରି ହଠାତ୍ ୟୁସିସିର ଓକିଲାତି କରିବା ପଛରେ ଭାଜପାର ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ବିରୋଧୀ ଟାର୍ଗେଟ କରିଛନ୍ତି। ଆଇନ କମିଶନଙ୍କୁ ପ୍ରଭାବିତ କରିବା ପାଇଁ ମୋଦି ଉଦ୍ୟମ କରୁଛନ୍ତି କି ବୋଲି ବିରୋଧୀ ପ୍ରଶ୍ନ କରୁଥିବାବେଳେ ବିପକ୍ଷ ନେତାମାନେ ମୁସଲମାନ ସମ୍ପ୍ରଦାୟକୁ ବିଭ୍ରାନ୍ତ କରି ଉସୁକାଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ସମାଲୋଚନା କରିଛନ୍ତି।




ଗୋଟିଏ ପରିବାରରେ ଯେପରି ଭିନ୍ନ ଭିନ୍ନ ନିୟମ ଚାଲେନାହିଁ ସେହିପରି ଦେଶରେ ମଧ୍ୟ ୨ଟି ଆଇନ ଚାଲିପାରିବ ନାହିଁ। ମୁସଲମାନଙ୍କୁ ବୁଝିବାକୁ ପଡ଼ିବ ଯେ, ସେମାନଙ୍କୁ କେଉଁ ରାଜନୈତିକ ଦଳ ଉସୁକାଉଛି ଓ ନିଜ ସ୍ୱାର୍ଥ ପାଇଁ ଧ୍ୱଂସ କରୁଛି। ସମ୍ବିଧାନରେ ସମସ୍ତ ନାଗରିକଙ୍କ ପାଇଁ ସମାନ ଅଧିକାର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ ମଧ୍ୟ ଏକ ସମାନ ନାଗରିକ ସଂହିତା ପ୍ରଣୟନ ଲାଗି ପରାମର୍ଶ ଦେଇଛନ୍ତି।
**–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଲ କମିଶନଙ୍କୁ ଭେଟିବ ଏଆଇଏମ୍‌ପିଏଲ୍‌ବି

ପ୍ରଧାନମନ୍ତ୍ରୀ ସବୁ ସମ୍ପ୍ରଦାୟ ପାଇଁ ସମାନ ଆଇନ ଅଣାଯିବା ଉପରେ ଗୁରୁତ୍ୱ ଦେବା ପରେ ୟୁସିସି ଉପରେ ନିଜ ମତ ରଖିବା ପାଇଁ ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ ଲ ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ତରବରିଆ ଭାବେ ପ୍ରସ୍ତୁତି ଆରମ୍ଭ କରିଛି। ଏହାର ସଦସ୍ୟମାନେ ମଙ୍ଗଳବାର ରାତି ସାରା ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକ କରି ଚିଠା ଦସ୍ତାବିଜ ପ୍ରସ୍ତୁତ କରିଛନ୍ତି। ସେମାନେ ଖୁବ୍‌ଶୀଘ୍ର ଲ କମିଶନଙ୍କୁ ଭେଟି ଏହାକୁ ଦାଖଲ କରିବେ ବୋଲି ଏଆଇଏମ୍‌ପିଏଲ୍‌ବି ସଦସ୍ୟ ଖାଲିଦ ରଶିଦ ଫରାଙ୍ଗି ମାହିଲ ସୂଚନା ଦେଇଛନ୍ତି।

## ସିଦ୍ଧାନ୍ତଗତ ସମର୍ଥନ ଦେବ ଏଏପି

**ସବୁ ପକ୍ଷଙ୍କ ସହ ଆଲୋଚନା କରି ସହମତି ଭିତ୍ତିରେ ୟୁସିସି ଆଣୁ କେନ୍ଦ୍ର**

ଅଧିକାଂଶ ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ କେନ୍ଦ୍ର ସହ ମୁହାଁମୁହିଁ ଅବସ୍ଥାରେ ରହୁଥିବା ଦିଲ୍ଲୀର ଶାସକ ଦଳ ଆମ୍ ଆଦ୍‌ମି ପାର୍ଟି (ଏଏପି) ଏକକ ନାଗରିକ ଦେୱାନୀ ସଂହିତାକୁ ସିଦ୍ଧାନ୍ତଗତ ସମର୍ଥନ ଦେବାକୁ ଘୋଷଣା କରିଛି। ତେବେ କେନ୍ଦ୍ର ସରକାର ଏହି ପ୍ରସ୍ତାବ ଉପରେ ସମସ୍ତ ପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରି ସହମତି ଭିତ୍ତିରେ ୟୁସିସି ଆଣିବା ଉଚିତ ବୋଲି ଦଳ ସର୍ତ୍ତ ରଖିଛି। ଏଏପି ୟୁସିସିକୁ ସିଦ୍ଧାନ୍ତଗତ ସମର୍ଥନ କରୁଛି। ସମ୍ବିଧାନର ଅନୁଚ୍ଛେଦ ୪୪ ମଧ୍ୟ ଏହାକୁ ସମର୍ଥନ କରୁଛି। ରାଜନୈତିକ ଦଳ ଓ ଅଣରାଜନୈତିକ ବ୍ୟକ୍ତିବିଶେଷଙ୍କ ସମେତ ପକ୍ଷମାନଙ୍କ ସହ ବିଚାରବିମର୍ଶ କରି ସହମତି ପ୍ରକାଶ ପାଇଲେ ୟୁସିସିକୁ ଲାଗୁ କରାଯାଇପାରେ ବୋଲି ଏଏପି ସାଧାରଣ ସମ୍ପାଦକ ସନ୍ଦୀପ ପାଠକ କହିଛନ୍ତି।

## କଂଗ୍ରେସ ଆଭିମୁଖ୍ୟ ସ୍ପଷ୍ଟ କରୁ: ଭାଜପା

ୟୁସିସି କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପାଇଁ ନୁହେଁ, ବରଂ ସମଗ୍ର ସମାଜ ଲାଗି ଉଦ୍ଦିଷ୍ଟ। ଏହାକୁ ସାମ୍ପ୍ରଦାୟିକ ଶିଳ୍ପୀମାନଙ୍କ ହାତରୁ ମୁକ୍ତ କରିବା ସମୟ ଉପନୀତ। ଏହି ପ୍ରସଙ୍ଗରେ କଂଗ୍ରେସ ନିଜ ଆଭିମୁଖ୍ୟ ସ୍ପଷ୍ଟ କରୁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ମୁଖ୍‌ତାର ଆବ୍ବାସ ନକ୍‌ଭି କହିଛନ୍ତି। ବିରୋଧୀ ଦଳ ୟୁସିସି ପ୍ରତି ସାମ୍ବିଧାନିକ ପ୍ରତିଶ୍ରୁତିବଦ୍ଧତା ସହ ନା ଏହାକୁ କାର୍ଯ୍ୟକାରୀ କରାଇବାରେ ‘ସାମ୍ପ୍ରଦାୟିକ ଷଡ଼ଯନ୍ତ୍ର’ ସହ ରହିଛି, ସେନେଇ ସ୍ପଷ୍ଟ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

## ଲୋକଙ୍କ ଉପରେ ଲଦି ଦିଆଯାଇପାରିବ ନାହିଁ: ଚିଦାମ୍ବରମ୍



ଏକ ଏଜେଣ୍ଡା ପ୍ରେରିତ ସଂଖ୍ୟାଗରିଷ୍ଠ ସରକାର ଦ୍ୱାରା ୟୁସିସିକୁ ବଳପୂର୍ବକ ଲୋକଙ୍କ ଉପରେ ଲଦିଆଯାଇପାରିବ ନାହିଁ। କାରଣ ଏହା ଲୋକଙ୍କ ମଧ୍ୟରେ ବିଭାଜନକୁ ପ୍ରଶସ୍ତ କରିବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ କହିଛନ୍ତି। ଚିଦାମ୍ବରମ୍‌ଙ୍କ ମତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବେରୋଜଗାରି, ଦରଦାମ୍ ବୃଦ୍ଧି, ଘୃଣା ଅପରାଧ ଭଳି ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ୟୁସିସି ଉପରେ ଜୋର୍ ଦେଉଛନ୍ତି। ଭାଜପା ସମାଜରେ ଧ୍ରୁବୀକରଣ ପାଇଁ ୟୁସିସିକୁ ବ୍ୟବହାର କରୁଛି।

# ବିକଳ୍ପ ସାରର ପ୍ରସାର ଲାଗି ରାଜ୍ୟକୁ ମିଳିବ ପ୍ରୋତ୍ସାହନ

- **ପିଏମ୍-ପ୍ରଣାମକୁ କ୍ୟାବିନେଟ ମଞ୍ଜୁରୀ**
- **ଆଖୁ ଏଫ୍‌ଆର୍‌ପି ବଢ଼ିଲା**

**ନୂଆଦିଲ୍ଲୀ, ୨୮।୬(ପି.ଟି.)**




ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ଅନୁରାଗ ଠାକୁର।

ରାସାୟନିକ ସାର ପ୍ରୟୋଗ କମାଇବା ସହ ବିକଳ୍ପ ସାରର ପ୍ରସାର କରାଉଥିବା ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ପ୍ରୋତ୍ସାହନ ଯୋଗାଇଦେବେ। ଏଥିପାଇଁ ନୂଆ ଯୋଜନା ପିଏମ୍-ପ୍ରଣାମକୁ କେନ୍ଦ୍ର କ୍ୟାବିନେଟ ବୁଧବାର ଅନୁମୋଦନ କରିଛି। ଗତ ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନ କଲାବେଳେ ପିଏମ୍-ପ୍ରଣାମ ଘୋଷଣା କରିଥିଲେ। ଉଦାହରଣ ସ୍ୱରୂପ ଗୋଟିଏ ରାଜ୍ୟ ୧୦ ଲକ୍ଷ ଟନ୍ ପାରମ୍ପରିକ ସାର ବ୍ୟବହାର କରୁଛି। ଯଦି ଏହାକୁ ୩ ଲକ୍ଷ ଟନ୍‌କୁ କମାଇ ଦିଆଯାଏ, ତେବେ ୩,୦୦୦ କୋଟି ଟଙ୍କା ସବ୍‌ସିଡି ସଞ୍ଚୟ ହୋଇପାରିବ। ଏଥିରୁ ୫୦ ପ୍ରତିଶତ ଅର୍ଥାତ ୧,୫୦୦ କୋଟି ଟଙ୍କା କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟକୁ ବିକଳ୍ପ ସାରର ପ୍ରସାର ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ପାଇଁ ଯୋଗାଇଦେବେ ବୋଲି କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ସେହିପରି ଅକ୍ଟୋବରରୁ ଆରମ୍ଭ ହେବାକୁ ଥିବା ୨୦୨୩-୨୪ ଋତୁ ପାଇଁ ଆଖୁ ଏଫ୍‌ଆର୍‌ପି (ଉଚିତ ଓ ଲାଭକାରୀ ମୂଲ୍ୟ) କୁଇଣ୍ଟାଲ ପିଛା ୧୦ ଟଙ୍କା ବଢ଼ାଇବାକୁ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛି। ଫଳରେ ଆଖୁ କୁଇଣ୍ଟାଲ ୩୧୫ ଟଙ୍କାକୁ ବୃଦ୍ଧି ପାଇବ।

## ଜାତୀୟ ଗବେଷଣା ଫାଉଣ୍ଡେଶନ ପ୍ରତିଷ୍ଠା ହେବ

**ନୂଆଦିଲ୍ଲୀ, ୨୮।୬(ପି.ଟି.)**

ଦେଶର ଗବେଷଣା କ୍ଷମତା ବଢ଼ାଇବା ପାଇଁ ନୂତନ ପାଣ୍ଠି ଯୋଗାଣକାରୀ ସଂସ୍ଥା ଜାତୀୟ ଗବେଷଣା ଫାଉଣ୍ଡେଶନ (ଏନ୍‌ଆର୍‌ଏଫ୍) ପ୍ରତିଷ୍ଠା କରାଯିବ। ଏଥିପାଇଁ ଏକ ବିଲ୍‌କୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଏହି ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ ଆକ୍ଟ,୨୦୦୮ ସ୍ଥାନରେ ଲାଗୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୧୫ରୁ ୨୫ ଜଣ ଖ୍ୟାତନାମା ଗବେଷକ ଏବଂ ପେସାଦାରଙ୍କୁ ନେଇ ଗଠିତ ଗଭର୍ଣ୍ଣିଂ ବଡ଼ି ଏନ୍‌ଆର୍‌ଏଫ୍‌ର ପରିଚାଳନା କରିବ।

## ଆଇଆଇଟି ବମ୍ବେ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ

**ନୂଆଦିଲ୍ଲୀ, ୨୮।୬(ପି.ଟି.)**

**ବିଶ୍ୱ ର୍ୟାଙ୍କିଙ୍ଗରେ ୧୪୯**

ଆଇଆଇଏସ୍‌ସି ବେଙ୍ଗାଲୁରୁ ସମେତ ଭାରତର ଅଧିକାଂଶ ଆଇଆଇଟିର ର୍ୟାଙ୍କିଙ୍ଗ୍ ଚଳିତ ବର୍ଷ ହ୍ରାସ ପାଇଥିବାବେଳେ କେବଳ ଆଇଆଇଟି ବମ୍ବେ ର୍ୟାଙ୍କିଙ୍ଗରେ ଉନ୍ନତି ହୋଇଛି। କ୍ୱାକ୍ୱାରେଲି ସାଇମଣ୍ଡସ୍ (କ୍ୟୁଏସ୍) ବିଶ୍ୱ ୟୁନିଭର୍ସିଟି ର୍ୟାଙ୍କିଙ୍ଗ ୨୦୨୪ରେ ଆଇଆଇଟି ବମ୍ବେ ୧୪୯ ର୍ୟାଙ୍କ୍‌ରେ ରହିବା ସହ ଭାରତର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ବିବେଚିତ ହୋଇଛି। ଗତବର୍ଷ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ(ଆଇଆଇଏସ୍‌ସି) ବେଙ୍ଗାଲୁରୁ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ୧୫୫ତମ ସ୍ଥାନରେ ଥିବାବେଳେ ଏଥର ୨୨୫ତମ ସ୍ଥାନକୁ ଖସିଛି। ଅନ୍ୟପକ୍ଷରେ ଗତବର୍ଷ ଆଇଆଇଟି ବମ୍ବେ ୧୭୨ତମ ସ୍ଥାନରେ ଥିବାବେଳେ ଏଥର ୧୪୯ତମ ସ୍ଥାନକୁ ଉନ୍ନୀତ ହୋଇଛି। ଦିଲ୍ଲୀ ଆଇଆଇଟି ଗତବର୍ଷ ୧୭୪ତମ ସ୍ଥାନରେ ଥିବାବେଳେ ଏଥର ୧୯୭ତମ ର୍ୟାଙ୍କକୁ ଖସିଆସିଛି। ଆଇଆଇଟି ଖଡଗପୁର ୨୭୧ ର୍ୟାଙ୍କ୍‌ରେ ଥିବାବେଳେ ଆଇଆଇଟି କାନପୁର ୨୭୮, ଆଇଆଇଟି ମାଡ୍ରାସ ୨୮୫, ଆଇଆଇଟି ଗୌହାଟୀ ୩୬୪, ଆଇଆଇଟି ରୁର୍କୀ ୩୬୯ତମ ର୍ୟାଙ୍କ୍‌ରେ ରହିଛି। ସେହିପରି ଦିଲ୍ଲୀ ୟୁନିଭର୍ସିଟି ୪୦୭ତମ ସ୍ଥାନରେ ଥିବାବେଳେ ଆନ୍ନା ୟୁନିଭର୍ସିଟି ୪୨୭ତମ ର୍ୟାଙ୍କ୍‌ରେ ରହିଛି। ଆଇଆଇଟି ଇନ୍ଦୋର ୪୫୪, ୟୁନିଭର୍ସିଟି ଅଫ୍ ମାଡ୍ରାସ ୫୪୬ ର୍ୟାଙ୍କ୍‌ରେ ଥିବାବେଳେ ଆଇଆଇଟି ଭୁବନେଶ୍ୱର ୫୭୧ତମ ର୍ୟାଙ୍କ୍‌ରେ ରହିଛି।

# ଓସ୍କାର ବିଜୟୀ କେଭିନ୍‌ଙ୍କ ବିରୋଧରେ ୧୨ ଯୌନ ନିର୍ଯାତନା ମାମଲା

**ଲଣ୍ଡନ,୨୮।୬**



ହଲିଉଡ୍‌ର ଜଣାଶୁଣା ଅଭିନେତା କେଭିନ୍ ସ୍ପେସିଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ମାମଲା ନେଇ ଲଣ୍ଡନର ସାଉଥ୍‌ୱର୍କ କ୍ରାଉନ୍ କୋର୍ଟରେ ଶୁଣାଣି ଆରମ୍ଭ ହୋଇଛି। ବୁଧବାର ସକାଳ ୯ଟାବେଳେ କେଭିନ୍ (୬୩) ଏକ କଳା ରଙ୍ଗର ଟାକ୍ସିରେ କୋର୍ଟରେ ପହଞ୍ଚିଥିଲେ। ଟାକ୍ସିରୁ ବାହାରି କୋର୍ଟ ଅଭିମୁଖେ ଯିବା ସମୟରେ ସାମ୍ନାକୁ ଆସୁଥିବା ବ୍ୟକ୍ତିଙ୍କୁ କେଭିନ୍ ଗୁଡ୍ ମର୍ଣ୍ଣିଂ କହି କୋର୍ଟ ରୁମ୍‌କୁ ପ୍ରବେଶ କରିଥିଲେ। ଏହି ଯୌନ ନିର୍ଯାତନା ମାମଲାର ଶୁଣାଣି ଆଗାମୀ ୪ ସପ୍ତାହ ଧରି ଚାଲିବ। ୮ ଯୌନ ନିର୍ଯାତନା ମାମଲା, ୩ ଅଶ୍ଳୀଳ ଇଙ୍ଗିତ ସହିତ ଜଣେ ବ୍ୟକ୍ତିଙ୍କ ସହ ଅନୈତିକ ଶାରୀରିକ ସମ୍ପର୍କ ସ୍ଥାପନ କରିବା ନେଇ କେଭିନ୍‌ଙ୍କ ବିରୋଧରେ ମୋଟ ୧୨ଟି ମାମଲା ରହିଛି। ଏଥି ମଧ୍ୟରୁ ୨୦୦୧ରୁ ୨୦୦୪ ଭିତରେ ୪ଟି ଏବଂ ୨୦୦୫ରୁ ୨୦୧୦ ମଧ୍ୟରେ ୫ ମାମଲା କେଭିନ୍‌ଙ୍କ ନାଁରେ ହୋଇଛି। କେଭିନ୍‌ଙ୍କ ମତରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ଏବଂ ସେ ନିର୍ଦ୍ଦୋଷ।

ଗତବର୍ଷ କେଭିନ୍‌ଙ୍କ ବିରୋଧରେ ଥିବା ୫ ନିର୍ଯାତନା ମାମଲାର ଶୁଣାଣି କରାଯାଇଥିଲା। ତାଙ୍କ ଓକିଲ ଗିବ୍‌ସ କେ.ସି.ଙ୍କ ସହାୟତାରେ କେଭିନ୍‌ଙ୍କୁ ବିନା ସର୍ତ୍ତରେ ଜାମିନ୍ ମିଳିଯାଇଥିଲା। ଯେଉଁଥି ପାଇଁ କେଭିନ୍ ବିନା ଅବାଧରେ ଯେ କୌଣସି ସ୍ଥାନକୁ ଯାଇପାରୁ ଥିଲେ। ୬ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ମି ଟୁ ମୁଭ୍‌ମେଣ୍ଟ କେଭିନ୍‌ଙ୍କ ଅଭିନୟ କ୍ୟାରିୟରରେ ବଡ଼ ବିପଦ ସୃଷ୍ଟି କରିଥିଲା। ହଲିଉଡ୍‌ର ଐତିହାସିକ ଡ୍ରାମା ଫିଲ୍ମ ‘୧୨୪୨ ଗେଟ୍‌ୱେ ଟୁ ଦି ୱେଷ୍ଟ’ରୁ କେଭିନ୍‌ଙ୍କୁ ହଟାଇ ଦିଆଯାଇଥିଲା। ଯୌନ ନିର୍ଯାତନା ମାମଲା ପାଇଁ କେଭିନ୍‌ଙ୍କୁ ଆହୁରି ଅନେକ ପ୍ରୋଜେକ୍ଟରୁ ବାହାର କରାଯାଇଛି। ନିକଟରେ ଜେଟ୍ ମାଗାଜିନ୍‌କୁ ଦେଇଥିବା ଏକ ସାକ୍ଷାତ୍‌କାରରେ କେଭିନ୍ କହିଛନ୍ତି, କୋର୍ଟରେ ନିର୍ଦ୍ଦୋଷ ପ୍ରମାଣିତ ହେବା ପରେ ପୁଣିଥରେ କାମ ଆରମ୍ଭ କରିଦେବେ। ଇଣ୍ଡଷ୍ଟ୍ରିରେ ଏବେ ବି ଅନେକ ଲୋକ ଅଛନ୍ତି, ଯେଉଁମାନେ ତାଙ୍କୁ କାମ ଦେବାକୁ ଅନାଇ ବସିଛନ୍ତି।

# ହିଜାବ ପିନ୍ଧିବାକୁ ମୁସଲମାନ ଡାକ୍ତରୀ ଛାତ୍ରୀଙ୍କ ଦାବି

**ଥିରୁଭାନନ୍ତପୁରମ୍, ୨୮।୬**



ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍‌ରେ ହିଜାବ ପରିଧାନକୁ ନେଇ ବିତର୍କ ଲାଗିରହିଥିବାବେଳେ କେରଳର ଏକ କଲେଜର ୭ ଜଣ ଡାକ୍ତରୀ ଛାତ୍ରୀ ହିଜାବ ପିନ୍ଧିବା ପାଇଁ ଅନୁମତି ଦେବାକୁ ପ୍ରିନ୍ସିପାଲଙ୍କୁ ପତ୍ର ଲେଖିଛନ୍ତି। ଥିରୁଭାନନ୍ତପୁରମ୍‌ର ସରକାରୀ ମେଡିକାଲ କଲେଜରେ ଏମ୍‌ବିବିଏସ୍ କରୁଥିବା ଏହି ଛାତ୍ରୀମାନେ କହିଛନ୍ତି, ସେମାନଙ୍କ ଧର୍ମବିଶ୍ୱାସ ଅନୁଯାୟୀ ସବୁ ପରିସ୍ଥିତିରେ ମୁସଲମାନ ମହିଳା ହିଜାବ ପିନ୍ଧିବା ବାଧ୍ୟତାମୂଳକ। ତେଣୁ ସର୍ଜରି ଡ୍ୟୁଟି କଲାବେଳେ ସେମାନଙ୍କୁ ହିଜାବ ପିନ୍ଧିବାକୁ ଅନୁମତି ଦିଆଯିବାକୁ ସେମାନେ ଅନୁରୋଧ କରିଛନ୍ତି। ଅସ୍ତ୍ରୋପଚାର କକ୍ଷରେ ହିଜାବ ପିନ୍ଧିବାକୁ ଅନୁମତି ଦିଆ ନ ଯିବା ନେଇ ସେମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଲମ୍ବା ହାତ ଥିବା ସ୍କ୍ରବ୍ ଜାକେଟ ଏବଂ ସର୍ଜିକାଲ ହୁଡ୍ ଯଥାଶୀଘ୍ର ପରିଧାନ ପାଇଁ ସେମାନେ ଅନୁମତି ମାଗିଛନ୍ତି। ଛାତ୍ରୀମାନଙ୍କ ଦାବି ଉପରେ ବିଚାର କରିବା ପାଇଁ ଏକ କମିଟି ଗଢ଼ାଯାଇଥିବା ପ୍ରିନ୍ସିପାଲ ଡ. ଲିନେଟ୍ ମୋରିସ୍ କହିଛନ୍ତି। ବର୍ତ୍ତମାନ ପାଇଁ ସେମାନଙ୍କୁ ଦାବିକୁ ଗ୍ରହଣ କରାଯାଇପାରିବ ନାହିଁ। ଅସ୍ତ୍ରୋପଚାର ପ୍ରକୋଷ୍ଠରେ ଅନ୍ତର୍ଜାତୀୟ ମାନଦଣ୍ଡକୁ ବଜାୟ ରଖାଯାଉଛି। ରୋଗୀମାନଙ୍କ ସୁରକ୍ଷା ସର୍ବପ୍ରଥମ ବୋଲି ପ୍ରିନ୍ସିପାଲ ଗଣମାଧ୍ୟମକୁ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ କର୍ନାଟକର ଭାଜପା ସରକାର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କ ହିଜାବ ପରିଧାନ ଉପରେ ରୋକ ଲଗାଇଥିଲେ। ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଶିକ୍ଷାନୁଷ୍ଠାନରେ ଧର୍ମୀୟ ପ୍ରଥାର ସ୍ଥାନ ନାହିଁ ବୋଲି କେତେକ ଯୁକ୍ତି ବାଢ଼ିଥିବାବେଳେ, ହିଜାବ ନିଷେଧ କରିବା ସଂଖ୍ୟାଲଘୁଙ୍କ ଅଧିକାର ଉପରେ ଆକ୍ରମଣ ବୋଲି ଅନ୍ୟ କେତେଜଣ କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୯/୨୦୨୩ | Bhubaneswar, Thursday, June 29/2023 | ପୃଷ୍ଠା-୧

# ରେଲୱେରେ ୨.୭୪ ଲକ୍ଷ ପଦବୀ ଖାଲି

ନୂଆଦିଲ୍ଲୀ,୨୮।୬(ପି.ଟି.)

ଗତ ଜୁନ୍ ୨ ତାରିଖରେ ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଯୋଗୁ ୨୯୨ଜଣଙ୍କ ମୃତ୍ୟୁ ଘଟିବା ସହ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହି ଦୁର୍ଘଟଣାର କାରଣ ଖୋଜୁଥିବାବେଳେ ଦେଶରେ ସୁରକ୍ଷିତ ରେଳଯାତ୍ରାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟ୍ରାକ୍ ରକ୍ଷଣାବେକ୍ଷଣ, ଉନ୍ନତ ମାନର ସିଗ୍ନାଲିଂ ବ୍ୟବସ୍ଥା ଓ ଏହାର ତଦାରଖ ଆଦି ସୁରକ୍ଷା ସମ୍ପର୍କ କାର୍ଯ୍ୟ ନିମନ୍ତେ ଆବଶ୍ୟକ କର୍ମଚାରୀ ଏବଂ ଆଧୁନିକ ଯନ୍ତ୍ରାଂଶ ଅଭାବକୁ ନେଇ ପ୍ରଶ୍ନ ଉଠିଛି। ଏଭଳିସ୍ଥଳେ ଭାରତୀୟ ରେଳପଥରେ ପ୍ରାୟ ୨.୭୪ ଲକ୍ଷ ପଦ ଖାଲି ପଡ଼ିଥିବା ଜଣାପଡ଼ିଛି। ସେଥିରୁ ୧.୭ ଲକ୍ଷରୁ ଊର୍ଦ୍ଧ୍ୱ ସୁରକ୍ଷା ବର୍ଗରେ ଖାଲିପଡ଼ିଥିବା ବିଷୟ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ତଥ୍ୟ ହସ୍ତଗତ ହୋଇଛି। ଗତବର୍ଷ ସେପ୍ଟେମ୍ବରରେ ପାର୍ଲାମେଣ୍ଟରେ ଉପସ୍ଥାପିତ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି)ଙ୍କ ଅଡିଟ୍ ରିପୋର୍ଟରେ ରେଳ ସୁରକ୍ଷାରେ ଥିବା ଅନେକ ତ୍ରୁଟି ପଦାକୁ ଆସିଥିଲା। ବିଶେଷକରି ମୋଦି ସରକାରଙ୍କ ଅମଳରେ କ୍ରମାଗତ ଭାବେ ରେଲୱେ ପାଇଁ ପାଣ୍ଠି କମିବା, ମିଳୁଥିବା ଅର୍ଥର ବିନିଯୋଗ ହୋଇ ନ ପାରିବା ଏବଂ ରେଳ ସୁରକ୍ଷା ସମ୍ପର୍କିତ ପଦବୀ ପୂରଣ ନ ହେବା ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା। କିନ୍ତୁ ତାହାକୁ ଗୁରୁତ୍ୱ ଦିଆ ନ ଯିବା ଯୋଗୁ ବାହାନଗା ଟ୍ରେନ ଟ୍ରାଜେଡି ସମେତ କିଛି ଦିନ ଅନ୍ତରାଳରେ ରେଳ ଦୁର୍ଘଟଣା ଘଟିଚାଲିଥିବା ବିଶେଷଜ୍ଞମାନେ କହୁଛନ୍ତି।

## ସୁରକ୍ଷା ବର୍ଗରେ ୧.୭ ଲକ୍ଷ

ମଧ୍ୟପ୍ରଦେଶର ଆର୍‌ଟିଆଇ କର୍ମୀ ଚନ୍ଦ୍ରଶେଖର ଗଉରଙ୍କ ଆବେଦନକ୍ରମେ ରେଲୱେଠାରୁ ମିଳିଥିବା ତଥ୍ୟାନୁସାରେ ୨୦୨୩ ଜୁନ୍ ୧ ସୁଦ୍ଧା ଲେଭେଲ ୧ ସମେତ ଗ୍ରୁପ୍ ସି (ଅଣଗେଜେଟେଡ୍)ରେ ୨,୭୪,୫୮୦ ପଦବୀ ଖାଲି ପଡ଼ିଛି। ସୁରକ୍ଷା ଦାୟିତ୍ୱରେ ରହୁଥିବା କର୍ମଚାରୀଙ୍କ ଖାଲି ପଦବୀ ସଂଖ୍ୟା ୧,୭୭,୯୨୪ ବୋଲି ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨ ଡିସେମ୍ବରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୩.୧୨ ଲକ୍ଷ ଅଣଗେଜେଟେଡ୍ ପଦବୀ ଖାଲିପଡ଼ିଥିବା ବିଷୟ ପାର୍ଲାମେଣ୍ଟକୁ ଅବଗତ କରାଇଥିଲେ।

ସୁରକ୍ଷା କାର୍ଯ୍ୟ ତଦାରଖ ସକାଶେ କର୍ମଚାରୀ ଅଭାବକୁ ଅତ୍ୟନ୍ତ ଗମ୍ଭୀର ବିଷୟ ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ୨୦୧୭-୨୧ ମଧ୍ୟରେ ଘଟିଥିବା ୨୮୯ଟି ଲାଇନ୍‌ଚ୍ୟୁତ ଘଟଣାର ୨୬% ଟ୍ରାକ୍ ରିନ୍ୟୁଆଲ ସହ ଜଡ଼ିତ ଥିଲା। ୨,୯୦୮ ମାନବଯୁକ୍ତ ଲେଭଲ କ୍ରସିଂକୁ ହଟାଇବା ପାଇଁ ୨୦୧୮-୨୧ରେ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ସେଥିରୁ ୭୦% ଅର୍ଥାତ୍ ୨,୦୫୯ଟିକୁ ହଟାଯାଇଥିଲା। ବିଭିନ୍ନ ବର୍ଗରେ ନିଯୁକ୍ତି ଲାଗି ଆବଶ୍ୟକ ପଦକ୍ଷେପ ମଧ୍ୟ ନିଆଯାଇ ନ ଥିଲା। ଏଥିଯୋଗୁ ରକ୍ଷଣାବେକ୍ଷଣର ଗୁଣବତ୍ତା ପ୍ରଭାବିତ ହୋଇଥିଲା ବୋଲି ସିଏଜି ସ୍ପଷ୍ଟ କରିଥିଲେ।

# ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କୁ ଗୁଳି

ସାହରନପୁର(ୟୁପି), ୨୮।୬



ଦଳିତ ନେତା ତଥା ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କ କାର୍ ଉପରକୁ ବୁଧବାର କେତେଜଣ ଅଜଣା ଆକ୍ରମଣକାରୀ ଗୁଳି ଚଳାଇଥିଲେ। ଏଥିରେ ଆଜାଦ ଆହତ ହୋଇଥିବା ପୋଲିସ କହିଛି। ୩୬ ବର୍ଷୀୟ ଆଜାଦ ତାଙ୍କର ☞ପୃଷ୍ଠା-୨

# ତ୍ରିପୁରାରେ ରଥ ଜଳିଗଲା, ୬ ମୃତ

ଅଗରତାଲା,୨୮।୬(ପି.ଟି.)

ଜଗନ୍ନାଥଙ୍କ ବାହୁଡ଼ାଯାତ୍ରା ବେଳେ ତ୍ରିପୁରାର ଉନାକୋଟି ଜିଲାରେ ରଥ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନିଆଁ ଲାଗିଯିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଆଉ ୧୫ ଜଣ ଆହତ ହୋଇଛନ୍ତି। କୁମାରଘାଟରେ ଉଲଟା ରଥଯାତ୍ରା (ବାହୁଡ଼ା) ପାଇଁ ବୁଧବାର ଅନେକ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଅପରାହ୍ନ ପ୍ରାୟ ୪ଟା ୩୦ରେ ରଥ ଟଣାଯାଉଥିବାବେଳେ ଏକ ୧୩୩ କେ.ଭି. ବିଦ୍ୟୁତ୍ ତାରରେ ଏହା ଛନ୍ଦି ହୋଇଯାଇଥିଲା। ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ୧୫ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଆସିଷ୍ଟାଣ୍ଟ ଆଇଜି (ଆଇନ ଶୃଙ୍ଖଳା) ଜ୍ୟୋତିଷ୍ମାନ ଦାସ ଚୌଧୁରୀ କହିଛନ୍ତି। ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ମୁଖ୍ୟମନ୍ତ୍ରୀ ମାଣିକ ଶାହ ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି କଠିନ ସମୟରେ ରାଜ୍ୟ ସରକାର ସେମାନଙ୍କ ସହ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# 'ଏକାମ୍ର ପ୍ରକଳ୍ପ'ର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୮।୬ (ବନ୍ଦନା ସେଠୀ)

- ସରିଲା ୩ଦିନିଆ ଭୂମିପୂଜନ ଉତ୍ସବ
- ପ୍ରକଳ୍ପ ପାଇଁ ଜମି ଦେଇଥିବା ୧୪ଜଣ ସମ୍ବର୍ଦ୍ଧିତ

ବେଦ, ମନ୍ତ୍ର ଓ ପୂଜାପାଠ ସହ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ପ୍ରତୀକ୍ଷିତ ତଥା ଆକାଂକ୍ଷିତ 'ଏକାମ୍ର ପ୍ରକଳ୍ପ'ର ଶିଳାନ୍ୟାସ କରିଛନ୍ତି। ଏଥିସହ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ୩ଦିନ ଧରି ଚାଲିଥିବା ଭୂମିପୂଜନ ଉତ୍ସବ ଶେଷ ହୋଇଛି। ଶୈବପୀଠ ସମେତ ଏକାମ୍ର କ୍ଷେତ୍ରର ବିକାଶ ପାଇଁ ୪ବର୍ଷର ପ୍ରକ୍ରିୟା ଖୁବ୍‌ଶୀଘ୍ର ପୂର୍ଣ୍ଣାଙ୍ଗ ରୂପ ନେବାକୁ ଯାଉଥିବାରୁ ସେବାୟତ, ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଆନନ୍ଦ ପ୍ରକାଶ ପାଇଛି। 'ଏକାମ୍ର ପ୍ରକଳ୍ପ'ର ଶିଳାନ୍ୟାସ ପାଇଁ ଶିବ ଆରାଧନା ସହ ସୋମବାରଠାରୁ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା। ବୁଧବାର ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥିରେ ସକାଳ ୬ଟା ୩୦ରୁ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶିଳା ପୂଜା, ଅଗ୍ନିପୂଜା ଓ ବନ୍ଦନା ପରେ ୯ଟା ୩୦ରେ ଶିଳା ବିଶୋଧନ, ଶିଳା ପ୍ରତିଷ୍ଠା, ଗର୍ଭ ସଂସ୍କାର ଓ ଶିଳାନ୍ୟାସ କର୍ମ କରାଯିବା ପରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ☞ପୃଷ୍ଠା-୨

# ଦକ୍ଷିଣ କୋରିଆବାସୀଙ୍କ ବୟସ କମିଯିବ

ସିଓଲ,୨୮।୬




ଦକ୍ଷିଣ କୋରିଆରେ ପ୍ରତ୍ୟେକ ନାଗରିକଙ୍କ ବୟସ ଏବେ ବର୍ଷେରୁ ଦୁଇ ବର୍ଷ ଲେଖାଏ କମିଯିବ। ଉକ୍ତ ଦେଶରେ ଅଣାଯାଇଥିବା ନୂଆ ନିୟମ ଅନୁଯାୟୀ ଲୋକଙ୍କ ବୟସ ହ୍ରାସ ପାଇବାକୁ ଯାଉଛି। ଦକ୍ଷିଣ କୋରିଆରେ ବୟସକୁ ନେଇ ୨ ପ୍ରକାର ଗଣନା ପଦ୍ଧତି ଥିବାବେଳେ ତାହାକୁ ହଟାଇବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।

ଦକ୍ଷିଣ କୋରିଆରେ ପିଲା ମା'ଗର୍ଭାଶୟରେ ରହିବା ପରଠାରୁ ତା'ର ବୟସ ଗଣନା ଆରମ୍ଭ କରାଯାଏ। ଅର୍ଥାତ୍ ପିଲା ଜନ୍ମ ହେବା ବେଳକୁ ତାକୁ ୧ବର୍ଷ ବୋଲି ଧରାଯାଏ। ଆଉ ଏକ ଗଣନା ପଦ୍ଧତି ଅନୁସାରେ, ପ୍ରତିବର୍ଷ ଜାନୁୟାରୀ ୧ ତାରିଖରେ ପ୍ରତ୍ୟେକ ବ୍ୟକ୍ତିଙ୍କ ବୟସ ଗୋଟିଏ ବର୍ଷ ବଢ଼େ। ଯଦି ଜଣେ ଶିଶୁ ଡିସେମ୍ବର ୩୧ ତାରିଖରେ ଜନ୍ମ ହୁଏ ତେବେ ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ ଗଣନା ଅନୁସାରେ ଜାନୁୟାରୀ ୧ରେ ସେହି ଶିଶୁକୁ ୨ ବର୍ଷ ଚାଲେ। ଦକ୍ଷିଣ କୋରିଆରେ କରାଯାଉଥିବା ବୟସ ଗଣନା ପ୍ରଣାଳୀ ଯୋଗୁ ନାଗରିକମାନେ ଜୀବନବୀମା ସଂକ୍ରାନ୍ତୀୟ ଅସୁବିଧାରେ ସମ୍ମୁଖୀନ ହେବା ସହ ଅନେକ ଲୋକ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇପଡୁଥିବା ରାଷ୍ଟ୍ରପତି ୟୁନ ସୁକ୍ ୟେଓନ୍ କହିଛନ୍ତି। ପ୍ରଚଳିତ କୋରିଆନ୍ ଏଜ୍ ମେଥଡ୍ ୧୦୦ ବର୍ଷରୁ ଅଧିକ ପୁରୁଣା। ଉଦାହରଣ ସ୍ୱରୂପ ଯଦି ଜଣେ ପିଲା ୨୦୦୩ ଜୁନ୍ ୨୯ରେ ଜନ୍ମ ହୋଇଛି ତେବେ ଅନ୍ତର୍ଜାତୀୟ ବୟସ ☞ପୃଷ୍ଠା-୨









**ଆଜିର ମନ୍ତବ୍ୟ**
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ପରେ ଦୁଇଦେଶର ସହଭାଗିତା ଏକ ନୂଆ ସ୍ତରରେ ପହଞ୍ଚିଛି। ଭାରତ ଓ ଆମେରିକାର ଅସୀମ ସୁଯୋଗ ଭରା ଭବିଷ୍ୟତ ରହିଛି। **-ଏରିକ୍ ଗ୍ରାସେଟି, ଆମେରିକା ରାଷ୍ଟ୍ରଦୂତ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର କାଠ ଉଇ ଖାଉଛି**
**କାଉଁରିଆ କାଠି ଭୁଆ ହେଉଛି।**

କାଠ ସହ କାଉଁରିଆ କାଠି କୌଣସି ଗୁଣରେ ସରି ହୋଇ ନ ଥାଏ। କିଛି ବ୍ୟକ୍ତି ବିଚାର ବୁଦ୍ଧିଶୂନ୍ୟ ହୋଇଥାନ୍ତି। ଭଲ ଓ ଭେଲ ମଧ୍ୟରେ କିଛି ତଫାତ ବା ଫରକ ଜାଣିପାରି ନ ଥାନ୍ତି। ନିର୍ବୁଦ୍ଧିଆ ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଘଇତା ଅଯୋଗ୍ୟ ପଣେ**
**ମାଇପ ଶୁଅଇ ସନ୍ତରା ବଣେ।**

ଗୃହକର୍ତ୍ତା ବା ସ୍ୱାମୀ ଅଯୋଗ୍ୟ ହେଲେ ସ୍ତ୍ରୀର ଦୁଃଖକଷ୍ଟ ଦ୍ୱିଗୁଣିତ ହୋଇଯାଏ। ଫଳରେ ଘର ଚଳେଇବା ପାଇଁ ସେ ପରର ଆଶ୍ରା ନେଇଥାଏ। ପରଲୋକ ଯାହା କୁହେ ସେ ସେଇ ଅନୁସାରେ ଚଳିଥାଏ ଓ ସେଥିରେ ସାଲିସ କରିନେବା ଛଡ଼ା ତା'ପକ୍ଷେ ଆଉ କିଛି ଚାରା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ଏକକ ଦେଓ୍ୱାନି ସଂହିତା**




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମନକଥା ମନରେ ରଖି ସୁଯୋଗକୁ ଅପେକ୍ଷା କଲେ ଯାହା ଚାହୁଁଛନ୍ତି ତାହା ପାଇଯିବେ। ସାମାଜିକ ସ୍ତରରେ ଉଲ୍ଲେଖନୀୟ କାମ କରି ପ୍ରଶଂସିତ ହେବେ। କୃତ୍ତିକା ନକ୍ଷତ୍ରର କେତେକ ସାମାନ୍ୟ ଭୁଲରୁ କାମ ବିଶୃଙ୍ଖଳିତ ହୋଇଯିବାର ଆଶଙ୍କା ରହିଛି। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହୋଇପାରେ।

**ବୃଷ** ଆଜି ଆନୁଷ୍ଠାନିକ କ୍ଷେତ୍ରରେ, ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ବିବାଦୀୟ ଘଟଣା କିନ୍ତୁ ଅମୀମାଂସିତ ରହିଯାଇପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ସମସ୍ୟା ମୁକ୍ତ ରହିପାରନ୍ତି। ଅବଶ୍ୟ ମୃଗଶିରା ନକ୍ଷତ୍ର ସକାଶେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ନିୟନ୍ତ୍ରିତ ନ ହେଲେ ମଧ୍ୟ ବିଶେଷ ଖରାପ ହେବ ନାହିଁ। ଆରଦ୍ରା ନକ୍ଷତ୍ରର ଘରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅଧସ୍ତନ କର୍ମଚାରୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିବ।

**କର୍କଟ** ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ଅସଜଡ଼ା ପରିସ୍ଥିତିର ମୁକାବିଲାରେ ସମର୍ଥ ହେବେ। ସହକର୍ମୀ କିମ୍ବା ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ପୁନର୍ବସୁ ସକାଶେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କାର୍ଯ୍ୟକୁ ସଙ୍କୁଚିତ କରିନେଇପାରନ୍ତି।

**ସିଂହ** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ପାଇବେ। ଅତୀତ ଦିନର ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ସେମିତି କିଛି ହେବ ନାହିଁ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ।

**କନ୍ୟା** ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରାଇପାରିବେ ନାହିଁ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହବେ। ଚିତ୍ରା ନକ୍ଷତ୍ର ଭାବପ୍ରବଣବଶତଃ ବନ୍ଧୁଙ୍କ ସହ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ସହକର୍ମୀମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ତୁଳା** ମନ କଥା କାହାକୁ କହିପାରିବେ ନାହିଁ କିମ୍ବା କହିଲେ ମଧ୍ୟ କିଛି ଲାଭ ହେବନି। କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନ ପାଇ ଅବସାଦ ଲାଗି ରହିବ। ସ୍ୱାତୀ ନକ୍ଷତ୍ର ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ, କିନ୍ତୁ ଲକ୍ଷ୍ୟ ହାସଲ କରିବେ।

**ବିଛା** ଅନୁରାଧା ନକ୍ଷତ୍ର ନିଜର ଲୋକଙ୍କୁ ନେଇ ପ୍ରତ୍ୟେକ କଥାରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। କେତେକ ଅହେତୁକ କାରଣରୁ କାମ ଶେଷ କରିପାରିବେ ନାହିଁ। ପରିବହନ, ନିର୍ମାଣ, ମାଲିମକଦ୍ଦମା ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ** ଭାବପ୍ରବଣବଶତଃ ଅନ୍ୟ କଥାରେ ଭାସିବୁଲିଲେ ମୁଣ୍ଡରେ ଚଡ଼କ ପଡ଼ିବ। ଆଜି ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ରାଜନୀତି, ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ଧୈର୍ଯ୍ୟଶୀଳତା କାମକୁ ଆସିପାରେ। ପୂର୍ବାଷାଢ଼ା ନକ୍ଷତ୍ର ଅର୍ଥ ସମ୍ପର୍କକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ମକର** ଆଜି ଶ୍ରବଣା ନକ୍ଷତ୍ର ଶତ୍ରୁତା କଲେ ମଧ୍ୟ ଗ୍ରହ ପ୍ରଭାବରୁ ସମସ୍ତେ ଦୂରେଇ ରହିବେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। ଅଫିସରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। କର୍ମାରମ୍ଭ, ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ** ଆଦୌ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତି ବିଶେଷଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟସ୍ୱଜନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ଶତଭିଷା ନକ୍ଷତ୍ର ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** ବହୁ ଆକାଂକ୍ଷିତ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିପାରନ୍ତି। ସନ୍ଧ୍ୟା ସମୟରେ ହଠାତ୍ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ହେବେ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ରେବତୀ ନକ୍ଷତ୍ରର ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

ଆଜି ଆଷାଢ଼ ଶୁକ୍ଳପକ୍ଷର ସର୍ବସମ୍ମତ ପଦ୍ମା ଏକାଦଶୀ ଗୁରୁବାର, ରଥ ଉପରେ ଶ୍ରୀଜୀଉଙ୍କ ବଡ଼ ତଡ଼ାଉ ବେଶ (ସୁନାବେଶ), ଲକ୍ଷ୍ମୀନାରାୟଣ ବ୍ରତ, ଜୁନ୍ ୨୯ ତାରିଖ, ଜାତୀୟ ପରିସଂଖ୍ୟାନ ଦିବସ (ପରିସଂଖ୍ୟାନବିତ୍ ପ୍ରଶାନ୍ତ ଚନ୍ଦ୍ର ମହାଲ୍ ନୋବିସ୍‌ଙ୍କ ଜନ୍ମ ଦିବସ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ ପାଇଁ ଶୁଭଦିନ, ଦିବା ଘ.୦୫।୧୪ ଗତେ ଘ.୦୬।୦୭ ମଧ୍ୟେ, ଘ୦୯।୩୮ ଗତେ ଘ.୧୧।୨୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୮ ଗତେ ଘ.୦୩।୦୭ ମଧ୍ୟେ ରାହୁକାଳ।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଖୁବ୍‌ଶୀଘ୍ର ପାଠପଢ଼ା

ସାକ୍ଷୀଗୋପାଳ,୨୮।୬(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ପୁରୀ ଜିଲା ସତ୍ୟବାଦୀ ବ୍ଲକର ବକୁଳବନରେ ନିର୍ମାଣ ହେଉଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏଥିସହ ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କାର୍ଯ୍ୟାଳୟ ଖୋଲାଯିବ। ସେହିପରି ଅଫିସିଆଲ କାର୍ଯ୍ୟ ସୋମବାରଠାରୁ ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି ବୁଧବାର ସତ୍ୟବାଦୀ ଗସ୍ତରେ ଆସିଥିବା ବେଳେ ଏହି ସୂଚନା ପ୍ରଦାନ କରିଛନ୍ତି। ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷ ଅଫିସ କାର୍ଯ୍ୟ, ନାମଲେଖା ସହ ପାଠ୍ୟଦାନ ହେବା ନିମନ୍ତେ ଏହି ଉଚ୍ଚସ୍ତରୀୟ କମିଟି ସତ୍ୟବାଦୀ ଗସ୍ତ କରିଥିଲେ। ଏହି ଗସ୍ତରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଭିସି ସଞ୍ଜୟ ନାୟକ, ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ବୀରେନ୍ଦ୍ର କୋରକୋରା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଯୁଧିଷ୍ଠିର ସାହୁ, ଓବିସିସିର ମୁଖ୍ୟଯନ୍ତ୍ରୀ ଗିରିଜା ଶଙ୍କର ନାୟକ, ଏବିସିଏଲ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନା, ଟେକ୍ ଏବିସିଏଲ ନିର୍ଦ୍ଦେଶକ ଅକ୍ରୁର ରଞ୍ଜନ ପତିଙ୍କ ସମେତ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ବିଡିଓ ଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କମିଟି ପ୍ରଥମେ ସତ୍ୟବାଦୀ ଥାନା ନିକଟରେ ଥିବା ପୂର୍ତ୍ତ ବିଭାଗର ଡାକବଙ୍ଗଳାରେ ପହଞ୍ଚି ଏକ ସଭା କରିଥିଲେ। ଏଥିରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। କାର୍ଯ୍ୟର ମନ୍ଥରତା ନେଇ ଅଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଶୀଘ୍ର କାର୍ଯ୍ୟ ସାରିବା ପାଇଁ ଓବିସିସିର ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ବିଶ୍ୱବିଦ୍ୟାଳୟରେ କିଭଳି ଶୀଘ୍ର ବିଦ୍ୟୁତ୍ ସଂଯୋଗ, ଜଳଯୋଗାଣ, ୱାଇଫାଇ, ଫର୍ନିଚର, ରାସ୍ତାଘାଟ ଆଦି ନିର୍ମାଣ ସହ ପ୍ରାଥମିକତା ଭିତ୍ତିରେ ସମସ୍ତ ବିଲ୍ଡିଂର କାର୍ଯ୍ୟ କରାଯିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଚଳିତବର୍ଷଠାରୁ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ହେବ ବୋଲି ଶିକ୍ଷା ବିଭାଗର ନିଷ୍ପତ୍ତି ରହିଛି। କିନ୍ତୁ ବିଶ୍ୱବିଦ୍ୟାଳୟର କାମ ଅସମ୍ପୂର୍ଣ୍ଣ ଯୋଗୁ ନିର୍ମାଣ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ସ୍ଥାନୀୟ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟର ଅଫିସ କାର୍ଯ୍ୟ ଓ ନାମଲେଖା ସହ ପାଠ୍ୟଦାନ ଆରମ୍ଭ କରାଯିବା ପାଇଁ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ ବିଡିଓ ଲୋଚନ ଦାସ ଉପସ୍ଥିତ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏଥିରେ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ଶିବସୁନ୍ଦର ମିଶ୍ର ରାଜି ହେବା ପରେ ଉପସ୍ଥିତ ଅଧିକାରୀମାନେ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଶେଷରେ ସେଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ସୋମବାରଠାରୁ ଆରମ୍ଭ କରାଯାଇ କିଛି ମାସ ପାଇଁ ଚାଲିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ଆମେରିକା ସହ ଡ୍ରୋନ୍ ଡିଲ୍ | ମୂଲ୍ୟକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ନୂଆଦିଲ୍ଲୀ,୨୮।୬(ପି.ଟି.)




ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ବହୁ କୋଟି ଟଙ୍କାର ଡ୍ରୋନ୍ ଡିଲ୍‌ର ସ୍ୱଚ୍ଛତାକୁ ନେଇ ବୁଧବାର କଂଗ୍ରେସ ପ୍ରଶ୍ନ ଉଠାଇଛି। ୩୧ ଏମ୍‌କ୍ୟୁ-୯ବି ପ୍ରିଡେଟର ୟୁଏଭି ଡ୍ରୋନ୍‌ଗୁଡ଼ିକୁ ଅଧିକ ଦାମ୍‌ରେ ଅଧିଗ୍ରହଣ କରାଯାଉଥିବା ନେଇ ଦଳ ପକ୍ଷରୁ ଅଭିଯୋଗ ଅଣାଯାଇଛି। କଂଗ୍ରେସ ମୁଖପାତ୍ର ପଓ୍ୱନ ଖେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଜାତୀୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଉଚିତ। କିନ୍ତୁ ପ୍ରିଡେଟର ଡ୍ରୋନ୍ ଡିଲ୍‌ରେ ଅନେକ ସନ୍ଦେହ ଉପୁଜିଛି। ମୋଦି ସରକାର ଜାତୀୟ ସ୍ୱାର୍ଥକୁ ଉପହାସ କରିବା ନେଇ ଜଣାଶୁଣା। ରାଫାଲ ଡିଲ୍ ବେଳେ ମଧ୍ୟ ଭାରତୀୟମାନେ ଏହା ଦେଖିଛନ୍ତି। ସରକାର ୧୨୬ ରାଫାଲ ଯୁଦ୍ଧବିମାନ ପରିବର୍ତ୍ତେ ମାତ୍ର ୩୬ଟି ଆଣିଛନ୍ତି। ଡିଫେନ୍ସ ଆକ୍ୱିଜିଶନ୍ କମିଟି ଏବଂ ସଶସ୍ତ୍ର ବଳର ଆପତ୍ତିକୁ ଅଣଦେଖା କରି ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍)କୁ କିଭଳି ଭାବେ ଟେକ୍ନୋଲୋଜି ହସ୍ତାନ୍ତର କରା ନ ଯାଇ ଏକତରଫା ନିଷ୍ପତ୍ତି ନିଆଯାଇଥିଲା ତାହା ମଧ୍ୟ ଆମେ ଦେଖିଛୁ। ରାଫାଲ ଦୁର୍ନୀତି ଏବେ ମଧ୍ୟ ଫ୍ରାନ୍ସରେ ତଦନ୍ତାଧୀନ ରହିଛି। ତେଣୁ ପ୍ରିଡେଟର ଡ୍ରୋନ୍ ଚୁକ୍ତି ଉପରେ ଆମେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଦାବି କରୁଛୁ। ଭାରତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ଚାହେଁ। ଅନ୍ୟଥା ଆମେ ମୋଦି ସରକାରଙ୍କ ଅଧୀନରେ ଆଉ ଏକ ଦୁର୍ନୀତିରେ ଫସିଯିବା ବୋଲି ଖେରା କହିଛନ୍ତି।କ ପ୍ରକାଶ ଯେ, ଆମେରିକାଠାରୁ ୩୧ଟି ଏମ୍‌କ୍ୟୁ-୯ବି ଡ୍ରୋନ୍ କିଣିବା ପାଇଁ ଭାରତ ମୂଲ୍ୟ ନିର୍ଦ୍ଧାରଣ କରିନାହିଁ ଦର୍ଶାଇ କେତେକ ରିପୋର୍ଟ ପ୍ରକାଶ ପାଇଛି। ଏହାର ମୂଲ୍ୟ ଓ ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ ପ୍ରକାଶିତ ରିପୋର୍ଟଗୁଡ଼ିକୁ ରବିବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଖାରଜ କରାଯାଇଥିଲା। ନିର୍ମାତାଙ୍କଠାରୁ ଅନ୍ୟ ରାଷ୍ଟ୍ରଗୁଡ଼ିକ ଏହି ଡ୍ରୋନ୍ କେତେ ମୂଲ୍ୟରେ ନେଉଛନ୍ତି ତାକୁ ଅନୁଧ୍ୟାନ କରି ସବୁଠୁ ଉଚିତ ଦାମ୍‌ରେ ଯେପରି ଅଣାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରଣାଳୟ କହିଥିଲା।

# ବିନା ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍‌ରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଗାଡି

## ୮୦୦ରୁ ଊର୍ଦ୍ଧ୍ୱ ମାଲିକଙ୍କ ନାଁରେ ଇ-ଚାଲାଣ

ଭୁବନେଶ୍ୱର,୨୮।୬(ଅଭିଜିତ ଦାସ)

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୫ ଲକ୍ଷ ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଯାଇଛି। ବାକି ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଗାଡି ବିନା ହାଇସିକ୍ୟୁରିଟି ନମ୍ବର ପ୍ଲେଟରେ ଚାଲୁଛି। ଅନେକ ଗାଡି ମାଲିକ ଏହି ନମ୍ବର ପ୍ଲେଟ୍ ଲଗାଇବାକୁ ଅପେକ୍ଷାରତ ଅଛନ୍ତି। ଏପରିସ୍ଥିତିରେ ଗତ ୨୩ ତାରିଖରୁ ପରିବହନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ସ୍ପେଶାଲ ଡ୍ରାଇଭ୍ ଚେକିଂରେ ୮୦୦ରୁ ଊର୍ଦ୍ଧ୍ୱ ମାଲିକଙ୍କ ନାଁରେ ଇ-ଚାଲାଣ କଟାଯାଇଥିବା ସୂଚନା ଦିଆଯାଇଛି।
ବିଭାଗୀୟ ସୂଚନାନୁସାରେ, ଓଡ଼ିଶା ରେଜିଷ୍ଟ୍ରେଶନ୍ ମାର୍କ ଥିବା ତଥା ୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଗାଡିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ୍ ପ୍ଲେଟ୍ (ଏଚଏସ୍‌ଆର୍‌ପି) ଲଗାଇବା ଅବଧି ଗତ ଫେବୃଆରୀ ୨୮ରୁ ଶେଷ ହୋଇଛି। ଏବେବି ଅନେକ ଗାଡି ବିକୃତ ନମ୍ବର ପ୍ଲେଟ ଥିବାବେଳେ ଅଧିକାଂଶ ଗାଡି ମାଲିକ ବୁକିଂ କରିଥିବା ନମ୍ବର ପ୍ଲେଟ୍‌କୁ ଅପେକ୍ଷା କରି ରହିଛନ୍ତି। ତେବେ ଗତବର୍ଷ ଅଗଷ୍ଟରେ ୭ ଲକ୍ଷ ୬ ହଜାର ୨୧୫ଟି ଗାଡି ମାଲିକ ସ୍ଲଟ ବୁକିଂ କରିଥିବାବେଳେ ଚଳିତବର୍ଷ ଜୁନ୍ ୭ ସୁଦ୍ଧା ୪୦ ଲକ୍ଷ ୯୩ ହଜାର ୬୦୮ଟି ଗାଡି ଲାଗି ସ୍ଲଟ୍ ବୁକିଂ ହୋଇଛି। ଏଥିମଧ୍ୟରୁ ୩୫ ଲକ୍ଷ ୮୭ ହଜାର ୫୭୭ଟି ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗି ଥିବାବେଳେ ବାକି ୫ ଲକ୍ଷ ଗାଡି ବିନା ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍‌ରେ ଚାଲୁଛି। ତେଣୁ ପରିବହନ ବିଭାଗ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ମାଧ୍ୟମରେ ୨୫ ତାରିଖ ସୁଦ୍ଧା ୮୦୦ରୁ ଊର୍ଦ୍ଧ୍ୱ ଗାଡିକୁ ଧରାଯାଇଥିବାବେଳେ ୬୩୭ଜଣ ଗାଡି ମାଲିକଙ୍କ ନାମରେ ଚାଲାଣ କଟାଯାଇଥିବା ସୂଚନା ଦିଆଯାଇଛି।
ଏନେଇ ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର (ଏନ୍‌ଫୋର୍ସମେଣ୍ଟ) ଲାଲମୋହନ ସେଠୀଙ୍କ କହିବା ଅନୁଯାୟୀ, ସେଣ୍ଟ୍ରାଲ ମୋଟର ଭେଇକିଲ୍ ରୁଲ୍(ସିଏମ୍‌ଭିଆର୍)୧୯୮୯ର ଧାରା ୫୦ ଅନୁଯାୟୀ ସମସ୍ତ ଯାନବାହାନରେ ଏଚ୍‌ଏସ୍‌ଆର୍‌ପି ବାଧ୍ୟତାମୂଳକ। ମୋଟର ଭେଇକିଲ୍(ଏମ୍‌ଭି) ଆକ୍ଟ ୧୯୮୮ର ଧାରା ୧୯୨ ଅନୁସାରେ ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଥିଲେ ଇ-ଚାଲାଣ କଟାଯିବ। ନିୟମ ପାଳନ କରୁ ନ ଥିବା ଗାଡି ଚାଳକଙ୍କୁ ଇ-ଚାଲାଣ କଟାଯାଇ ୫ ହଜାର କିମ୍ବା ୧୦ ହଜାର ଜରିମାନା ହେବ। ଗୋଟିଏ ଗାଡି ପ୍ରଥମଥର ଧରାପଡିଲେ ୫ ହଜାର ଟଙ୍କା ଓ ଦ୍ୱିତୀୟଥର ଧରାପଡିଲେ ୧୦ ହଜାର ଟଙ୍କାର ଜରିମାନା ଦେବାକୁ ପଡିବ। ଏନେଇ ପରିବହନ ବିଭାଗ ପକ୍ଷରୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ଲୋକେ ନିୟମ ମାନୁ ନ ଥିବା ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର ସେଠୀ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଟାଟା ଅବହେଳା...

କରିଥିବା ଯୁବକ ହେଲେ କୋଲାବନଗରର ବାବୁଲା ନାହାକ(୨୮)। ସେ ରଥର ବ୍ରେକ୍ ଦାୟିତ୍ୱରେ ଥିଲେ। ଆହତ କ୍ରିଷ୍ଣା ରାଓ(୫୪)ଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଚଳିତବର୍ଷ ଲୁହାରେ ୩ ନୂଆ ରଥ ନିର୍ମାଣ କରାଯାଇଛି। ତାଳଧ୍ୱଜ ରଥ ଟଣାହେବାବେଳେ ଏହାର ଧ୍ୱଜା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ରଥର ବ୍ରେକ୍ ଦାୟିତ୍ୱରେ ଥିବା ବାବୁଲା ଚପଲ ପିନ୍ଧି ନ ଥିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ। ଉପସ୍ଥିତ ପୋଲିସ ତାଙ୍କୁ ଉଦ୍ଧାର କରି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ବାବୁଲାଙ୍କୁ ମୃତ ଘୋଷଣା କରିଥିଲେ। ରଥଯାତ୍ରା ଓ ବାହୁଡ଼ା ସମୟରେ ରାସ୍ତା ଦେଇ ଯାଇଥିବା ବିଦ୍ୟୁତ ତାର ହଟାଇବା ସହ ବିଦ୍ୟୁତ୍ ସରବରାହ ବନ୍ଦ କରିବା ନିୟମ ରହିଛି। କିନ୍ତୁ ଚଳିତ ଥର ଏହାର ଉଲ୍ଲଂଘନ କରାଯାଇଛି। ରଥ ପରିଚାଳକ ଏବଂ ବିଦ୍ୟୁତ୍ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ହେତୁ ଏପରି ଦୁର୍ଘଟଣା ଘଟିଯାଇଥିବା ପରିବାର ଲୋକେ ଓ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ଅଧିକାରୀ କିଛି ପ୍ରତିକ୍ରିୟା ପ୍ରକାଶ କରି ନ ଥିବାବେଳେ ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି ବୋଲି କୋରାପୁଟ ସଦର ଥାନାଧିକାରୀ କିରଣବାଳା ସାମଲ କହିଛନ୍ତି।

## ବାହୁଡ଼ିଲେ ମହାବାହୁ...

ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ବୁଧବାର ଭୋର ୪ଟା ୩୫ରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ କୁସୁମୀ ଲାଗି ନୀତି ସମ୍ପନ୍ନ କରିଥିଲେ। ପରେ ୪ଟା ୫୦ରେ ମଙ୍ଗଳ ଆଳତି, ୪ଟା ୫୫ରେ ମଇଲମ, ୫ଟାରେ ତଡ଼ପ ଲାଗି, ୫ଟା ୧୫ରେ ରୋଷ ହୋମ ଓ ଅବକାଶ ପୂଜା, ୫ଟା ୫୦ରେ ବେଶ ଶେଷ, ୬ଟା ୫ରେ ସୂର୍ଯ୍ୟ ପୂଜା, ୬ଟା ୧୦ରେ ଦ୍ୱାରପାଳ ପୂଜା, ୭ଟା ୧୫ରେ ସକାଳ ଧୂପ, ୭ଟା ୪୦ରେ ମଙ୍ଗଳାର୍ପଣ, ୭ଟା ୪୫ରେ ପୁଷ୍ପାଞ୍ଜଳି, ୭ଟା ୫୦ରେ ଡୋର ଲାଗି ସରିଥିଲା। ମଧ୍ୟାହ୍ନ ୧୨ଟାରେ ପହଣ୍ଡି ଆରମ୍ଭ ହେବାକୁ ନୀତି ନିର୍ଘଣ୍ଟ ହୋଇଥିଲା। ତେବେ ୪ଘଣ୍ଟା ପୂର୍ବରୁ ଅର୍ଥାତ୍ ୭ଟା ୫୫ରେ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଗୋଟି ପହଣ୍ଡିରେ ରଥକୁ ବିଜେ କରାଯାଇଥିଲା। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଗୋଟି ପହଣ୍ଡି ହୋଇ ରଥକୁ ବିଜେ କରିଥିଲେ। ପରେ ଚଳନ୍ତି ପ୍ରତିମା ଶ୍ରୀରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡି ହୋଇ ୧୧ଟା ୫ରେ ରଥାରୂଢ଼ ହୋଇଥିଲେ। ବାହୁଡ଼ା ପହଣ୍ଡି ସରିବା ପରେ ୧୧ଟା ୨୦ରେ ମଇଲମ ଓ ବେଶ ଶେଷ ହୋଇଥିଲା। ଏହାପରେ ପରମ୍ପରା ଅନୁଯାୟୀ, ଗଜପତି ମହାରାଜା ଦିବ୍ୟସିଂହ ଦେବ ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଛେରାପହଁରା କରିଥିଲେ। ୧୨ଟା ୪୦ରେ ରଥରେ ଚାରମାଳ ଫିଟା ସହ ଘୋଡ଼ା ଲଗାଯାଇଥିଲା। ଅପରାହ୍ନ ୪ଟାରେ ରଥଟଣା ପାଇଁ ନୀତି ନିର୍ଘଣ୍ଟ ହୋଇଥିବାବେଳେ ଅପରାହ୍ନ ୧୨ଟା ୫୦ରେ ପ୍ରଥମେ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ପରେ ୧ଟା ୩୦ରେ ଦର୍ପଦଳନ ଓ ୧ଟା ୪୫ରେ ନନ୍ଦିଘୋଷ ରଥ ଟଣାଯାଇଥିଲା। ଘଣ୍ଟଘଣ୍ଟା, ନୃତ୍ୟ ସଙ୍ଗୀତ ଓ ସଂକୀର୍ତ୍ତନ ମଧ୍ୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନୀରେ ପ୍ରକମ୍ପିତ ହୋଇଉଠିଥିଲା ଶରଧାବାଲି। ଜୟ ଜଗନ୍ନାଥ ଧ୍ୱନିରେ ଭକ୍ତମାନେ ଅତି ଆନନ୍ଦର ସହ ତିନିରଥକୁ ଶ୍ରୀମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ରଥ ତ୍ରୟ ମାଉସୀମା' ମନ୍ଦିର ନିକଟରେ ପହଞ୍ଚିବା ପରେ ଠାକୁରମାନଙ୍କୁ ପୋଡ଼ପିଠା ଭୋଗ ଲାଗିକରାଯାଇଥିଲା। ଏହାପରେ ଠାକୁରମାନେ ଶ୍ରୀମନ୍ଦିର ଆଡ଼କୁ ଯାତ୍ରା କରିଥିଲେ। ଅପରାହ୍ନ ୪ଟା ୨୦ରେ ପ୍ରଥମେ ତାଳଧ୍ୱଜ ଓ ପରେ ୪ଟା ୪୫ରେ ଦର୍ପଦଳନ ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ତେବେ ନୀତି ପାଇଁ ନନ୍ଦିଘୋଷ ରଥ ରାଜନଅର ନିକଟରେ କିଛି ସମୟ ପାଇଁ ଅଟକିଥିଲା। ୫ଟା ୨୦ରେ ଶ୍ରୀମନ୍ଦିରରୁ ମା' ମହାଲକ୍ଷ୍ମୀ ପାଲିଙ୍କିରେ ଘଣ୍ଟ, ଛତା, କାହାଳୀ ସହ ନନ୍ଦିଘୋଷ ରଥ ନିକଟକୁ ଆସିଥିଲେ। ୫ଟା ୫୫ରେ ଗଜପତି ମହାରାଜା ସେଠାରେ ଲକ୍ଷ୍ମୀ-ନାରାୟଣ ଭେଟ ନୀତି ସମ୍ପନ୍ନ କରିଥିଲେ। ୬ଟା ୧୦ରେ ଶ୍ରୀମନ୍ଦିରକୁ ମହାଲକ୍ଷ୍ମୀ ପ୍ରତ୍ୟାବର୍ତ୍ତନ କରିବା ପରେ ନନ୍ଦିଘୋଷ ରଥ ପୁଣି ଶ୍ରୀମନ୍ଦିର ଅଭିମୁଖେ ଗଡ଼ିଥିଲା। ସନ୍ଧ୍ୟା ୬ଟା ୪୩ରେ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ଶରଧାବାଲିରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଜନସମୁଦ୍ର ପାଲଟିଥିଲା। ୮ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବାହୁଡ଼ାଯାତ୍ରା ଲାଗି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସହ ୧୭୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଖରାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଉପରେ ପାଣି ସିଞ୍ଚନ କରାଯାଇଥିଲା।

**୮ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ**
- ୪ଘଣ୍ଟା ପୂର୍ବରୁ ସରିଲା ପହଣ୍ଡି, ସଅଳ ହେଲା ରଥଟଣା
- ମାଉସୀମା' ମନ୍ଦିର ନିକଟରେ ପୋଡ଼ପିଠା ଖାଇଲେ
- ଶ୍ରୀନଅର ନିକଟରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି

## 'ଏକାମ୍ର ପ୍ରକଳ୍ପ'ର ଶିଳାନ୍ୟାସ ...

ମନ୍ଦିର ସମ୍ମୁଖରେ ପହଞ୍ଚି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ପରେ ଏକାମ୍ର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ଯଜ୍ଞସ୍ଥଳକୁ ଯାଇ ପୂର୍ଣ୍ଣାହୁତିରେ ସାମିଲ ହୋଇଥିଲେ। ଏକାମ୍ର ପ୍ରକଳ୍ପର ଶିଳାନ୍ୟାସ ପୂର୍ବରୁ ୫-ଟି ସଚିବ ଭି.କେ ପାଣ୍ଡିଆନ ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ବ୍ରାହ୍ମଣ ନିଯୋଗ, ବଡୁ ନିଯୋଗ ଏବଂ ସମର୍ଥା ନିଯୋଗର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ମହାପ୍ରଭୁ ଲିଙ୍ଗରାଜଙ୍କ ଦାମୋଦର ବେଶର ଏକ ଫଟୋଚିତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଏକାମ୍ର ପ୍ରକଳ୍ପ ନିମନ୍ତେ ଜମି ପ୍ରଦାନ କରିଥିବା ୧୪ଜଣ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଡିଏ ଉପାଧ୍ୟକ୍ଷ ବଳବନ୍ତ ସିଂ, ଭୁବନେଶ୍ୱର ମହାନଗର ନିଗମ କମିଶନର ବିଜୟ ଅମୃତା କୁଲାଙ୍ଗେ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।
ଏକାମ୍ର ପ୍ରକଳ୍ପର ୩ଦିନିଆ ଭୂମିପୂଜନ ଉତ୍ସବରେ ପର୍ଯ୍ୟଟକ ଓ ଭକ୍ତମାନେ ଏକାମ୍ର କ୍ଷେତ୍ରର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପରମ୍ପରା ସହ ଯୋଡି ହେବାର ସୁଯୋଗ ପାଇଥିଲେ। ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ, ମୁକ୍ତେଶ୍ୱର ମନ୍ଦିର, ବିନ୍ଦୁସାଗର ପୁଷ୍କରିଣୀ ଓ ଅନ୍ୟାନ୍ୟ ଛୋଟ ମନ୍ଦିରଗୁଡ଼ିକ ଆଲୋକମାଳାରେ ସୁସଜ୍ଜିତ ହୋଇ ଏକ ଅପୂର୍ବ ଆକର୍ଷଣୀୟ ପରିବେଶ ସୃଷ୍ଟି କରିଥିଲା। ପାରମ୍ପରିକ ଯଜ୍ଞ ରୀତିନୀତି ମାଧ୍ୟମରେ ଏକାମ୍ର କ୍ଷେତ୍ରର ପବିତ୍ରତା ଆହୁରି ବୃଦ୍ଧି ପାଇ ଏକ ଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା। ଧାର୍ମିକ ସମାରୋହ ବ୍ୟତୀତ ଉପସ୍ଥିତ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଆକର୍ଷଣୀୟ ସ୍କାଏ ପ୍ରୋଜେକ୍ସନ୍, ଲାଇଟ୍ ଓ ସାଉଣ୍ଡ ଶୋ, ଭଜନ ସମାରୋହ, ନୃତ୍ୟ ପ୍ରଦର୍ଶନ ସହ ପ୍ରକଳ୍ପର ମଡେଲ ଏବଂ ତଥ୍ୟ ସମ୍ବଳିତ ପ୍ରଦର୍ଶନୀ ଦେଖିଥିଲେ।

### ୮୦ ଏକର ଜମିରେ ଐତିହାସିକ ପ୍ରକଳ୍ପ

ଐତିହାସିକ 'ଏକାମ୍ର ପ୍ରକଳ୍ପ' ଯୋଜନା ୨୦୧୯ରେ ଆରମ୍ଭ କରାଯାଇଥିଲା। ବିଭିନ୍ନ ସ୍ମାରକୀ, ପବିତ୍ର ପୁଷ୍କରିଣୀ ଓ ଅନ୍ୟାନ୍ୟ ଜଳାଶୟର ପୁନରୁଦ୍ଧାର ସମେତ ଶ୍ରୀ ଲିଙ୍ଗରାଜଙ୍କ ଚତୁଃପାର୍ଶ୍ୱର ୮୦ ଏକର ଜମିରେ ଏହି ପ୍ରକଳ୍ପ ନିର୍ମାଣର ଲକ୍ଷ୍ୟ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏକାମ୍ର କ୍ଷେତ୍ରର ପ୍ରତ୍ନତତ୍ତ୍ୱ ଏବଂ ପ୍ରତ୍ନତାତ୍ତ୍ୱିକ ଐତିହ୍ୟର ପୁନରୁଦ୍ଧାର ପରି ପ୍ରମୁଖ କାର୍ଯ୍ୟକ୍ରମର ରୂପାୟନ କରାଯିବ। ଯାନବାହନ ଚଳାଚଳକୁ ସୁଗମ କରିବା ନିମନ୍ତେ ୧୨ରୁ ୧୮ ମିଟର ଚଉଡ଼ା ରାସ୍ତା, ପଥଚାରୀଙ୍କ ପାଇଁ ୪ରୁ ୧୦ ମିଟର ଚଉଡ଼ା ଚଲାପଥ ଏବଂ ପାର୍କିଂ ବ୍ୟବସ୍ଥା କରାଯିବ। ଏଥିସହ ଶ୍ରଦ୍ଧାଳୁଙ୍କ ନିମନ୍ତେ ଆନ୍ତଃସଂଯୋଗ କରୁଥିବା ମୁକ୍ତସ୍ଥାନ, ୩୦୦ ବର୍ଗମିଟରର ଦର୍ଶନ ସୁବିଧା, ଜରୁରିକାଳୀନ ସେବା ନିମନ୍ତେ ୧୬୦୦ ବର୍ଗମିଟରର ସୂଚନା ଓ ନିୟନ୍ତ୍ରଣ କେନ୍ଦ୍ର, ବିନ୍ଦୁସାଗର ଚତୁଃପାର୍ଶ୍ୱରେ ଉତ୍ସର୍ଗୀକୃତ ଚଲାପଥ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ଓଡ଼ିଶା ସେତୁ ନିର୍ମାଣ ନିଗମକୁ ଦାୟିତ୍ୱ ଦିଆଯାଇଛି ଏବଂ ଉନ୍ନୟନ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ।

## ଦକ୍ଷିଣ କୋରିଆବାସୀଙ୍କ...

ଗଣନା ଅନୁସାରେ ୨୦୨୩ ଜୁନ୍ ୨୮ ବେଳକୁ ସେହି ପିଲାକୁ ୧୯ ବର୍ଷ ହୋଇଥିବ। କିନ୍ତୁ ଦକ୍ଷିଣ କୋରିଆର ଗଣନା ବୟସ ବା କାଉଣ୍ଟିଂ ଏଜ୍ ଅନୁସାରେ ସେହି ପିଲାକୁ ୨୦ ବର୍ଷ ଏବଂ କୋରିଆନ ଏଜ୍ ଗଣନା ପଦ୍ଧତିରେ ସେହି ସମାନ ପିଲାକୁ ୨୧ ବର୍ଷ ହୋଇଥାଏ। ପୁରୁଣା ବୟସ ଗଣନା ପଦ୍ଧତିକୁ ହଟାଇବା ଲାଗି ଗତବର୍ଷ ଡିସେମ୍ବରରେ ସାଉଥ୍ କୋରିଆ ଆଇନ ପ୍ରଣେତାମାନେ ମତ ଦେଇଥିଲେ। ତେବେ ବୟସ ଗଣନା ନିୟମ ପରିବର୍ତ୍ତନକୁ ନେଇ ଦେଶବାସୀ ଉତ୍ସାହିତ ଅଛନ୍ତି। ଅନ୍ତର୍ଜାତୀୟ ବୟସ ଗଣନା ଲାଗୁ ହେବା ପରେ ଦକ୍ଷିଣ କୋରିଆର ହ୍ୟୁନ ଜେଓଙ୍ଗ ବିୟୁନଙ୍କ ବୟସ ଏବେ ୨ ବର୍ଷ କମିଯିବ ବୋଲି ସେ କହିଛନ୍ତି। କାଉଣ୍ଟିଂ ଏଜ୍ ଏବଂ କୋରିଆନ୍ ଏଜ୍ ଯୋଗୁ ତାଙ୍କ ବୟସ ବଢ଼ିଯାଇଥିଲା। ୧୯୮୦ରେ ଉତ୍ତର କୋରିଆ ସ୍ଥାନୀୟ ବୟସ ଗଣନା ନିୟମ ହଟାଇଥିବାବେଳେ ଜାପାନରେ ଏବେ ଅନ୍ତର୍ଜାତୀୟ ବୟସ ଗଣନା ପଦ୍ଧତି ପ୍ରଚଳିତ।

## ଭୀମ୍ ଆର୍ମି ମୁଖ୍ୟ ...

ଜଣେ ସମର୍ଥକଙ୍କ ଘରକୁ ଅନ୍ତେଷ୍ଟିକ୍ରିୟାର ଶେଷ ଦିନରେ ଯୋଗଦେବା ପାଇଁ ସାହରନପୁର ଜିଲାର ଦେଓବନ୍ଦ ଯାଉଥିବାବେଳେ ତାଙ୍କ ଏସ୍‌ୟୁଭିକୁ ଏକାଧିକ ଗୁଳିମାଡ଼ ହୋଇଥିଲା। ଆକ୍ରମଣକାରୀମାନେ ମଧ୍ୟ ଏକ କାର୍‌ରେ ଆସିଥିଲେ। ଗୋଟିଏ ଗୁଳି ଆଜାଦଙ୍କ ପେଟରେ ବାଜିଥିବାବେଳେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ କାର୍‌ରେ ହରିୟାଣାର ରେଜିଷ୍ଟ୍ରେଶନ ନମ୍ବର ରହିଛି। ପୋଲିସ ଜିଲା ସୀମାକୁ ସିଲ୍ କରି ଆକ୍ରମଣକାରୀ ଓ ସେମାନଙ୍କ କାର୍‌କୁ ଧରିବା ଲାଗି ତନାଘନା ଚଳାଇଛି।

**କେନ୍ଦୁଝର ଟ୍ରକ୍ ଦୁର୍ଘଟଣା: ୩ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ଘୋଷଣା**

ଭୁବନେଶ୍ୱର,(ଅନିଲ ଦାସ): ମଙ୍ଗଳବାର ରାତିରେ କେନ୍ଦୁଝର ଜିଲା ଷଠିଘରଠାରେ ହୋଇଥିବା ଟ୍ରକ୍ ଦୁର୍ଘଟଣାରେ ୫ଜଣ ଲୋକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ଏଥିସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଏହି ଦୁର୍ଘଟଣାରେ ଆହତମାନଙ୍କୁ ମାଗଣାରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ବରଯାତ୍ରୀଙ୍କ ଉପରେ ମାଡ଼ିଗଲା ଟ୍ରକ୍: ୫ ମୃତ

କେନ୍ଦୁଝର, ୨୮।୬ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ରୋଶଣୀ, ଡିଜେର ତାଳେ ତାଳେ ନାଚୁଥିଲେ ବରଯାତ୍ରୀ। ଆଉ ମାତ୍ର ୨୦ ମିଟର ଯାଇଥିଲେ କନ୍ୟାଘରେ ପହଞ୍ଚିଥାନ୍ତେ। ଭୋଜି ଆୟୋଜନ ସାରି କନ୍ୟାପକ୍ଷ ଲୋକେ ଅପେକ୍ଷା କରି ରହିଥିଲେ। କିନ୍ତୁ ବିଧିର ବିଧାନ ଥିଲା ଅଲଗା। ଏହା ପୂର୍ବରୁ ଘଟିଥିଲା ଏକ ମର୍ମନ୍ତୁଦ ଦୁର୍ଘଟଣା। ମନ ଖୁସିରେ ନାଚୁଥିବା ବେଳେ ଯମଦୂତ ସାଜି ଏକ ଟ୍ରକ୍ ବରଯାତ୍ରୀଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ମଙ୍ଗଳବାର ରାତି ୨ଟାରେ କେନ୍ଦୁଝର ଜିଲା ଟାଉନ ଥାନା ଅଧୀନ ଷଠିଘର ସାହି ନିକଟରେ ଘଟିଛି। ମୃତକମାନେ ହେଲେ ପୁରୁଣା ବଜାର କେଉଟସାହିର ବାପୁନ ଦେହୁରୀ(୨୫), ଲକ୍ଷ୍ମୀପାଦର ରତି ମୁଣ୍ଡା(୬୫), ଷଠିଘର ସାହିର ଦର୍ଶନ ପାତ୍ର(୨୨), ହରିଚନ୍ଦନପୁର ଥାନା ଜାମୁଯୋଡ଼ି ପଞ୍ଚାୟତ ମାନପୁର ପାତ୍ରସାହିର ସତ୍ୟଜିତ୍ ପାତ୍ର (୧୩) ଓ ଧଳପୁର ଗ୍ରାମର ସୁନୀଲ ମହାନ୍ତ(୨୭)। ଗୁରୁତରମାନେ ହେଲେ ବଡ଼ବିଲ ଥାନା ଅଞ୍ଚଳର ବିଶ୍ବ ପାତ୍ର, ଟାଉନ ଥାନା ଅଧୀନ ଷଠିଘର ସାହିର ଲିପୁନ ପାତ୍ର(୧୭), ହିମାଂଶୁ ପାତ୍ର(୧୬), ସଞ୍ଜୟ ପାତ୍ର(୨୩), ଅଜିତ୍ ପାତ୍ର(୨୦), ଲିପୁନ ମୁଣ୍ଡା(୧୮), ହରିଚନ୍ଦନପୁର ଥାନା ମାନପୁର ଗ୍ରାମର ମିଥୁନ ମୁଣ୍ଡା, ମଧୁ ମୁଣ୍ଡା(୪୦), ସୁନୀଲ ପାତ୍ର।

ସୂଚନା ଅନୁଯାୟୀ, ହରିଚନ୍ଦନପୁର ବ୍ଲକ୍ ଜଙ୍ଘିରା ନିକଟସ୍ଥ ମାନପୁର ଗ୍ରାମରୁ ଏକ ବରଯାତ୍ରୀ ଦଳ କେନ୍ଦୁଝର ଷଠିଘର ସାହିକୁ ଆସିଥିଲେ। କନ୍ୟାଘର ନିକଟ ୨୦ନଂ. ଜାତୀୟ ରାଜପଥ ଉପରେ ନାଚୁଥିଲେ। ଏହି ସମୟରେ ଶୁଆକାଟି ପଟୁ ଏକ ଟ୍ରକ୍ (ନଂ. ଓଡି ୦୯ ଏ ୨୯୨୩) ଦ୍ରୁତବେଗରେ ଆସି ବରଯାତ୍ରୀଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯ଜଣ ଗୁରୁତର ହୋଇଥିଲେ। ମୃତକଙ୍କ ମଧ୍ୟରେ ୩ ଜଣ କନ୍ୟାପକ୍ଷର ରହିଥିବା ଜଣାପଡ଼ିଛି। ଖବରପାଇ ଟାଉନ ଥାନା ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାରକରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଉତ୍ୟକ୍ତ ଲୋକମାନେ ଜାତୀୟ ରାଜପଥରେ ନିଆଁ ଜାଳି ଅବରୋଧ କରିଥିଲେ। ପୋଲିସକୁ ମୃତଦେହ ଉଠାଇବାକୁ ଦେଇ ନ ଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଲୋକେ ରାସ୍ତାରୋକୋ ଜାରି ରଖିଥିଲେ। ୨୦ନଂ. ଜାତୀୟ ରାଜପଥରେ ଡିଭାଇଡର ଭାଙ୍ଗି ଗାଡି ଚଳାଚଳ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି, ରାସ୍ତା ପାର୍ଶ୍ୱରେ ବାରିକେଡ୍, ଓଭରବ୍ରିଜ ନିର୍ମାଣ ଦାବି, ଉଜ୍ଜ୍ୱଳ ଆଲୋକ ଓ କ୍ଷତିପୂରଣ ଦାବି କରିଥିଲେ। ଟାଉନ ଥାନା ଅଧିକାରୀ ସୁନୀଲ କୁମାର କର ଓ ସଦର ତହସିଲଦାର ଆଶିଷ ମହାପାତ୍ର ପହଞ୍ଚି ଲୋକଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଆସିଥିବା ବର କନ୍ୟାଘରେ ପହଞ୍ଚି ନ ପାରି ଫେରିଯାଇଥିଲେ। ଫଳରେ ବାହାଘର ବନ୍ଦ ରହିଥିଲା। କନ୍ୟାଘର ପକ୍ଷରୁ ମଙ୍ଗୁଳା ଝିଅକୁ ବର ଘରକୁ ପଠାଇ ଦିଆଯାଇଛି। ଦୁର୍ଘଟଣାରେ ବର ଓ କନ୍ୟାଙ୍କ ପରିବାର ସମେତ ସମଗ୍ର ଗାଁ କାନ୍ଦବୋବାଳିରେ ଫାଟିପଡୁଛି। ଦୁର୍ଘଟଣା ପରେ ଟାଉନ ପୋଲିସ ଧୁର୍ପଦା ନିକଟରୁ ଟ୍ରକ୍‌କୁ ଜବତ କରିଛି। ରେଡ୍‌କ୍ରସ୍ ତରଫରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୪୦ ହଜାର ଟଙ୍କା, ଆହତଙ୍କୁ ୨୦ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ତରଫରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨୦ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି। କେନ୍ଦୁଝରଗଡ଼ ପୌରପାଳିକା ତରଫରୁ ମୃତକଙ୍କ ଶବ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରୁ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଏନେଇ ଟାଉନ ଥାନାରେ ଏକ ମାମଲା (ନଂ. ୨୫୮/୨୦୨୩)ରେ ରୁଜୁ ହୋଇଛି। ଡ୍ରାଇଭର ଫେରାର ହୋଇଯାଇଛି । ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କର କହିଛନ୍ତି। ଘଟଣାରେ ଏସ୍‌ପି ନୀତିନ୍ କୁଶଲକର କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।


ସ୍ଥାନୀୟ ଲୋକେ ଏନ୍‌ଏଚ୍-୨୦ ଅବରୋଧ କରିଛନ୍ତି।

## କନ୍ୟାଘର ଆଗରେ ମର୍ମନ୍ତୁଦ ଦୁର୍ଘଟଣା

- ୪ ଗୁରୁତରଙ୍କୁ କଟକ ମେଡିକାଲ ସ୍ଥାନାନ୍ତର
- ବିବାହ ନ କରି ଫେରିଲା ବର

## ପୋଲ ତଳକୁ ପିକ୍‌ଅପ୍ ଖସି ୨ ମୃତ


ଓଲଟି ପଡିଥିବା ପିକ୍‌ଅପ ଭ୍ୟାନ୍।

**ଭବାନୀପାଟଣା,୨୮।୬(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଜୟପାଟଣା ବ୍ଲକରେ ବାହୁଡ଼ା ଯାତ୍ରାରେ ଅଘଟଣ ଘଟିଛି। ଜୟପାଟଣା ବ୍ଲକ ଝୁଲୁ ଘାଟିରେ ବୁଧବାର ସକାଳୁ ପଣସ ବୋଝେଇ ହୋଇ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ପୋଲ ତଳକୁ ଖସି ପଡିବାରୁ ୨ ଜଣକର ମୃତ୍ୟୁ ଘଟିଛି। ଏଥିରେ ପିକ୍‌ଅପ୍ ଚାଳକ ଜାଲ ସିଂହ ଗୌଡ଼ (୨୮) ଓ ମୁକ୍ତା ମାଝି (୫୦) ନାମକ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଉଭୟଙ୍କ ଘର ନବରଙ୍ଗପୁର ଜିଲା କଣ୍ଟାଗାଁର ବୋଲି ଜଣାପଡିଛି। ପିକ୍‌ଅପ୍‌ରେ ବସିଥିବା ଅନ୍ୟ ୮ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ଅନେକ ମହିଳା ରହିଥିବା ଜଣାପଡିଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜୟପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ପୁଣି ୪ଜଣଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନବରଙ୍ଗପୁର ଜିଲା ପାତ୍ରପୁଟ ଗାଁରୁ ପଣସ ବୋଝେଇ ଏହି ପିକ୍‌ଅପ୍ ଜୟପାଟଣାକୁ ଆସୁଥିବାବେଳେ ବାଟରେ ଏହି ଅଘଟଣ ଘଟିଛି।

## ଆଜି ରଥାରୂଢ଼ ମହାପ୍ରଭୁଙ୍କ ସୁନାବେଶ

ପୁରୀ, ୨୮।୬ (ଅଜିତ୍ ମହାନ୍ତି)

ଆଷାଢ଼ ଶୁକ୍ଳ ଏକାଦଶୀ ତିଥି ଗୁରୁବାର ତିନି ରଥରେ ମହାପ୍ରଭୁଙ୍କ ଅନନ୍ୟ ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ରଥାରୂଢ଼ ଚତୁର୍ଦ୍ଧାବିଗ୍ରହ ମହଣ ମହଣ ସୁନାରେ ସଜେଇ ହେବେ। ରଥ ଉପରେ ମଇଲମ ଓ ଏକାଦଶୀ ସର୍ବାଙ୍ଗ ନୀତି ବଢ଼ିବା ପରେ ଠାକୁରଙ୍କ ସୁନାବେଶ ନୀତି ଆରମ୍ଭ ହେବ। ଅପରାହ୍ନ ୫ଟାରୁ ସାଢେ ୬ଟା ୩୦ ମଧ୍ୟରେ ସୁନାବେଶ ବଢିବା ଲାଗି ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି। ତିନିଠାକୁର ହସ୍ତ, ପାଦ, କଣ୍ଠମାଳା, ଶ୍ରୀଭୁଜ, ଶ୍ରୀପୟର, ରତ୍ନପଦକ, ରତ୍ନକାର୍ଟ, କରପଲ୍ଲବ, ମୁଦି, କଣ୍ଠମାଳ, ବଳା, ବାହୁଟି, କାନ୍ତ ଓ କଟି ମେଖଳା ଆଦି ସ୍ୱର୍ଣ୍ଣ ସହ ବହୁବିଧ ରତ୍ନଅଳଙ୍କାରରେ ସଜେଇ ହେବେ। ରାତି ୧୦ରୁ ୧୧ଟା ଭିତରେ ସୁନାବେଶ ମଇଲମ କରାଯିବ। ଅନ୍ୟାନ୍ୟ ନୀତି ବଢ଼ି ବଡ଼ସିଂହାର ବେଶ ପରେ ରାତି ୧ଟାରେ ରାତ୍ର ପହୁଡ଼ ହେବା ନେଇ ସୂଚନା ମିଳିଛି। ଚଳିତ ବର୍ଷ ଦୁର୍ଲ୍ଲଭ ସୁନାବେଶ ଦର୍ଶନ କରିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏଥିଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।








DSPL-125

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

**ମଶାବାହିତ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ମାର୍ଗଦର୍ଶିକା**

ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡେଙ୍ଗୁ, ଜାପାନୀ ଜ୍ୱର ଏବଂ ମ୍ୟାଲେରିଆ ଭଳି ରୋଗ ବ୍ୟାପିବାର ଆଶଙ୍କା ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ପାଣି ଜମି ରହୁଥିବା ଜାଗାରୁ ପାଣି ନିଷ୍କାସନ କରନ୍ତୁ ଓ ପ୍ରତି ସପ୍ତାହରେ ଅନ୍ତତଃ ଥରେ ଏସବୁ ତଦାରଖ କରନ୍ତୁ।
- ଘରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚେମ୍ବର ଆଦିକୁ ସାପ୍ତାହିକ ପରିଷ୍କାର କରନ୍ତୁ।
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା / ଛିଣ୍ଡା ଟାୟାର, ନଡିଆ ଷଢ଼େଇ, କୋଉଆ, ଓଳି, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରନ୍ତୁ କିମ୍ବା ଦୂରେଇ ଦିଅନ୍ତୁ।
- ଘର ପାଖ ପରିବେଶ ସଫା ରଖନ୍ତୁ।
- ମଶାରୀ ନିୟମିତ ବ୍ୟବହାର କରନ୍ତୁ। ମଶାଙ୍କ ପ୍ରବେଶ ରୋକିବାକୁ ଝରକାରେ ସରୁ ଜାଲି ଲଗାଇଲେ ଭଲ।
- ପୁରା ଶରୀରକୁ ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ।
- ଆବଶ୍ୟକ ସ୍ଥଳେ ସୁରକ୍ଷିତ ମଶା ନିବାରକ ବ୍ୟବହାର କରନ୍ତୁ।
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ରକ୍ତ ପରୀକ୍ଷା କରି ଚିକିତ୍ସା କରନ୍ତୁ।

OIPR-10003/13/0070/2324






ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡ଼େ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। **–ଶ୍ରୀଅରବିନ୍ଦ**

# ସେନାପତିଙ୍କ ପ୍ରତ୍ୟାବର୍ତ୍ତନ



ରାଣା ମିଟର

ନିକଟରେ ୟେଭଗେନି ପ୍ରିଗୋଝିନ୍‌ଙ୍କ ୱାଗ୍‌ନର ଗ୍ରୁପ୍ ଦ୍ୱାରା ରୁଷିଆରେ ସୃଷ୍ଟି ହୋଇଥିବା ଏକ ଅଶାନ୍ତ ତଥା ସଙ୍କଟଜନକ ସ୍ଥିତି ବିଶ୍ୱରେ ସବୁଦେଶର ଦୃଷ୍ଟି ଆକର୍ଷଣ କରିଛି। କିନ୍ତୁ ଚାଇନାରେ ଏହା ଯେତିକି ଦୃଷ୍ଟି ଆକର୍ଷଣ କରିଛି ତା' ତୁଳନାରେ ଅନ୍ୟ କୌଣସିଠାରେ ଦେଖାଯାଇନାହିଁ। ଚାଇନା ପାଇଁ ରୁଷିଆ ଏକ ବିଶ୍ୱସ୍ତ ବନ୍ଧୁ ହୋଇଥିବା ଯୋଗୁ ନୁହେଁ, ବରଂ ରୁଷିଆରେ ଏହି ସପ୍ତାହାନ୍ତ ବିଦ୍ରୋହର ଏକ ଶତାବ୍ଦୀ ପୂର୍ବେ ଚାଇନା ଓ ବାମପନ୍ଥୀଙ୍କୁ ଦୁର୍ବଳ କରିଦେଇଥିବା ଘଟଣାଗୁଡ଼ିକ ସହ ସ୍ପଷ୍ଟ ଐତିହାସିକ ସାମଞ୍ଜସ୍ୟ ରହିଥିବା ଯୋଗୁ ଏହା ଘଟିଛି। ଏବେ ରୁଷିଆ ୪ କିମ୍ବା ୫ଟି ଗୋଷ୍ଠୀଙ୍କ ମଧ୍ୟରେ ଥିବା ବିଭେଦର ବିପଦ ମଧ୍ୟରେ ଗତିକରୁଛି। ପ୍ରତ୍ୟେକ ଗୋଷ୍ଠୀର ନିଜସ୍ୱ ଆର୍ମି ବା ସେନା ରହିଛି। ରୁଷୀୟ ଆର୍ମି ଏବଂ ୱାଗନର ଗ୍ରୁପ୍ ବ୍ୟତୀତ ମସ୍କୋ ମେୟର, ଚେଚେନ୍ୟାରେ ରମଜାନ୍ କାଡିରୋଭ ଏବଂ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ କମାଣ୍ଡ ଅଧୀନରେ (ରୁଷିଆ ସେନା କମାଣ୍ଡଗୁଡ଼ିକ ବାହାରେ) ସରକାରୀ ଭାବେ ନ୍ୟାଶନାଲ ଗାର୍ଡ ଭଳି ଛୋଟ ଛୋଟ ସେନା ଅଛନ୍ତି। ରୁଷୀୟ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ବ୍ୟକ୍ତଗତ ବିଜ୍‌ନେସ୍ ସ୍ୱାର୍ଥ ରକ୍ଷା ପାଇଁ ବିଭିନ୍ନ ପ୍ରକାର ସଶସ୍ତ୍ରବଳ କାର୍ଯ୍ୟକରୁଛନ୍ତି। ରୁଷିଆର ଏବକାର ବିଦ୍ରୋହ ଭଳି ୧୦୦ ବର୍ଷ ପୂର୍ବେ ଚାଇନାରେ ୱାରଲର୍ଡ ବା ଯୁଦ୍ଧ ସେନାପତିଙ୍କ ମଧ୍ୟରେ ବିଭେଦ ପ୍ରକାଶ ପାଇଥିଲା। ସେହି ସମୟରେ ଚାଇନାର ନେତାମାନେ ଶାସକ କମ୍ୟୁନିଷ୍ଟ ପାର୍ଟିର ନିୟନ୍ତ୍ରଣରେ ମିଲିଟାରି ଫୋର୍ସକୁ ରଖିବାକୁ ନିଶ୍ଚିତ କରିବାର ଏହା ଏକ ପ୍ରମୁଖ କାରଣ।

୧୯୧୧ରେ ଏକ ଅପ୍ରତ୍ୟାଶିତ ବିଦ୍ରୋହୀ ମେଣ୍ଟ ଚାଇନାର ଜଣେ ୫ବର୍ଷୀୟ ସମ୍ରାଟଙ୍କୁ ଗାଦିଚ୍ୟୁତ କରି ଏସିଆର ପ୍ରଥମ ଗଣତନ୍ତ୍ର ବ୍ୟବସ୍ଥା ଘୋଷଣା କରିଥିଲା। ତଥାପି ସେହି ନୂଆ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅସ୍ଥିର ଥିଲା। ଏହାର ସାମ୍ବିଧାନିକ ରାଷ୍ଟ୍ରପତି ସନ୍ ୟାତ୍‌ସେନ କିଛିଦିନ ପଦବୀରେ ରହିଥିଲେ। ତାଙ୍କୁ ସେନାର କମାଣ୍ଡର ଉଆନ ଶିକାଇ ଗାଦିଚ୍ୟୁତ କରିଥିଲେ। ସେନାର ଏକ ସିଂହଭାଗ ଶିକାଇଙ୍କ ପ୍ରତି ବିଶ୍ୱସ୍ତ ଥିଲେ, କିନ୍ତୁ ସରକାର ପ୍ରତି ନ ଥିଲେ। ଚାଇନାର ଏହି ସଂକ୍ଷିପ୍ତ ଗଣତାନ୍ତ୍ରିକ ପରୀକ୍ଷା ମିଲିଟାରି ଗୋଷ୍ଠୀଙ୍କ ମଧ୍ୟରେ ଏକ ସଂଘର୍ଷ ଦ୍ୱାରା ଖୁବ୍ ଶୀଘ୍ର ଶେଷ ହୋଇଗଲା। ନିଜକୁ ଜଣେ ନୂଆ ସମ୍ରାଟ ଭାବେ ଘୋଷଣା କରିବାକୁ ଚେଷ୍ଟା କରିବାର ଠିକ୍ ପରେ ଉଆନଙ୍କ ମୃତ୍ୟୁ ଘଟିଲା। ପରବର୍ତ୍ତୀ ଦେଢ଼ ଦଶନ୍ଧି ଧରି ସ୍ଥାନୀୟ ସେନାଗୁଡ଼ିକ ଦ୍ୱାରା ଚାଇନା ଆଞ୍ଚଳିକ ଭିତ୍ତିରେ ବିଭାଜିତ ହୋଇ ରହିଲା। ସେନାଗୁଡ଼ିକର ନେତୃତ୍ୱକୁ ପ୍ରକାଶ କରିବା ଲାଗି ୱାରଲର୍ଡ (ଜୁନଫା) ବା ମୁଖ୍ୟ ସେନାପତି ଶବ୍ଦ ବ୍ୟବହାର କରାଗଲା। ସେହି ସମୟରେ ଚାଇନା ଦେଶ ବାହାରୁ ସାମ୍ରାଜ୍ୟବାଦ ଓ ଭିତରେ ସେନାପତିବାଦର ବିପଦକୁ ସମ୍ମୁଖୀନ ହୋଇଥିଲା। ବିଭାଜିତ କ୍ଷମତାର ପ୍ରଭାବଗୁଡ଼ିକ ସ୍ପଷ୍ଟ ଓ ଗମ୍ଭୀର ହେଲା। ଏହି ସ୍ଥିତିରେ କୌଣସି ଶାସକ ସମଗ୍ର ଚାଇନାକୁ ନିଜର ବୋଲି ଦାବି କରିପାରିଲେ ନାହିଁ। ମିଲିଟାରି ମୁଖ୍ୟମାନେ ଲଗାତର ମେଣ୍ଟ ଗଢ଼ିବାରେ ଲାଗିଲେ, କିନ୍ତୁ ନିଜ ମଧ୍ୟରେ ଲଢେଇ ଯୋଗୁ ତାହା ଭାଙ୍ଗିଗଲା। ଏହି ଯୋଦ୍ଧାମାନେ ଟିକସ ସଂଗ୍ରହର କିଛି ନିର୍ଭରଯୋଗ୍ୟ ଉତ୍ସ ମଧ୍ୟରୁ କେବଳ ବିଦେଶୀମାନଙ୍କ ଦ୍ୱାରା ଲାଗୁ କରାଯାଇଥିବା ମାରିଟାଇମ୍ କଷ୍ଟମସ୍ ସର୍ଭିସ୍‌କୁ ନେଇ ପରସ୍ପର ମଧ୍ୟରେ ଲଢ଼ିଲେ। ବିଦେଶୀମାନେ ଚାଇନାରେ ଯିଏ କ୍ଷମତାରେ ରହିଲେ ସେମାନଙ୍କୁ ହିଁ ରାଜସ୍ୱ ଦେଉଥିଲେ। ଫଳରେ ସାମ୍ବିଧାନିକ ସରକାରର କୌଣସି ପ୍ରଭାବ ରହିଲା ନାହିଁ।



କାଓ କୁନ୍ ନାମକ ଜଣେ ସେନାପତିଙ୍କ ନିର୍ବାଚନ ବିଜୟ ୧୯୨୩ରେ ଶହେ ବର୍ଷରେ ପହଞ୍ଚିବ। କାଓ କ୍ଷମତାକୁ ଆସିବା ଲାଗି ଲାଞ୍ଚର ସାହାରା ନେଇଥିଲେ। ବାସ୍ତବ କଥା ହେଉଛି, ସମସ୍ତ ସେନାପତି ଦୁର୍ନୀତିଗ୍ରସ୍ତ ନ ଥିଲେ। ଶାଂସ୍କି ପ୍ରଦେଶର ୟାନ୍ ଶିଶାନ ସାମାଜିକ ସଂସ୍କାର ପାଇଁ ବେଶ୍ ଜଣାଶୁଣା ଥିଲେ। ସେ କିଶୋରୀମାନଙ୍କ ପାଦ ବାନ୍ଧି ଦିଆଯିବା ପରମ୍ପରାକୁ ନିଷେଧ କରିଥିଲେ। ତେବେ କିଛି ଲୋକ ୱାରଲର୍ଡ କ୍ଷମତାରେ ଅତ୍ୟଧିକ ଯନ୍ତ୍ରଣା ଭୋଗିଥିଲେ। ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଲଗାତର ଯୁଦ୍ଧରେ ଯେଉଁମାନେ ପୀଡ଼ିତ ଓ ଅପରାଧୀ ଥିଲେ ସେମାନେ ୱାରଲର୍ଡଙ୍କ ଦ୍ୱାରା ଅତ୍ୟଧିକ ନିର୍ଯାତିତ ହେଉଥିଲେ। ଏହି ସମସ୍ୟା ୧୯୧୧ ବିଦ୍ରୋହର ଅର୍ଦ୍ଧଶତାବ୍ଦୀ ପୂର୍ବରୁ ଆରମ୍ଭ ହିଁ ହୋଇଥିଲା। ୧୮୫୦ ରୁ ୧୮୬୪ ମଧ୍ୟରେ ତାଇପିଙ୍ଗ ବିଦ୍ରୋହର ଭୟଙ୍କର ଗୃହଯୁଦ୍ଧ ପୂର୍ବ ଚାଇନାକୁ ଦୋହଲାଇ ଦେଇଥିଲା।

ବହୁ ବର୍ଷ ଧରି ସମ୍ରାଟଙ୍କ ସେନାଗୁଡ଼ିକ ତାଇପିଙ୍ଗ ବିଦ୍ରୋହକୁ ସାମ୍ନା କରିପାରି ନ ଥିଲେ। ଫଳରେ ସେମାନଙ୍କ ବିରୋଧରେ ଲଢ଼ିବା ଲାଗି ପ୍ରାଦେଶିକ ନେତାମାନଙ୍କୁ ସେମାନଙ୍କ ନିଜସ୍ୱ ସେନା ଗଢ଼ିବା ଲାଗି ଅନୁମତି ଦେବାକୁ ପଡ଼ିଥିଲା। ଏହି ରଣନୀତି ସଫଳ ହେଲା ,କିନ୍ତୁ ସେନା କ୍ଷମତା ବଢ଼ାଇବା ଲାଗି କେନ୍ଦ୍ରରୁ ପ୍ରଦେଶଗୁଡ଼ିକୁ ଆର୍ଥିକ ସାହାଯ୍ୟ ଦେବାକୁ ପଡ଼ିଲା। ଏହାଦ୍ୱାରା ସାମ୍ରାଜ୍ୟ ଦୁର୍ବଳ ହେବାରୁ ସେହି ସ୍ଥାନୀୟ ମିଲିଟାରି ନେତାମାନେ ମଜଭୁତ ହୋଇଗଲେ। ଶେଷ ସମ୍ରାଟଙ୍କ ପତନ ପରେ ସେମାନେ ସୈନ୍ୟବାଦୀ ୱାରଲର୍ଡ ଭାବେ ଉଭା ହୋଇଥିଲେ। ୧୯୨୮ରାଷ୍ଟ୍ରବାଦୀ ନେତା ଚିୟାଙ୍ଗ କାଇ ଶେକ୍ ଏକ ସରକାର ଗଢିଲେ ଯାହା ଚାଇନାକୁ କିଞ୍ଚିତ ଏକାଠି କରିଥିଲା। ତଥାପି ସେ ୧୦ ବର୍ଷରୁ ଅଧିକ ସମୟ ଶତ୍ରୁ ଭାବେ ରହିଥିବା ମିଲିଟାରି ନେତା ଓ କମ୍ୟୁନିଷ୍ଟମାନଙ୍କ ବିରୋଧରେ ଲଢ଼ିବାରେ କଟାଇଥିଲେ। ୧୯୩୭ରେ ଜାପାନ ସହ ଚାଇନାର ଯୁଦ୍ଧ ହୋଇଥିଲା। ସେହି ସମୟରେ କେତେକ କ୍ଷେତ୍ରରେ ପ୍ରାଦେଶିକ ସେନାପତିମାନେ ସେମାନଙ୍କ ଆଞ୍ଚଳିକ କ୍ଷମତାକୁ ସୁରକ୍ଷିତ ରଖିବା ଲାଗି ଆକ୍ରମଣକାରୀଙ୍କ ସହ ରହିଥିବା ସେମାନଙ୍କ ଚୁକ୍ତି ଶେଷ କରିଦେଇଥିଲେ। ଏହି ଯୁଦ୍ଧ ମଧ୍ୟ ବିଦ୍ରୋହୀ କମ୍ୟୁନିଷ୍ଟ ପାର୍ଟିକୁ ନୂଆ ଶକ୍ତି ଦେଲା। କମ୍ୟୁନିଷ୍ଟ ପାର୍ଟିର ନେତା ଭାବେ ଉଭା ହୋଇଥିବା ମାଓ ଜେଡଙ୍ଗ ଅନୁଭବ କରିଥିଲେ ଯେ, କ୍ଷମତା ବନ୍ଧୁକ ନଳୀରୁ ବିକାଶ କରିଥାଏ। ସେଥିପାଇଁ ତାଙ୍କ ସିଦ୍ଧାନ୍ତ ଥିଲା, ପାର୍ଟି ବନ୍ଧୁକକୁ ଆଦେଶ ଦିଏ ଏବଂ ବନ୍ଧୁକ ପାର୍ଟିକୁ ଆଦେଶ ଦେବା ଲାଗି କେବେ ବି ବନ୍ଧୁକକୁ ଅନୁମତି ଦେବା ଉଚିତ ନୁହେଁ।

ମାଓ ଯେମିତି ଥିଲେ ତାଙ୍କ ବଚନ ବି ସେମିତି ଥିଲା। ୧୯୪୯ରେ କମ୍ୟୁନିଷ୍ଟମାନେ ଗୃହ ଯୁଦ୍ଧ ଜିତିବା ମାତ୍ରକେ ମାଓ ଚାଇନାରେ କ୍ଷମତାର ସବୁ ବିକଳ୍ପଗୁଡ଼ିକୁ ଧୂଳିସାତ କରିବା ପାଇଁ ପଦକ୍ଷେପ ନେଇଥିଲେ। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)କୁ ପାର୍ଟିର ସେନା ଭାବେ ଗଠନ କରାଗଲା, ଜାତୀୟ ସେନା ଭାବେ ନୁହେଁ। ଏହା ଏବେ ବି ସେହି ସ୍ଥିତିରେ ଅଛି। ଏପରିକି ପିଏଲ୍ଆଇ ଗଠନ ହେବାର ପାଖାପାଖି ୭୫ ବର୍ଷ ପରେ ମିଲିଟାରି ଶକ୍ତି ଦ୍ୱାରା କରାଯାଇଥିବା ବଡ଼ ପରିବର୍ତ୍ତନର ବିଚାର ଚାଇନା ନେତୃତ୍ୱରେ ଶିହରଣ ସୃଷ୍ଟି କରେ। ୨୦୧୨ରେ ଦଳର ଜଣେ ବରିଷ୍ଠ ନେତା ବୋ ଜିଲାଇଙ୍କୁ ହଟାଇ ଦିଆଯାଇଥବାର ଗୁଜବ ଖେଳିଯାଇଥିଲା। କ୍ଷମତା ଦଖଲ କରିବାକୁ ଦୁଷ୍ଟ ସେନାପତିମାନଙ୍କ ସହ ଆଲୋଚନା କରିବାର ଏକ ପ୍ରୟାସ କରିଥିବାରୁ ତାଙ୍କୁ ଏଭଳି କରାଯାଇଥିଲା ବୋଲି କୁହାଯାଇଥିଲା। ଏବକାର ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ କ୍ଷମତାକୁ ଆସିବା ପରେ ପିଏଲ୍ଏ ସମ୍ପୂର୍ଣ୍ଣ ପାର୍ଟି ନିୟନ୍ତ୍ରଣରେ ରହିଥିବା ନିଶ୍ଚିତ କରିଥିଲେ। ଚଳିତ ସପ୍ତାହରେ ରୁଷିଆର ଏକ ମୁଖ୍ୟ ସହର ବିଦ୍ରୋହୀ ସେନା ଦଖଲରେ ରହିବା ପୁଟିନ୍ ସ୍ୱୀକାର କରିଥିବା ଖବର ପ୍ରଚାର ହେବା ପରେ ଚାଇନା କମ୍ୟୁନିଷ୍ଟ ପାର୍ଟିର ଗୁରୁତ୍ୱପୂର୍ଣ୍ଣ କମିଟି ମିଲିଟାରି କ୍ଷେତ୍ରରେ ନିର୍ଦ୍ଦୟତାର ଫଳ ସେମାନଙ୍କୁ ମିଳିଛି ବୋଲି ସେମାନଙ୍କର ମନରେ କୌଣସି ସନ୍ଦେହ ରହିବ ନାହିଁ।

**ପ୍ରାଧ୍ୟାପକ, ଇତିହାସ ଓ ରାଜନୀତି (ଆଧୁନିକ ଚାଇନା), ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ**

## ଏଇ ଭାରତରେ

ୟୁପିଏସ୍‌ସି ପରୀକ୍ଷାରେ ସଫଳ ହୋଇ ନ ପାରିଲେ ଭିନ୍ନକ୍ଷମମାନଙ୍କ ପାଇଁ ଏ କ୍ଷେତ୍ରରେ ସାହାରା ପାଲଟିଛନ୍ତି କେରଳର ଜୋବିନ ଏସ୍ କୋଟାରାମ। ଜୋବିନ୍‌ଙ୍କ ବୟସ ୪୧। ଚାଙ୍ଗାନାସେରି ସହରରେ ଜନ୍ମିତ ଜୋବିନ ୨୦୧୦ରେ ସିଭିଲ ସର୍ଭିସ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ପରେ ଅନ୍ୟ ଆଶାୟୀମାନଙ୍କୁ କୋଚିଂ ଦେବା ଲାଗି ନିଷ୍ପତ୍ତି ନେଇଥିଲେ। ପରେ ୨୦୧୯ରେ ସେ କୋଚି, କୋଝିକୋଡେ ଏବଂ ଥିରୁଭାନନ୍ତପୁରମରେ ଅଫ୍‌ଲାଇନ କୋଚିଂ ସେଣ୍ଟର ଖୋଲିଥିଲେ। ପରେ ଭିନ୍ନକ୍ଷମଙ୍କୁ ୟୁପିଏସ୍‌ସି ପାଇଁ ପ୍ରସ୍ତୁତ କରିବାକୁ ଜୋବିନ ୨୦୨୧ରେ ଚିତ୍ରାସାଲାଭମ୍ (ପ୍ରଜାପତି) ପ୍ରୋଜେକ୍ଟ ଆରମ୍ଭ କରି ଚଳାଉଛନ୍ତି। ଭିନ୍ନକ୍ଷମ (ଶରୀରର କୌଣସି ଏକ ଅଙ୍ଗ କାମ କରୁ ନ ଥିବା)ଙ୍କୁ ମାଗଣାରେ କୋଚିଂ ଦେଉଛନ୍ତି। ଅଧିକାଂଶ ଭିନ୍ନକ୍ଷମ ହ୍ୱିଲ ଚେୟାରରେ ଆସି କୋଚିଂ ନେଉଛନ୍ତି। ପ୍ରାୟ ୧୦୦ ଜଣ ଭିନ୍ନକ୍ଷମ ଏହି ପ୍ରୋଜେକ୍ଟ ମାଧ୍ୟମରେ କୋଚିଂ ନେଉଛନ୍ତି। ଏଥିରେ ଅନ୍‌ଲାଇନ ଓ ଅଫ୍‌ଲାଇନ ସୁବିଧା ଉପଲବ୍ଧ ହେଉଛି। ସବୁଠୁ ବଡ଼କଥା ହେଉଛି ୟୁପିଏସ୍‌ସି କୋଚିଂ ଲାଗି ୧,୧୦,୦୦୦ ଟଙ୍କା ଦେବାକୁ ପଡୁଥିବାବେଳେ ଜୋବିନ ଆଶାୟୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ କୋଚିଂ ଦେବା ବ୍ୟବସ୍ଥା କରିଛନ୍ତି। ତେବେ ୟୁପିଏସ୍‌ସିର ବିଭିନ୍ନ ପରୀକ୍ଷାରେ ଏବେ ସୁଦ୍ଧା ୪୧ ଜଣ ବିଭିନ୍ନ ସର୍ଭିସରେ ନିଯୁକ୍ତି ପାଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁନ୍ ୧୯୯୮

- ମଧ୍ୟ ପଶ୍ଚିମ ନେପାଳର ପୁଲମି ଜିଲାରେ ମାଟି ଅତଡ଼ା ଖସି ୨୧ ଜଣଙ୍କ ପ୍ରାଣହାନି।
- ସୁରକ୍ଷା ଏବଂ ରାଜନୈତିକ କାରଣ ଦର୍ଶାଇ ୮ ଥର ବିଶ୍ୱ ସ୍କ୍ୱାଶ ଚାମ୍ପିୟନ ପାକିସ୍ତାନର ଜାନଶେର ଖାଁ ଭାରତରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ସ୍କ୍ୱାଶ୍ ଓପନ ଚାମ୍ପିୟନଶିପରୁ ଓହରି ଯାଇଛନ୍ତି।
- ଆସାମରେ ଉଲ୍‌ଫା ଉଗ୍ରବାଦୀଙ୍କ ଦ୍ୱାରା ଅପହୃତ ସିପିଏମ୍ ନେତା କିଶୋରୀ ମୋହନ ରାୟ ନିହତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | | 8 | | | |
| | | 9 | 7 | 2 | | 6 | | |
| | | | | | | 9 | | |
| | 6 | | | | 9 | 5 | | |
| | | 7 | 8 | | 3 | | | |
| | | | | 5 | | | | 1 |
| 7 | | | 4 | | | | 5 | |
| 3 | 1 | | | 8 | 2 | | | 7 |
| | 8 | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 2 | 7 | 3 | 4 | 8 | 5 | 1 |
| 3 | 5 | 8 | 9 | 1 | 2 | 6 | 4 | 7 |
| 7 | 4 | 1 | 8 | 5 | 6 | 2 | 9 | 3 |
| 2 | 8 | 5 | 1 | 9 | 3 | 7 | 6 | 4 |
| 4 | 1 | 7 | 2 | 6 | 8 | 5 | 3 | 9 |
| 9 | 3 | 6 | 4 | 7 | 5 | 1 | 2 | 8 |
| 8 | 2 | 9 | 6 | 4 | 1 | 3 | 7 | 5 |
| 5 | 6 | 4 | 3 | 8 | 7 | 9 | 1 | 2 |
| 1 | 7 | 3 | 5 | 2 | 9 | 4 | 8 | 6 |

ଗତକାଲିର ଉତ୍ତର

# ଅଶାନ୍ତି ବୃଦ୍ଧିପାଉଛି



ଡ. ସନ୍ତୋଷ କୁମାର ମହାପାତ୍ର

ସକାଳୁ ଖବରକାଗଜ ଖୋଲିଲେ, ଜିଡିପି ବୃଦ୍ଧି ବା ଆର୍ଥିକ ଅଭିବୃଦ୍ଧି ସମ୍ପର୍କିତ ଲେଖା ବେଶି ଦେଖିବାକୁ ମିଳେ। କିଏ ଲେଖିଲେଣି ଭାରତ ବିଶ୍ୱରେ ସର୍ବାଧିକ ବେଗରେ ବୃଦ୍ଧି ପାଉଛି ତ ଆଉ କିଏ ଲେଖିଲେଣି ଭାରତ ବିଶ୍ୱରେ ଏକ ଉଜ୍ଜ୍ୱଳ ତାରକା। ଆଉ କିଏ ଲେଖିଲେଣି ଭାରତ କିଛିବର୍ଷ ପରେ ବିଶ୍ୱରେ ତୃତୀୟ ବୃହତ୍ତମ ଅର୍ଥନୀତି ହେବ ଏବଂ ୨୦୪୭ରେ ବିକଶିତ ରାଷ୍ଟ୍ରରେ ପରିଣତ ହେବ। ଆଉ କିଏ କହିଲେଣି ଭାରତ ବିଶ୍ୱରେ ଏକ ମହାଶକ୍ତି ଭାବେ ଉଭା ହେଲାଣି। ଅବଶ୍ୟ ଅଭିବୃଦ୍ଧି ଢୋଲ ପିଟିଲା ବେଳେ କେହି ଲେଖୁନାହାନ୍ତି ଯେ ଏହାଦ୍ୱାରା ଦାରିଦ୍ର୍ୟ, କ୍ଷୁଧା, ବେକାରି ଓ ବୈଷମ୍ୟ କେତେଦୂର ହୋଇଛି? ଦରଦାମ୍ କେତେ ନିୟନ୍ତ୍ରଣ ହୋଇ ଲୋକେ କେତେ ଶାନ୍ତି, ସୁଖ ଓ ଆନନ୍ଦରେ ଅଛନ୍ତି ଓ ଲୋକଙ୍କ ଜୀବନର ଗୁଣାତ୍ମକ ବିକାଶ ଘଟିଛି କି ନାହିଁ? ଅନ୍ୟ ଉନ୍ନତ ଦେଶ ତୁଳନାରେ ଆମର ସ୍ଥିତି କେଉଁଠି? ଯେଉଁ କୋଟି କୋଟି ଲୋକ ମୁଠାଏ ଭାତ ବା ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି, ଚିକିତ୍ସା ଅଭାବରୁ ରୋଗରେ ପଡ଼ି ଯନ୍ତ୍ରଣା ଭୋଗୁଛନ୍ତି, ସେମାନେ କ'ଣ ଜିଡିପି ଖାଇ ବଞ୍ଚିବେ। ସେମାନେ ଭୁଲି ଯାଉଛନ୍ତି ଯେ ଭାରତ ୪୧ଟା ନିମ୍ନ ମଧ୍ୟମ ଆୟକାରୀ ରାଷ୍ଟ୍ର ମଧ୍ୟରୁ ଏକ ରାଷ୍ଟ୍ର। ଅପରପକ୍ଷରେ ଶ୍ରୀଲଙ୍କା ଉଚ୍ଚ ମଧ୍ୟମ ଆୟକାରୀ ରାଷ୍ଟ୍ର ଭାବେ ଉଭା ହୋଇଛି। ମୁଣ୍ଡପିଛା ଆୟ ଦୃଷ୍ଟିରୁ ଭାରତ ୧୩୮ଟି ଦେଶ ତଳେ ରହିଛି।

ଏଠାରେ ପ୍ରଶ୍ନ ଉଠେ ଯେ କାହିଁକି ଆମ ସରକାର ତଥା ବିଭିନ୍ନ ଦେଶର ସରକାର ଏହି ଜିଡିପି ବୃଦ୍ଧି ଉପରେ ଖାଲି ଗୁରୁତ୍ୱ ଦେଉଛନ୍ତି। ଜିଡିପି ତତ୍ତ୍ୱର ସୃଷ୍ଟିକର୍ତ୍ତା ନିଜେ ସ୍ୱୟଂ ସାଇମନ କୁଜନେଟ ଏହା ଲୋକଙ୍କ ଭଲମନ୍ଦର ବାସ୍ତବ ପ୍ରତିଫଳନ ନୁହେଁ ବୋଲି କହିଥିଲେ। ଏହା କେବଳ ଏକ ବର୍ଷର ଆର୍ଥିକ କାର୍ଯ୍ୟ କଳାପର ପ୍ରତିଫଳନ। ଯଦି ଧନୀ ଅଧିକ ଧନୀ ହୋଇ ଅଧିକ ବ୍ୟୟ କରନ୍ତି ତେବେ ଜିଡିପି ମଧ୍ୟ ବୃଦ୍ଧି ପାଇବ। ଅଧିକ ଲୋକସଂଖ୍ୟା ହେଲେ ଏବଂ ବ୍ୟୟ କଲେ ଜିଡିପି ବୃଦ୍ଧି ପାଇବ; ଯାହା ବର୍ତ୍ତମାନ ଭାରତରେ ଦେଖିବାକୁ ମିଳୁଛି। ଯେପରି ଜଣେ ମଣିଷର ଗୋଦର୍ ଗୋଡ଼ ସମସ୍ୟା ହେଲେ ମଧ୍ୟ ଓଜନ ବୃଦ୍ଧି ପାଏ, ବର୍ତ୍ତମାନ ଯେଉଁ ଜିଡିପି ବୃଦ୍ଧି ଘଟୁଛି ତାହା ଯୋଗୁ ଦେଶର ବିକାଶ ବା ଲୋକଙ୍କ ଜୀବନର ଗୁଣାତ୍ମକ ବିକାଶ, ଜୀବନର ମାନଦଣ୍ଡର ଉନ୍ନତି ଘଟୁନାହିଁ; ବରଂ କିଛି ମୁଷ୍ଟିମେୟ ଲୋକ କେବଳ ଧନୀ ହୋଇ ଚାଲିଛନ୍ତି। ଅର୍ଥାତ୍ ଯେଉଁ ଅଭିବୃଦ୍ଧି ଘଟୁଛି ତାହାର ସୁଫଳ କେବଳ ନିର୍ଦ୍ଦିଷ୍ଟ ଧନିକ ଶ୍ରେଣୀ ପାଖକୁ ଯାଉଛି। ଦେଶର ମୋଟ ସମ୍ପଦର ୪୦.୫% କେବଳ ୧% ଜନତାଙ୍କ ନିକଟରେ ରହିଲା ବେଳେ ୫୦% ଜନତାଙ୍କ ନିକଟରେ ମାତ୍ର ୩ % ସମ୍ପଦ ରହିଛି।

ପୁନଶ୍ଚ ଋଣ ବୃଦ୍ଧିଜନିତ ସରକାରୀ ବ୍ୟୟ, କଳାଟଙ୍କା ବହୁଳ ବିନିଯୋଗ ବିଶେଷ କରି ଗାଡ଼ି ମୋଟର, ଜମି ଘରବାଡ଼ିରେ ବହୁଳ ବିନିଯୋଗ, ପ୍ରାକୃତିକ ଓ ଖଣିଜ ସଂପଦର ଦ୍ରୁତ, ଅନ୍ଧାଦୁନିଆ ବିନିଯୋଗ, ଆଖିବୁଜା ଶିଳ୍ପାୟନ ଯୋଗୁ ଅଭିବୃଦ୍ଧି ଘଟିଛି। କିନ୍ତୁ ଏହି ପ୍ରକ୍ରିୟାରେ କେତେ କ୍ଷତି ହେଉଛି



ତାହା ଆକଳନ ହେବା ଉଚିତ। ଏପରି ପରିସ୍ଥିତି ସୃଷ୍ଟି ହେଲାଣି ଯେ ବାୟୁମଣ୍ଡଳ ଅତ୍ୟନ୍ତ ଦୂଷିତ ତଥା ଉତ୍ତପ୍ତ ହୋଇଛି। ବିଶ୍ୱ ଉତ୍ତାପ ବୃଦ୍ଧି ଯୋଗୁ ମାନବ ସଭ୍ୟତାର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି। ସରକାର ତଥା ଅର୍ଥନୀତିଜ୍ଞମାନେ ବୁଝିବା ଉଚିତ ଯେ ଖଣିଜ ସମ୍ପଦ, ପ୍ରାକୃତିକ ସମ୍ପଦ ଅସରନ୍ତି ନୁହେଁ। ଏହା ଦିନେ ନା ଦିନେ ସରିଯିବ। ଜିଡିପି ବୃଦ୍ଧିର ଆଉ ଏକ କାରଣ ହେଲା ଯୌଥ ପରିବାର ଖଣ୍ଡ ବିଖଣ୍ଡିତ ହୋଇଯିବାରୁ ଲୋକେ ଭିନ୍ନ ଭିନ୍ନ ଜାଗାରେ ରହିବେ, ଅଧିକା ବ୍ୟୟ କରିବେ। ଆଉ ଏକ କାରଣ ହେଲା ଡେମନଷ୍ଟ୍ରେଶନ ଇଫେକ୍ଟ; ଯାହାର ଅର୍ଥ ହେଲା ନିଜର ପଡ଼ୋଶୀ, ବନ୍ଧୁ ବାନ୍ଧବଙ୍କ ଉନ୍ନତ ମାନର ଜୀବନ ପ୍ରଣାଳୀ ଅନୁସରଣ କରିବା। ଅର୍ଥାତ୍ ଅନ୍ୟକୁ ଦେଖି ଆବଶ୍ୟକଠାରୁ ଅଧିକ ବ୍ୟୟ କରିବା, ଉପଭୋଗ କରିବା। ଯଦି ଜଣେ ଭଲ ଘର କଲା, ତେବେ ତାକୁ ଦେଖି ଜଣକର ଘର ଥାଉ ପଛେ ଆଉ ଗୋଟେ ଘର କରୁଛି। ସେହିପରି ଜଣକର ଭଲ କାର୍‌ଟିଏ ଥିଲେ ମଧ୍ୟ ଯଦି କିଏ ଆଉ ଦାମିକିଆ କାର କିଣିଲା, ତାହାଠାରୁ ଆଉ ଦାମିକିଆ କିଣିବା ପାଇଁ ପ୍ରୟାସ କରୁଛି। ଦରକାରଠାରୁ ବା ନିଜ କ୍ଷମତା ବହିର୍ଭୂତ ଋଣ କରିବାକୁ ମଧ୍ୟ ପଛାଉ ନାହିଁ। କେତେକେ ଋଣ ଯନ୍ତାରେ ପଡ଼ି ସେଥିରୁ ମୁକୁଳି ପାରୁ ନାହାନ୍ତି। ଜିଡିପି ମଧ୍ୟ ଶୋଷଣ ଯୋଗୁ ବୃଦ୍ଧି ପାଉଛି। ଅର୍ଥାତ୍ ଜଣେ ବା କୌଣସି ସଂସ୍ଥା ଅନ୍ୟକୁ ଶୋଷଣ କରି ଅର୍ଥ ଉପାର୍ଜନ କରି ବ୍ୟୟ କଲେ ବା ଅନ୍ୟକୁ ଦରମା ଦେଲେ ଜିଡିପି ମଧ୍ୟ ବୃଦ୍ଧି ପାଉଛି। ବିଶ୍ୱରେ ଜିଡିପି ଆକଳନ ପଦ୍ଧତିରେ ମଧ୍ୟ ଅନେକ ପରିବର୍ତ୍ତନ କରାଯାଇଛି। ଯଦି ସରକାର ପରୋକ୍ଷ କର ବୃଦ୍ଧି କରନ୍ତି ଏବଂ ସବ୍‌ସିଡି ହ୍ରାସ କରନ୍ତି ତେବେ ଜିଡିପି ମଧ୍ୟ ବୃଦ୍ଧି ପାଇବ। ଯେଉଁ ନାମାଙ୍କନ ଜିଡିପି ବୃଦ୍ଧି ଘଟୁଛି ତାହାର ଏକ ମୁଖ୍ୟ କାରଣ ହେଲା ମୁଦ୍ରାସ୍ଫୀତି ବୃଦ୍ଧି।

ଆର୍ଥିକ ଅଭିବୃଦ୍ଧି ସର୍ବଦା ନିଯୁକ୍ତି ବୃଦ୍ଧି, ଟିକସ ବୃଦ୍ଧି, ଜୀବନ ମାନରେ ଉନ୍ନତି, ସୁଖ, ଶାନ୍ତି ତଥା ବିଭିନ୍ନ ସୂଚକାଙ୍କରେ ଉନ୍ନତି ପରିଲକ୍ଷିତ ହେବା ଉଚିତ। ଜନସଂଖ୍ୟା ବୃଦ୍ଧି ଓ ଆର୍ଥିକ ବୃଦ୍ଧି ଅନୁସାରେ ନିଯୁକ୍ତି ବୃଦ୍ଧି ପାଇବା କଥା। କିନ୍ତୁ ବେକାରି ହାର ବୃଦ୍ଧି ସହିତ ନିଯୁକ୍ତି ହ୍ରାସ ପାଉଛି। ସିଏମ୍‌ଆଇଇ ରିପୋର୍ଟ ଅନୁଯାୟୀ, ମୋଟ ନିଯୁକ୍ତି ବ୍ୟକ୍ତିଙ୍କ ସଂଖ୍ୟା ଯାହା ୨୦୧୯–୨୦ରେ ୪୦.୮୯ କୋଟି ଥିଲା, ତାହା ମାର୍ଚ୍ଚ ୨୦୨୩ରେ ୪୦.୭୬ କୋଟିକୁ ହ୍ରାସ ପାଇଛି। ବିଶ୍ୱ ସୁଖ ସୂଚକାଙ୍କ ୨୦୨୩ (୧୪୬ଦେଶ ମଧ୍ୟରୁ ୧୩୬), ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୨୨ (୧୬୩ଦେଶ ମଧ୍ୟରେ ୧୩୫)ରେ ଭାରତ ରହିଛି। ଭାରତ ନିମ୍ନ ଶାନ୍ତି ଦେଶ ଭାବେ ସ୍ଥାନିତ ହୋଇଛି। ଭାରତରେ ଅଶାନ୍ତି, ଆତ୍ମହତ୍ୟା, ଅପରାଧ ବୃଦ୍ଧି ପାଇଛି। ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ତଥ୍ୟ ୨୦୨୧ ଅନୁଯାୟୀ, ଆତ୍ମହତ୍ୟା ଦେଶରେ କ୍ରମଶଃ ବୃଦ୍ଧି ପାଉଛି। ୨୦୧୭ରେ ଆତ୍ମହତ୍ୟା କରିଥିବା ଲୋକଙ୍କ ସଂଖ୍ୟା ୧,୨୯,୮୮୭ ଥିଲାବେଳେ ୨୦୨୧ରେ ୧,୬୫, ୦୩୩କୁ ବୃଦ୍ଧି ପାଇଛି। ସେହିପରି ଛାତ୍ର ଆତ୍ମହତ୍ୟା ମଧ୍ୟ ଗତ ପାଞ୍ଚବର୍ଷ ମଧ୍ୟରେ ଏହା କ୍ରମାଗତ ଭାବେ ବୃଦ୍ଧି ପାଉଛି। ୨୦୨୦ରେ ଏହା ୧୨,୫୨୬ ଥିଲାବେଳେ ୨୦୨୧ରେ ୧୩,୦୮୯କୁ ବୃଦ୍ଧିପାଇଛି। ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡିଛି ଯେ, ଭାରତର ଯୁବକମାନଙ୍କ ମଧ୍ୟରେ ଉଦାସୀନତା ବା ଡିପ୍ରେସନ ହାର ୩୧% ରୁ ୫୭% ମଧ୍ୟରେ ରହିଛି। ଯଦି ଅଶାନ୍ତି ବଢୁଛି, ତେବେ ଜିଡିପି ବୃଦ୍ଧିରେ ଲାଭ କାହାର?

**ମୋ: ୯୪୩୭୨୦୮୭୬୨**

# ବିଜ୍ଞାନ ଓ ଆଧ୍ୟାତ୍ମିକତା



ଅନୀତା ପଟ୍ଟନାୟକ

ସରଳ ତା' ବାପାମାଆଙ୍କର ଅତ୍ୟନ୍ତ ଆଜ୍ଞାବହ ସୁପୁତ୍ର ଥିଲା। ତା'ର ଶାନ୍ତ ସ୍ୱଭାବ ଓ ପ୍ରୀତିକର ଆଚରଣ ପାଇଁ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲା। ତା' ବାପା ଜଣେ ସଚ୍ଚୋଟ ଓ ନ୍ୟାୟପରାୟଣ ବ୍ୟକ୍ତି ଥିଲେ। ଧନୀ ଦରିଦ୍ରଙ୍କୁ ସମାନ ଚକ୍ଷୁରେ ଦେଖୁଥିଲେ। ମାଆ ଅତ୍ୟନ୍ତ ଭକ୍ତିପରାୟଣ ଥିଲେ ଓ ଭଗବାନଙ୍କ କଥା ବେଶି ଭାବୁଥିଲେ। ଆଖିବୁଜି ଧ୍ୟାନ କରୁଥିଲେ ଓ ସ୍ତୁତିମନ୍ତ୍ର ପାଠ କରୁଥିଲେ। ସରଳ ଅନୁଭବ କରୁଥିଲା ବିଶ୍ୱାସ, ଭକ୍ତି ଓ ପ୍ରାର୍ଥନାରେ ଆରୋଗ୍ୟପ୍ରଦ ଶକ୍ତି ଅଛି। ସେ ପୁଣ୍ୟାତ୍ମାମାନଙ୍କର ଜୀବନୀ ପଢ଼ିବାକୁ ଭାରି ଭଲ ପାଉଥିଲା। ସରଳ ଦିନେ ତା' ମାଆଙ୍କୁ ପଚାରିଲା, ଶିକ୍ଷାରେ ବୁଦ୍ଧି ଓ ଦକ୍ଷତାର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଉତ୍ତମ ଗୁଣର ଅଭିବୃଦ୍ଧି ନିମନ୍ତେ କାହିଁକି ଗୁରୁତ୍ୱ ଦିଆଯାଉନାହିଁ? ପଞ୍ଚେନ୍ଦ୍ରିୟ ଦ୍ୱାରା ଆମର ଚରିତ୍ର ଗଠନ ହୋଇଥାଏ। ପଞ୍ଚେନ୍ଦ୍ରିୟ ମାଧ୍ୟମରେ ଯେତିକି ଶିକ୍ଷାକରୁ, ତାହା ହିଁ ଆମ ଚରିତ୍ରରେ ପ୍ରତିଫଳିତ ହୋଇଥାଏ। ଆଶ୍ଚର୍ଯ୍ୟର ବିଷୟ ପଞ୍ଚେନ୍ଦ୍ରିୟ ଦ୍ୱାରା ଗ୍ରହଣ କରିଥିବା ଅନେକ ବିଷୟ ପରବର୍ତ୍ତି ସମୟରେ ଆମେ ଭୁଲିଯାଇଥାଉ। ସେଗୁଡ଼ିକ ଆମର ଚରିତ୍ରଗଠନରେ ସାହାଯ୍ୟ ହୋଇନଥାଏ। ସରଳ ଦିନେ ସ୍କୁଲରୁ ଫେରି ଖୁସି ହୋଇ ତା' ମାଆଙ୍କୁ କହିଲା, ମାଆ ଆଜି ବିଜ୍ଞାନ ଶିକ୍ଷକ ନିଉଟନ ବାହାର କରିଥିବା ମାଧ୍ୟାକର୍ଷଣ ଶକ୍ତି ବିଷୟରେ ପଢ଼ାଇଲେ। ସେ କୁଆଡ଼େ କହିଥିଲେ, "ମୁଁ ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିଥିଲେ ବି ଏହି ଶକ୍ତି ମୋର ଆବିଷ୍କାର ପୂର୍ବରୁ ସଦା ବିଦ୍ୟମାନ ରହିଛି। ମୁଁ ମାଧ୍ୟାକର୍ଷଣ ଶକ୍ତିକୁ ଚିହ୍ନିପାରିଲି। ସେତେବେଳେ ମୁଁ ଏହା ସୃଷ୍ଟି କରି ନ ଥିଲି। ମାଧ୍ୟାକର୍ଷଣ ଶକ୍ତିର କିଏ ଜଣେ ସ୍ରଷ୍ଟା ଅଛନ୍ତି ନିଶ୍ଚୟ।"

ସରଳର ବାପା ଏକଥା ଶୁଣି କହିଲେ, ବିଜ୍ଞାନ ଶିକ୍ଷକ ଠିକ୍ କହିଛନ୍ତି। ଶିକ୍ଷା ହୃଦୟର ରୂପାନ୍ତରଣ ପାଇଁ ଉଦ୍ଦିଷ୍ଟ। ମନୁଷ୍ୟ ପ୍ରଥମେ ଶିକ୍ଷାର ପ୍ରକୃତ ମୂଲ୍ୟ ନିରୂପଣ କରିବା ଦରକାର। ମନୁଷ୍ୟ ପାର୍ଥିବ ବିଜ୍ଞାନାତୀତ ଜ୍ଞାନକୁ ବୁଝିପାରିଲେ ହିଁ ବିଜ୍ଞାନ ଦ୍ୱାରା ପୂର୍ଣ୍ଣ ଲାଭାନ୍ୱିତ ହୋଇପାରିବ। ସରଳର ମାଆ କହିଲେ ମାଧ୍ୟାକର୍ଷଣ ଶକ୍ତିର ସ୍ରଷ୍ଟା ହେଉଛନ୍ତି ଭଗବାନ ବା ଈଶ୍ୱର ବା ଆଲ୍ଲା। ସରଳ ଦ୍ୱିତୀୟ ଦିନ ସ୍କୁଲରୁ ଆସି ଭାରି ପ୍ରଫୁଲ୍ଲିତ ଦେଖାଯାଉଥିଲା। ସେ ମାଆଙ୍କୁ କହିଲା, ଆଜି ବିଜ୍ଞାନ ଶିକ୍ଷକ ଆଇନଷ୍ଟାଇନଙ୍କ ବିଷୟରେ ପଢ଼ାଇଲେ। ପ୍ରକୃତିର କ୍ରିୟାଶୀଳତା ବିଷୟରେ କହି ସେ କହିଥିଲେ, ଏହି ମହାନ୍ ବୈଜ୍ଞାନିକ ଆଧ୍ୟାତ୍ମିକ ଅନ୍ୱେଷଣ ପାଇଁ ସତ୍‌ସଙ୍ଗ ଆବଶ୍ୟକ ବୋଲି ଉପଲବ୍ଧି କରିଥିଲେ। ସତ୍‌ସଙ୍ଗ ମାନବୀୟ ଦଶାର ରୂପାନ୍ତରଣ କରିଥାଏ। ଆଇନଷ୍ଟାଇନ କହୁଥିଲେ, ତୁମର ସାଙ୍ଗ କିଏ କହ? ମୁଁ କହିଦେବି ତୁମେ କି ପ୍ରକାର ଲୋକ। ଆମେ ଯେଉଁ ଲୋକମାନଙ୍କ ସହ ସମ୍ପୃକ୍ତ ସେମାନଙ୍କର ଚରିତ୍ର ଅନୁସାରେ ଆମର ବିଚାର କରାଯାଏ। ମୁଁ ଏସବୁ ଠିକ୍ ଭାବରେ ବୁଝିପାରିଲିନାହିଁ। ମାଆ କହିଲେ, କାଗଜରେ ମଲ୍ଲୀଫୁଲ ବାନ୍ଧିଲେ ତାହା ମଲ୍ଲୀଫୁଲ ପରି ବାସେ। ତେଣୁ ସତ୍‌ସଙ୍ଗୀ ଖୋଜିବା ଏକ ଦୁରୂହ ବ୍ୟାପାର।

ବାପା କହିଲେ, ନା ଏହା ଅତ୍ୟନ୍ତ ସହଜ। ସତର ଅର୍ଥ ଯାହା ଆଗରୁ ଥିଲା, ବର୍ତ୍ତମାନ ରହିଛି ଓ ଭବିଷ୍ୟତରେ ରହିବ। ସେ ହେଉଛନ୍ତି ଭଗବାନ୍, ଯାହାଙ୍କର ଜନ୍ମ ନାହିଁ କିମ୍ବା ମୃତ୍ୟୁ ନାହିଁ। ତାଙ୍କ ସହ ସାଙ୍ଗ ହେବା, ଜୀବନରେ ଭଗବାନ୍‌ଙ୍କର କଥାକୁ ପାଳନ କରିବାକୁ ସତ୍‌ସଙ୍ଗ କୁହାଯାଏ। ତା'ପରଦିନ ବିଜ୍ଞାନ ଶିକ୍ଷକ ଦାର୍ଶନିକ ଆଇଜେନବର୍ଗଙ୍କ ପଦାର୍ଥ ବିଜ୍ଞାନ ଓ ଆଧ୍ୟାତ୍ମିକ ମଧ୍ୟରେ ଥିବା ସମ୍ପର୍କ ସୂତ୍ର ଉପରେ କିପରି ଗବେଷଣା କରିଥିଲେ ତାହା କହିଥିଲେ। ସେଦିନ ତାଙ୍କ ବିଷୟରେ ବୁଝାଇବାକୁ ଯାଇ ସାର୍ କହିଥିଲେ, ମନକୁ ଆୟତ୍ତ କର ଓ ବିରାଟ ମନରେ ପରିଣତ ହୁଅ। ବିଜ୍ଞାନ ଶିକ୍ଷକ ସେଦିନ ଆଉ ଜଣେ ବୈଜ୍ଞାନିକ ଶ୍ରୋଡିଙ୍ଗରଙ୍କ କଥା ପଢ଼ାଇଲେ। ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ କିପରି ଅଖଣ୍ଡ ସମ୍ପର୍କ ଅଛି ଓ ଆଧ୍ୟାତ୍ମିକତା ହିଁ ବସ୍ତୁତଃ ବିଜ୍ଞାନର ଆଧାର ଏକଥା ପଢ଼ାଇଥିଲେ। ସରଳ ଏ ବିଷୟରେ ମାଆଙ୍କୁ କହିବାରୁ ମାଆ କହିଲେ, ଶ୍ରୋଡିଙ୍ଗର ଏହା ମଧ୍ୟ କହିଥିଲେ, "ଅଧିକ କାମନା ଅର୍ଥ ଅଧିକ ନୈରାଶ୍ୟ।" ବାପା କହିଲେ, ଆମେ ପଢୁଥିବାବେଳେ ଜଣେ ଭାବୁକ ଡାଇରାକଙ୍କ ବିଷୟରେ ପଢ଼ାଯାଉଥିଲା। ସେ ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ଥିବା ସମ୍ପର୍କକୁ ଜାଣିବାକୁ ଚେଷ୍ଟା କରିଥିଲେ। ସେ ମହର୍ଷି ବ୍ୟାସଙ୍କର ଅଷ୍ଟାଦଶ ପୁରାଣ ପଢ଼ି ନ ଥିଲେ ମଧ୍ୟ ସେ କହିଥିଲେ, ସବୁବେଳେ ପ୍ରେମକର କାହାର କ୍ଷତି କରନାହିଁ। ସରଳ ଶେଷରେ ସବୁ ବୁଝି କହିଲା, ମାଆ ! ମୁଁ ବାପାଙ୍କ ପରି ବଡ଼ ମଣିଷ ହେଲେ ବୁଦ୍ଧି ଓ ଦକ୍ଷତାର ବିକାଶ ସହିତ ଆଧୁନିକ ଶିକ୍ଷାରେ ଉତ୍ତମ ଗୁଣର ବିକାଶ ଉପରେ ଗୁରୁତ୍ୱ ଦେବି।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ଶୀତଳଭଣ୍ଡାର ନିର୍ମାଣ ହେଉ

ମହାଶୟ,

ଆମ ରାଜ୍ୟର କୋରାପୁଟରେ ଅଦା ଚାଷ ବହୁଳ ଭାବରେ ହୁଏ । ଚଳିତ ବର୍ଷ କୋରାପୁଟ ଜିଲାରେ ମଧ୍ୟ ପ୍ରବଳ ଅଦା ଚାଷ ହୋଇଥିଲା । ଯେହେତୁ ଆମ ରାଜ୍ୟରେ ଶୀତଳଭଣ୍ଡାରର ଘୋର ଅଭାବ, ତେଣୁ ଅଦାକୁ ଭବିଷ୍ୟତ ପାଇଁ ରଖିବା ଲାଗି ଅନେକ ଅସୁବିଧା ହେତୁ ସେଗୁଡିକ ସବୁ ପଚିଶଢ଼ି ନଷ୍ଟ ହୋଇଗଲା, ଯାହାର ଫଳସ୍ୱରୂପ ଅଦାର ବିକ୍ରି ଦର ଅନେକ ଉଚ୍ଚ ହୋଇ ଗଲା । ବର୍ତ୍ତମାନ ସମୟରେ ଏହାର ମୂଲ୍ୟ ଅନେକ ଶସ୍ତା ହେବା ଜାଗାରେ କିଲୋ ପ୍ରତି ୨୫୦ ରୁ ୩୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି । କୋରାପୁଟ, ଅନୁଗୋଳ ଅଞ୍ଚଳରେ ମଧ୍ୟ ପ୍ରବଳ ପିଆଜ ଚାଷ ହୁଏ, ଆଠଗଡ଼ ଅଞ୍ଚଳରେ ପ୍ରାୟ ସବୁ ପ୍ରକାରର ପନିପରିବା ଚାଷ ହୁଏ । ଯଦି ସେହିସବୁ ଅଞ୍ଚଳରେ ଶୀତଳ ଭଣ୍ଡାର ହୋଇପାରିବ ତେବେ ଚାଷୀମାନେ ଅନ୍ୟ ସମୟରେ ମଧ୍ୟ ତାହା ଶୀତଳଭଣ୍ଡାରରୁ ନେଇ ବଜାରରେ ରୋଜଗାର କରି ପାରନ୍ତେ । ଶୀତଳଭଣ୍ଡାର ଅଭାବ ରାଜ୍ୟ ସରକାରଙ୍କ ଅପାରଗତାର ନଗ୍ନ ଚିତ୍ର । ଓଡ଼ିଶା ସମ୍ପୂର୍ଣ୍ଣ ରୂପେ ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଛତିଶଗଡ଼ ଉପରେ ଅଣ୍ଡା,ମାଛ ଓ ପନିପରିବା ପାଇଁ ନିର୍ଭର କରେ । କେବଳ ଓଡ଼ିଶା ଚାଷୀ ଧାନ ଚାଷ କରି ଯାହା କିଛି ପାଇଥାଆନ୍ତି, କିନ୍ତୁ ପନିପରିବାରେ ନୁହେଁ । କିନ୍ତୁ କିପରି କିଏ ଆମ ରାଜ୍ୟକୁ ପୁରସ୍କାର ଦେଉଛି ତାହା ବୁଝିବା ବଡ଼ କଠିନ । ଏପରି ପରିସ୍ଥିତିରେ ଚାଷୀ ଲାଭବାନ ହୋଇପାରିବେ ନାହିଁ।

**–ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସ୍ୱପନରେ ଯଦି କଦା
ତବ ଅପମାନ କରେ ପ୍ରିୟ,
ଚିର ନିଦ୍ରା ହେଉ ତାହା
ଏହି ଅବଦାନ ମୋତେ ଦିଅ।

(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଏନ୍ଏସି ଦାବିରେ ୧୨ଘଣ୍ଟା ଲୋଇସିଂହା ବନ୍ଦ

ଲୋଇସିଂହା,୨୮।୬(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହକୁ ଏନ୍ଏସି ଦାବିରେ ବୁଧବାର ଲୋଇସିଂହା ଓ ବୁର୍ଡାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ସକାଳ ୬ଟାରୁ ଅରମ୍ଭ ହୋଇଥିବା ବନ୍ଦ ସନ୍ଧ୍ୟା ୬ଟାରେ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଥିଲା। ବନ୍ଦରୁ ଶିକ୍ଷାନୁଷ୍ଠାନକୁ ବାଦ୍ ଦିଆଯାଇଥିବାରୁ ସ୍କୁଲ, କଲେଜ ଯଥାରୀତି ଚାଲିଥିଲା। ତେବେ ରାଷ୍ଟ୍ରାୟତ ଓ କେତେକ ଘରୋଇ ବ୍ୟାଙ୍କ ଖୋଲାଥିବା ଜାଣି ସକାଳ ୧୦ରେ ଆନ୍ଦୋଳନକାରୀ ସେଠାକୁ ଯାଇ କାର୍ଯ୍ୟାଳୟ ବନ୍ଦ କରିଥିଲେ। ଆନ୍ଦେଳନକାରୀ ଲୋଇସିଂହା ଓ ବୁର୍ଡା ଅଞ୍ଚଳରେ ଖୋଲାଥିବା ଦେଶୀ ଓ ବିଦେଶୀ ମଦ ଦୋକାନକୁ ବନ୍ଦ କରିଥିଲେ। ଲାଲମନ ନାଗ,କୁନା ଭୋଇ,କୁମର ପାଣ୍ଡେ ଅନ୍ୱମାନେ ସାମିଲଥିଲେ। ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଲୋଇସିଂହାକୁ ଏନ୍ଏସି ଦାବି ହୋଇ ଆସୁଛି। ରାଜ୍ୟ ସରକାର ମଧ୍ୟ ବିଭିନ୍ନ ସମୟରେ ଲୋଇସିଂହା ଏନଏସି ପ୍ରସ୍ତାବିତ ରହିଥିବା ଘୋଷଣା କରିଆସୁଛନ୍ତି। ହେଲେ କାର୍ଯ୍ୟକାରୀ ହେଉ ନ ଥିବାରୁ ଆଞ୍ଚଳିକ ବିକାଶ ପରିଷଦ ଓ ବିଭିନ୍ନ ସଂଗଠନ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ସର୍ବଦଳୀୟ ବୈଠକ ଡାକି ଏନ୍ଏସି ଦାବି ହାସଲ ପର୍ଯ୍ୟନ୍ତ ମାସର ଶେଷ ବୁଧବାର ଲୋଇସିଂହା ଓ ବୁର୍ଡା ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ବିଗିତ କିଛି ମାସ ହେଲା ବନ୍ଦ ପାଳନ ହୋଇଆସୁଛି।

### ନିମ୍ନମାନର କାମ, ସ୍ଲାପରେ ଫାଟ

ଲୋଇସିଂହା,୨୮।୬(ସୁଶାନ୍ତ ବାରିକ): ଜାତୀୟ ରାଜପଥ ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଡ୍ରେନ ନିର୍ମାଣ ହୋଇଛି। ନିମ୍ନମାନର କାମ ଯୋଗୁ ନିର୍ମାଣାଧୀନ ଡ୍ରେନର ସ୍ଲାପରେ ଫାଟ ସୃଷ୍ଟି ହୋଇଛି। ସେଣ୍ଟ୍ରିଂ ଖୋଲିଲେ ସ୍ଲାପ ଭୁଶୁଡି ପଡିବ ବୋଲି ଲୋକେ ଆଶଙ୍କା କରିଛନ୍ତି। ଏନ୍ଏଚ ବିଭାଗ କାମରେ ଏପରି ଅନିୟମିତତା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଭାଗର ଖାମଖିଆଲିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବରଗଡ-ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି। ରାସ୍ତାପାର୍ଶ୍ୱରେ ଡ୍ରେନ ନିର୍ମାଣ ହେଉଛି। ରେଲଷ୍ଟେଶନ ରାସ୍ତାରୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୀମାରେ ପ୍ରାୟ ୫୦ ମିଟର ଡ୍ରେନ କାମ ହୋଇଛି। ବାଲି,ସିମେଣ୍ଟ ଏବଂ ଗେଟି ମିଶ୍ରଣରେ ଅନିୟମିତତା ହୋଇଥିବାରୁ ଡ୍ରେନର ସ୍ଲାପ ସାରା ଫାଟ ସୃଷ୍ଟି ହୋଇଛି। ଏହି ଫାଟ ତଥା ଦୁର୍ନୀତିକୁ ଲୁଚାଇବାକୁ ଯାଇ ସ୍ଲାପ ଉପରେ ପୁଣି କାମ କରାଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ରୋଗୀଙ୍କୁ ଆଣୁଥିବା ଯାନବାହାନ ନିୟମିତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବ। ଦୁର୍ବଳ ଡ୍ରେନ ସ୍ଲାପ ଉପର ଗାଡିମୋଟର ଗଲେ ଭୁଶୁଡିବା ଆଶଙ୍କା ଭୟ ରହିଛି। ଅପରପକ୍ଷେ କେତେକ ସ୍ଥାନରେ ଡ୍ରେନ ମୁକୁଳା ପଡିଛି। ମୁକୁଳା ଡ୍ରେନରେ ପଡି ଯୋଗୀସର୍ଡା ଗ୍ରାମର ସାନନ୍ଦ ସାହୁ ଗୁରୁତର ହୋଇଛନ୍ତି। ତେବେ ତାଙ୍କ ପିଲା ବର୍ତ୍ତି ଯାଇଥିବା ସାନନ୍ଦ କହିଛନ୍ତି।

# ଘର ଛାଡ଼ିଲେ ପରଧିଆପାଲିର ଶେଷ ବିସ୍ଥାପିତ

**ଲୋୟର ସୁକ୍ତେଲ ଡ୍ୟାମ୍‌ରେ ପାଣି ପଶିଲା**

- ପରଧିଆପାଲି ଗାଁ ହେଲା ସମ୍ପୂର୍ଣ୍ଣ ବିସ୍ଥାପିତ
- ଜିଲା ପ୍ରଶାସନକୁ ମିଳିଲା ବଡ ସଫଳତା
- ଗାଁ ମାଟିକୁ ଶେଷ ପ୍ରଣାମ କଲେ ଗଡତ୍ୟା ପରିବାର

ବଲାଙ୍ଗୀର, ୨୮।୬ (ବୀରେନ୍ଦ୍ର କୁମାର ଝାଙ୍କର)



ପରଧିଆପାଲି ଗାଁର ଜ୍ଞାନ ଗଡତ୍ୟାଙ୍କ ପରିବାର ଗାଁର ଶେଷ ବିସ୍ଥାପିତ ପରିବାର ଭାବେ ବୁଧବାର ଗାଁ ଛାଡିଛନ୍ତି।

ବହୁପ୍ରତୀକ୍ଷିତ ଲୋୟର ସୁକ୍ତେଲ ଡ୍ୟାମ୍‌ରେ ମଙ୍ଗଳବାର ସୁକ୍ତେଲ ନଦୀର ପ୍ରଥମ ବର୍ଷାଜଳ ପଶିଥିଲା। ଡ୍ୟାମ୍‌ରେ ବର୍ଷାଜଳ ଭର୍ତ୍ତି ହେବା ପରେ ପ୍ରକଳ୍ପ ପ୍ରଭାବିତ ପରଧିଆପାଲି ଗାଁର ଶେଷ ବିସ୍ଥାପିତ ହେବାକୁ ଥିବା ପରିବାର ବୁଧବାର ଗାଁ ଛାଡିଛନ୍ତି। ପୂର୍ବରୁ ଏହି ଗାଁର ବହୁ ପରିବାର ଗାଁ ଛାଡି ବିସ୍ଥାପନ କଲୋନୀ ଏବଂ ଅନ୍ୟ ସ୍ଥାନକୁ ଚାଲିଯାଇଥିଲେ ମଧ୍ୟ ଜ୍ଞାନ ଗଡତ୍ୟାଙ୍କ ସମ୍ପୂର୍ଣ୍ଣ ପରିବାର ଗାଁ ଛାଡି ନ ଥିଲେ। ପ୍ରକଳ୍ପକୁ ମୂଳରୁ ବିରୋଧ କରିଆସୁଥିବା ଜ୍ଞାନ ବୁଧବାର ପରିବାର ସହ ଗାଁ ଛାଡିଥିବା ଜଣାପଡିଛି। ଏହି ପରିବାରର କୌଣସି ସଦସ୍ୟ କ୍ଷତିପୂରଣ ଓ ଥଇଥାନ ସହାୟତା ଗ୍ରହଣ କରିବାକୁ ମନା କରିଦେଇଥିଲେ। ତେବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଓ ଜିଲାପାଳ ଚଞ୍ଚଳ ରାଣାଙ୍କ ଉଦ୍ୟମରେ ଶେଷରେ ଏହି ପରିବାର ପରଧିଆପାଲି ଗାଁ ଛାଡି ସବୁଦିନ ପାଇଁ ବଲାଙ୍ଗୀର ସହରକୁ ଆସିଥିବା ଜଣାପଡିଛି।

ଭିଟାମାଟି ଛାଡିବାର ଦୁଃଖ ଅବର୍ଣ୍ଣନୀୟ। ଗାଁ, ଘର, ଜମିବାଡି, ଚାଷବାସ ଛାଡି ଅନେକ କିଛି ହରାଇଛୁ। ଆଗକୁ ଜିଲାପାଳ ରାଣା ଓ ବିଧାୟକ ମିଶ୍ର ବ୍ୟବସ୍ଥା କରିବେ ଏଇ ଆଶା ରହିଛି ବୋଲି ପବିତ୍ର ଗଡତ୍ୟା କହିଛନ୍ତି। ଏହି ଗାଁରେ ରହୁଥିବା ଅନ୍ୟ ଦୁଇ ପରିବାର ସୁମିତ୍ରା ସାହୁ ଓ ସୁଭଦ୍ରା ସାହୁ ଦୁଇ ଭଉଣୀ ଏବଂ ଖଗେଶ୍ୱର ସାହୁ ଓ ନନ୍ଦିନୀ ସାହୁ ଦୁଇ ଭାଇ ଭଉଣୀ ମଧ୍ୟ ଗାଁ ଛାଡିଥିବା ଜଣାପଡିଛି। ଗଡତ୍ୟା ଏବଂ ସାହୁ ପରିବାର ଆଜି ଗାଁ ଛାଡିବା ପରେ ପରଧିଆପାଲି ଗାଁ ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇଛି। ଏହା ଜିଲା ପ୍ରଶାସନ ପାଇଁ ଏକ ବଡ ସଫଳତା ଭାବେ ଗଣାଯାଉଛି। ପ୍ରକଳ୍ପ ଆରମ୍ଭରୁ ଏହି ଗାଁ ଲୋକେ ଜୋରଦାର ବିରୋଧ କରିଆସୁଥିଲେ। ୨୦୧୩ ମସିହା ପରେ ଅନେକ ଲୋକ ଗାଁ ଛାଡିବାକୁ ରାଜି ହୋଇଯାଇଥିଲେ ମଧ୍ୟ ୨୦୨୧ ମସିହାରେ ଯାଇ ଏହି ଗାଁରେ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବଲାଙ୍ଗୀର ସହରରେ ଉଦ୍ଦିଷ୍ଟ ସ୍ଥାନରେ ନିର୍ମିତ ବିସ୍ଥାପନ କଲୋନୀରେ ଆସି ଲୋକେ ରହିବା ଆରମ୍ଭ କରିଥିଲେ। ଏହି ଗାଁ ସମ୍ପୂର୍ଣ୍ଣ ବିସ୍ଥାପିତ ହେବା ପରେ ସୁକ୍ତେଲ ପ୍ରକଳ୍ପ ପ୍ରଭାବିତ ଅନ୍ୟ ଗାଁ ଗୁଡିକରେ ମଧ୍ୟ ବିସ୍ଥାପନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି କୁହାଯାଉଛି। ଅନ୍ୟପଟେ ସୁକ୍ତେଲ ଡ୍ୟାମ୍‌ରେ ଦୀର୍ଘ ଦୁଇଦଶନ୍ଧି ପରେ ପ୍ରଥମ ବର୍ଷା ଜଳ ଆସି ପହଞ୍ଚିବା ପରେ ଜିଲାରେ ସୁକ୍ତେଲ ପ୍ରକଳ୍ପ ସ୍ୱପ୍ନ ବାସ୍ତବତାର ରୂପ ନେଲା ବୋଲି ଚର୍ଚ୍ଚାର ବିଷୟ ହୋଇଛି।

୨୦୦୧ ମସିହା ନଭେମ୍ବର ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକ୍ତେଲ ଡ୍ୟାମ୍‌ର ଶିଳନ୍ୟାସ କରିଥିଲେ। ୨୦୦୫ ମେ ୧୧ରେ ବିଧାୟକ ନରସିଂହ ମିଶ୍ର ସୁକ୍ତେଲ ପ୍ରକଳ୍ପର ସ୍ପିଲୱେ ଶିଳାନ୍ୟାସ କରିଥିଲେ। ସ୍ଥାନୀୟ ଲୋକଙ୍କ ଜୋରଦାର ଆନ୍ଦୋଳନ ଯୋଗୁଁ ନିର୍ମାଣ ଅନେକ ବର୍ଷ ଧରି ବାରମ୍ବାର ଅଟକି ଥିଲା। ଜିଲାପାଳ ଚଞ୍ଚଳ ରାଣାଙ୍କ ତତ୍ତ୍ୱାବଧାନରେ ବିସ୍ଥାପନ ଓ ଥଇଥାନ ପ୍ରକ୍ରିୟା ତ୍ୱରାନ୍ୱିତ ହେବାପରେ ଡ୍ୟାମ କାମ ଏବେ ଶେଷ ପର୍ଯ୍ୟାରେ ପହଞ୍ଚିଛି।

### ସୁକ୍ତେଲ ପ୍ରକଳ୍ପ ଜଳଭଣ୍ଡାରରେ ଜଳସ୍ତର

ଲୋୟର ସୁକ୍ତେଲ ଜଳସେଚନ ପ୍ରକଳ୍ପ (ଡ୍ୟାମ୍)ରେ ପ୍ରଥମ ବର୍ଷାଜଳ ଆସି ପହଞ୍ଚିବା ପରେ ମଙ୍ଗଳବାର ରାତି ସୁଦ୍ଧା ୧୮୧ ଆରଏଲ୍ ପର୍ଯ୍ୟନ୍ତ ପାଣି ଭର୍ତ୍ତି ହୋଇଥିଲା। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବୁଧବାର ରାତି ସୁଦ୍ଧା ଜଳଭଣ୍ଡାର ଭିତରେ ୧୮୪ ଆରଏଲ (ରିଡ୍ୟୁସ୍ ଲେଭେଲ) ପାଣି ରହିଛି। ନଦୀରେ ବର୍ଷା ଜଳସ୍ତର ବୃଦ୍ଧି ପାଉଛି। ଜଳସ୍ତର ଉପରେ ସୁକ୍ତେଲ ପ୍ରକଳ୍ପ ବିଭାଗ ପକ୍ଷରୁ କଡା ନଜର ରଖାଯାଇଛି। ୧୯୭ ଆରଏଲ ପର୍ଯ୍ୟନ୍ତ ପାଣି ରହିବା ପରେ ଏହା ସ୍ପିଲୱେ ବାଟଦେଇ ନିର୍ଗମନ ହେବ। ସ୍ପିଲୱେ ଗେଟ୍ ବନ୍ଦ କରିବା ପରେ ଡ୍ୟାମ୍‌ରେ ସର୍ବୋଚ୍ଚ ୨୦୬ ଆରଏଲ୍ ପର୍ଯ୍ୟନ୍ତ ପାଣି ରଖାଯିବ। ଏବେ ଡ୍ୟାମ୍ କାମ ସହ ଅନ୍ୟାନ୍ୟ ଆନୁସଙ୍ଗିକ କାମ ଚାଲିଛି। ବିସ୍ଥାପନ ଏବଂ କ୍ଷତିପୂରଣ କାମ ମଧ୍ୟ ଜୋରସୋର ଜାରି ରହିଛି। ଏଣୁ ଚଳିତବର୍ଷ ପ୍ରଥମ ବର୍ଷା ପାଣିକୁ ଅଣ୍ଡର ସ୍ଲୁଇଜ୍ ଜରିଆରେ ଛାଡି ଦିଆଯିବ ବୋଲି ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ସୁନୀଲ ରାଉତ୍‌ଙ୍କୁ ପଚରାଯିବାରୁ କହିଛନ୍ତି।

## ବାହାରିଲା କ୍ଷୁଦ୍ରଶସ୍ୟ ଚାଷ ସମ୍ପର୍କିତ ସଚେତନତା ରଥ



ଖପ୍ରାଖୋଲ,୨୮।୬(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେନକେରା ଗାଁ ଓଡିଶା ମିଲେଟ ମିଶନ, ଆମ୍ବା ବଲାଙ୍ଗୀର, ମିଶନ ଶକ୍ତି ଓ ୱାସି ଅନୁଷ୍ଠାନର ମିଳିତ ଉଦ୍ୟମରେ କ୍ଷୁଦ୍ରଶସ୍ୟ ସମ୍ପର୍କିତ ସଚେତନତା ରଥ ବୁଧବାର ଶୁଭାରମ୍ଭ ହୋଇଛି। ଗାଁର ମାଣ୍ଡିଆ ଚାଷୀ ଏବଂ ମହିଳା ସ୍ୱୟଂ ସହାୟିକା ଦଳ ମହିଳାମାନେ ଯୋଗଦେଇ ରଥକୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷି ଅଧିଦର୍ଶକ ଚକ୍ରଧର ଦାସ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାସି ବ୍ଲକ ସଂଯୋଜକ ଉମେଶ ଗୁପ୍ତା, ସମୀର କୁମାର ପାଣିଗ୍ରାହୀ, ରାକେଶ ବେହେରା, ଫକୀର ସାହୁ, ଭୋଜରାଜ ବରିହା, ସଦାନନ୍ଦ ବାଗ ଯୋଗଦେଇଥିଲେ। ସଚେତନତା ରଥ ଦୁଇଦିନ ଧରି ଖପ୍ରାଖୋଲ ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ଓଡିଶା ମିଲେଟ ମିଶନ ବିଷୟରେ ସଚେତନତା କରିବା ସହ ମାଣ୍ଡିଆ, ଗୁର୍ଜୀ, କଦୋ, କାଂଗୁ ଭଳି କ୍ଷୁଦ୍ର ଶସ୍ୟ ଚାଷ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିବ।

# କାମ କରିଥିଲେ କଳାତାଲିକାଭୁକ୍ତ ଠିକାଦାର

ଲୋଇସିଂହା,୨୮।୬(ସୁଶାନ୍ତ ବାରିକ)

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପନେସରାରୁ କେଉଁଟିପାଲିକୁ ସଂଯୋଗ କରୁଥିବା ଘେସରା ନାଳରେ ବିଜୁ ସେତୁ ନିର୍ମାଣ ହୋଇଛି। ଏହି ସେତୁର ସଂଯୋଗୀ ରାସ୍ତାର ସାମାନ୍ୟ ବର୍ଷାରେ ଦବିଯିବା ଅଞ୍ଚଳବାସୀଙ୍କୁ ବିସ୍ମିତ କରିଛି। ଅପରପକ୍ଷେ ପ୍ରକୃତ ଠିକାଦାର କାମ ନ କରି ଜିଲାର ଜଣେ କଳାତାଲିକାଭୁକ୍ତ ଠିକାଦାରଙ୍କଦ୍ୱାରା ଏହି କାମ କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି।

ଲୋଇସିଂହା-ବୁର୍ଡା ଦେଇ ପନେସରା ଘେସରା ନାଳ ଦେଇ କେଉଁଟିପାଲିକୁ ଏକ ରାସ୍ତା ସଂଯୋଗ ରହିଛି। ଏହି ରାସ୍ତା ଯୋଗୀସର୍ଡା ପଞ୍ଚାୟତ ଛେଲବହାଲ ଦେଇ ସୁବର୍ଣ୍ଣପୁର ଜିଲା କୁମୁଣ୍ଡେକୁ ଯାଇଛି । ଘେସରା ନାଳରେ ଏକ ସେତୁ ହେଲେ ବୃହତ ଅଞ୍ଚଳ ଲୋକ ଲୋଇସିଂହାକୁ ଯିବା ଆସିବା ସୁବିଧା ହେବ ବୋଲି ଦାବି କରି ଆସୁଥିଲେ। ଦୀର୍ଘଦଶନ୍ଧି ପରେ ୨୦୨୨ମସିହାରେ ଅଞ୍ଚଳବାସୀଙ୍କ ଏହି ଦାବି ପୂରଣ ହୋଇଥିଲା। ସ୍ଥାନୀୟ ବିଧାୟକ ଏବଂ ୨ଜଣ ମନ୍ତ୍ରୀ ସେତେବେଳେ ଏହି ସେତୁର ଶିଳାନ୍ୟାସ କରିଥିଲେ। ସେତୁ କାମ ପାଇଁ ନୀତିଶ ଜୈନ ଟେଣ୍ଡର ପାଇ ୨୦୨୨ ଶେଷାର୍ଦ୍ଧରେ କାମ ଆରମ୍ଭ କରିଥିଲେ। ହେଲେ ସେ କାମ ନକରି ଜଣେ କଳାତାଲିକାଭୁକ୍ତ ଠିକାଦାର ଉକ୍ତ ସେତୁ କାମ କରିଥିବା ଆଲୋଚନା ହେଉଛି। ଆଲୋଚନା ଅନୁଯାୟୀ ପାଟଣାଗଡ ବ୍ଲକ ତମିଆ-ମୁଦଲସର ରାସ୍ତାର ସୁକତେଲ ନଦୀ ଉପରେ ଏକ ସେତୁ ନିର୍ମାଣ ହୋଇଥିଲା। ସେଣ୍ଟ୍ରିଂ ଖୋଲୁଥିବାବେଳେ ସେତୁ ଭୁଶୁଡି ପଡି ୨ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ନିମ୍ନମାନର କାମ ଯୋଗୁ ସେତୁ ଭୁଶୁଡି ପଡିଥିବା ଅଭିଯୋଗ ହୋଇଥିଲା। ଏହାପରେ ସେତୁ କାମ କରିଥିବା ଠିକାଦାରଙ୍କୁ ସରକାର କଳା ତାଲିକାଭୁକ୍ତ କରିଥିଲେ। ପ୍ରକୃତ ଟେଣ୍ଡର ପାଇଥିବା ବ୍ୟକ୍ତି ପନେସରା ଘେସରା ନାଳ କାମ ନ କରି ଅପବାଦ ମୁଣ୍ଡାଇଥିବା ଜଣେ ଠିକାଦାରଙ୍କ ଦ୍ୱାରା କାମ କରାଇବାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଲୋଇସିଂହା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଗଜେନ୍ଦ୍ର ପ୍ରଧାନୀ କହିଛନ୍ତି, ସେତୁ ରାସ୍ତା ଦବିଯିବା ଜାଣିବା ପରେ ମଙ୍ଗଳବାର କ୍ଷେତ୍ର ପରିଦର୍ଶରେ ଯାଇଥିଲି। ବର୍ଷା ଯୋଗୁ ଏପରି ହୋଇଛି। ୫ ବର୍ଷ ମରାମତି ସମୟ ରହିଛି। ବର୍ଷା ଛାଡିଲା ପରେ ମରାମତି କରାଯିବ। ସୂଚନାଫଳକ ଲାଗିଛି। ପ୍ରକୃତ ଠିକାଦାର କାମ ନ କରି କଳା ତାଲିକାଭୁକ୍ତ ଠିକାଦାର କାମ କରିବା ସମ୍ପର୍କରେ ପଚାରିବାରୁ ତାହା ପ୍ରତ୍ୟାହାର ହୋଇଯାଇଥିବା ସେ କହିଥିଲେ।



ଦବି ଯାଇଥିବା ସେତୁ ସଂଯୋଗୀ ରାସ୍ତା।

**ଘେସରା ନାଳ ବିଜୁସେତୁ ସଂଯୋଗୀ ରାସ୍ତା ଦବିଯିବା ଘଟଣା**

- କଳା ତାଲିକାଭୁକ୍ତ ନିର୍ଦ୍ଦେଶ ପ୍ରତ୍ୟାହାର ହୋଇଛି: ଆରଡି ସହକାରୀ ଯନ୍ତ୍ରୀ

## ଶିଶୁ ସୁରକ୍ଷା କମିଟି ପ୍ରଶିକ୍ଷଣ ଶିବିର

ଲୋଇସିଂହା,୨୮।୬(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ଲୋଇସିଂହା ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ସରପଞ୍ଚ ନବକିଶୋର ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସିଡିପିଓ ଗାୟତ୍ରୀ ବାରିକ ଅତିଥିଭାବେ ଯୋଗଦେଇ ଶିଶୁ ସୁରକ୍ଷା କମିଟିର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ସ୍ୱର୍ଣ୍ଣପ୍ରଭା ନାଗ ବକ୍ତବ୍ୟ ରଖିଥିଲେ। ଶିବିରରେ ଜିଲା ପରାମର୍ଶଦାତା ପ୍ରମୋଦ ବର୍ଗର୍ତ୍ତି ଉପସ୍ଥିତ ରହି ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠନ, ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରାମ ପଞ୍ଚାୟତସ୍ତରୀୟ ବିକାଶ ଯୋଜନାର ବଜେଟ କରିବାକୁ ପ୍ରସ୍ତାବ ଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟ ଜିଲା ସମାଜିକ କର୍ମୀ ଅରୁଣ କୁମାର ଖୁଆସ ମିଶନ ବାସଲ୍ୟ ଗାଇଡଲାଇନ ଉପରେ ମତ ରଖିଥିଲେ । ପଞ୍ଚାୟତ ତଥା ବ୍ଲକ ଅଞ୍ଚଳରେ ଥିବା ୧୮ ବର୍ଷରୁ କମ୍ ଶିଶୁମାନଙ୍କ ପାଇଁ ସରକାରଙ୍କ ନିୟମ ଅନୁଯାୟୀ ରହିଥିବା ଅଧିକାର ଏବଂ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପ୍ରସଙ୍ଗ ବୈଠକରେ ଆଲୋଚିତ ହୋଇଥିଲା।

# ହିତାଧିକାରୀଙ୍କୁ ୪ମାସର ବକେୟା ଚାଉଳ ମିଳିଲା



ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଉଛି।

ଖପ୍ରାଖୋଲ,୨୮।୬(ଅଭୟ ତ୍ରିପାଠୀ)

ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଯୋଗାଣ ବିଭାଗ ତରଫରୁ ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଭାନପୁର ଗାଁର ହିତାଧିକାରୀଙ୍କୁ ଚାରି ମାସର ବକେୟା ଚାଉଳ ବୁଧବାର ଯୋଗାଣ ନିରୀକ୍ଷକଙ୍କ ତତ୍ତ୍ୱାବଧାରେରେ ବାଣ୍ଟା ଯାଇଥିଲା। ଭାନପୁର ଗାଁର ଶତାଧିକ ହିତାଧିକାରୀଙ୍କୁ ଚାଉଳ ମିଳି ନ ଥିବା ସମ୍ପର୍କରେ ଖବର ଗଣମାଧ୍ୟମରେ ପରିବେଷଣ ହୋଇଥିଲା। ଏହାପରେ ଜିଲା ଯୋଗାଣ ଅଧିକାରୀ ମିର ରାଜା ଅଲ୍ଲୀ, ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ ଗାଁକୁ ଯାଇ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ଚାଉଳ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହିତାଧିକାରୀଙ୍କୁ ଗତ ଚାରି ମାସର ଚାଉଳ ବୁଧବାର ବଣ୍ଟନ କରାଯାଇଛି ବୋଲି ବ୍ଲକ ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା ପ୍ରକାଶ କରିଛନ୍ତି। ଚାରିମାସ ଧରି ହିତାଧିକାରୀଙ୍କୁ କାହିଁକି ଚାଉଳ ବଣ୍ଟନ କରାଯାଇ ନଥିଲା ସେନେଇ କିଏ ଦାୟୀ ତାର ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

# ବେଦକୁ ଆପଣାଇଲେ ସମାଜ ସଂସ୍କାରିତ ହେବ



ଆଲୋଚନାଚକ୍ରରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଓ ଅନ୍ୟମାନେ।

ଟିଟିଲାଗଡ଼,୨୮।୬(ଶରତ ମିଶ୍ର)

ବିଶ୍ୱର ସର୍ବପ୍ରାଚୀନ ଧର୍ମଗ୍ରନ୍ଥ ବେଦ ମାନବିକତାର ଶିକ୍ଷା ପ୍ରଦାନ ସହ ମାନବକୁ ସଂସ୍କାରିତ କରିଥାଏ। ମନୁଷ୍ୟକୁ ସନାତନ ବା ସତ୍ୟ, ଧର୍ମ, ଆଧ୍ୟାତ୍ମିକତାର ଶିକ୍ଷା ପ୍ରଦାନ କରିଥାଏ। ତେବେ ବେଦକୁ ଉପେକ୍ଷା କରି କାଳକ୍ରମେ ଆଧୁନିକ ପୁରାଣ ପାଠ ସନାତନ ଧର୍ମକୁ ବହୁ ଭାଗରେ ବିଭକ୍ତ ସହ ମୂଳ ଧର୍ମ ସଂସ୍କୃତିରୁ ବିଚ୍ୟୁତ କରିଆସିଛି। ସନାତନ ଧର୍ମରେ ବିଭିନ୍ନ ମତବାଦ, ବିଭିନ୍ନ ଧର୍ମାବଲମ୍ବୀ ସୃଷ୍ଟି ହୋଇଚାଲିଛି। ଏନେଇ ପୁଣି ଥରେ ବେଦକୁ ଆପଣାଇଲେ ହିଁ ସନାତନ ଧର୍ମରେ ଐକତା ତଥା ସୁସ୍ଥ, ସୁନ୍ଦର, ସଂସ୍କାରିତ ସମାଜ ଗଠନ ହୋଇପାରିବ। ଭାରତ ବିକାଶ ପରିଷଦ ଟିଟିଲାଗଡ ଶାଖା ପକ୍ଷରୁ ସ୍ଥାନୀୟ ମହାବୀର ଧର୍ମଶାଳା ପରିସରରେ ବୁଧବାର ଅନୁଷ୍ଠିତ ବୈଦିକ ବିଚାର ଓ ପୁରାଣବାଦ ସନ୍ଦର୍ଭରେ ଆୟୋଜିତ ଆଲୋଚନାଚକ୍ରରେ ବେଦବେତ୍ତା ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଏହି ମତପ୍ରକାଶ କରିଛନ୍ତି।

ଅଧୁନା କଳୁଷିତ ମାନବ ସମାଜକୁ ବେଦବାଣୀ ହିଁ ଉଦ୍ଧାର କରିପାରିବ ବୋଲି ସ୍ୱାମୀ ଜୀ ଉପଦେଶ ଦେଇଛନ୍ତି। ପରିଷଦର ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଉମେଶ ଚନ୍ଦ୍ର ଦାଶ ପରିଚାଳନା କରିଥିଲେ। ବ୍ରହ୍ମାନନ୍ଦ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜୟପ୍ରକାଶ ବେହେରା, ଡ. ଗୋବର୍ଦ୍ଧନ ସାହୁ, ଡା. ଘନଶ୍ୟାମ ଜୈନ, ସେବକ ଚରଣ ଦାଶ, ଅଖିଳ ପଣ୍ଡା, କିଶୋର ମହାପାତ୍ର, ସୁଦେଶ ବେହେରା, ଧନଞ୍ଜୟ ବେହେରା, ଗିତାଞ୍ଜଳି ଭୋଇ, ଡା. ନରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାକାମ ଅସମ୍ପୂର୍ଣ୍ଣ, ଲୋକେ ହଇରାଣ

ଲୋଇସିଂହା,୨୮।୬(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ମହକୁମାରୁ ୧୦କିମି ଦୂର ଛେଲବାହାଲ ଗ୍ରାମକୁ ଭଲ ରାସ୍ତାନାହିଁ। ଫଳରେ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ବିଶେଷ କରି ବର୍ଷାଦିନେ ସ୍ଥିତ ସଙ୍ଗୀନ ହେଉଛି। ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ ୨ ୱାର୍ଡ ବିଶିଷ୍ଟ ଛେଲବାହାଲ ଗାଁରେ ୧ ଶହ ପରିବାର ବାସ କରୁଛନ୍ତି। ଗାଁକୁ ଯିବାକୁ ୨ଟି ପଥ ରହିଛି। ଗୋଟିଏ ହେଲା କେଉଁଟିପାଲିରୁ ଏବଂ ଅନ୍ୟଟି ଭାଲିଆମୁଣ୍ଡା ଭାୟା ଅଗଲାପାଲି। ଅଗଲାପାଲି ହରିଜନ ପଡାରୁ ସଂଯୋଗ କରୁଥିବା ରାସ୍ତା କଚା। ବର୍ଷାଦିନରେ ଏହି ରାସ୍ତାରେ ଖାଲଖମା ହୋଇଯାଇଥାଏ। କାଁଭାଁ ଏହି ରାସ୍ତାକୁ ଲୋକେ ବ୍ୟବହାର କରିଥାନ୍ତି। ପ୍ରମୁଖ ରାସ୍ତା ହେଉଛି କେଉଁଟିପାଲି। କିଛି ବର୍ଷ ପୂର୍ବରୁ କେଉଁଟିପାଲିରୁ ଭାୟା ଛେଲବାହାଲ ଦେଇ ଅଗଲାପାଲିକୁ ପ୍ରଧାନମନ୍ତ୍ରୀ ସଡକ କାମ ଆରମ୍ଭ ହୋଇଥିଲା। ଛେଲବାହାଲ ଗ୍ରାମର ପୋଖରୀ ହିଡ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଥିବାବେଳେ ପୋଖରୀ ମୁଣ୍ଡରେ ଏକ ଉଚ୍ଚ ପୋଲ କାମ ହୋଇଛି। ହେଲେ କୌଣସି କାରଣକୁ ନେଇ ଛେଲବାହାଲ ପୋଖରୀହିଡ କଂକ୍ରିଟ ରାସ୍ତା ଅସମ୍ପୂର୍ଣ୍ଣ ରହିଛି। ଏଥିଯୋଗୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷକତଳେ ଗ୍ରାମର ଜଣେ ମହିଳାଙ୍କ ପ୍ରସବ ବେଦନା ହେବାରୁ ଆମ୍ବୁଲାନ୍ସ ଡକାଯାଇଥିଲା। ହେଲେ ଶୋଚନୀୟ ରାସ୍ତା ଯୋଗୁ ପୋଖରୀ ହିଡରେ ଆମ୍ବୁଲାନ୍ସ ଯାଇ ପାରି ନ ଥିଲା। ପୋଲ ନିକଟକୁ ଖଟିଆରେ ବୁହା ହୋଇ ଆସିଥିଲେ ଗର୍ଭବତୀ। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପରେ ପ୍ରଶାସନ ତରଫରୁ ପୋଖରୀ ହିଡ ରାସ୍ତାରେ କ୍ରସର ଗୁଣ୍ଡ ପକାଯାଇଥିଲା। ହେଲେ ବର୍ଷାରେ ଏହା ଧୋଇ ହୋଇଯାଇଛି। ଗାଁକୁ ଲାଗି ସୁକତେଲ ନଦୀ ପ୍ରବାହିତ ହେଉଛି। ଉକ୍ତ ନଦୀଘାଟରୁ ବାଲି ଉଠାଣ ପାଇଁ ଦୈନିକ ଟ୍ରାକ୍ଟର ଓ ହାଇୱା ଯିବା ଆସିବା କରୁଛି। ପ୍ରଶାସନ ପକ୍ଷରୁ ରାଜସ୍ୱ ଆଦାୟ ସତ୍ତ୍ୱେ ଅଣଓସାରିଆ ଓ କଚ୍ଚା ରାସ୍ତାଭାବେ ତାହା ପଡି ରହିଛି। ଗ୍ରାମରେ ଶ୍ମଶାନଗାର ନାହିଁ। କାହାର ମୃତ୍ୟୁ ହେଲେ ନଦୀକୂଳରେ ସତ୍କାର କରାଯାଇଥାଏ। ହେଲେ ଉକ୍ତ ରାସ୍ତାରେ କୋକେଇରେ ଶବ ନେଲାବେଳେ ଏବଂ କ୍ଷେତଖଳାକୁ ଚାଷୀ ଗୋରୁ ଧରି ଗଲାବେଳେ ହଟହଟା ହେଉଥିବା ଗ୍ରାମର ସଚେତନ ଯୁବକ ଶିବାନନ୍ଦ କର୍ମୀ କହିଛନ୍ତି। ଅସମ୍ପୂର୍ଣ୍ଣ ପୋଖରୀ ହିଡ ସମ୍ପୂର୍ଣ୍ଣ ଓ ନଦୀ ରାସ୍ତା ପକ୍କା କରିବାକୁ ଦାବି କରି ନିରାଶ ହୋଇଥିବା ଗ୍ରାମବାସୀ କହିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।



ବର୍ଷା ପରେ ରାସ୍ତା କର୍ଦ୍ଦମାକ୍ତ ହୋଇଯାଇଛି।

## ସଂକ୍ଷେପରେ

### ରଥରେ ବିଜେ ହେଲେ ଚତୁର୍ଦ୍ଧା ମୂର୍ତ୍ତି

ବିନିକା,୨୮।୬(ରାମଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ସହରରେ ବାହୁଡା ଯାତ୍ରା ପାଳିତ ହୋଇଯାଇଛି । ବୁଧବାର ସନ୍ଧ୍ୟାରେ ଶ୍ରୀଜୀଉ ରଥ ଉପରେ ବିରାଜମାନ କରିଛନ୍ତି । ବରିଷ୍ଠ ସେବାୟତ ସୁଧାଂଶୁ ଶେଖର ଦାସ ଛେରାପହଁରା କରିଥିଲେ । ଘଣ୍ଟ, ଘଣ୍ଟା, ହରିବୋଲ , ହୁଳହୁଳି, ଭଜନ, କୀର୍ତ୍ତନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଗୁରୁବାର ଅପରାହ୍ନରେ ରଥଟଣା ହେବା ପାଇଁ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଫୁଲମୁଠି, ମହାଦେବପାଲି, ସିଲାଟି,ସିଂହିଯୁବା ପ୍ରଭୃତି ସ୍ଥାନରେ ବାହୁଡା ଯାତ୍ରା ପାଳିତ ହୋଇଯାଇଛି ।

### ହରଭଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡା ଯାତ୍ରା



ତଳଗାଁ,୨୮।୬(କୁନା ବେହେରା): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡା ଯାତ୍ରା ପାଳିତ ହୋଇଯାଇଛି । ବ୍ଲକର ତିଲେଶ୍ୱର ରଥଯାତ୍ରା କମିଟି ପକ୍ଷରୁ ଅନୁଷ୍ଠିତ ବାହୁଡା ଯାତ୍ରା ମହାଆଡମ୍ବର ସହକାରେ ପାଳନ କରାଯାଇଥିଲା । ଏଠାରେ ପ୍ରଥମେ ଠାକୁରଙ୍କୁ ରୀତିନୀତି ଅନୁଯାୟୀ ମଙ୍ଗଳ ଆଳତୀ, ଭକ୍ତି ଦର୍ଶନ ଓ ପହଣ୍ଡି ବିଜେ କରାଯାଇଥିବା ବେଳେ ତିଲେଶ୍ୱର ଗ୍ରାମର ଗଉଁତିଆ ବ୍ରହ୍ମାନନ୍ଦ ପ୍ରଧାନ ଛେରାପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ । ନାମ ସଂକୀର୍ତ୍ତନ, ଘଣ୍ଟ, ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନିରେ ମାଉସୀ ମା' ମନ୍ଦିର ନିକଟରୁ ରଥଟଣା ହୋଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଉକ୍ତ ରଥଯାତ୍ରାକୁ ତିଲେଶ୍ୱର ରଥ ମହୋତ୍ସବ କମିଟି ଆବାହକ ଶୁଭ୍ରଜିତ ପ୍ରଧାନ, ସଭାପତି କେଦାରେଶ୍ୱର ମିଶ୍ର, ସମ୍ପାଦକ ଅର୍ଜ୍ଜୁନ ପ୍ରଧାନ, ଟିକୁ ମହାନ୍ତି, ସରୋଜ ବେହେରା, ସିପୁନ ମିଶ୍ର, ପ୍ରଭାତ ବେହେରା, ଟିକୁ ପାଢୀ, ନାରାୟଣ ମହାନ୍ତିଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ସେହିପରି ବାହୁଡା ଯାତ୍ରାର ଧାରା ବିବରଣୀ କାର୍ଯ୍ୟକ୍ରମରେ ପୁରୋହିତ ରଞ୍ଜନ ଦାସ, ଦିଲୁ ଯୋଶୀ, ସିମୁନ ନାୟକ ପ୍ରମୁଖ ସହଯୋଗ କରିଥିଲେ । ଚାରିଛକରେ ବାହୁଡା ଯାତ୍ରାରେ ରୀତିନୀତି ଅନୁଯାୟୀ ଠାକୁରଙ୍କ ପୂଜାର୍ଚ୍ଚନା ପରେ ହରଭଙ୍ଗା ଅତିରିକ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନଙ୍କ ଦ୍ୱାରା ଛେରାପହଁରା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଯାତ୍ରାରେ ମହୋତ୍ସବ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ବ୍ଲକର ରାମଗଡ, ପୁରୁଣାକଟକ, ହରଭଙ୍ଗା, ବାଇଶିପତା, ଧଳପୁର, କୋଇଲି ସୁତା, କୁମାରୀ, ଭାପୁର, କରଞ୍ଜକଟା, କୁଶଙ୍ଗ, ସରସରା, କରଡି ଆଦି ସ୍ଥାନରେ ରଥଯାତ୍ରା କମିଟି ପକ୍ଷରୁ ରୀତିନୀତି ଅନୁସାରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଯାଇଛି । ଶାନ୍ତିଶୃଂଖଳା ରକ୍ଷା ପାଇଁ ପୁରୁଣାକଟକ, ହରଭଙ୍ଗା, ଆଡେଣୀଗଡଠାରେ ପୋଲିସ ମୁତୟନ ହୋଇଥିଲା । କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଥଣ୍ଡା ପାନୀୟ ଜଳ ବିତରଣ କରିଥିଲେ ।



ବୁଧବାର ସୁବର୍ଣ୍ଣପୁର ଜିଲାର ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

# ପାତାଳି ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା

## ଲକ୍ଷାଧିକ ଭକ୍ତଙ୍କ ସମାଗମ

ସୋନପୁର,୨୮।୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପାତାଳି ଶ୍ରୀକ୍ଷେତ୍ରରେ ବୁଧବାର ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି । ଛଲିଆ ପାହାଡ ଓ ରଥଦାଣ୍ଡରେ ଭକ୍ତ ଓ ଭଗବାନଙ୍କ ମିଳନ ଘଟିଛି । ଲକ୍ଷାଧିକ ଭକ୍ତଙ୍କ ସମାଗମରେ ନୀତିକାନ୍ତି ସହ ଏହି ଯାତ୍ରା ପାଳନ ହୋଇଛି । ମଙ୍ଗଳ ଆଳତୀ, ଖେଚୁଡି ଭୋଗ ପରେ ଆଦି ନୀତି ଓ ଶ୍ରୀ ଜୀଉ ବେଶ ହୋଇଥିଲେ । ଦେବଦଳନ ରଥରେ ସୁଦର୍ଶନଙ୍କ କ୍ଷିପ୍ର ପହଣ୍ଡି ପରେ ସକାଳେ ଧାଡି ପହଣ୍ଡିରେ ତିନି ଠାକୁର ରଥକୁ ବିଜେ କରିଥିଲେ । ତାଳଧ୍ୱଜ ରଥରେ ଶ୍ରୀବଳଭଦ୍ର, ଦେବଦଳନ ରଥରେ ମା' ସୁଭଦ୍ରା ଓ ନନ୍ଦିଘୋଷ ରଥରେ ଶ୍ରୀ ଜଗନ୍ନାଥ ରଥାରୂଢ ହୋଇଥିଲେ । କ୍ଷେମାଲୋଏର ଗୌନ୍ତିଆ ମିତ୍ରଭାନୁ ମହାକୁର ଓ ରେଡମର ଗୌନ୍ତିଆ ନରସିଂହ ପଧାନ ପହଣ୍ଡିରେ ଛେରା ପହଁରା କରିଥିଲେ । ସେହିପରି କୋଟସମଲାଇର ଗଡତ୍ୟା ଚମରା ଅମାତ ରଥରେ ଛେରା ପହଁରା କରିଥିଲେ । ଭକ୍ତମାନେ ଅପରାହ୍ନରେ ରଥକୁ ଟାଣି ଛଲିଆ ପାହାଡ ପାଦଦେଶ ପର୍ଯ୍ୟନ୍ତ ନେଇଥିଲେ । ପୁରୋହିତମାନେ ପହଣ୍ଡି ଗୀତ ଗାଇଥିଲେ । ସେବାୟତଙ୍କ ଛତି, ଛତ୍ର, ଆଳଟ, ଚାମର, ଘଣ୍ଟ, ଘଣ୍ଟା ଓ ଶଙ୍ଖ ଧ୍ୱନିରେ କମ୍ପିଥିଲା ପାତାଳି ଶ୍ରୀକ୍ଷେତ୍ରର ପରିବେଶ । ଏହି ଅବସରରେ ଛୋଟ ଛୁଆଙ୍କ ରଥ ଛୁଆଁ କାର୍ଯ୍ୟକ୍ରମ ଭକ୍ତି ଭାବ ସୃଷ୍ଟି କରିଥିଲା । ମା' ମହାଲକ୍ଷ୍ମୀ ଛଲିଆ ଶ୍ରୀମନ୍ଦିରରୁ ଗ୍ରହାଣୀ ବିଜେ କରିବା ସହ ଅଧର ଚୁମ୍ବିତ ମାଳ ସହ ପ୍ରତ୍ୟାବର୍ତ୍ତନ କରିଥିଲେ । ମହାପ୍ରଭୁ ଦୁଇ ଦିନ ରଥରେ ରହିବେ । ଆସନ୍ତା ୧ ତାରିଖରେ ଛଲିଆ ପାହାଡସ୍ଥିତ ସ୍ୱମନ୍ଦିରକୁ ବିଜେ କରିବେ ବୋଲି ଜଣାପଡିଛି । ଆରକ୍ଷୀ ବାହିନୀ ଓ ଅଗ୍ନିଶମ ବିଭାଗର କର୍ମଚାରୀ ଉପସ୍ଥିତ ରହି ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ସହଯୋଗ କରିଥିଲେ । ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବିଡିଓ କରିସ୍ମା ବେଶ୍ରା ଓ ତହସିଲଦାର ଦିଲ୍ଲିପ ମାଝୀ ରଥଟଣା ସମୟରେ ଉପସ୍ଥିତ ଥିଲେ ।

## କୃଷି ଦକ୍ଷତା ବିକାଶ କର୍ମଶାଳା

ବିନିକା,୨୮।୬(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହକାରୀ ଉଦ୍ୟାନ କୃଷି ବିଭାଗ ତରଫରୁ ବିନିକା କୃଷି କାର୍ଯ୍ୟାଳୟଠାରେ ବ୍ଲକସ୍ତରୀୟ କୃଷି ଦକ୍ଷତା ବିକାଶ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶେଷ କରି ଉଦ୍ୟାନ କୃଷିଭିତ୍ତିକ ଯୋଜନା ବିଷୟରେ ବୁଝାଯାଇଥିଲା । ବିନିକା ସହକାରୀ ଉଦ୍ୟାନ କୃଷି ଅଧିକାରୀ ତ୍ରିଦେବ ବଘାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବୈଜ୍ଞାନିକ ବିଶ୍ୱରଞ୍ଜନ ପଟ୍ଟନାୟକ ଯୋଗଦେଇ ବିଭିନ୍ନ ପ୍ରକାରର କୃଷିଭିତ୍ତିକ ଯୋଜନା ବିଷୟରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ହୃଷୀକେଶ ଦାଶ, କୃଷି ବିଭାଗର ସହକାରୀ ଯନ୍ତ୍ରୀ ବିଶ୍ୱ ବିକ୍ରମ ଭଞ୍ଜ, ବିନିକା ପ୍ରାଣୀ ଚିକିତ୍ସାଳୟ ର ଡା. କମଳ ପଧାନ, ଆତ୍ମା ଅଧ୍ୟକ୍ଷ ପ୍ରତାପ ଚାନ୍ଦ, ସହକାରୀ ମତ୍ସ୍ୟ ଅଧିକାରୀ ସଙ୍ଗୀତା କିଷାନ, ପ୍ରତିମା ମିଶ୍ର ପ୍ରମୁଖ ଯୋଗଦେଇ ନିଜ ନିଜ ବିଭାଗର କୃଷିଭିତ୍ତିକ ଯୋଜନା ଓ ତାର ଉପକାରିତା ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମର ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ । ଏଥିରେ ଉଦ୍ୟାନ କୃଷି ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## କୂଅ ଭିତରୁ ଭାଲୁ ଉଦ୍ଧାର



କୂଅ ଭିତରେ ପଡି ଯାଇଥିବା ଭାଲୁ ।

ବୌଦ୍ଧ,୨୮।୬( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁର ଗ୍ରାମ ପଞ୍ଚାୟତ ବେଲପଦର ଗ୍ରାମର ଏକ କୂଅ ଭିତରେ ଗଳି ପଡିଥିବା ଭାଲୁକୁ ବନ ବିଭାଗ କର୍ମଚାରୀମାନେ ବୁଧବାର ଉଦ୍ଧାର କରିଥିବା ଜାଣିବାକୁ ମିଳିଛି । ପ୍ରକାଶ ଯେ, ମଙ୍ଗଳବାର ରାତିରେ ବେଲପଦର ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଏକ ଭାଲୁ ଚାଲି ଆସି ଗ୍ରାମର କୃଷ୍ଣଚନ୍ଦ୍ର ମହାକୁଡଙ୍କ ଘର ପଛ ପଟେ ଥିବା କୂଅରେ ଗଳି ପଡିଥିଲା । ଭାଲୁଟି କୂଅ ଭିତରୁ ବାହାରି ପାରି ନ ଥିଲା । ଏନେଇ ବୁଧବାର ସକାଳେ ଗ୍ରାମବାସୀ ପୁରୁଣାକଟକ ବନ କର୍ମଚାରୀଙ୍କୁ ଜଣାଇଥିଲେ । ପରେ ବନ କର୍ମଚାରୀ ଚାରିଛକ ଦମକଳ ବାହିନୀ ସହାୟତାରେ ଭାଲୁକୁ କୂଅ ଭିତରରୁ ଉଦ୍ଧାର କରିଥିଲେ । ଉଦ୍ଧାର ସମୟରେ ଭାଲୁଟି ପୁରା ନାକେଦମ କରି ପକାଇଥିଲା । ତେବେ ବନ କର୍ମଚାରୀ ଜାଲ ବିଛାଇ ତାକୁ କାବୁ କରିବା ପରେ ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ । ଭାଲୁକୁ ଦେଖିବାକୁ ଅଞ୍ଚଳର ବହୁ ଲୋକଙ୍କ ସକାଳୁ ସକାଳୁ କୂଅ ପାଖରେ ଭିଡ ଜମି ରହିଥିଲା ।

## ପହଣ୍ଡି ସରିଲା, ରଥାରୂଢ ହେଲେ ତିନି ଠାକୁର

ସୋନପୁର,୨୮।୬(ମୃତ୍ୟୁଞ୍ଜୟ ଶତପଥୀ)

ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ଶେଷ ହୋଇଛି । ଏଥିପାଇଁ ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀ ଉତ୍ସବମୁଖର ହୋଇ ଉଠିଥିଲା । ବାହୁଡା ଯାତ୍ରା ପାଇଁ ମନ୍ଦିରଗୁଡିକରେ ବୁଧବାର ଦୈନିକ ପୂଜାନୀତି ସମାପନ ହୋଇଛି । ମଙ୍ଗଳାର୍ପଣ ପରେ ସନ୍ଧ୍ୟାରେ ପଣ୍ଡିତ ଓ ସେବାୟତମାନେ ଗୁଣ୍ଡିଚା ମନ୍ଦିରରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ପହଣ୍ଡି କରିଥିଲେ । ପ୍ରଥମେ ବଡଭାଇ ବଳଭଦ୍ର, ପରେ ଦେବୀ ସୁଭଦ୍ରା ଓ ଶେଷରେ ଜଗନ୍ନାଥ ପହଣ୍ଡି ହୋଇ ରଥାରୂଢ ହୋଇଛନ୍ତି । ଗଡ଼ଭିତର ଜଗନ୍ନାଥ ମନ୍ଦିରର ମହାପ୍ରଭୁଙ୍କ ପହଣ୍ଡି ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ବେଶ ଭିଡ ଜମିଥିଲା । ପରମ୍ପରା ଅନୁଯାୟୀ ଏଠାରେ ଗୁରୁବାର ରଥ ଟଣା ହେବାର କାର୍ଯ୍ୟକ୍ରମ ରହିଛି । ତେବେ ସହରର ଘୋଡାଘାଟପଡାର ଦଧିବାମନ ମନ୍ଦିର, ରାୟଗୁରୁପଡାର ବୃନ୍ଦାବନ ବିହାରୀ ମନ୍ଦିରରେ ବୁଧବାର ପହଣ୍ଡି ହୋଇ ମାଉସୀ ମା' ମନ୍ଦିରରୁ ରଥଟଣା ଆରମ୍ଭ ହୋଇ ସମ୍ପନ୍ନ ହୋଇଛି । ରାତିରେ ରୀତିନୀତି ଅନୁଯାୟୀ ମହାପ୍ରଭୁ ମନ୍ଦିରକୁ ବିଜେ କରିଛନ୍ତି । ଦେବୋତ୍ତର ବିଭାଗ ଓ ରଥଯାତ୍ରା କମିଟି ପକ୍ଷରୁ ନୀତି ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ ହୋଇଥିଲେ ।





ସୋନପୁର ଗଡଭିତରରେ ବଳଭଦ୍ରଙ୍କ ପହଣ୍ଡି । ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଜଗନ୍ନାଥଙ୍କୁ ପହଣ୍ଡି କରାଯାଉଛି ।

## ବୌଦ୍ଧ ୟୁନିୟନ ଅଫ ଜର୍ନାଲିଷ୍ଟ ପକ୍ଷରୁ ଦାବିପତ୍ର ପ୍ରଦାନ

ବୌଦ୍ଧ,୨୭।୬(ଅଜିତ କୁମାର ବାରିକ)

ରାଜ୍ୟରେ ସାମ୍ବାଦିକଙ୍କ ସୁରକ୍ଷା ସମେତ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ବୌଦ୍ଧ ୟୁନିୟନ ଅଫ ଜର୍ନାଲିଷ୍ଟ ପକ୍ଷରୁ ଏକ ୧୧ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ବୌଦ୍ଧ ୟୁନିୟନ ଅଫ ଜର୍ନାଲିଷ୍ଟ ସଭାପତି ନରେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଯାଇ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଗ୍ରହଣ କରିଥିଲେ । ଦାବିପତ୍ରରେ ମହାରାଷ୍ଟ୍ର ଓ ଛତିଶଗଡ ଢାଞ୍ଚାରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ରାଶିକୁ ୧୦ ଲକ୍ଷକୁ ବୃଦ୍ଧି କରିବା ସହିତ ଚିକତ୍ସାର ସମସ୍ତ ଖର୍ଚ୍ଚ ବୀମା ଅର୍ଥରୁ ଭରଣା କରିବା, ୧୫ବର୍ଷରୁ ଅଧିକ ବର୍ଷ ଧରି କାର୍ଯ୍ୟ କରିଥିବା ସାମ୍ବାଦିକମାନେ କୌଣସି କାରଣରୁ କାମ କରି ପାରୁନାହାନ୍ତି ସେମାନଙ୍କୁ ସାମ୍ବାଦିକ କଲ୍ୟାଣ ଯୋଜନାରୁ ବାଦ ଦିଆ ନ ଯାଉ, ସାମ୍ବାଦିକଙ୍କ ବିୟୋଗରେ ତାଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ସହାୟତା, ଭୁବନେଶ୍ୱର ଓ କଟକରେ ସାମ୍ବାଦିକ ଅତିଥି ଭବନ ନିର୍ମାଣ ଆଦି ଦାବି କରାଯାଇଥିଲା । ୟୁନିୟନର ସମ୍ପାଦକ ଦୁର୍ଯ୍ୟୋଧନ ବିଶି, ସମରେଶ ମିଶ୍ର, ଶମ୍ଭୁ ପ୍ରସାଦ ମିଶ୍ର, ରଘୁନାଥ ଷଡଙ୍ଗୀ, ଆଶୁତୋଷ ଦାସ, ଶଙ୍କର ପ୍ରସାଦ ମିଶ୍ର, ଅକ୍ଷୟ ମହାକୁଡ ପ୍ରମୁଖ ସାମିଲ ଥିଲେ । ।

## ମିଶନ ଶକ୍ତି କାଫେ ଖୋଲିବା ନେଇ ପ୍ରସ୍ତୁତି ବୈଠକ

ଅମରପାଲି,୨୮।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ମିଶନ ଶକ୍ତି କାଫେ ଖୋଲିବା ପାଇଁ ଏକ ପ୍ରସ୍ତୁତି ବୈଠକ ବିଡିଓଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁରଙ୍କ ଉପସ୍ଥିତିରେ ଉକ୍ତ ବୈଠକ ହୋଇଥିଲା । ବୈଠକରେ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ ଏବଂ କାଫେ ଦାୟିତ୍ୱରେ ଥିବା ମହିଳା ମହାସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ କାଫେ ଖୋଲିବା ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ରାଜ୍ୟ ସରକାର ମହିଳା ସଶକ୍ତିକରଣ କରିବା ପାଇଁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ଗୁରୁତ୍ୱ ଦେଉଛନ୍ତି । ଏହି କ୍ରମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ନେଇ ମିଶନ ଶକ୍ତି କାଫେ ଖୋଲି ଦାୟିତ୍ୱ ଦିଆଯାଉଛି । କାଫେରେ ଜଳଖିଆ, ଚା ଏବଂ ମିଲ୍ସ ଆଦି ପ୍ରସ୍ତୁତ କରିବା ନେଇ ଆଲୋଚନା ହୋଇଥିଲା । ବୈଠକରେ ମହାସଂଘର ସଭାନେତ୍ରୀ ସସ୍ମିତା ଦାସ ଓ ସମ୍ପାଦିକା ମମତା ସାହୁଙ୍କ ସମେତ ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ । ଉକ୍ତ ମିଶନ କାଫେ ନବନିର୍ମିତ ବସଷ୍ଟାଣ୍ଡ ଭିତରେ ଥିବା ଷ୍ଟଲରେ ଖୋଲାଯିବ ବୋଲି ଜଣାଯାଇଛି ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଅମରପାଲି,୨୮।୬ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ବିମଳେନ୍ଦୁ ରାୟ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢ଼ୀ ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ବନ୍ଧୀୟ ୯୦ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୮୪ଟି ବ୍ୟକ୍ତିଗତ ଓ ୬ ଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ୧୮ ଅଭିଯୋଗର ତତ୍କାଳ ସମାଧାନ ହୋଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି । ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱ ରଞ୍ଜନ ପତି ,ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ସିଏସଓ ସୁରେଶ ପାଣିଗ୍ରାହୀ, ଶିଶୁ ସୁରକ୍ଷା ଅଧିକାରୀ ବିଜୟ କୁମାର ବିଶାଳ, ଜିଲା ଶ୍ରମ ଅଧିକାରୀ ଡିଲେଶର ଖାକା, ଜିଲା ପଞ୍ଚାୟତ ଅଧିକାରୀଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ । ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଡ଼ୋଲାମଣି ଭୋଇ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ତହସିଲଦାର ବିବୁଧ ଗଡ଼ନାୟକ, ଅତିରିକ୍ତ ତହସିଲଦାର ଏସ.କେ. ପଣ୍ଡା, ବିଭିନ୍ନ ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଶିବିରରେ ଯୋଗଦାନ କରିଥିଲେ ।

## ଜିଲାପାଳଙ୍କୁ ଓଡ଼ିଶା ଅଣଗେଜେଟେଡ ବନସେବା ସଂଘର ଦାବିପତ୍ର

ବୌଦ୍ଧ,୨୮।୬(ଅଜିତ କୁମାର ବାରିକ)

ଓଡ଼ିଶା ଅଣଗେଜେଟେଡ ବନସେବା ସଂଘ ବୌଦ୍ଧ ଜିଲା ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ବୌଦ୍ଧ ଜିଲା ସଭାପତି ପ୍ରସନ୍ନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲାର ସମସ୍ତ ଅଣଗେଜେଟେଡ ବନ କର୍ମଚାରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ । ପରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ରରେ ରାଜ୍ୟର ୫୦ଟି ସ୍ଥାନରେ ସ୍ୱତନ୍ତ୍ର ଷ୍ଟ୍ରାଇକିଙ୍ଗ ଫୋର୍ସ ଗଠନ, ବନ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର କଲ୍ୟାଣ ପାଣ୍ଠି ଗଠନ, ବିଟ, ସେକ୍ସନ, ରେଞ୍ଜର ଡିଭିଜନ, ମୃତ୍ୟୁକାଳୀନ କ୍ଷତିପୂରଣ ଆଦି ଦାବି ଉଲ୍ଲେଖ ରହିଛି । ଦାବିପତ୍ର ପ୍ରଦାନ ସମୟରେ ସମ୍ପାଦକ ସୁବ୍ରତ ପ୍ରଧାନ, ଉପଦେଷ୍ଟା ଜିତେନ୍ଦ୍ର ମିଶ୍ର, କେନ୍ଦୁପତ୍ର ଡିଭିଜନ ସଭାପତି ଆର୍ତ୍ତତ୍ରାଣ ମିର୍ଦ୍ଧା, ସଂପାଦକ ଲାଲାକ୍ରିଷ୍ଣା ସାହୁ, ଯୁଗ୍ମ ସଂପାଦକ ମାନସ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ ସାହୁ, ରଞ୍ଜିତ ପ୍ରଧାନଙ୍କ ସମେତ ସମସ୍ତ ବନ କର୍ମଚାରୀ ସାମିଲ ଥିଲେ ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବନ କର୍ମଚାରୀ

# ମନ୍ଦିର ବାହୁଡ଼ିଲେ ଠାକୁର

ବୌଦ୍ଧ,୨୮।୬(ଅଜିତ କୁମାର ବାରିକ)

ଗଡଜାତ ବୌଦ୍ଧରେ ବୁଧବାର ଦିନ ଧୁମଧାମରେ ବାହୁଡା ଯାତ୍ରା ପାଳିତ ହୋଇଛି । ସକାଳୁ ସାମାନ୍ୟ ବର୍ଷା ହୋଇଥିବା ବେଳେ ଅପରାହ୍ନରେ ପାଗ ପୁରା ଶୁଖିଲା ରହିଥିଲା । ଫଳରେ ବାହୁଡା ଯାତ୍ରା ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା । ନଅ ଦିନର ଲୀଳା ଖେଳା ପରେ ପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କ ସହ ନିଜ ମନ୍ଦିରକୁ ବାହୁଡିଛନ୍ତି । ମାଉସୀ ମା' ମନ୍ଦିରରେ ସକାଳ ନୀତିକାନ୍ତି ପରେ ତିନି ଠାକୁରଙ୍କୁ ସ୍ୱତନ୍ତ୍ର ବେଶ କରାଯାଇଥିଲା । ଅପରାହ୍ନରେ ବ୍ରାହ୍ମଣସେବକମାନଙ୍କ ଦ୍ୱାରା ତିନି ଠାକୁରଙ୍କୁ ମନ୍ଦିରରୁ ବାହାରକୁ ଅଣାଯାଇ ଗୋଟି ପହଣ୍ଡିରେ ନିଆଯାଇଥିଲା । ଏହି ସମୟରେ ଭକ୍ତମାନଙ୍କ ଦ୍ୱାରା ବଡଦାଣ୍ଡର ବିଭିନ୍ନ ସ୍ଥାନରେ ପରମ୍ପରା ମୁତାବକ ବାଟଭୋଗ ସବୁ ଲାଗି କରାଯାଇଥିଲା । ବ୍ରାହ୍ମଣସେବକଙ୍କ କାନ୍ଧରେ ତିନିଠାକୁର ଝୁଲି ଝୁଲି ପହଣ୍ଡି ଯାତ୍ରାରେ ଯିବା ବେଳେ ସଂକୀର୍ତ୍ତନ, ଘଣ୍ଟ, ଶଙ୍ଖ ନାଦରେ ପୁରା ବଡଦାଣ୍ଡ କମ୍ପି ଉଠିଥିଲା । ଠାକୁରମାନଙ୍କୁ ରଥାରୁଢ କରାଯିବା ପରେ ପରମ୍ପରା ଅନୁଯାୟୀ ଛେରାପହଁରା ନୀତି ହୋଇ ଶିଶୁମାନଙ୍କ ରଥ ଛୁଆଁ ହୋଇଥିଲା। ପାଗ ଅନୁକୂଳ ଥିବାରୁ ହଜାର ହଜାର ଭକ୍ତ ରଥାରୁଢ ତିନି ଠାକୁରଙ୍କୁ ଦର୍ଶନ କରିବା ସହ ରଥ ଟାଣିଥିଲେ । ସେହିପରି ସହରର ପୋଡା ପୋଡା ହରିଗୁଡି ରଥରେ ତିନି ଠାକୁର ରଥାରୁଢ ହେବା ପରେ ପରମ୍ପରା ଅନୁଯାୟୀ ମହିଳାମାନେ ରଥ ଟାଣିଥିଲେ । ଜିଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଧାରା ବିବରଣୀ ପ୍ରଦାନ କରାଯାଇଥିଲା । ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ବାହୁଡା ଯାତ୍ରାର ବିଭିନ୍ନ କାର୍ଯ୍ୟ ତଦାରଖ କରିବା ସହିତ ରଥ ଟାଣିଥିଲେ । ଜନଗହଳିକୁ ଦୃଷ୍ଟିରେ ରଖି ଜିଲା ପୋଲିସ ମୁତୟନ କରାଯାଇଥିଲା । ରଥଯାତ୍ରା ଭଳି ବାହୁଡାଯାତ୍ରାରେ ସକାଳୁ ପହଣ୍ଡି ଆରମ୍ଭ କରାଯାଇ ଠିକ୍ ସମୟରେ ରଥଟଣା ହେଲେ ବହୁ ଭକ୍ତ ରଥାରୁଢ ଠାକୁରଙ୍କ ଦର୍ଶନ କରିପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।



ବୌଦ୍ଧରେ ଠାକୁରଙ୍କୁ ପହଣ୍ଡି କରାଯାଉଛି ।

# ଶ୍ରୀମନ୍ଦିର ବାହୁଡ଼ିଲେ ମହାବାହୁ

ରାଉରକେଲ,୨୮।୬(ଦିନେଶ ମିଶ୍ର)


ଭକ୍ତମାନଙ୍କ ଗହଣରେ ସୁଭଦ୍ରାଙ୍କ ରଥ।

ରାଉରକେଲାରେ ମହାପ୍ରଭୁଙ୍କ ବାହାଡା ଯାତ୍ରା ବୁଧବାର ଧୁମଧାମରେ ପାଳିତ ହୋଇଛି। ଏହି କ୍ରମରେ ପ୍ଲାଣ୍ଟସାଇଟ ସ୍ଥିତ ଜଗନ୍ନାଥ ଡେଭଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ ଦଇତାପତି ପ୍ରସନ୍ନ ସେନାପତି ଓ ଗୋପିନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବାହୁଡା ଯାତ୍ରା ପାଳିତ ହୋଇଥିଲା। ପାୱାରହାଉସ ରୋଡ ସ୍ଥିତ ମାଉସୀ ମନ୍ଦିର ପରିସରରେ ଅପରାହ୍ନ ସାଢେ ୩ଟାରେ ରାଜା ଚିତ୍ତରଞ୍ଜନ ରାଉତ ଛେରାପହଁରା କରିବା ପରେ ରଥ ଟଣାଯାଇ ପ୍ଲାଣ୍ଟସାଇଟ ଜଗନ୍ନାଥ ମନ୍ଦିର ସମ୍ମୁଖକୁ ଅଣାଯାଇଥିଲା। ପଞ୍ଚଦେବ କଲଚରାଲ ଟ୍ରଷ୍ଟ ପକ୍ଷରୁ ଦଇତାପତି ମହେଶ୍ୱର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବାହୁଡା ଯାତ୍ରା ହୋଇଥିଲା। ବିଜୟ କୁମାର ପ୍ରଧାନ ଛେରାପହରା କରିବା ପରେ ରଥଟଣା ହୋଇ ଉଦିତନଗର ସ୍ଥିତ ଜଗନ୍ନାଥ ମନ୍ଦିର ନିକଟକୁ ଯାଇଥିଲା। ସେହିପରି ଛେଣ୍ଡ ସ୍ଥିତ ଦେବ ବିହାର ମନ୍ଦିର ସେବା ସମିତି ପକ୍ଷରୁ ସଭାପତି ଅଭୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। ରମେଶ କୁମାର ଜେନା ଛେରାପହଁରା କରିବା ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ତିନି ରଥରେ ବସାଇ ଟଣାଯାଇଥିଲା। ଏହି ରଥ କଳିଙ୍ଗ ବିହାର ସ୍ଥିତ ଉମାଶଙ୍କର ପୀଠରୁ ବାହାରି ଛେଣ୍ଡ ସ୍ଥିତ ଦେବ ବିହାର ଜଗନାଥ ମନ୍ଦିର ପରିସରକୁ ଅଣାଯାଇଥିଲା। ନୀଳାଚଳ ଜଗନ୍ନାଥ ମନ୍ଦିର କମିଟି ଛେଣ୍ଡ ପକ୍ଷରୁ ସାଧାରଣ ସମ୍ପାଦକ ଜେଣ୍ଟଲ ପରିଡାଙ୍କ ଅଧ୍ୟକ୍ଷତାରେ ବାହୁଡା ଯାତ୍ରା ପାଳନ କରାଯାଇଥିଲା। ପଣ୍ଡିତ ନାରାୟଣ ପ୍ରାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହି ରଥ ଭିଏସ୍ଏସ୍ ମାର୍କେଟ ସ୍ଥିତ ମାଉସୀ ମା ମନ୍ଦିର ପରିସରରୁ ବାହାରି ନୀଳାଚଳ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ମାଲଗୋଦାମ ସ୍ଥିତ ମାଉସୀ ମା' ମନ୍ଦିର ପରିସରରୁ ବାସନ୍ତୀ କଲୋନୀ ଜଗନ୍ନାଥ ମନ୍ଦିର ରଥ ଟଣାଯାଇଥିଲା। ଦଇତାପତି ରବୀନ୍ଦ୍ର ମୋହନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବାହୁଡା ଯାତ୍ରା ପାଳିତ ହୋଇଥିଲା। ଡ. ଗୋପବନ୍ଧୁ ବଳ ଛେରାପହରା କରିବା ପରେ ଶତାଧିକ ଶ୍ରଦ୍ଧାଳୁ ରଥ ଟାଣିଥିଲେ। ସେହିପରି ନୀଳକଣ୍ଠେଶ୍ୱର ସେବା ଟ୍ରଷ୍ଟ ଓ ପରିଚାଳନା କମିଟି ପକ୍ଷରୁ ବାହୁଡା ଯାତ୍ରା ଶେଷ ହୋଇଛି। କୋଏଲନଗର ସ୍ଥିତ ସି ବ୍ଲକ ଜଗନ୍ନାଥ ମନ୍ଦିର ରଥ ମହାପାତ୍ର କମିଟି ନିକଟରେ ଥିବା ଗୁଣ୍ଡିଚା ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତି ରଥରେ ବସି ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଠାକୁର ରାଜା ମଧୁସୂଦନ ମହାପାତ୍ର ଛେରାପହରା କରିବା ପରେ ଅପରାହ୍ନ ୪ଟା ସମୟରେ ରଥଟଣା ଯାଇଥିଲା।

## ରଥଖଳାରେ ପହଞ୍ଚିଲେ ଶ୍ରୀଜୀଉ

ରାଉରକେଲା (ସଙ୍ଗୀତା ଜେନା)

**ଇସ୍ପାତ ସହରରେ ବାହୁଡ଼ା ଯାତ୍ରା**

ଇସ୍ପାତ ସହର ରାଉରକେଲାରେ ଶ୍ରୀ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ବୁଧବାର ମହାସମାରୋହରରେ ପାଳିତ ହୋଇଛି। ଏହି ଅବସରରେ ସେକ୍ଟର-୩ ଶ୍ରୀ ଶ୍ରୀ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ପକ୍ଷରୁ ଆୟୋଜିତ ବାହୁଡ଼ା ଯାତ୍ରାରେ ଆର୍‌ଏସ୍‌ପି ଡିଆଇସି ଅତନୁ ଭୌମିକ ଠାକୁରରାଜା ଭାବେ ସେକ୍ଟର-୫ ସ୍ଥିତ ଗୁଣ୍ଡିଚା ମନ୍ଦିର ଯାଇ ରଥରେ ଛେରାପହଁରା କରିଥିଲେ। ବଡ଼ପଣ୍ଡା ତ୍ରିନାଥ ପାଢୀଙ୍କ ତତ୍ତ୍ୱାବଧାନରେ ରଥ ଟଣାଯାଇ ସନ୍ଧ୍ୟା ସାଢ଼େ ୭ଟାରେ ସେକ୍ଟର-୩ ସ୍ଥିତ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ରଥଖଳାରେ ପହଞ୍ଚିଥିଲା। ମନ୍ଦିର ଟ୍ରଷ୍ଟି ଗିରିଜା ଶଙ୍କର ଦ୍ୱିବେଦୀ, ମିତ୍ରଭାନୁ ପଣ୍ଡା, ସୁଶାନ୍ତ ତ୍ରିପାଠୀ, ସୁଧୀରସୁନ୍ଦର ରାୟ, ରଜତ ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କୋଏଲନଗର ସ୍ଥିତ ଏ ବ୍ଲକ ବାହୁଡ଼ା ଯାତ୍ରାରେ ପାନପୋଷ ଉପଜିଲ୍ଲାପାଳ ଅଭିମନ୍ୟୁ ମାଝୀ ଛେରାପହଁରା କରିଥିଲେ। ସେକ୍ଟର-୨୦ ସୋମନାଥ ମନ୍ଦିର ସ୍ଥିତ ଗୁଣ୍ଡିଚା ମନ୍ଦିରର ବରିଷ୍ଠ ଦଇତାପତି ବିପ୍ରଚରଣ ଦାସ, ଗୋକୁଳ ଚକ୍ରବର୍ତ୍ତୀ, ଆଲୋକ ମଲ୍ଲିକ, ଅମୂଲ୍ୟ ମିଶ୍ର, ମନୋଜ ପଣ୍ଡା, ବ୍ରଜେନ୍ଦ୍ର ଦାସ, ରବି ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟା ୬ଟାରେ କୋଏଲନଗର ରଥଖଳାରେ ରଥଗୁଡ଼ିକ ପହଞ୍ଚିଥିଲା। କୋଏଲନଗର ସି ବ୍ଲକରେ ଆୟୋଜିତ ରଥଯାତ୍ରାରେ ମଧ୍ୟାହ୍ନ ୧୨ଟାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି କରାଯାଇଥିଲା। ଠାକୁର ରାଜା ମଧୁସୂଦନ ମହାପାତ୍ର ଛେରାପହଁରା କରିଥିଲେ। ସନ୍ଧ୍ୟା ୬ଟାରେ ରଥ ମନ୍ଦିରରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ନୀଳକଣ୍ଠେଶ୍ୱର ସେବା ଟ୍ରଷ୍ଟ ଓ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ସେହିପରି ସେକ୍ଟର-୨୧ ଗୁଣ୍ଡିଚା ମନ୍ଦିରରୁ ମହାପ୍ରଭୁ ରଥରେ ବସି ନୟାବଜାର ସ୍ଥିତ ଜଗନ୍ନାଥ ମନ୍ଦିରକୁ ଫେରିଥିଲେ। ଅପରାହ୍ନ ସାଢ଼େ ୪ଟାରେ ପହଣ୍ଡି ଓ ଠାକୁର ରାଜା ସନ୍ତୋଷ ନାୟକ ଛେରାପହଁରା କରିବା ପରେ ରଥଟଣା ଯାଇଥିଲା। ମନ୍ଦିର କମିଟି ସଭାପତି ପଞ୍ଚାନନ ରଥ, କାର୍ଯ୍ୟକାରୀ ସଭାପତି ନୀଳକଣ୍ଠ ପରିଡ଼ା, ସାଧାରଣ ସମ୍ପାଦକ ଡା. ଅନୀଲ ଜେନା, ସମ୍ପାଦକ ଜ୍ଞାନେନ୍ଦ୍ର ଜେନା, ମୀନକେତନ ନାୟକ, ମନୁଚରଣ ମହାଳିକ ପ୍ରମୁଖ ସହଯୋଗ କରିଥିଲେ। ସେକ୍ଟର-୬, ଦକ୍ଷିଣ ରାଉରକେଲା ସମେତ ବିଭିନ୍ନ ଅଞ୍ଚଳରେ ବାହୁଡ଼ା ଅନୁଷ୍ଠିତ ହୋଇଥିଲା।


ବିଶ୍ରା ଛକ ମୁଖ୍ୟରାସ୍ତାରେ କୁନି ରଥରେ ଶ୍ରୀଜୀଉ।

## କୁନିରଥରେ ଚତୁର୍ଦ୍ଧାମୂର୍ତ୍ତି

ରାଉରକେଲା,୨୮।୬(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ପ୍ଲାଣ୍ଟସାଇଟ୍ ଅଞ୍ଚଳରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଇତିସ୍ମିତା ରାଓ, ଶ୍ରାବଣୀ ଜେନା, ସନ୍ଧ୍ୟାରାଣୀ ଖୁଣ୍ଟିଆ, ରଶ୍ମିତା ଜେନା, ଅଂଶୁମାନ ମହାକୁର ଓ ମୁକେଶ କୁମାର ଖୁଣ୍ଟିଆ ପ୍ରମୁଖ କୁନି କୁନି ବାଳିକା ବାଳକମାନେ ଏକ ସୁସଜ୍ଜିତ ରଥରେ ଶ୍ରୀଜୀଉଙ୍କୁ ବସାଇ ପ୍ଲାଣ୍ଟସାଇଟ ଥାନାରୁ ଟ୍ରାଫିକ୍ ଗେଟ୍ ପର୍ଯ୍ୟନ୍ତ ରଥ ଟାଣିଥିଲେ। ଏହି କୁନି ପିଲାମାନେ ୨ବର୍ଷ ହେଲା ରଥଯାତ୍ରା ପାଳନ କରିଆସୁଥିବା କହିଛନ୍ତି।


ଭକ୍ତମାନେ ଶ୍ରୀଜୀଉଙ୍କ ରଥକୁ ଟାଣି ନେଉଛନ୍ତି।

## ଝାଡ଼ଖଣ୍ଡର ୨ ଅଭିଯୁକ୍ତ ରାଉରକେଲାରୁ ଗିରଫ

ରାଉରକେଲା,୨୮।୬(ସଙ୍ଗୀତା ଜେନା)

ଝାଡ଼ଖଣ୍ଡ ଗୁମଲା ଥାନା ଅଞ୍ଚଳରେ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୨ଅଭିଯୁକ୍ତଙ୍କୁ ରାଉରକେଲା ରେଲୱେ ପୋଲିସ ବୁଧବାର କାବୁ କରିଛି। ତଦନ୍ତ ପରେ ଉଭୟ ଅଭିଯୁକ୍ତଙ୍କୁ ଗୁମଲା ଥାନାଧିକାରୀ ଏ. କେ. ପାଣ୍ଡେଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ବିଭିନ୍ନ ଆପରାଧିକ ମାମଲାରେ ଦୁହିଁଙ୍କ ସମ୍ପୃକ୍ତି ଥିବାରୁ ଦୀର୍ଘଦିନରୁ ସେମାନେ ଫେରାର ଥିଲେ। ପୂର୍ବରୁ ସେମାନଙ୍କ ନାଁରେ ଗୁମଲା ଥାନାରେ (ନଂ.୨।୨୨) ରୁଜୁ ହୋଇଥିଲା। ସେମାନେ ଟ୍ରେନ ଯୋଗେ ରାଉରକେଲା ଆସୁଥିବା ରେଲୱେ ସୁରକ୍ଷାବଳକୁ ସୂଚନା ମିଳିଥିଲା। ଏହି ସୂଚନାକୁ ଆଧାର କରି ଯାଞ୍ଚ କରାଯିବା ପରେ ମଙ୍ଗଳବାର ରାତିରେ ଉଭୟଙ୍କୁ ଧରାଯାଇଥିଲା।

## ୨୪୩ ଛାତ୍ରୀଛାତ୍ରଙ୍କୁ ୫ ଶିକ୍ଷକ

ରାଉରକେଲା,୨୮।୬(ବିପ୍ଲବ ରଞ୍ଜନ ଦାଶ)

**ସମସ୍ୟାରେ ରଘୁନାଥପାଲ୍ଲୀ ଉ.ପ୍ରା. ସ୍କୁଲ**

ରାଉରକେଲା ପାନପୋଷ ରଘୁନାଥପାଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠାର ୬୩ ବର୍ଷ ପରେ ମଧ ନାନା ସମସ୍ୟା ଦେଇ ଗତି କରୁଛି। ଶିକ୍ଷକ, ପାଇଖାନା, ପାଚେରି ସମସ୍ୟା ଯୋଗୁ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ପଡିଥିବା ଅଭିଯୋଗ ହୋଇଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ।

ସୂଚନା ଅନୁସାରେ, ରଘୁନାଥପାଲ୍ଲୀ ଉ.ପ୍ରା. ସ୍କୁଲରେ ୧ମରୁ ୮ମ ଶ୍ରେଣୀ ଥିବାବେଳେ ୮ ଶିକ୍ଷକ ବଦଳରେ ୫ଜଣରେ ପାଠପଢା ଚାଲିଛି। ଫଳରେ ପିଲାମାନଙ୍କୁ ଠିକ୍ ଭାବେ ଶିକ୍ଷାଦାନ କରାଯାଇପାରୁନାହିଁ। ସ୍କୁଲରୁ ବାରମ୍ବାର କମ୍ପ୍ୟୁଟର ସାମଗ୍ରୀ, ଷ୍ଟ୍ରିଟ୍ ଲାଇଟ୍ ସହ ଆନୁଷଙ୍ଗିକ ସାମଗ୍ରୀ ଚୋରି ହେଉଛି। ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ୨ଟି ପାଇଖାନା ବ୍ୟବହାର ଉପଯୋଗୀ ରହିନାହିଁ। ଏଥିସହିତ ସ୍କୁଲରେ ଡ୍ରେନେଜ ସମସ୍ୟା ମଧ ରହିଛି। ଠିକାସଂସ୍ଥା ସ୍କୁଲ ପରିସରରେ ମାସ ମାସ ଧରି ସିମେଣ୍ଟ, ଛଡ ଓ ବାଲି ଆଦି ଗଛିତ ରଖିଥିବାରୁ ପିଲାମାନଙ୍କ ଖେଳକୁଦରେ ଅସୁବିଧା ହେଉଛି। ଉକ୍ତ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀ ଅଳୀ ଓଝା କୁହନ୍ତି, ସ୍କୁଲରେ ଯାହାସବୁ ଗଛ ରୋପଣ କରିଥିଲୁ ତାହା ପୋତି ଦିଆଯାଇଛି। ଏଥିସହ ସ୍କୁଲରେ ବାରମ୍ବାର ଚୋରି ହେଉଛି। ସ୍କୁଲରେ ଡ୍ରେନେଜ ସମସ୍ୟା ଯୋଗୁ ପାଣି ଜମିରହୁଛି। ପାଚେରିକୁ ଉଚ୍ଚ କରାଯାଉନି। ଫଳରେ ଖଳପ୍ରକୃତି ଲୋକ ସ୍କୁଲକୁ ପଶୁଛନ୍ତି। ଫଳରେ ବିଦ୍ୟାଳୟରେ ପାଠ ପଢିବା ଛାତ୍ରୀମାନଙ୍କ ପାଇଁ ସମସ୍ୟା ହେଉଛି। ସେହିପରି ୮ମ ଶ୍ରେଣୀ ଛାତ୍ର ଆୟୁଷ ମଣ୍ଡଳ କୁହନ୍ତି, ଆମ ସ୍କୁଲରେ ବାରମ୍ବାର ଚୋରି ହେଉଛି। ଶିକ୍ଷକ ସଂଖ୍ୟା ମଧ କମ୍। ଏଥିସହ ସ୍କୁଲ ପରିବେଶ ବିପର୍ଯ୍ୟସ୍ତ। ଏମିତିରେ ପାଠ ପଢିବା ସମସ୍ୟା ହେଉଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଅପର୍ଣ୍ଣା ସାମଲଙ୍କୁ ପଚାରିବାରୁ ସେ କହିଲେ, ସ୍କୁଲ ସମସ୍ୟା ନେଇ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରୁଛୁ। ସମସ୍ତେ ସ୍କୁଲର ସମସ୍ୟା ତୁରନ୍ତ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି ବୋଲି ସେ କହିଥିଲେ। ଏ ନେଇ ରାଉରକେଲା ଉପଜିଲାପାଳ ଅଭିମନ୍ୟୁ ମାଝୀଙ୍କୁ ପଚାରିବାରୁ ସେ କହିଲେ, ସ୍କୁଲ ସମସ୍ୟା ଉପରେ ରାଉରକେଲା ମହାନଗର ନିଗମକୁ ଅବଗତ କରାଯିବ। ତୁରନ୍ତ ଯେଭଳି ସ୍କୁଲ ପାରିପାର୍ଶ୍ୱିକ ପରିବେଶ ଉତ୍କୃଷ୍ଟ ହେବ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ବିଶ୍ରା ଛକରେ ସିଆଇଟିୟୁର ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା ,୨୮।୬(ସଙ୍ଗୀତା ଜେନା)

ଏସ୍‌ଡବ୍ଲ୍ୟୁଏଫ୍ଆଇ ଆହ୍ୱାନରେ ସମସ୍ତ ଇସ୍ପାତ ଉଦ୍ୟୋଗରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କ୍ରମରେ ରାଉରକେଲା ବିଶ୍ରା ଛକରେ ସିଆଇଟିୟୁ ସର୍ବଭାରତୀୟ ଉପାଧ୍ୟକ୍ଷ ତଥା ବରିଷ୍ଠ ଏନ୍‌ଜେସିସ୍ ସଭ୍ୟ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆସନ୍ତା ଜୁଲାଇ ୬ ତାରିଖରେ ଏନ୍‌ଜେସିଏସ୍ ଠିକାଶ୍ରମିକ ସବ୍‌କମିଟିରେ ଠିକା ଶ୍ରମିକଙ୍କ ଦାବି ପୂରଣ ସହ ତୁରନ୍ତ ଏନ୍‌ଜେସିଏସ୍ ଡାକି ମଜୁରୀ ଚୁକ୍ତିନାମା ଶେଷ କରିବାକୁ କୁହାଯାଇଥିଲା। ୩୯ ମାସ ଏରିୟର ପ୍ରଦାନ, ରିୱାର୍ଡ଼ ବୋନସ ପ୍ରଦାନ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଇସ୍ପାତ ଶ୍ରମିକ ଏକ ହୋଇ ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକାରୀ ସଭାପତି ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ବସନ୍ତ ନାୟକ, ବିମାନ ମାଇତି, ରତ୍ନାକର ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ୱଜିତ ମାଝୀ, ପ୍ରଭାତ ମହାନ୍ତି, ପି. କେ. ଷଡଙ୍ଗୀ, ଜେ. ଘୋଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୂତନ ସୃଜନୀ ଯୋଜନା, ଆପ୍‌ର ଶୁଭାରମ୍ଭ

ରାଉରକେଲା,୨୮।୬(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଇଡି (ୱାର୍କସ) ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ ନୂତନ ସୃଜନୀ ଯୋଜନା ଏବଂ ସୃଜନୀ ଆପ୍‌ର ଶୁଭାରମ୍ଭ କରିଛନ୍ତି। ଉତ୍ସବରେ ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡା. ବି. କେ. ହୋତା ଓ ଖଣି ବିଭାଗର ସିଜିଏମ ଇନଚାର୍ଜ ପି. କେ. ରଥ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ସୂର୍ଯ୍ୟବଂଶୀ ସି ଏଣ୍ଡ ଆଇଟି ବିଭାଗର ଜୁନିୟର ଅଧିକାରୀ ଆର. କେ. ସାବତ, ଆଇଇଡି ବିଭାଗ ଡିପିଓ ଏ. ରୟ ଓ ଏସ୍ଏସ୍‌ଡବ୍ଲ୍ୟୁ ଏ. କୁଜୁରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସିଜିଏମ ବି. କେ. ବେହେରା ନୂତନ ସୃଜନୀ ଯୋଜନା ଉପରେ ସଂକ୍ଷିପ୍ତ ଉପସ୍ଥାପନ ପ୍ରସ୍ତୁତ କରିଥିଲେ। ଏଜିଏମ ସଞ୍ଜୟ ଗୌତମ କର୍ମୀ ଏକ ଲାଇଭ ଡେମୋ ପ୍ରଦାନ କରିଥିଲେ। ଏସ୍‌ପି-୨ ବିଭାଗର ଡିଜିଏମ ଏସ୍. ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରୋତ୍ସାହନ ରାଶି ଦେଲା ଆର୍‌ଏସ୍‌ପି

ରାଉରକେଲା,୨୮।୬(ବିପ୍ଲବ ରଞ୍ଜନ ଦାଶ)

**କୃଷି କ୍ଷେତ୍ରରେ ଡ୍ରୋନ୍ ବ୍ୟବହାର**

ଆର୍‌ଏସ୍‌ପିର ସିଏସ୍ଆର ପ୍ରୟାଶ ଅଂଶସ୍ୱରୂପ ରାଉରକେଲା ଏନ୍ଆଇଟିର ଏଫ୍‌ଟିବିଆଇ ପ୍ରୟାସ ଅଧୀନ ଷ୍ଟାର୍ଟଅପ୍ ଡ୍ରୋବୋଟିକ୍ସ ଡାଇନିମିକ୍ସ ପ୍ରାଇଭେଟ ଲିମିଟେଡ୍‌କୁ ଏଆଇ ଚାଳିତ ଡ୍ରୋନ ଟେକ୍ନୋଲୋଜି ପ୍ରକଳ୍ପ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଡ୍ରୋନ ପ୍ରୋଟୋଟାଇପ୍ କୃଷି କ୍ଷେତ୍ରରେ ସମ୍ଭାବ୍ୟ ବିପଦ ହ୍ରାସ, କୃଷକମାନଙ୍କୁ ସୁରକ୍ଷା ସହ ସହାୟତା ଯୋଗାଇବା ଓ ଡ୍ରୋନ ଟେକ୍ନୋଲୋଜିକୁ କୃଷକମାନଙ୍କ ପାଇଁ ସୁଲଭ କରିବା ପାଇଁ ଉଦ୍ଦିଷ୍ଟ। ଏହି ଡ୍ରୋନ୍ ୫ଫୁଟ୍ ଉଚ୍ଚକୁ ଉଠିବା କ୍ଷମତା ରଖୁଛି। ବିଭିନ୍ନ ପ୍ରକାରର କୃଷି କ୍ଷେତ୍ରରେ ସର୍ବେକ୍ଷଣ ସହିତ ସମସ୍ୟା ଜନିତ ସ୍ଥଳୀର ଚିତ୍ର ଉତ୍ତୋଳନ ଓ ଚିହ୍ନଟ ପାଇଁ ଏହା ବ୍ୟବହାର କରାଯାଇପାରିବ। ଏହାଦ୍ୱାରା କୀଟପତଙ୍ଗ ସଂକ୍ରମିତ ଜମି ଅଂଶ, ମୃତ୍ତିକା ପ୍ରଦୂଷଣ ଓ ଅନୁର୍ବର ମାଟି ଅଂଶକୁ ସୁବିଧାଜନକ ଭାବେ ଚିହ୍ନଟ କରିହେବ। ଏହି ଉଦ୍ଭାବନ ପଛରେ ଥିବା ୨ଯୁବ ପ୍ରତିଭାଙ୍କ ଧ୍ୟେୟକୁ ସାର୍ଥକ କରିବା ତଥା ସେମାନଙ୍କ ଆକାଂକ୍ଷା ପୂରଣ କରିଥିବାରୁ ଆର୍‌ଏସ୍‌ପିର ସିଏସ୍ଆର ପ୍ରୟାସକୁ ପ୍ରଶଂସା କରାଯାଇଛି।


ଉଦ୍ଭାବିତ ଡ୍ରୋନ୍ ପରୀକ୍ଷଣ କରାଯାଉଛି।

## ବଢ଼ିଲା ଡ୍ୟାମ୍, ନଦୀ ଜଳସ୍ତର

ରାଉରକେଲା,୨୮।୬(ବିପ୍ଲବ ରଞ୍ଜନ ଦାଶ)

- ରାଉରକେଲାରେ ଲଗାଣ ବର୍ଷା
- ଆଜି ଖୋଲିବ ମନ୍ଦିରା ଡ୍ୟାମ ଗେଟ୍
- ଆର୍‌ଏସ୍‌ପି ପକ୍ଷରୁ ସତର୍କ ସୂଚନା ଜାରି


ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। (ଫଟୋ-ବିବେକ)

୫ଦିନ ଧରି ଜାରି ରହିଥିବା ଲଗାଣ ବର୍ଷାରେ ରାଉରକେଲା ଜଳସେଚନ ବିଭାଗ ଅଧୀନ ୩ ପ୍ରମୁଖ ଡ୍ୟାମ୍‌ର ଜଳସ୍ତର ବୃଦ୍ଧି ପାଇଛି। ଏଥିସହ ବ୍ରାହ୍ମଣୀ, କୋଏଲ ଓ ଶଙ୍ଖ ନଦୀର ଜଳସ୍ତର ଆଂଶିକ ବଢ଼ିଛି। ଫଳରେ ରାଉରକେଲା ଆଖପାଖ ୪ ବ୍ଲକ ଅଞ୍ଚଳରେ ଚାଷ କାର୍ଯ୍ୟ ସ୍ୱାଭାବିକ ହୋଇଛି।

ରାଉରକେଲା ଜଳସେଚନ ବିଭାଗ ଅଧୀନରେ ରୁକ୍ରା, ପୀତାମହୁଲ ଓ କାଂଶବାହାଲ ଡ୍ୟାମ୍ ରହିଛି। ତେବେ ଲଗାଣବର୍ଷା ପୂର୍ବରୁ ଡ୍ୟାମ୍ ଜଳସ୍ତର ୫୦ ପ୍ରତିଶତ ଥିବାବେଳେ ଏବେ ଜଳସ୍ତର ୧୨ ପ୍ରତିଶତ ବୃଦ୍ଧି ପାଇଛି। ରୁକ୍ରା ଡ୍ୟାମ୍ ଉପରେ ରାଉରକେଲାର ବଣାଇ ଓ ଗୁରୁଣ୍ଡିଆ ବ୍ଲକ ଅଞ୍ଚଳର ୮୭୨୩ଜଣ ଚାଷୀ ନିର୍ଭର କରନ୍ତି। ଏଥିସହ ୧୦ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମିରେ ଖରିଫ ଓ ଡାଲିଜାତୀୟ ଓ ତୈଳଜାତ ଫସଲ ହେଉଛି। ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବଣାଇ ଓ ଗୁରୁଣ୍ଡିଆ ଅଞ୍ଚଳର ଶହ ଶହ ହେକ୍ଟର ଚାଷଜମି ଶୁଖିଲା ପଡିଥିଲା। ତେବେ ହେଲା ଲଗାଣ ବର୍ଷା ଯୋଗୁ ଅଞ୍ଚଳର ଚାଷ ଜମିରେ ପାଣି ହେବାରୁ ଚାଷ କାମ ଆଗକୁ ବଢ଼ିଛି। ପୀତାମହୁଲ ଡ୍ୟାମ୍‌ର ଜଳସ୍ତର ପୂର୍ବାପେକ୍ଷା ୫ପ୍ରତିଶତ ବୃଦ୍ଧି ପାଇଛି। ପୀତାମହୁଲ ଡ୍ୟାମ୍ ଜଳରେ ଲାଠିକଟା ଓ ରାଜଗାଙ୍ଗପୁର ବ୍ଲକ ଅଞ୍ଚଳର ୨୦୨୬ ଚାଷୀ ଉଭୟ ରବି ଓ ଖରିଫ ଚାଷ କରିଥାନ୍ତି। ଉଭୟ ବ୍ଲକର ଅଧିକାଂଶ ଚାଷୀ ପରିବା ଚାଷ ପାଇଁ ବର୍ଷା ଅପେକ୍ଷାରେ ରହିଥିବା ବେଳେ ଲଗାଣ ବର୍ଷା ସେମାନଙ୍କ ମୁହଁରେ ହସ ଫୁଟେଇଛି। ଗ୍ରୀଷ୍ମ ସମୟରେ କାଂଶବାହାଲ ଡ୍ୟାମ ମୁଖ୍ୟ ଗେଟ୍ ତଳକୁ ଜଳସ୍ତର ଚାଲିଯାଇଥିଲା। ଲଗାଣ ବର୍ଷାରେ ଡ୍ୟାମ୍‌ର ୬ ପ୍ରତିଶତ ଜଳସ୍ତର ବୃଦ୍ଧିପାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। କାଂଶବାହାଲ ଡ୍ୟାମ ଜଳରେ ୬୨୭୭ ଚାଷୀ ଉଭୟ ରବି ଓ ଖରିଫ ଚାଷ କରିଥାନ୍ତି। ତେବେ ଲଗାଣ ବର୍ଷାରେ ଅଂଚଳର ୧୨ହଜାର ହେକ୍ଟର ଶୁଖିଲା ଚାଷ ଜମି ବର୍ତ୍ତମାନ ଆଦ୍ର ହୋଇଛି। ଆଉ କିଛି ଦିନ ଲଗାଣ ବର୍ଷା ଜାରି ରହିଲେ ଡ୍ୟାମ ଜଳସ୍ତର ବୃଦ୍ଧି ଘଟିବା ସହ ଚାଷୀଙ୍କ ପାଇଁ ଶୁଭଙ୍କର ହେବ ବୋଲି ଜଳସେଚନ ବିଭାଗ କହିଛି।

ସେହିପରି ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଅଧୀନ ମନ୍ଦିରା ଡ୍ୟାମ୍‌ର ଜଳସ୍ତର ବୃଦ୍ଧି ଘଟିଛି। ଗୁରୁବାର ମନ୍ଦିରା ଡ୍ୟାମ୍ ଗେଟ୍ ଖୋଲିବାକୁ ଆରଏସପି ନିଷ୍ପତ୍ତି ନେଇଛି। ଏହି ଡ୍ୟାମ୍‌ରୁ ୨୦ ଘନଫୁଟ ଜଳ ସିଧାସଳଖ ବ୍ରାହ୍ମଣୀ ଓ ଶଙ୍ଖ ନଦୀକୁ ଛଡାଯିବ। ଫଳରେ ନଦୀକୂଳ ବାସିନ୍ଦାଙ୍କୁ ଏ ନେଇ ସତର୍କ ସୂଚନା ଜାରି କରାଯାଇଛି। ଏ ନେଇ ରାଉରକେଲା ଜଳସେଚନ ବିଭାଜନ ରୁକ୍ରା ଡ୍ୟାମ୍‌ର ନିର୍ବାହୀ ଯନ୍ତ୍ରୀ ୱିଲିୟମ ଏକ୍କା କୁହନ୍ତି, ଲଗାଣ ବର୍ଷାରେ ରୁକ୍ରା ଡ୍ୟାମ୍ ଜଳସ୍ତରରେ ବୃଦ୍ଧି ଘଟିଛି। ପୂର୍ବରୁ ଜଳଧାରଣ କ୍ଷମତାର ଅଧେ ଜଳ ଡ୍ୟାମ୍‌ରେ ଥିଲା। ଲଗାଣ ବର୍ଷାରେ ଜଳସ୍ତର ବୃଦ୍ଧି ପାଇବା ସହ ଚାଷୀଙ୍କ ପାଇଁ ଲଗାଣ ବର୍ଷା ବରଦାନ ସାବ୍ୟସ୍ତ ହୋଇଥିବା ସେ କହିଛନ୍ତି। ସେହିପରି କାଂଶବାହାଲ ଡ୍ୟାମ୍ ନିର୍ବାହୀ ଯନ୍ତ୍ରୀ କିଷାନ ବାବୁ କୁହନ୍ତି, ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଡ୍ୟାମ୍‌ର ଜଳସ୍ତର ହ୍ରାସ ପାଇଥିଲା। ତିନିଦିନ ହେଲା ଲଗାଣ ବର୍ଷାରେ ୫ ପ୍ରତିଶତ ଜଳସ୍ତର ବୃଦ୍ଧି ପାଇଛି ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଲାଞ୍ଜିଗଡ଼ ବ୍ଲକରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ

**ଲାଞ୍ଜିଗଡ଼,୨୮।୬(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଯୋଗ ଦେଇଛନ୍ତି ନମିତାରାଣୀ ଭୋଇ। ବୁଧବାର ଅପରାହ୍ନରେ ସେ ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ



କାର୍ଯ୍ୟାଳୟରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଥିଲେ। ନମିତାରାଣୀଙ୍କୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦ୍ରୋଣ ରଣା, ସୁଦଳଦେବ ମୁଣ୍ଡ, ସୁକେଶ ମାଝି, ଲକ୍ଷ୍ମଣ ସାହା, ରାକେଶ ମିଶ୍ର, ଗୁଣନିଧି ଭୋଇଙ୍କ ସମେତ ସିଆରସିସି ଭାରତଭୂଷଣ ସାହୁ, ତପନ କୁମାର ଭୋଇ, ସୌଭାଗ୍ୟ କୁମାର ସାହୁ, ଗୁରୁଗୋବିନ୍ଦ ମହାନ୍ତି, ତ୍ରିନାଥଶ୍ୟାମ କୁମାର, ବିଜୟ ରାୟ, ପ୍ରକାଶ ପ୍ରଧାନ ପ୍ରମୁଖ ତାଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସୂଚନାଯୋଗ୍ୟ, ଲାଞ୍ଜିଗଡ଼ ବ୍ଲକରେ କାର୍ଯ୍ୟରତ ଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୀବ କୁମାର ନାଏକ ଗତ ଜାନୁୟାରୀ ୩୧ ତାରିଖରେ ଅସର ନେବା ପରେ ଫେବୃୟାରୀ ୨୪ରୁ ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଭବାନୀପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ସୁନନ୍ଦା ପଣ୍ଡା ଲାଞ୍ଜିଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଦାୟିତ୍ୱରେ ରହିଥିଲେ।

### ମହିଳା କଲେଜ ଓ ଡିଗ୍ରୀ ମୋଡେଲ କଲେଜ ସଂଯୋଗ ରାସ୍ତା ଦୁରବସ୍ଥା

**ଖଡ଼ିଆଳ,୨୮।୬(ସୁଜିତ୍ ପ୍ରଧାନ):** ନୂଆପଡା ଜିଲା ଖଡିଆଳ ସହର ମଧରେ ଥିବା ମହିଳା କଲେଜ ଏବଂ ଡିଗ୍ରୀ ମୋଡେଲ କଲେଜ ସଂଯୋଗ କରୁଥିବା ସଡ଼କର ଦୂରାବସ୍ଥା କହିଲେ ନ ସରେ। ଏହି ସଡ଼କ ଦେଇ ଦୈନିକ ଶହ ଶହ ଛାତ୍ରୀଛାତ୍ରଙ୍କ ଅନେକ ଭାରୀ ଯାନବାହନ ଯାତାୟାତ କରୁଛି। କଲ୍ୟାଣ ମଣ୍ଡପ-୨ ମଧ ଅବସ୍ଥିତ ଅଟେ। ଛାତ୍ରୀଛାତ୍ରଙ୍କୁ କଲେଜ ଯିବାଆସିବା ଅନେକ ସମସ୍ୟା ହେଉଛି। ସାମାନ୍ୟ ବୃଷ୍ଟିପାତ ହେଲେ ସଡ଼କ ଉପରେ ବର୍ଷା ଜଳ ଜମି ରହୁଛି। ଏହି ସମସ୍ୟା ତୁରନ୍ତ ସମାଧାନ କରିବା ସହ ଆସନ୍ତାକାଲି ପରିସ୍ଥିତିରେ ନିଶ୍ଚିତ ସୁଧାର ଆସିବ ବୋଲି ଖଡିଆଳ ଅଧକ୍ଷ ଉଜ୍ଜଳ ଗୁପ୍ତା ପ୍ରକାଶ କରିଛନ୍ତି।



# ବେଆଇନ ବାଲି ଚାଲାଣ ରୋକିବାକୁ ଦାବି

**ନୂଆପଡ଼ା,୨୮।୬(ମକାରୁ ବେମାଲ)**

■ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ
■ଲିଜ୍‌ଠାରୁ ଅଧିକ ବାଲି ଚୋରା ଚାଲାଣ

ନୂଆପଡା ସଦର ବ୍ଲକରେ ଥିବା ବାଲିଘାଟଗୁଡ଼ିକରୁ ବାଲି ଚୋରା ଚାଲାଣ ରୋକିବା ଓ ବାଲି ଦୁର୍ନୀତିର ତଦନ୍ତ ସହ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଜିଲା ଗରିବ ସେନା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ଉପଜିଲାପାଳ ନୂଆପଡା ସୁବାଷ ଚନ୍ଦ୍ର ରଇତାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଜିଲାରେ ବିଭିନ୍ନ ସୌରାତରୁ ବାଲି ବିକ୍ରୟ କରି ରାଜସ୍ୱ ଆଦାୟ କରାଯାଉଛି। ବର୍ତ୍ତମାନ ନୂଆପଡା ସଦର ବ୍ଲକରେ ୯ଟି ବାଲି କ୍ୱାରୀକୁ ଲିଜ ଆଧାରରେ ପ୍ରଦାନ କରାଯାଇଛି। ଲିଜଧାରୀମାନେ ମନଇଛା ବାଲି ଉଠାଣ କରି ଚୋରା ଚାଲାଣ କରୁଛନ୍ତି। ଫଳରେ ସରକାରଙ୍କ ରାଜସ୍ୱ ହାନୀ ହେଉଛି। ଗତ୍ ୨୦୨୨-୨୩ ଆର୍ଥିକ ବର୍ଷରେ ଯେତିକି ପରିମାଣରେ ବାଲି ଉଠାଣ ପାଇଁ ଲିଜ ଦିଆଯାଇଥିଲା, ତାଠାରୁ ୫୦୦ ଗୁଣା ଅଧିକ ବାଲି ଚୋରା ଚାଲାଣ କରିଥିବା ଅଭିଯୋଗ ହେଉଛି।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୂଚନାରୁ ପ୍ରକାଶ ପ୍ରତ୍ୟେକ ଲିଜଧାରୀ ଡମ୍ଫର ଗାଡିରେ ବାଲି ଚାଲାଣ କରୁଛନ୍ତି। ଗୋଟିଏ ଡମ୍ଫର ଗାଡିରେ ୧୫ ସିଏମ ବାଲି ଚାଲାଣ ହୋଇଥାଏ। ଏହି କ୍ୱାରୀରେ ୭ଟି ଡମ୍ଫର ଗାଡି ନିୟୋଜିତ ହୋଇଛି। ଦୈନିକ ଗୋଟିଏ ଡମ୍ଫର ଗାଡିରେ ୫ ରୁ ୭ ଟ୍ରିପ ବାଲି ଚାଲାଣ କରାଯାଉଛି। ପ୍ରତିଦିନ ୬ ଶହ ସିଏମ ବାଲି ଗୋଟିଏ କ୍ୱାରୀରୁ ଉଠାଣ ହେଉଛି। ଦେଖିବାକୁ ଗଲେ ଲିଜଧାରୀମାନେ ୨୦ରୁ ୩୦ ଦିନ ମଧ୍ୟରେ ଆବଶ୍ୟକ ବାଲି ଉଠାଣ କରି ସାରିଛନ୍ତି। ହେଲେ ଗୋଟିଏ ମାସରେ ସେମାନେ ୧୮ ହଜାର ସିଏମ ବାଲି ଉଠାଣ କରିଛନ୍ତି। ତାଙ୍କର ବାର୍ଷିକ ଲିଜ ଚୁକ୍ତିଠାରୁ ମଧ୍ୟ ଅଧିକ ଅଟେ। ଏହିପରି ବାର୍ଷିକ ଲକ୍ଷାଧିକ ସିଏମ ବାଲି ଉଠାଣ କରିଛନ୍ତି। ଏସବୁ ନିୟମ ବାହାରେ ଏହା ଏକ ମହାଦୁର୍ନୀତି । କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଥିବା ବେଳେ ଲିଜଧାରୀମାନେ କୋଟି ଟଙ୍କାର ଦୁର୍ନୀତି କରୁଛନ୍ତି। ଏହାର ଉଚିତ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି। ବିଶେଷ ଭାବରେ ହଳଦି, ବନକା, ଭୁମେରଡିହି ଆଦି କ୍ୱାରୀରୁ ଅଧିକ ପରିମାଣରେ ବାଲି ଉଠାଣ ହେଉଛି। ଲିଜ ଦେଇଥିବା ସ୍ଥାନ ଛାଡି ଲିଜ ଦେଇ ନ ଥିବା କ୍ୱାରୀରୁ ମଧ୍ୟ ବାଲି ଉଠାଣ ହେଉଛି। ଡମ୍ଫର ଗାଡି ଚାଲିବା ଦ୍ୱାରା ରାସ୍ତାଘାଟ ଖରାପ ହେବା ସାଙ୍ଗକୁ ଦୁର୍ଘଟଣା ଘଟି ଯାଉଛି। ଗତ କିଛି ଦିନ ପୂର୍ବେ ହଳଦି କ୍ୱାରୀରୁ ବାଲି ଉଠାଣ କରି ଫେରୁଥିବା ବେଳେ ଡମ୍ଫର ଧକ୍କାରେ ଶାଳୀ ଓ ଭିଣୋଇଙ୍କ ଜୀବନ ଚାଲି ଯାଇଥିଲା। ବାଲି ଦୁର୍ନୀତି ରୋକିବା ପାଇଁ ଜିଲା ପ୍ରଶାସନ ତତ୍ପର ହେବା ଉଚିତ। ଛୋଟ ଟ୍ରାକ୍ଟରକୁ ଧରି ଜରିମାନା କରୁଥିବା ବେଳେ ଡମ୍ଫର ଗାଡିକୁ କାହିଁକି ଛାଡି ଦିଆଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହାର ଉଚିତ ତଦନ୍ତ କରି ବାଲି ମାଫିଆମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ଗରିବ ସେନା ଦାବି କରିଛି।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଉଦ୍‌ଘାଟିତ




ପତାକା ଦେଖାଇ ସଚେତନତା ରଥ ଉଦ୍‌ଘାଟନ କରାଯାଉଛି।

**ନୂଆପଡ଼ା,୨୮।୬(ମକାରୁ ବେମାଲ)**

ନୂଆପଡା ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ନୂଆପଡାଙ୍କ ମିଳିତ ଆନୁକୂଲ୍ୟରେ ବୁଧବାର ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଉଦଘାଟିତ ହୋଇଯାଇଛି। ଜିଲା ଶ୍ରମ ଅଧିକାରୀ ରବିନ୍ଦ୍ର ବର୍ଲାଙ୍କ ତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୂଆପଡା ଅଗସ୍ତି ପ୍ରଧାନ ଓ ନୂଆପଡା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ ଫଣିନ୍ଦମ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ପତକା ଦେଖାଇ ଉଦ୍‌ଘାଟନ କରିଥିଲେ। ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ସଚେତନତା ରଥ ଶୋଭାଯାତ୍ରା ବାହାରି ଶିଶୁ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଜିଲା ସଦଭାବନା ଗୃହ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ୧୪ ବର୍ଷ ପୂର୍ଣ୍ଣ କରି ନ ଥିବା ଶିଶୁଙ୍କୁ କୌଣସି ପ୍ରକାର ବୃତି ଓ ପ୍ରକ୍ରିୟାରେ ତଥା ୧୫ ବର୍ଷରୁ ୧୮ ବର୍ଷ ବୟସରେ କିଶୋରଙ୍କୁ ବିପଦ ସଙ୍କୁଳ ବୃତିରେ ନିୟୋଜନ କରିବା ଏକ ଧର୍ତବ୍ୟ ଅପରାଧ ଅଟେ। ଶିଶୁମାନଙ୍କୁ ଯେଉଁମାନେ ଶ୍ରମିକ ଭାବେ ନିୟୋଜିତ କରିବେ ୫୦ ହଜାର ଟଙ୍କା ଜରିମାନା ଦେବା ସହ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡିପିଏମ ଟିମାନ ବାରା, ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ, ଗ୍ରମୀଣ ଶ୍ରମ ନିରିକ୍ଷକ ଜୟନ୍ତ ପଣ୍ଡା, ସାମାଜିକ କର୍ମୀ, ଶ୍ରମିକ ସଙ୍ଗଠନ ଓ ଶିଶୁ ଶ୍ରମିକ ସୁରକ୍ଷା ଉପରେ କାମ କରୁଥିବା ବେସରକାରୀ ସଂସ୍ଥା, ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆ, ଅନିରୁଧ ନାଗ ପ୍ରମୁଖ ଉପସ୍ଥିତ ଥିବା ବେଳେ ସୁବ୍ରତ ସିଂ, ଶିବାନୀ ମହାପାତ୍ର,ଜୁଏଲ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁ ଓ କିଶୋର ଶ୍ରମିକ ନିରାକରଣ ଉପରେ ଗୁରୁତ୍ୱ




ଜିଲାସ୍ତରୀୟ ବୈଠକରେ ଆଲୋଚନା କରାଯାଉଛି।

**ଭବାନୀପାଟଣା,୨୮।୬ (ଉତ୍ତମ କୁମାର ଦାଶ)**

### ଜିଲାସ୍ତରୀୟ ଟାସ୍କ ଫୋର୍ସ, ସଚେତନତା ବୈଠକ

କଳାହାଣ୍ଡି ଜିଲା ଭବାନୀପାଟଣା ପ୍ଲାନିଂ (ଡିପିଏମୟୁ) ସମ୍ମିଳନୀ ଗୃହରେ ବୁଧବାର ଜିଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ପାଇଁ ଏକ ଟାସ୍କ ଫୋର୍ସ ଓ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକଙ୍କ ଅଧକ୍ଷତାରେ ଜିଲାରେ ଶିଶୁ ଶ୍ରମିକ ନିରାକରଣ ସମ୍ବନ୍ଧୀୟ ଟାସ୍କ ଫୋର୍ସ ଓ ସଚେତନତା ଉପରେ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ଅତିଥି ଭାବେ ଜିଲା ଶ୍ରମ ଅଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ଶାରୀରିକ ନିରୀକ୍ଷକ ସଞ୍ଜୟ ମିଶ୍ର, ଶିଶୁ ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ ଯତ୍ନ) ଅଂଶୁମାନ ବାବୁ ଯୋଗଦେଇଥିଲେ। ବୈଠକରେ ୧୪ ବର୍ଷରୁ କମ ବୟସର ଶିଶୁଙ୍କୁ କୌଣସି କାମରେ ନ ଲଗାଇବା, ୧୫ରୁ ୧୮ ବର୍ଷ ବୟସର କିଶୋରମାନଙ୍କୁ ବିପଦସଙ୍କୁଳ କାମରେ ନିୟୋଜନ ଓ ଏପରି ଅପରାଧ ପାଇଁ କାରାଦଣ୍ଡ, ଜରିମାନା ତଥା ସାଡ ଦ୍ୱାରା ଶିଶୁ ଶ୍ରମିକ ଉଦ୍ଧାର, ସଚେତନତା, ଶିଶୁ ଶ୍ରମିକ ମୁକ୍ତ ଜିଲାର ସଂକଳ୍ପ ଉପରେ ଜିଲା ଶ୍ରମ ଅଧିକାରୀ ବୈଠକରେ ପ୍ରକାଶ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ଜିତମ ମାଝି ସଭା ପରିଚାଳନା କରିଥିଲେ। ବୈଠକରେ 'ଶକ୍ତି ', କର୍ତ୍ତବ୍ୟ ଓ ଏଡ ଏଟ ଏକ୍ସନ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ଶିଶୁ ଶ୍ରମିକ ନିରାକରଣ ଉପରେ କାର୍ଯ୍ୟ କରିଥିବା ଅନୁଭୂତିକୁ ପ୍ରକାଶ କରିବା ସହ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ବିଶେଷ ଭାବେ ଗ୍ରାମାଞ୍ଚଳରେ ଦାଦନ ଶ୍ରମିକ ଯୋଗୁ ତାଙ୍କର ସନ୍ତାନ ଯେପରି ଶିଶୁ ଶ୍ରମିକ ନ ହୁଅନ୍ତୁ ଓ ତାଙ୍କର ଶିକ୍ଷା ବ୍ୟବସ୍ଥା କିଭଳି ହୋଇପାରିବ ତା ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବାଣିଜ୍ୟିକ ଅନୁଷ୍ଠାନ, ହୋଟେଲ, ଶିଳ୍ପାନୁଷ୍ଠାନଗୁଡ଼ିକରେ 'ଏଠାରେ ଶିଶୁ ଶ୍ରମିକ ନିୟୋଜନ କରାଯାଇନାହିଁ' ହୋର୍ଡିଂ ବା ବୋର୍ଡ ଲଗାଇବେ ବୋଲି ନିଷ୍ପତ୍ତି ନିଆଗଲା। ପୌରପାଳିକା, ବିଜ୍ଞାପିତ ପରିଷଦରେ ଆବର୍ଜନା ସଂଗ୍ରହଣ ଯାନରେ ଆବର୍ଜନା ସଂଗ୍ରହ ପାଇଁ ଗାନ କରାଯାଉଥିବା ସମୟରେ ଶିଶୁ ଶ୍ରମିକ ନିରାକରଣ ଉପରେ ବିଶେଷ ପ୍ରଚାର ପାଇଁ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାର ସଭ୍ୟ, ହୋଟେଲ ମାଲିକ, ବାଣିଜ୍ୟିକ ସଂସ୍ଥାର ପ୍ରତିନିଧି, ଗ୍ୟାରେଜ ମାଲିକ, ସରକାରୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟକଙ୍କ ନର୍ଲା ଗସ୍ତ, ବିଭିନ୍ନ କାର୍ଯ୍ୟର ସମୀକ୍ଷା

**ନର୍ଲା,୨୮।୬(ସନ୍ତୋଷ ପାତ୍ର)**

କଳାହାଣ୍ଡି ଜିଲା ନର୍ଲା ବିଧାୟକ ଭୂପିନ୍ଦର ସିଂ ନର୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟ ଉପରେ ତଦାରଖ ସହିତ ସମୀକ୍ଷା କରିଥିଲେ। ବିଧାୟକ ପ୍ରଥମେ ରେଗିଡିମାଲ ଗ୍ରାମକୁ ଯାଇ ଜେନା ବୁଢ଼ାର ମନ୍ଦିର ବିଷୟରେ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ପରେ ବୁଢ଼ାରଜା, କଳାପାହାଡ଼ ମନ୍ଦିର ଦର୍ଶନ କରି ମନ୍ଦିର ଉନ୍ନତୀ ପାଇଁ ଏକ ଲକ୍ଷ ଲେଖାଏଁ ଅବଦାନ ପ୍ରଦାନ କରିଥିଲେ। ଜୟ ଜଗନ୍ନାଥ ଏସ୍‌ଏଚ୍‌ଜି ଗ୍ରୁପ ମହିଳାମାନଙ୍କୁ ଭେଟି ଆଲୋଚନା କରିଥିଲେ। ନର୍ଲା ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ଜିଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ।

### ଧର୍ମପ୍ରାଣ ମହିଳାଙ୍କ ପରଲୋକ

**ଖଡ଼ିଆଳ,୨୮।୬(ସୁଜିତ୍ ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସରଧାପୁର ଗ୍ରାମପଞ୍ଚାୟତ ଢଙ୍କସର ଗ୍ରାମର ସ୍ୱର୍ଗତ ଭୁବନେଶ୍ୱର ବିଶିଙ୍କ ସହ ସ୍ତ୍ରୀ ମାଳତୀ ବିଶି (୭୭)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ ଥିଲେ। ସେ ଜଣେ ମିଷ୍ଟଭାଷୀ ପରୋପକାରୀ ତଥା ଧର୍ମପ୍ରାଣୀ ମହିଳା ଥିଲେ। ମୃତ୍ୟୁ ବେଳକୁ ବଡ ଝିଅ ସୁବନ୍ତି ବିଶି, ଜ୍ୱାଇଁ ତ୍ରିଲୋକ୍ୟ ନାଥ ଦଣ୍ଡସେନାଙ୍କ ସମେତ ସମସ୍ତ ପରିବାର ଓ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ତାଙ୍କର ଏକମାତ୍ର ପୁଅ ହୃଦୟାନନ୍ଦ (ନାରାୟଣ) ବିଶି ମୁଖାଗ୍ନି ଦେଇଥିଲେ।

### ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ



ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ କରାଯାଉଛି।

**କେସିଙ୍ଗା,୨୮।୬(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା ଯୋଗଦାନ କରିଛନ୍ତି। ତାଙ୍କୁ କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର କୁମାର ଦୋରାଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେହେରାଙ୍କୁ ମଙ୍ଗଳବାର ଏକ ସୌଜନ୍ୟ ମୂଳକ ସାକ୍ଷାତ କରି ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ଦୀର୍ଘ ଦିନ ଧରି ଖାଲିପଡି ରହିଥିବାରୁ ବହୁତ ଅସୁବିଧା ହେଉଥିଲା। ସଂଘ ସମ୍ପାଦକ କୃଷଚନ୍ଦ୍ର ସାହୁ କେତେକ ସମସ୍ୟା ନେଇ ସକାରାତ୍ମକ ଆଲୋଚନା କରିଥିଲେ। ଆଗାମୀ ଦିନରେ କେସିଙ୍ଗା ବ୍ଲକକୁ ଶିକ୍ଷା କ୍ଷେତ୍ରରେ ସମଗ୍ର ବିକାଶ ଦିଗରେ ସହାୟକ ହେବୁ ଓ ସହଯୋଗ କରିବୁ ବୋଲି ସଭାପତି ଦୋରା ପ୍ରତିଶ୍ରୁତି ଦେଇଥିଲେ। ଏକ ସୁନ୍ଦର ବାତାବରଣ ଭିତରେ ଶିକ୍ଷା ଅଧିକାରୀ ମଧ ସତ ଚେଷ୍ଟା କରିବି ଯେପରି ବ୍ଲକର ନାମ ସର୍ବାଗ୍ରେ ରହିବ ବୋଲି ମତ ଦେଇଥିଲେ। ଶିକ୍ଷୟିତ୍ରୀ ଶୁଭସ୍ମିତା ଦାସ, ବନ୍ଦନା ଦାସ, ଜାଗୃତି ମିଶ୍ର, ଜ୍ୟୋର୍ତିମୟୀ ପତି, ପୁଷ୍ପା ମହାରଣା, ଶିକ୍ଷକ କୈଳାସ ବିଶି, ପ୍ରମୋଦ ସେନାପତି, ସରୋଜ ସାହୁ, ସୁରେନ୍ଦ୍ର ନାୟକ, ପଞ୍ଚାନନ ନାଗ, ବିକ୍ରମ ସାହୁ ପ୍ରମୁଖ ଶିକ୍ଷକ ବୃନ୍ଦ ଯୋଗଦେଇଥିଲେ।

# ହର୍ଷୋଲ୍ଲାସରେ ପାଳନ ହେଲା ବାହୁଡ଼ାଯାତ୍ରା



ଲାଞ୍ଜିଗଡ଼ରେ ବାହୁଡ଼ାଯାତ୍ରା।



ଖଡ଼ିଆଳ ବାହୁଡ଼ାଯାତ୍ରରେ ଯୁବରାଜ ଦେବ ଦେବ ସିଂଦେଓ।

**ଭବାନୀପାଟଣା,୨୮।୬ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ୧୩ଟି ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ମହାପ୍ରଭୁଙ୍କ ପବିତ୍ର ବାହୁଡା ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। ସପ୍ତାହ ପରେ ମହାପ୍ରଭୁ ଆଡପ ମଣ୍ଡପ ଛାଡି କର୍ମବେଦୀ ଶ୍ରୀମନ୍ଦିରକୁ ବାହୁଡିଛନ୍ତି। ଜିଲାର ସଦର ମହକୁମା ଭବାନୀପାଟଣା ମୁଖ୍ୟ ଜଗନ୍ନାଥ ମନ୍ଦିର, ବାଲାଜୀ ମନ୍ଦିର ଓ କରନପିଟା ଜଗନ୍ନାଥ ମନ୍ଦିରରେ ମହାସମାରୋହରେ ବାହୁଡାଯାତ୍ରା ପାଳିତ ହୋଇଛି। ରଥରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ବିରାଜମାନ ରହିଥିଲେ। ରଥ ଟଣା ସମୟରେ ସହରର ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସେହିପରି ଜୁନାଗଡ ସହରରେ ୪ଟି ସ୍ଥାନରେ ଓ ବ୍ଲକର ପ୍ରାୟ ଗ୍ରାମରେ ମହାପ୍ରଭୁଙ୍କ ବାହୁଡାଯାତ୍ରା ପାଳିତ ହୋଇଥିଲା। ବ୍ଲକର ନୂଆଗୁଡା, ଚିଚୈଗୁଡା, ଆଟିଗାଁ, ମହିଚଲା, ଖସିଗୁଡା, କଳିଆକୁଣ୍ଡଲ ଆଦି ଗ୍ରାମରେ ଧୁମଧାମରେ ବାହୁଡାଯାତ୍ରା ପାଳିତ ହୋଇଯାଇଛି।

**ଲାଞ୍ଜିଗଡ଼, (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାହୁଡାଯାତ୍ରା ହର୍ଷୋଲ୍ଲାସରେ ପାଳିତ ହୋଇଯାଇଛି। ବ୍ଲକର ଲାଞ୍ଜିଗଡ଼, ଲାଞ୍ଜିଗଡ ରୋଡ, ମୁଷାନାଳ, ରାମଚନ୍ଦ୍ରପୁର ଓ ଗନ୍ଧରବାରୁଠାରେ ବାହୁଡାଯାତ୍ରା ପାଳିତ ହୋଇଯାଇଛି। ଲାଞ୍ଜିଗଡସ୍ଥିତ ଶ୍ରୀ ଜଗନ୍ନାଥଙ୍କ ମାଉସୀମା ମନ୍ଦିରରେ ପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପରେ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀଜିଉଙ୍କ ରଥକୁ ଟାଣି ମନ୍ଦିରକୁ ନେଇଯାଇଥିଲେ। ଲାଞ୍ଜିଗଡ ବାହୁଡାଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳ ସମେତ ନିୟମଗିରି ଅଞ୍ଚଳର ଝରଣିଆ, ଡଙ୍ଗରିଆ କନ୍ଧ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ବେଶଭୂଷାରେ ସଜ୍ଜିତ ହୋଇ ଆସିଥିଲେ। ପାଗ ମେଘୁଆ ଥିଲେ ମଧ ଅସହ୍ୟ ଗରମ ଏବଂ ଗୁଳୁଗୁଳି ସତ୍ତ୍ୱେ ହଜାର ହଜାର ଭକ୍ତଙ୍କ ଭିଡ଼ ହେଇଥିଲା। ରଥଯାତ୍ରା ଶ୍ରୀ ହରିହର ସାଂସ୍କୃତିକ ଅନୁଷ୍ଠାନ ଓ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ସୁଚାରୁ ରୁପେ ପରିଚାଳନା କରାଯାଇଥିଲା। ଲାଞ୍ଜିଗଡ, ବିଶ୍ୱନାଥପୁର, ଶିକେରକୁପା ପୋଲିସ ତରଫରୁ ଆଇନଶୃଙ୍ଖଳା ଦୃଷ୍ଟିରେ ରଖି ସିଆରପିଏଫ ଯବାନ ମୁତୟନ କରାଯାଇଥିଲା।



କେସିଙ୍ଗା ସହରରେ ବାହୁଡା ଯାତ୍ରାରେ ରଥ ଟଣା ହେଉଛି।

**କେସିଙ୍ଗା,(ତୁମେଶ୍ୱର ସାହୁ):** କେସିଙ୍ଗା ସହରଠାରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି ମହାପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା। ଅନୁକୁଳ ପାଗ ଓ ଲୋକଙ୍କ ଭିଡ଼କୁ ନଜରରେ ରଖି ପୋଲିସ ପ୍ରଶାସନ ଓ ପୌର ପରିଷଦ, ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ସେହିପରି କେସିଙ୍ଗା ବ୍ଲକ ଅଧୀନ ବାଲସି, କିକିଆ, କାଣ୍ଡେଲ, ମଶାଣିବନ୍ଧ, ଭମରମାଲ, ଉତକେଲା, ତୁଣ୍ଡଲା, ସିରଜାପାଲି, ତୁର୍ଲାଖମନ, କସୃପଡା, ଆଦି ଗ୍ରାମରେ ମଧ ମହାଆଡ଼ମ୍ବରରେ ବାହୁଡା ଯାତ୍ରା ପାଳିତ ହୋଇଯାଇଛି। କେସିଙ୍ଗା ସହରରେ ମହାପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଛେରା ପହରା କରିଥିଲେ ନିରାକାର ପଧାନ, ବିରଞ୍ଚି ପଧାନ ଓ ଆଶ୍ୱିନ ପଧାନ। ପୂଜା ପାଠ କରିଥିଲେ ଟଙ୍କ ଧର ଦାସ ଓ ତାଙ୍କ ସାଥୀ ଗଣ। ଜଗନ୍ନାଥ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ପରିବେଷିତ ସଂକୀର୍ତ୍ତନ ଉପସ୍ଥିତ ଭକ୍ତଙ୍କ ମାନମୋହି ଥିଲା। ବ୍ଲକର ପ୍ରତ୍ୟେକ ଗ୍ରାମରେ ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳା ଭାବେ ସମ୍ପନ୍ନ ହୋଇଛି।

**ଖଡ଼ିଆଳ,(ସୁଜିତ୍ ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ତଥା ଗ୍ରାମାଞ୍ଚଳରେ ବାହୁଡା ଯାତ୍ରା ସମାରୋହରେ ପାଳିତ ହୋଇଛି। ଖଡ଼ିଆଳ ମାଉସୀ ମଣ୍ଡିରରୁ ତିନି ମନ୍ଦିର ଠାକୁର ଦଧିବାମନ ମନ୍ଦିର, ପତିତପାବନ ମନ୍ଦିର ଓ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ଖଡ଼ିଆଳ ଯୁବରାଜ ଦେବ ଦେବ ସିଂଦେଓ ଛେରାପହଁରା କରିଥିବା ବେଳେ ସମସ୍ତ ପୂଜକ ଭଗବାନଙ୍କ ନୀତିକାନ୍ତି କରିଥିଲେ। ବହୁଡା ଯାତ୍ରାରେ ଖଡ଼ିଆଳ ତଥା ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ ସାମିଲ ହୋଇ ପ୍ରଭୁ ଜଗନ୍ନାଥଙ୍କ ରଥ ଟାଣି ଦର୍ଶନ କରିଥିଲେ। ସେହିପରି ଖଡ଼ିଆଳ ଅଞ୍ଚଳର ନେହେନା, ତୁକୁଲା, ତୁଆଝର, ଭୁଲିଆସିକୁଆ, ଢ଼ଙ୍କସର, ମଟ୍ରିଡରାଇ, ବଡମହେଶ୍ୱର, ଚିନ୍ଦାଗୁଡା, ରାଣୀମୁଣ୍ଡା, ଚଳାନପଡା ବିଭିନ୍ନ ଗ୍ରାମରେ ବାହୁଡା ଯାତ୍ରା ପାଳିତ ହୋଇଥିଲା।



ଜୁନାଗଡରେ ବାହୁଡ଼ାଯାତ୍ରା।



ଭବାନୀପାଟଣାରେ ବାହୁଡ଼ାଯାତ୍ରା।

## ସଂକ୍ଷେପରେ

### ଜଳପ୍ରପାତରେ ଭାସି ଯୁବକ ନିଖୋଜ

**ବରଗଡ଼,୨୮ା୬(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ନିକଟ ବାରବଖରା ଜଳପ୍ରପାତରେ ବୁଧବାର ଜଣେ ଯୁବକ ଭାସି ଯାଇଥିବା ସୂଚନା ମିଳିଛି । ଭାସି ଯାଇଥିବା ଯୁବକ ଜଣକ ବରଗଡ଼ ପୌର ପରିଷଦ ଅଧୀନ ଗୋବିନ୍ଦପାଲିର ଟୁନା ବେହେରା ବୋଲି ଜଣାପଡ଼ିଛି। ଅମ୍ବାଭୋନା ପୋଲିସ, ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ସ୍ଥାନୀୟ କର୍ଲା ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରୁଛନ୍ତି। ଖବର ଲେଖାହେବା ସୁଦ୍ଧା (ରାତି ସାଢ଼େ ୧୦ଟା) ନିଖୋଜ ଯୁବକଙ୍କ ସନ୍ଧାନ ମିଳିପାରିନାହିଁ। ନିଖୋଜ ଯୁବକ ଅନ୍ୟ ୨ଯୁବକଙ୍କ ସହିତ ଜଳପ୍ରପାତକୁ ବୁଲିବାକୁ ଯାଇଥିଲେ। ସେଠାରେ ଗାଧୋଉଥିବା ବେଳେ ଅପରାହ୍ନ ପ୍ରାୟ ୩ଟାରେ ଅଘଟଣ ଘଟିଥିବା ସୂଚନା ମିଳିଛି।

### ଏନ୍‌ଏସି ଦାବିରେ ୧୨ଘଣ୍ଟା ଲୋଇସିଂହା ବନ୍ଦ

**ଲୋଇସିଂହା,୨୮ା୬(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହକୁ ଏନ୍‌ଏସି ଦାବିରେ ବୁଧବାର ଲୋଇସିଂହା ଓ ବୁର୍ଡାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ସକାଳ ୬ଟାରୁ ଅରମ୍ଭ ହୋଇଥିବା ବନ୍ଦ ସନ୍ଧ୍ୟା ୬ଟାରେ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଥିଲା। ବନ୍ଦରୁ ଶିକ୍ଷାନୁଷ୍ଠାନକୁ ବାଦ୍ ଦିଆଯାଇଥିବାରୁ ସ୍କୁଲ, କଲେଜ ଯଥାରୀତି ଚାଲିଥିଲା। ତେବେ ରାଷ୍ଟ୍ରାୟତ ଓ କେତେକ ଘରୋଇ ବ୍ୟାଙ୍କ ଖୋଲାଥିବା ଜାଣି ସକାଳ ୧୦ରେ ଆନ୍ଦୋଳନକାରୀ ସେଠାକୁ ଯାଇ କାର୍ଯ୍ୟାଳୟ ବନ୍ଦ କରିଥିଲେ। ଆନ୍ଦେଳନକାରୀ ଲୋଇସିଂହା ଓ ବୁର୍ଡା ଅଞ୍ଚଳରେ ଖୋଲାଥିବା ଦେଶୀ ଓ ବିଦେଶୀ ମଦ ଦୋକାନକୁ ବନ୍ଦ କରିଥିଲେ। ଲାଲମନ ନାଗ,କୁନା ଭୋଇ,କୁମର ପାଣ୍ଡେ ଅନ୍ୟମାନେ ସାମିଲଥିଲେ। ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଲୋଇସିଂହାକୁ ଏନ୍‌ଏସି ଦାବି ହୋଇ ଆସୁଛି । ରାଜ୍ୟ ସରକାର ମଧ୍ୟ ବିଭିନ୍ନ ସମୟରେ ଲୋଇସିଂହା ଏନଏସି ପ୍ରସ୍ତାବିତ ରହିଥିବା ଘୋଷଣା କରିଆସୁଛନ୍ତି। ହେଲେ କାର୍ଯ୍ୟକାରୀ ହେଉ ନ ଥିବାରୁ ଆଞ୍ଚଳିକ ବିକାଶ ପରିଷଦ ଓ ବିଭିନ୍ନ ସଂଗଠନ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ସର୍ବଦଳୀୟ ବୈଠକ ଡାକି ଏନ୍‌ଏସି ଦାବି ହାସଲ ପର୍ଯ୍ୟନ୍ତ ମାସର ଶେଷ ବୁଧବାର ଲୋଇସିଂହା ଓ ବୁର୍ଡା ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି । ଏହିକ୍ରମରେ ବିଗିତ କିଛି ମାସ ହେଲା ବନ୍ଦ ପାଳନ ହୋଇଆସୁଛି।

### ମହିଳା କଲେଜ ଓ ଡିଗ୍ରୀ ମୋଡେଲ କଲେଜ ସଂଯୋଗ ରାସ୍ତା ଦୁରବସ୍ଥା

**ଖଡ଼ିଆଳ,୨୮ା୬(ସୁଜିତ୍ ପ୍ରଧାନ):** ନୂଆପଡା ଜିଲା ଖଡିଆଳ ସହର ମଧରେ ଥିବା ମହିଳା କଲେଜ ଏବଂ ଡିଗ୍ରୀ ମୋଡେଲ କଲେଜ ସଂଯୋଗ କରୁଥିବା ସଡ଼କର ଦୂରାବସ୍ଥା କହିଲେ ନ ସରେ। ଏହି ସଡ଼କ ଦେଇ ଦୈନିକ ଶହ ଶହ ଛାତ୍ରୀଛାତ୍ରଙ୍କ ଅନେକ ଭାରୀ ଯାନବାହନ ଯାତାୟାତ କରୁଛି। କଲ୍ୟାଣ ମଣ୍ଡପ-୨ ମଧ ଅବସ୍ଥିତ।

# ରତ୍ନବେଦିକୁ ବାହୁଡ଼ିଲେ ଦଧିବାମନ

**ବରଗଡ଼,୨୮ା୬(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ଜିଲା ଭଟଲିରେ ଶ୍ରୀ ଶ୍ରୀ ଦଧିବାମନଙ୍କ ବାହୁଡ଼ା ଯାତ୍ରା ।

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ଭଟଲିର ଶ୍ରୀ ଶ୍ରୀ ଦଧିବାମନ ଧାମରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମହାପ୍ରଭୁ ଦଧିବାମନ ଗୁଣ୍ଡିଚା ମନ୍ଦିରସ୍ଥ ଆଡ଼ପ ମଣ୍ଡପ ଛାଡ଼ି ରଥାରୂଢ଼ ହୋଇ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଏହି ଅବସରରେ ମଙ୍ଗଳବାର ରାତିରେ ଦଧିବାମନଙ୍କୁ ତାଙ୍କ ଅତି ପ୍ରିୟ ପୁଡ଼ାପୀଠା ଲାଗି ହୋଇଥିଲା। ବୁଧବାର ପ୍ରତ୍ୟୁଷରୁ ପ୍ରଭୁଙ୍କ ଦୈନିକ ପୂଜାନୀତି ହେବା ପରେ ସାହାଣମେଳା ଅନୁଷ୍ଠିତ ହୋଇଥିଲା। ଏହାପରେ ଦଧିବାମନଙ୍କ ବାହୁଡ଼ା ଯାତ୍ରା ପାଇଁ ପହଣ୍ଡି ପୂଜା ହୋଇଥିଲା। ପହଣ୍ଡି ପୂଜା ଏବଂ ମଙ୍ଗଳାର୍ପଣ ଶେଷ ହେବା ପରେ ଭଟଲି ଗୌନ୍ତିଆଙ୍କ ଦ୍ୱାରା ଛେରାପହଁରା ହୋଇଥିଲା। ଏହାପରେ ପ୍ରଭୁ ବଡ଼ଦାଣ୍ଡକୁ ବିଜେ ହୋଇଥିଲେ। ମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ଶ୍ରୀ ଶ୍ରୀ ଦଧିବାମନ ପୁରୋହିତଙ୍କ କରଦୋଳିରେ ଗୁଣ୍ଡିଚା ମନ୍ଦିରରୁ ରଥ ନିକଟକୁ ପହଣ୍ଡି ହୋଇ ଆସିଥିଲେ। ଶ୍ରଦ୍ଧାଳୁଙ୍କ ହୁଳହୁଳି, ହରିବୋଲ, ଘଣ୍ଟ, ଶଙ୍ଖଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପହଣ୍ଡି ବିଜୟ ସମୟରେ ବଡ଼ଦାଣ୍ଡକୁ ଭକ୍ତଙ୍କ ସୁଅ ଛୁଟିଥିଲା।

**ବାହୁଡ଼ା ଯାତ୍ରା ସମ୍ପନ୍ନ**

ପରେ ଦଧିବାମନଙ୍କୁ ରଥରେ ବେଶ କରାଯାଇ ପୂଜାପାଠ ସହିତ ମଙ୍ଗଳ ଆଳତୀ କରାଯାଇଥିଲା। ଆଳତୀ ପରେ ଶିଶୁଙ୍କ ରଥଛୁଆଁ ହୋଇଥିଲା ଏବଂ ପରେ ମହାପ୍ରଭୁ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଦିନ ପ୍ରାୟ ୨ଟାରେ ରଥଟଣା ହୋଇଥିଲା ଏବଂ ସନ୍ଧ୍ୟା ପ୍ରାୟ ୫ଟାରେ ରଥ ପଡ଼ିଆରେ ରଥ ପହଞ୍ଚିଥିଲା। ସେଠାରେ ଲକ୍ଷାଧିକ ଭକ୍ତ ପ୍ରଭୁଙ୍କ ଦର୍ଶନ କରିଥିଲେ। ଏହାପରେ ରଥ ଉପରେ ପ୍ରଭୁଙ୍କ ଶେଷ ପୂଜାନୀତି ସମାପନ ହୋଇଥିଲା ଏବଂ ପହଣ୍ଡି କରି ଦଧିବାମନଙ୍କୁ ମନ୍ଦିରକୁ ନିଆଯାଇଥିଲା। ପ୍ରଭୁଙ୍କୁ ପୂଜାର୍ଚ୍ଚନା ସହିତ ରତ୍ନ ସିଂହାସନରେ ବିଜେ କରାଯାଇଥିଲା। ଗୁରୁବାର ମହାପ୍ରଭୁ ରତ୍ନ ସିଂହାସନରେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି। ରଥଯାତ୍ରା ପାଳନ କମିଟି ସଭାପତି ଈଶ୍ୱର ଚନ୍ଦ୍ର ସାହୁ, ସମ୍ପାଦକ ମାଧବ ପ୍ରସାଦ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ବାହାରିଲା କ୍ଷୁଦ୍ରଶସ୍ୟ ଚାଷ ସମ୍ପର୍କିତ ସଚେତନତା ରଥ



**ଖପ୍ରାଖୋଲ,୨୮ା୬(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେନକେରା ଗାଁ ଓଡିଶା ମିଲେଟ ମିଶନ, ଆମ୍ଭ ବଲାଙ୍ଗୀର, ମିଶନ ଶକ୍ତି ଓ ୱାସି ଅନୁଷ୍ଠାନର ମିଳିତ ଉଦ୍ୟମରେ କ୍ଷୁଦ୍ରଶସ୍ୟ ସମ୍ପର୍କିତ ସଚେତନତା ରଥ ବୁଧବାର ଶୁଭାରମ୍ଭ ହୋଇଛି। ଗାଁର ମାଣ୍ଡିଆ ଚାଷୀ ଏବଂ ମହିଳା ସ୍ୱୟଂ ସହାୟିକା ଦଳ ମହିଳାମାନେ ଯୋଗଦେଇ ରଥକୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷି ଅଧିଦର୍ଶକ ଚକ୍ରଧର ଦାସ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧରେ ୱାସି ବ୍ଲକ ସଂଯୋଜକ ଉମେଶ ଗୁପ୍ତା, ସମୀର କୁମାର ପାଣିଗ୍ରାହୀ, ରାକେଶ ବେହେରା, ଫକୀର ସାହୁ, ଭୋଜରାଜ ବରିହା, ସଦାନନ୍ଦ ବାଗ ଯୋଗଦେଇଥିଲେ।

## ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର



ବିକାଶ ଶିକ୍ଷାନୁଷ୍ଠାନରେ ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକଗଣ।

**ବରଗଡ଼,୨୮ା୬(ପ୍ରେମାନନ୍ଦ ଖମାରୀ)**

ବାହୁଡ଼ା ଯାତ୍ରା ଅବସରରେ ବୁଧବାର ବରଗଡ଼ ବିକାଶ ଡିଗ୍ରୀ କଲେଜ ଆନୁକୂଲ୍ୟରେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ୍ସର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗନ୍ନାଥଙ୍କ ପ୍ରତି ରହିଥିବା ଭକ୍ତି, ଅନୁଭୂତି ଏବଂ ବିଶ୍ୱାସକୁ ପ୍ରକାଶ କରିଥିଲେ। ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ୍ସର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଆଧୁନିକତାବାଦ ବିଜ୍ଞାନ ସହ ଏକ ତୁଳନାତ୍ମକ ବିଚାରଧାରା ଉପରେ ବକ୍ତବ୍ୟ ରଖିଥିଲେ। ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଉପାଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶ୍ରୀ ଜଗନ୍ନାଥ କିଭଳି ଓଡ଼ିଆ ଜାତିର ପ୍ରତୀକ ଏବଂ ସମଗ୍ର ବିଶ୍ୱରେ ପୂଜନୀୟ, ତାହା ଉପରେ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥଙ୍କ ଭଜନ ପରିବେଷଣ କରାଯାଇ ଥିଲା। ଆଭାରାଣୀ ମେହେର, ଶୁଭସ୍ମିତା ସାହୁ, ଅନ୍ୱେଷା ମିଶ୍ର, ଦୀପନିକିତା ବଡ଼ପଣ୍ଡା, ଅର୍ପିତା ସାହୁ, ଜ୍ୟୋସ୍ମିତା ତ୍ରିପାଠୀ ପ୍ରମୁଖ ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ନିମ୍ନମାନର କାମ, ସ୍ଲାବ୍‌ରେ ଫାଟ

**ଲୋଇସିଂହା,୨୮ା୬(ସୁଶାନ୍ତ ବାରିକ)**

ଜାତୀୟ ରାଜପଥ ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଡ୍ରେନ ନିର୍ମାଣ ହୋଇଛି । ନିମ୍ନମାନର କାମ ଯୋଗୁ ନିର୍ମାଣାଧୀନ ଡ୍ରେନର ସ୍ଲାପରେ ଫାଟ ସୃଷ୍ଟି ହୋଇଛି । ସେଣ୍ଟ୍ରିଂ ଖୋଲିଲେ ସ୍ଲାପ ଭୁଶୁଡି ପଡିବ ବୋଲି ଲୋକେ ଆଶଙ୍କା କରିଛନ୍ତି। ଏନ୍‌ଏଚ ବିଭାଗ କାମରେ ଏପରି ଅନିୟମିତତା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଭାଗର ଖାମଖିଆଲିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବରଗଡ-ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି । ରାସ୍ତାପାର୍ଶ୍ୱରେ ଡ୍ରେନ ନିର୍ମାଣ ହେଉଛି। ରେଳଷ୍ଟେଶନ ରାସ୍ତାରୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୀମାରେ ପ୍ରାୟ ୫୦ ମିଟର ଡ୍ରେନ କାମ ହୋଇଛି। ବାଲି,ସିମେଣ୍ଟ ଏବଂ ଗେଟି ମିଶ୍ରଣରେ ଅନିୟମିତତା ହୋଇଥିବାରୁ ଡ୍ରେନର ସ୍ଲାପ ସାରା ଫାଟ ସୃଷ୍ଟି ହୋଇଛି । ଏହି ଫାଟ ତଥା ଦୁର୍ନୀତିକୁ ଲୁଚାଇବାକୁ ଯାଇ ସ୍ଲାପ ଉପରେ ପୁଣି କାମ କରାଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ରୋଗୀଙ୍କୁ ଆଣୁଥିବା ଯାନବାହାନ ନିୟମିତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବ । ଦୁର୍ବଳ ଡ୍ରେନ ସ୍ଲାପ ଉପର ଗାଡିମୋଟର ଗଲେ ଭୁଶୁଡିବା ଆଶଙ୍କା ଭୟ ରହିଛି । ଅପରପକ୍ଷେ କେତେକ ସ୍ଥାନରେ ଡ୍ରେନ ମୁକୁଳା ପଡିଛି। ମୁକୁଳା ଡ୍ରେନରେ ପଡି ଯୋଗୀସର୍ଡା ଗ୍ରାମର ସାନନ୍ଦ ସାହୁ ଗୁରୁତର ହୋଇଛନ୍ତି। ତେବେ ତାଙ୍କ ପିଲା ବର୍ତ୍ତି ଯାଇଥିବା ସାନନ୍ଦ କହିଛନ୍ତି।

## ପଦ୍ମପୁର ଉପଖଣ୍ଡରେ ରେକର୍ଡ ବର୍ଷା

**ପଦ୍ମପୁର,୨୮ା୬(ପ୍ରଦୀପ୍ତ ଦାଶ)**

ମୌସୁମୀର ପ୍ରଥମ ବର୍ଷାରେ ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ରେକର୍ଡ ବର୍ଷା ହୋଇଛି। ସମସ୍ତ ଫଳରେ ଚାଷଜମି ଜଳମଗ୍ନ ହୋଇ ଘାଇ ହୋଇଛି । ଘାଇ ଯୋଗୁ ବାଲିଚର ହୋଇ ଚାଷକାର୍ଯ୍ୟ ଆରମ୍ଭରୁ ବାଧା ସୃଷ୍ଟି ହୋଇଛି। ଚଳିତ ବର୍ଷ ବିଳମ୍ବିତ ବର୍ଷା ଯୋଗୁ ଚାଷକାର୍ଯ୍ୟ ପଛେଇ ଯାଇଛି। ତେବେ ଗତ ୨୫ ତାରିଖରୁ ହୋଇଥିବା ବର୍ଷାରେ ଉପଖଣ୍ଡର ପାଇକମାଳ ବ୍ଲକରେ ସର୍ବାଧିକ ୩୯୭ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ପଦ୍ମପୁରରେ ୩୬୬ ମିମି, ଝାରବନ୍ଧରେ ୩୦୬ ମିମି, ବିଜେପୁରରେ ୨୮୫ ମିମି,

**ଘାଇ ଯୋଗୁ ଚାଷଜମିରେ ବାଲିଚର**

ଗାଇସିଲେଟରେ ୧୭୯ ମିମି ଓ ସବୁଠାରୁ କମ୍ ସୋହେଲାରେ ୧୭୧ ମିମି ବର୍ଷା ହୋଇଛି । ଏବେ ଲଗାଣ ବର୍ଷାରେ ଚାଷଜମି ଜଳମଗ୍ନ ରହିଥିବାରୁ ପୁଣି ୩/୪ ଦିନ ଚାଷ କାମ ପଛେଇଯିବ ବୋଲି ଚାଷୀମାନେ ମତ ଦେଇଛନ୍ତି। ଏହାସହିତ ଯେଉଁ ଜମି ବାଲିଚର ହୋଇଯାଇଛି ବାଲି ଉଦ୍ଧାର ନ କଲେ ଚାଷକାର୍ଯ୍ୟ ଅସମ୍ଭବ ବୋଲି ସେମାନେ କହିଛନ୍ତି । ତେଣୁ ରାଜସ୍ୱ ଓ କୃଷି ବିଭାଗ ଚଳିତ ମୌସୁମୀ ବର୍ଷାର କ୍ଷୟକ୍ଷତି ଆକଳନ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।


ପଦ୍ମପୁର ବ୍ଲକ ଦର୍ଲିଗୁଡା ଗ୍ରାମରେ ଚାଷଜମିରେ ଘାଇ ସୃଷ୍ଟି ହୋଇଛି।

## ହିତାଧିକାରୀଙ୍କୁ ୪ମାସର ବକେୟା ଚାଉଳ ମିଳିଲା

**ଖପ୍ରାଖୋଲ,୨୮ା୬(ଅଭୟ ତ୍ରିପାଠୀ)**

ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଯୋଗାଣ ବିଭାଗ ତରଫରୁ ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଭାନପୁର ଗାଁର ହିତାଧିକାରୀଙ୍କୁ ଚାରି ମାସର ବକେୟା ଚାଉଳ ବୁଧବାର ଯୋଗାଣ ନିରୀକ୍ଷକଙ୍କ ତତ୍ତ୍ୱାବଧାରେରେ ବାଣ୍ଟା ଯାଇଥିଲା। ଭାନପୁର ଗାଁର ଶତାଧିକ ହିତାଧିକାରୀଙ୍କୁ ଚାଉଳ ମିଳି ନ ଥିବା ସମ୍ପର୍କରେ ଖବର ଗଣମାଧ୍ୟମରେ ପରିବେଷଣ ହୋଇଥିଲା। ଏହାପରେ ଜିଲା ଯୋଗାଣ ଅଧିକାରୀ ମିର ରାଜା ଅଲ୍ଲୀ, ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ ଗାଁକୁ ଯାଇ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ଚାଉଳ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହିତାଧିକାରୀଙ୍କୁ ଗତ ଚାରି ମାସର ଚାଉଳ ବୁଧବାର ବଣ୍ଟନ କରାଯାଇଛି ବୋଲି ବ୍ଲକ ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା ପ୍ରକାଶ କରିଛନ୍ତି। ଚାରିମାସ ଧରି ହିତାଧିକାରୀଙ୍କୁ କାହିଁକି ଚାଉଳ ବଣ୍ଟନ କରାଯାଇ ନଥିଲା ସେନେଇ କିଏ ଦାୟୀ ତାର ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

### ଶିଶୁ ସୁରକ୍ଷା କମିଟି ପ୍ରଶିକ୍ଷଣ ଶିବିର

**ଲୋଇସିଂହା,୨୮ା୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ଲୋଇସିଂହା ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ସରପଞ୍ଚ ନବକିଶୋର ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସିଡିପିଓ ଗାୟତ୍ରୀ ବାରିକ ଅତିଥିଭାବେ ଯୋଗଦେଇ ଶିଶୁ ସୁରକ୍ଷା କମିଟିର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ସ୍ୱର୍ଣ୍ଣପ୍ରଭା ନାଗ ବକ୍ତବ୍ୟ ରଖିଥିଲେ।

## ପଥରେଲ ଗ୍ରାମରେ ଜନଜାତି ସାଧନ କେନ୍ଦ୍ର ଉଦ୍‌ଘାଟନ

**ପାଇକମାଳ,୨୮ା୬ (ବଡ ଶତପଥୀ)**

ପାଇକମାଳ ବ୍ଲକ ଝିଁକି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପଥରେଲ ଗ୍ରାମରେ ବରଗଡ ଜିଲାସ୍ତରୀୟ ଜନଜାତି ସାଧନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ରାଧାକାନ୍ତ ଛତ୍ରିଆ, ପାଇକମାଳ ବିଇଓ ଚୂଡ଼ାମଣି ବାରିକ, ଏବିଇଓ ଶିବପ୍ରସାଦ ଯୋଶୀ, ପ୍ରଧାନ ଶିକ୍ଷକ ଦେବଦାସ ପ୍ରଧାନ, ସିଆରସିସି ଡୋଲାମଣି ମାହାର, କେଦାର ନାଥ ରାଉତ, ରଞ୍ଜନ ବାଗ ପ୍ରମୁଖ ଯୋଗଦେଇ ଜନଜାତିଙ୍କ ପୂର୍ବ ପୁରୁଷଙ୍କ ଚଳଣି ଉପରେ ଅଭିଭାଷଣ ରଖିଥିଲେ। ଏହି ସାଧନ କେନ୍ଦ୍ରଗୃହରେ ବହୁ ପୁରାତନ ଜିନିଷ ସବୁ ସାଇତି ରଖାଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ହରେକୃଷ୍ଣ ମହାଲିଙ୍ଗ ବିଞ୍ଝାଲ ଭାଷାରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ରହେନୁ ଆମରି, ଚିନୁ ଅମରି, ନିର୍ମଳ ଏଣ୍ଡଜାଙ୍କ ସମେତ ପଥରେଲ ଗ୍ରାମବାସୀ ମାନ୍ଦଳ ବଜାଇ ସ୍ୱାଗତ କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ବରଗଡ଼ ଜିଲାରେ ଖରିଫ ଚାଷ**

# ସାର, କୀଟନାଶକ ନକଲି


ବରଗଡ଼ ବ୍ଲକ କଳାପାଣି ଅଞ୍ଚଳରେ ଧାନ କିଆରୀ ।

**ବରଗଡ଼,୨୮ା୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ୩ଲକ୍ଷ ୪୮ହଜାର ୭୪୭ହେକ୍ଟର କୃଷି ଉପଯୋଗୀ ଜମି ରହିଥିବାବେଳେ ସେଥିମଧ୍ୟରୁ ୨ଲକ୍ଷ ୫୨ହଜାର ୬୫୬ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ସେହିପରି ଅନ୍ୟ ଚାଷ ତୁଳନାରେ ଧାନ ଫସଲ ପାଇଁ ଅଧିକ ସାର, କୀଟନାଶକ ଆବଶ୍ୟକତା ରହିଛି। ଏହି ଦୃଷ୍ଟିରୁ ରାଜ୍ୟର ଅନ୍ୟ ଜିଲା ଅପେକ୍ଷା ବରଗଡ଼ ଜିଲାରେ ସାର, କୀଟନାଶକର ସର୍ବାଧିକ ବିକ୍ରିବଟା ହୋଇଥାଏ। କିନ୍ତୁ ବିଭାଗୀୟ ଅପାରଗତା ଯୋଗୁ ଜିଲାରେ ସାର, କୀଟନାଶକର ନକଲି କାରବାର ଜୋର୍ ଧରିଛି। ଅନ୍ୟପଟେ ଏହାର ଦର ଆକାଶଛୁଆଁ ହୋଇଛି । ଖରିଫ ଚାଷ ଆରମ୍ଭରୁ ବରଗଡ଼ ଜିଲାରେ ଏଭଳି ସ୍ଥିତି ଉପୁଜିବା ଚାଷୀଙ୍କ ପାଇଁ ଚିନ୍ତାଜନକ ହୋଇପଡ଼ିଛି । ଗତ ମାର୍ଚ୍ଚ ଶେଷ ସପ୍ତାହରେ ଜିଲାର ଜାମମାଳ ଗ୍ରାମରେ ନକଲି ପଟାସ ସାର ପ୍ରସ୍ତୁତ ହେଉଥିବା ପୋଲିସ ହାତରେ ଧରାପଡ଼ି ଥିବାବେଳେ ମଙ୍ଗଳବାର ବରପାଲି ଥାନା ତୁଲଣ୍ଡି ଗ୍ରାମର ଏକ ଗୋଦାମରୁ ୯୦ପକେଟ୍ ପଟାସ୍ ସାର, ଲୁଣ ବସ୍ତା, ରଙ୍ଗ ସମେତ ସେଠାରୁ ଖାଲି ପକେଟ୍ ମଧ୍ୟ କୃଷି ବିଭାଗ ଜବତ କରିଛି। ତେବେ ତାହା ମଧ୍ୟ ନକଲି ବୋଲି ସନ୍ଦେହ ଦୃଢ଼ୀଭୂତ ହୋଇଛି। କେବଳ ଉକ୍ତ ୨ଟି ସ୍ଥାନ ନୁହେଁ, ଜିଲାର ଅନେକ ସ୍ଥାନରେ ଏଭଳି ଚାଲିଥିବା ଆଲୋଚନା ହେଉଛି। ଆରମ୍ଭରୁ ଯଦି କୃଷି ବିଭାଗ ତାହା ରୋକିବାକୁ ତତ୍ପର ନ ହୁଏ, ଆଗାମୀ ଦିନରେ ଜିଲାର ଅନେକ ଚାଷୀ ସେଭଳି ମୁନାଫାଖୋର ବ୍ୟବସାୟୀଙ୍କ ଦ୍ୱାରା ଶୋଷିତ ହେବା ଆଶଙ୍କା ରହିଛି।

**ଏମାନେ ଯାହା କୁହନ୍ତି...**

**କାର୍ଯ୍ୟାନୁଷ୍ଠାନ ଧର୍ମକୁ ଆଖିଠାର**



"ବରଗଡ଼ ଜିଲାରେ ନକଲି କାରବାର ନୂଆ ନୁହେଁ। ନକଲି ସାର, କୀଟନାଶକ ବିକ୍ରି ନେଇ ବାରମ୍ବାର ଅଭିଯୋଗ ହେଉଛି। ବହୁ ପୂର୍ବରୁ ସେଭଳି ସୂଚନା ରହି ଆସିଛି। ମାତ୍ର ଜିଲା ପ୍ରଶାସନ ଆଖିବୁଜିଆ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ବହୁତ ଜାଗାରେ ସେଭଳି ଚାଲିଛି। କାଁ ଭାଁ କେତେବେଳେ ଲୋକ ଦେଖାଣିଆଁ ଧରପଗଡ଼ ଚାଲିଛି। ଯାହାକି ଧର୍ମକୁ ଆଖିଠାର ଭଳି। ଏଭଳି ନକଲି ସାର, କୀଟନାଶକ କାରବାର ଏବଂ କଳାବଜାରକୁ ଦୃଢ଼ ଭାବେ ଦମନ କରା ନ ଗଲେ ଚାଷୀଙ୍କ ବହୁତ କ୍ଷତି ହେବ।

-ରମେଶ ମହାପାତ୍ର, ଚାଷୀନେତା

**ସତର୍କ ରହୁନି କୃଷି ବିଭାଗ**



ବହୁତ ଜାଗାରେ ନକଲି ସାର, କୀଟନାଶକ ବିକ୍ରି ହେଉଛି। ଗାଇସିଲେଟରେ ଧରାପଡ଼ିଥିଲା। ହେଲେ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ନକଲି ସାର ସେଠାରୁ କେଉଁ ସ୍ଥାନକୁ ଯାଉଥିଲା, ଆଉ କେଉଁ ବ୍ୟବସାୟୀ ସମ୍ପୃକ୍ତ, ସେମାନଙ୍କୁ ଖୋଜି ବାହାର କରିବାର ଥିଲା। ତାହା ହେଲା ନାହିଁ। ନମୁନା ପରୀକ୍ଷା ଆଳରେ ସମୟ ଗଡ଼ାଯାଉଛି। ବରଗଡ଼ରେ ପରୀକ୍ଷାଗାର ଖୋଲାଯିବା ସହିତ ନକଲି କାରବାର ପ୍ରତି କୃଷି ବିଭାଗ ମଧ୍ୟ ସତର୍କ ରହିବା ଦରକାର।

-ସୁରେଶ ନେକାଣ୍ଟି, ଚାଷୀନେତା

**ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ**



ଜିଲାରେ ଯେଭଳି ନକଲି ସାର, କୀଟନାଶକ ବିକ୍ରି ହେବ ନାହିଁ କିମ୍ବା କଳାବଜାର ହେବ ନାହିଁ, ସେଥିପ୍ରତି କୃଷି ବିଭାଗ ସଜାଗ ରହିଛି। ତୁଲଣ୍ଡିରେ ଜବତ ସାର ନମୁନା ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜିଲାରେ ପର୍ଯ୍ୟାପ୍ତ ସାର ମହଜୁଦ ରହିଛି। ଚାଷୀମାନେ ଲାଇସେନ୍ସପ୍ରାପ୍ତ ବିକ୍ରେତାଙ୍କ ପାଖକୁ ଯାଇ କିଣିପାରିବେ। କିଛି ଅନିୟମିତତା ଅଭିଯୋଗ ପାଇଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ।

-ଅଶୋକ କୁମାର ଅମାତ, ଜିଲା ମୁଖ୍ୟ କୃଷି ଅଧିକାରୀ

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨୯ ଜୁନ୍, ୨୦୨୩

## ଜିଲା ମହିଳା କ୍ରିକେଟ ଖେଳାଳି ସମ୍ବର୍ଦ୍ଧିତ

**ସମ୍ବଲପୁର,(ବି.ଶଙ୍କର):** ସମ୍ବଲପୁର ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଜିଲା ମହିଳା କ୍ରିକେଟ ଖେଳାଳିଙ୍କୁ ବୁଧବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମାରୋହରେ ଜିଲା କ୍ରିକେଟ ଆସୋସିଏଶନର ସାଧାରଣ ସମ୍ପାଦକ ତଥା ରାଜ୍ୟ ଆଥ୍ଲେଟିକ ଆସୋସିଏଶନର ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ଯୋଗଦେଇ ମହିଳା କ୍ରିକେଟ ଟିମ୍ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ଆନ୍ତଃ ଜିଲା ମହିଳା କ୍ରିକେଟ ପ୍ରତିଯୋଗିତା ୨୦୨୩ରେ ସମ୍ବଲପୁର ଟିମ୍ ପ୍ରଥମଥର ଭାଗ ନେଇଥିଲା।



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ, ଭାଇ ଆଣିଲେ ହତ୍ୟା ଅଭିଯୋଗ

**ସମ୍ବଲପୁର,୨୮।୬ (ଶୁଭାଶିଷ ପାଢ଼ୀ):** ସମ୍ବଲପୁର ଜିଲା ଧନୁପାଲି ଥାନା ଭତରା ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ମନୋରଞ୍ଜନ କୁମ୍ଭାର (୩୨)। ତାଙ୍କୁ କେହି ହତ୍ୟା କରି କୂଅରେ ଫିଙ୍ଗି ଦେଇଥିବା ତାଙ୍କ ବଡଭାଇ ଧନଞ୍ଜୟ ପୋଲିସରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୩୦୨ରେ ଏକ ମାମଲା (୨୦୨/୨୩) ରୁଜୁ କରି ଘଟଣାର ତଦନ୍ତ ଅରମ୍ଭ କରିଛି। ଧନଞ୍ଜୟଙ୍କ ଅଭିଯୋଗକ୍ରମେ, ଦୁଇଦିନ ପୂର୍ବରୁ ଗ୍ରାମର ଜଣେ ଯୁବକ ଭାଇକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏପରିସ୍ଥଳେ ଜୁନ ୨୬ରେ ସେ ଶ୍ୱଶୁର ଘର ଗୁଲୁଣ୍ଡା ଯାଉଛି କହି ଘରୁ ବାହାରିଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ବୁଧବାର ସ୍ଥାନୀୟ ଲୋକେ କୂଅରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହକୁ କୂଅରୁ ବାହାର କରିଥିଲେ। ଭାଇ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତାକୁ କେହି ମାରି କୂଅକୁ ଫିଙ୍ଗି ଦେଇଥିବା ଧନଞ୍ଜୟ ଦର୍ଶାଇଛନ୍ତି। ଅନ୍ୟପଟେ ମୃତ ମନୋରଞ୍ଜନଙ୍କ ପାରିବାରିକ ସମ୍ପର୍କ ଭଲ ନ ଥିଲା ବୋଲି ଆଲୋଚନା ହେଉଛି। ତାଙ୍କୁ ହତ୍ୟା କରାଯାଇଛି ନା କୂଅରେ ବସିଥିବା ସମୟରେ ଭିତରକୁ ପଖସିପଡିଥିଲେ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ଲଗାଣ ବର୍ଷା: ଉଡିଲା ଆଜବେଷ୍ଟସ୍, ଭାଙ୍ଗିଲା ଘର



**ଜମନକିରା,୨୮।୬ (ରବୀନ୍ଦ୍ର ପ୍ରସାଦ ଦାନି):** ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଓ ମୌସୁମୀ ଜନିତ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ଝଡତୋଫାନ ଦେଖିବାକୁ ମିଳିଛି। ଏଥିଯୋଗୁ ଅନେକ ସ୍ଥାନରେ କ୍ଷୟକ୍ଷତି ଘଟିଛି। ଜମନକିରା ବ୍ଲକ କେନାଡିପା ଗ୍ରାମ ପଞ୍ଚାୟତ ସଦର ମହକୁମାର ଲେଲିନ ରଣାଙ୍କର ଦୁଇ ବଖରା ଘରର ଆଜବେଷ୍ଟସ୍ ଉଡିଯାଇଛି। ଫଳରେ ତାଙ୍କ ପରିବାର ରହିବା ପାଇଁ ହନ୍ତସନ୍ତ ହେଉଛନ୍ତି। ସେହିପରି ବେଲୁଆମାଲ ଗ୍ରାମର ହୃଷୀକେଶ ଦେହୁରିଙ୍କ ଘର ଛପର ଉଡିଯାଇଛି। ବର୍ଷା ପାଣି ମାଡ଼ରେ ତାଙ୍କର ଗୋଟିଏ ବଖରା ଘର ଭୁଷୁଡି ପଡିଛି। ଏ ନେଇ ସେ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିବାରୁ ସରପଞ୍ଚ ଫାଶୀମାଲ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇ ତଦନ୍ତ କରିଛନ୍ତି। ତେବେ ଘର ଭାଙ୍ଗିଥିବା ଲୋକମାନଙ୍କୁ ଶୀଘ୍ର ଘର ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ହାଇସ୍କୁଲରେ ଲାଗିଲା ସାନିଟାରି ନାପ୍‌କିନ ମେଶିନ

**ସମ୍ବଲପୁର,୨୮।୬ (ଶୁଭାଶିଷ ପାଢୀ):** ସମ୍ବଲପୁର ବୁଢାରଜା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ସାନିଟାରୀ ନାପକିନ ଭେଣ୍ଡିଂ ମେଶିନ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଏମ୍‌ସି କମିଶନର ପ୍ରଦିପ କୁମାର ସାହୁ, ଜିଲା ଶିକ୍ଷା ଅଧିକାରିଣୀ ମୀନାରାଣି ମଣ୍ଡଳ, ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ, ରୋଟାରୀ କ୍ଲବ ସଭାପତି ପ୍ରମୋଦ କୁମାର ଅଗ୍ରୱାଲ, ସମ୍ପାଦକ ଆନନ୍ଦ କୁମାର ମିଶ୍ର, ପୁରାତନ ଛାତ୍ର ସଂଘ ସଭାପତି ସୁଶାନ୍ତ କୁମାର ଦାସ, ସମ୍ପାଦକ ଅରବିନ୍ଦ ତ୍ରିପାଠୀ, କୋଷାଧ୍ୟକ୍ଷ ରମେଶ କୁମାର ସାହା, ଉପସଭାପତି ସଞ୍ଜୟ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଭୁଦତ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ତ୍ରୀ ଓ ପ୍ରସୁତି ବିଭାଗ ବିଶେଷଜ୍ଞ ଡା. ପୁଷ୍ପଲତା ଜେନା ଓ ଡା. ବିସ୍ମୟ ଷଡଙ୍ଗୀ ଯୋଗଦେଇ ବାଳିକାମାନଙ୍କ କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା, ପରିଷ୍କାର ଓ ପରିଚ୍ଛନ୍ନତା ବିଷୟରେ ବୁଝାଇଥିଲେ। ଏହା ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ସଚେତନତା ସଭାକୁ ଶିକ୍ଷକ ହରିନାରାୟଣ ପଣ୍ଡା ସଂଯୋଜନା କରିଥିବା ବେଳେ ବିଲାଲ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ରତ୍ନବେଦିକୁ ବାହୁଡ଼ିଲେ ଶ୍ରୀଜୀଉ

**ସମ୍ବଲପୁର,୨୮।୬ (ବି.ଶଙ୍କର)**

ବାହୁଡା ଯାତ୍ରାରେ ଐତିହ୍ୟ ସମ୍ପନ୍ନ ସମ୍ବଲପୁର ସହର ସମେତ ଗ୍ରାମାଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ବୁଧବାର ମାଉସୀ ମା' ମନ୍ଦିରଗୁଡିକରେ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ରୀତିନୀତି ଅନୁସାରେ ଠାକୁରଙ୍କଠାରେ ମଙ୍ଗଳ ଆଳତି, ଅବକାଶ ନୀତି, ଭୋଗଲାଗି ଓ ସେନାପଟା ହୋଇଥିଲା। ଧାଡିପହଣ୍ଡି, ଠାକୁରଙ୍କ ରଥାରୂଢ଼, ରଥ ଛୁଆଁ ଓ ସନ୍ଧ୍ୟାରେ ରଥଟଣା ପରେ ସନ୍ଧ୍ୟା ଆଳତି ହୋଇଥିଲା। ଶଙ୍ଖ, ଘଣ୍ଟ ଓ ଦୁଲଦୁଲି ବାଜା ସାଙ୍ଗକୁ ହରିବୋଲ, ହୁଳହୁଳି ଓ ଜୟ



ରାଧାମଦନ ଗୋପାଳ ଠାକୁରଙ୍କ ପହଣ୍ଡି ବିଜେ ନୀତି।

ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ମାଉସୀ ମା' ମନ୍ଦିର ପରିସର। ଏପରି ପରିବେଶରେ ଶିଶୁମାନଙ୍କ ରଥଛୁଆଁ ବିଧି ହୋଇଥିଲା। ଏହିକ୍ରମରେ ଝାଡୁଆପଡ଼ାର ବ୍ରହ୍ମପୁରା, ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନମୋହନ ଓ ଲିଆଖାଇ, ଯଜ୍ଞବରାହ, ଗୁରୁପଡ଼ାର ଟିମନି, ମୁଦିପଡ଼ା, ମଠପାଲି, ଭତରା, କମଲିବଜାର ଓ ଧନୁପାଲିର ଗୋପାଳଜୀ, ବୁଢ଼ାରଜା, ଧନକଉଡ଼ା, ଗୋଲବଜାର, କ୍ଷେତରାଜପୁର, ଶୁଭଶ୍ରୀ ବିହାର ସାକ୍ଷୀ ଗୋପୀନାଥପଡ଼ାର ରାଧାମଦନ ଗୋପାଳ ମନ୍ଦିରରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ଗୁରୁବାର ରୀତିନୀତିରେ ପୂଜାର୍ଚ୍ଚନା ହେବାପରେ ଝାଡୁଆପଡା, ମୁଦିପଡା, ଧନୁପାଲି ଓ ସାକ୍ଷୀ ଗୋପୀନାଥପଡ଼ା ମନ୍ଦିର ସମ୍ମୁଖରେ ରଥାରୂଢ଼ ଠାକୁର ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ସହରରେ ୨୮ଟି ମନ୍ଦିରରେ ଠାକୁର ପୂଜା ପାଆନ୍ତି। ଏଥିରୁ ୨୫ ମନ୍ଦିରରେ ବାହୁଡ଼ା ଯାତ୍ରା ହୋଇଥିଲା।

## ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା



ରେଢ଼ାଖୋଲଠାରେ ରଥ ଚତୁଃପାର୍ଶ୍ୱରେ ସମବେତ ଶ୍ରଦ୍ଧାଳୁ।

**ରେଢାଖୋଲ,୨୮।୬ (ଅଚ୍ୟୁତାନନ୍ଦ ପୁରୋହିତ)**

ରେଢାଖୋଲରେ ଆନନ୍ଦ ଉଲ୍ଲାସର ସହିତ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଛି। ମାଉସୀ ମା' ମନ୍ଦିରରେ ଯଥାରୀତି ପୂଜାର୍ଚ୍ଚନା ପରେ ପ୍ରଭୁ ଜଗନ୍ନାଥ, ଦେବୀ ସୁଭଦ୍ରା, ଭାଇ ବଳଭଦ୍ର ଓ ଦଧିବାମନ ଜୀଉ, ସୁଦର୍ଶନ ଠାକୁରଙ୍କୁ ବ୍ରହ୍ମସମାଜର ପଣ୍ଡିତମାନେ ପହଣ୍ଡି ବିଜେ କରି ରଥାରୂଢ କରିଥିଲେ। ରେଢାଖୋଲ ରାଜ ପରିବାରର ସଦସ୍ୟ ପୃଥ୍ୱିରାଜ ଦେଓ ଜେନାମଣି ଛେରାପହଁରା କରିଥିଲେ। ଅପରାହ୍ନ ୪ଟା ବେଳେ ରଥ ଟଣାଯାଇଥିଲା। ପ୍ରାୟ ୫୦ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ବଡଦାଣ୍ଡରେ ୨ ରଥ ରଖାଯାଇଥିବା ବେଳେ ଗୁରୁବାର ରଥ ଟଣାଯାଇ ରଥ ଉପରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହେବ। ଦେବୋତ୍ତର ବୋର୍ଡ ସଭାପତି ଅରୁଣ କୁମାର ପ୍ରଧାନ, ଉପଜିଲାପାଳ ପବିତ୍ର ବେହେରା, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ଉପସ୍ଥିତ ରହି ପରିଚାଳନା କରିଥିଲେ।

**କୁଚିଣ୍ଡା,(ବିରଞ୍ଚି ଦର୍ଶୀ):** କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ସ୍ଥାନରେ ବୁଧବାର ବାହୁଡାଯାତ୍ରା ସମ୍ପନ୍ନ ହୋଇଛି। ମାଉସୀ ମା' ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପହଣ୍ଡି ବିଜେ ପରେ ଶ୍ରୀଜୀଉଙ୍କୁ ରଥାରୂଢ ପରେ ରତ୍ନ ବେଦୀ ଅଭିମୁଖେ ରଥଟଣା କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀଜୀଉଙ୍କୁ ରଥ ଉପରେ ଦର୍ଶନ କରିବା ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। କୁଚିଣ୍ଡା, ଗୋଛରା, ବକ୍ସମା, ଚନ୍ଦନିମାଲ, ପାରୁଆଭାଡି, ଭୋଜପୁର, ଜମନକିରା, କେଶାଇବାହାଲ, ବାମରା, ଅଁଳାଡିପାରେ ଠାକୁରଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ନାକଟିଦେଉଳ, (ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ, ସରାପାଲି, କୁଞ୍ଜାମୁରା, ବୁଢାକଟା, ଉପରମୁଣ୍ଡା ଓ କିସିଣ୍ଡାଠାରେ ବୁଧବାର ପବିତ୍ର ବାହୁଡା ଯାତ୍ରା ପାରମ୍ପରିକ ନୀତିକାନ୍ତି ସହ ସମ୍ପନ୍ନ ହୋଇଛି। ଅପରାହ୍ନରେ ପୂଜାର୍ଚ୍ଚନା ପରେ ତିନି ଠାକୁର ପ୍ରଭୁ ବଳଭଦ୍ର, ଜଗନ୍ନାଥ ଏବଂ ଦେବୀ ସୁଭଦ୍ରାଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ଏହା ପରେ ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ମାଉସୀ ମା' ମନ୍ଦିରରୁ ରଥ ଟାଣି ଜଗନ୍ନାଥ ମନ୍ଦିରକୁ ଆଣିଥିଲେ। ପରେ ତିନି ଠାକୁର ମନ୍ଦିର ବିଜେ କରିଥିଲେ। ଭଜନ କୀର୍ତ୍ତନ ସହ ବଡଦାଣ୍ଡରେ ରଥ ଗଡି ଚାଲିଥିବା ବେଳେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।



ନାକଟିଦେଉଳଠାରେ ରଥାରୂଢ଼ ଠାକୁରଙ୍କୁ ଟାଣିନେଉଛନ୍ତି ଶ୍ରଦ୍ଧାଳୁ।

## ଜଗାଙ୍କ ଡୋରିରେ ଏକାଠି ଦୁଇ ପ୍ରତିଦ୍ୱନ୍ଦ୍ୱୀ

**ସମ୍ବଲପୁର,୨୮।୬ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ରେଢାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ଗତ ପ୍ରାୟ ଏକମାସ ହେଲା ରାଜନୀତି କ୍ଷେତ୍ରରେ ଚର୍ଚ୍ଚାର ସିରୋନାମାରେ ରହିଆସିଛି। ରେଢାଖୋଲରେ ରଥଯାତ୍ରା ସମୟରେ ବିଧାୟକ ରୋହିତ ପୂଜାରୀ ଓ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଏକାଠି ରଥ ଦଉଡି ଟାଣିବା, ଏକାଧିକ ଆଶାୟୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବ୍ୟାନର ପୋଷ୍ଟର ଲଗାଇବା, ସଭା ସମିତି କରିବା ସହ ଜନ ସାଧାରଣଙ୍କ ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟକ୍ରମରେ ଯୋଗଦେବା ଭଳି ଘଟଣାକୁ ନେଇ ଚର୍ଚ୍ଚା ହେଉଥିଲା। ବୁଧବାର ବାହୁଡାଯାତ୍ରାରେ ଏଭଳି ଏକ ଘଟଣାକ୍ରମେ ବିଧାୟକ ପୂଜାରୀ ଓ ଭାଜପା ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର ରଥ ଦଉଡି ଏକାଠି ଟାଣୁଥିବା ଦେଖିବାକୁ ମିଳିଥିଲା। ଜଗାଙ୍କ ପାଖରେ ସଭିଏଁ ସମାନ ଏହି ବାର୍ତ୍ତା ଏହି ଫଟୋରେ ଦିଆଯାଇଛି। ହେଲେ ରାଜନୀତି ଦୃଷ୍ଟି କୋଣରୁ ଦେଖିଲେ ଉଭୟ ଗତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଅନେକ ସମୟରେ ଉଭୟଙ୍କ ମଧ୍ୟରେ ରାଜନୀତି ବୟାନବାଜି ମଧ୍ୟ ହୋଇଥାଏ।



ବିଧାୟକ ପୂଜାରୀ ଓ ଭାଜପା ବିଧାୟକ ପ୍ରାର୍ଥୀ ରଥଦଉଡି ଟାଣୁଛନ୍ତି।

ହେଲେ ସାମାଜିକ ଓ ଆଧାତ୍ମିକ କାମରେ ଏକାଠି ହୋଇଛନ୍ତି, ଯାହାକି ଏକ ପରିପକ୍ୱ ରାଜନେତା ଓ ସୁସ୍ଥ ରାଜନୀତିର ବାର୍ତ୍ତା ଦେଉଛି। ହେଲେ ଏହି ଫଟୋ ଭାଇରାଲ ହେବା ପରେ ଉଭୟ ନେତାଙ୍କ ସମର୍ଥକମାନେ ଅନେକ କଥା ଆଲୋଚନା କରୁଛନ୍ତି। ଏ ସମ୍ପର୍କରେ ଦେବେନ୍ଦ୍ର କହିଛନ୍ତି, ରଥ ଟାଣି ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବାର ଶୌଭାଗ୍ୟ ଲାଭ କଲି। ସବୁ ସ୍ଥାନରେ ରାଜନୀତି ହୋଇ ନ ଥାଏ। ବାସ୍ତବରେ ବ୍ୟକ୍ତିଗତ ସମ୍ପର୍କ ଭଲ ରହିଛି ବୋଲି କହିଥିଲେ। ବିଧାୟକ ରୋହିତ କହିଥିଲେ, ମୋର ନିର୍ବାଚନ ମଣ୍ଡଳୀ ରେଢାଖୋଲ। ରଥଯାତ୍ରା ସମୟରେ ଜଗନ୍ନାଥଙ୍କୁ ଦର୍ଶନ କରିପାରିଲି । ରଥ ଦଉଡି ଟାଣିବା ବେଳେ ଏକାଠି ହୋଇଥିଲୁ। ଏଥିରେ କୌଣସି ରାଜନୀତି ଉଦ୍ଦେଶ୍ୟରେ ଦେଖିବା ଠିକ୍ ନୁହେଁ ବୋଲି କହିଥିଲେ।

## ନିଦାନ ଟିମ୍‌ର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ

**କୁଚିଣ୍ଡା,୨୮।୬(ବିରଞ୍ଚି ଦର୍ଶୀ)**

ବାମରା ବ୍ଲକରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ 'ନିଦାନ' ଯୋଜନାର କାର୍ଯ୍ୟକାରିତା, ଭିତ୍ତିଭୂମି ସ୍ଥାପନ ସାଙ୍ଗକୁ ରୋଗୀ ସେବା ଠିକ ଭାବେ ସମ୍ପାଦିତ ହେଉଛି କି ନାହିଁ ଏହାର ଆସେସ୍‌ମେଣ୍ଟ ପାଇଁ ନିଦାନ ଟିମ୍ ବୁଧବାର ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ଫେରିଛନ୍ତି। ଟିମ୍ ସଦସ୍ୟ ଡା. ବ୍ୟୋମକେଶ ମିଶ୍ର ଓ ଡା. ଯଶୋବନ୍ତ ହୋତା ବାମରା ବ୍ଲକର କେଶାଇବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବାଉଁଶଲଗା ଓ ମହାପାତ୍ର ବଲଣ୍ଡାରେ ଥିବା ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କରି ସ୍ଥିତି ଅନୁଧାନ କରିଥିଲେ। ଏହିଅବସରରେ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ପ୍ରଭୁପାଦ ମିଶ୍ର, ବିପିଏମ୍ ଦମୟନ୍ତୀ ଭୋଇ, ବିଏଏମ୍ ଅମରନାଥ ଗୁପ୍ତା, ବିଡିଏମ୍ ପ୍ରଶାନ୍ତ ସାହୁ, ଏଲ୍‌ଟି ସପ୍ନେଶ୍ୱର ସାହୁ ଉପସ୍ଥିତ ଥିଲେ। ମାଗଣା ପରୀକ୍ଷଣ ପ୍ରୟୋଗଶାଳା, ଭିତ୍ତିଭୂମି, ରୋଗୀ ସେବା ଆଦି ବ୍ୟବସ୍ଥା ଠିକ୍ ଥିବା ଟିମ୍ ସଦସ୍ୟ ପ୍ରକାଶ କରି ସ୍ୱାସ୍ଥ୍ୟସେବା କିଭଳି ଲୋକଙ୍କ ପାଖରେ ସୁବିଧାରେ ପହଞ୍ଚି ପାରିବ ସେ ନେଇ ପରାମର୍ଶ ଦେଇଥିଲେ।

## ବିଦ୍ୟୁତ୍ କାଟ ପ୍ରତିବାଦ କଲା କଂଗ୍ରେସ

**ଦେବଗଡ଼, ୨୭।୬ (ଶଶାଙ୍କ ଶେଖର ଝାଙ୍କର)**

ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ସମୟରେ ବିଦ୍ୟୁତ୍ କାଟ ଯୋଗୁ ଦେବଗଡ଼ ଜିଲାବାସୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବା ବେଳେ ବର୍ଷା ଦିନ ଆରମ୍ଭରେ ପୁଣି ଏହାର ପୁନରାବୃତ୍ତି ଘଟିଛି। ଏପରିକି ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ବିନା ବର୍ଷା ପବନରେ ବିଦ୍ୟୁତ୍ କାଟ କରିବାକୁ ପଛାଉ ନାହିଁ। ଲୋ ଭୋଲଟେଜ ସମସ୍ୟା ଏବଂ ଦେୟ ବୃଦ୍ଧି ଜିଲାବାସୀଙ୍କୁ ଚିନ୍ତାରେ ପକାଇଛି। ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଏହି ସମସ୍ୟା ପ୍ରତି ସମ୍ପୂର୍ଣ୍ଣଭାବେ ଆଖି ବୁଜି ଦେଇଛନ୍ତି ବୋଲି ମଙ୍ଗଳବାର ଜିଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। କଂଗ୍ରେସ ପକ୍ଷରୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ନେତା ଓ କର୍ମୀ ବିଭିନ୍ନ ସରକାର ବିରୋଧୀ ସ୍ଲୋଗାନ ସହ ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଟିପିଡବ୍ଲ୍ୟୁଓଡିଏଲ୍ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ କଂଗ୍ରେସ ସଭାପତି ହେମ୍ବ୍ରମ, ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ତଥା ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ବିରେନ ସେନାପତି ଓ ପୂର୍ବତନ ଉପ ନଗରପାଳ ବସନ୍ତ କୁମାର ମିଶ୍ରଙ୍କ ସମେତ ବହୁ ନେତା ନିଜର ବକ୍ତବ୍ୟ ରଖିଥିଲେ। ଏଥିସହ ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଯଦି ଏଭଳି ଆଚରଣରୁ କ୍ଷାନ୍ତ ନ ହୁଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହାପରେ କମ୍ପାନୀର ନିର୍ବାହୀ ଯନ୍ତ୍ରୀଙ୍କୁ ଏ ମର୍ମରେ ଏକ ଚେତାବନୀ ପତ୍ର ପ୍ରଦାନ କରାଯାଇଥିଲା।

## ବବିଙ୍କୁ ସ୍ୱାଗତ ପାଇଁ ଜିଲା ବିଜେଡିର ସଜବାଜ

**ସମ୍ବଲପୁର,୨୮।୬ (ଶୁଭାଶିଷ ପାଢୀ)**

ଜୁଲାଇ ୨ରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଜିଲା ପର୍ଯ୍ୟବେକ୍ଷକ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ସମ୍ବଲପୁର ଆସିବାକୁ ସ୍ଥିର ହୋଇଛି। ଏହାକୁ ନେଇ ଜିଲା ବିଜେଡି କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ମନ୍ତ୍ରୀ ଭଟ୍ଲୀ ବିଧାୟକ ସୁଶାନ୍ତ ସିଂହ, ପୂର୍ବତନ ମନ୍ତ୍ରୀ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ରେଙ୍ଗାଲି ବିଧାୟକ ରମେଶ ଚନ୍ଦ୍ର ପଟୁଆ, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଜିଲା ପରିଷଦ ସଭ୍ୟ ତନୟା ଧୁରୁଆ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ପମୁଖ ଉପସ୍ଥିତ ରହିଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ସାଙ୍ଗଠନିକ ସମ୍ପାଦକ ଦାସ ଜୁଲାଇ ୨ରେ ରେଢ଼ାଖୋଲ, ଯୁଯୁମୁରା, ଧନୁପାଲି, ଜେଲ ଛକ, ପେନ୍‌ସନ୍ ପଡ଼ା, ସମଲେଶ୍ୱରୀ ମନ୍ଦିର, ଜିଲା ବିଜେଡି କାର୍ଯ୍ୟାଳୟକୁ ଯିବେ। ଏହା ପରେ ସ୍ଥାନୀୟ ଗଙ୍ଗାଧର ମଣ୍ଡପଠାରେ ଏକ କର୍ମୀ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

## ଜିଏମ୍‌ୟୁରେ ଜାତୀୟ କର୍ମଶାଳା



କର୍ମଶାଳାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ସମ୍ବଲପୁର,୨୮।୬(ବି.ଶଙ୍କର)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ମ୍ୟାନେଜମେଣ୍ଟ ଓ ବାଣିଜ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁଙ୍କ ଅଧ୍ୟକ୍ଷତାରେ ଅମୃତବିହାରସ୍ଥିତ ଅଧ୍ୟାପନା ପ୍ରକୋଷ୍ଠ-୧୦ଠାରେ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ତରପ୍ରଦେଶ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶୈଳେଶ କୌସଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମୋସ ବ୍ୟବହାର କରି ଗଠନମୂଳକ ସମୀକରଣ ମଡେଲିଂ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପକୁଳସଚିବ ଡ. ଉମାଚରଣ ପତି ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ ମ୍ୟାନେଜମେଣ୍ଟ ଓ ବାଣିଜ୍ୟ ବିଭାଗ ବିଷୟରେ ସୂଚନା ଦେଇଥିଲେ। ଜିଏମ୍‌ୟୁର ପୂର୍ବତନ ବିତ୍ତ ନିୟନ୍ତ୍ରକ ପ୍ରଫେସର ଡ. ଶ୍ୟାମା ଚରଣ ଆଚାର୍ଯ୍ୟ କର୍ମଶାଳାର ବିଷୟବସ୍ତୁ ଉପସ୍ଥାପନା କରିଥିବା ବେଳେ ମ୍ୟାନେଜମେଣ୍ଟ ବିଭାଗର ଅଧ୍ୟାପିକା ଶୀବାନୀ ଶର୍ମା କାର୍ଯ୍ୟକ୍ରମ ପରିଚଳନା କରିଥିଲେ। ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଖଜଣା ଓ ଅର୍ଥନୀତିର ବିକାଶ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିରେ ବାଣିଜ୍ୟ ବିଭାଗର ସ୍ନାତକୋତ୍ତର, ଗବେଷକ ଛାତ୍ରୀଛାତ୍ର ଓ ମ୍ୟାନେଜମେଣ୍ଟ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମ୍ୟାନେଜମେଣ୍ଟ ବିଭାଗର ଅଧ୍ୟାପିକା ଶିବାନୀ ଶର୍ମା ଧନ୍ୟବାଦ ଦେଇଥିଲେ।

## ୱାନ୍‌ଷ୍ଟପ, ସଖି ସେଣ୍ଟରର ବାର୍ଷିକ ଉତ୍ସବ

**ସମ୍ବଲପୁର,୨୮।୬(ବି.ଶଙ୍କର)**

ୱାନଷ୍ଟପ, ସଖି ସେଣ୍ଟରର ପଞ୍ଚମ ବାର୍ଷିକ ଉତ୍ସବ ବୁଧବାର ସମ୍ବଲପୁର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିଳା ଓ ଶିଶୁ ହିଂସା ବିରୋଧରେ ଆଲୋଚନା ଚକ୍ର ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାଏକ ଯୋଗ ଦେଇଥିଲେ। ସିଡିଏମ୍‌ଓ ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଜିଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ ସମ୍ମାନିତ ଅତିଥି ଥିଲେ। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ପୋଲିସ ଅଧିକାରୀ, ସାମାଜିକ କର୍ମୀ ଯୋଗଦେଇଥିଲେ। ବିଶେଷଜ୍ଞ ଭାବେ ଡ. ସଂଯୁକ୍ତା ପାଢ଼ୀ, ଡ. ଦୀପ୍ତିରେଖା ମହାପାତ୍ର, ଆଇନଜୀବୀ ପୁଷ୍ପା ମହାପାତ୍ର, ସାଇବର ପୋଲିସ ଅଧିକାରୀ ମହେଶ୍ୱର ସାହୁ ଯୋଗଦେଇ ଶିଶୁ ନିର୍ଯାତନ, ଘରୋଇ ହିଂସା ପ୍ରଭୃତି ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଅଶୋକ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦୁପତ୍ର ସହ ଭ୍ୟାନ୍ ଜବତ, ୪ ଗିରଫ

**ରେଢାଖୋଲ,୨୮।୬(ଅଚ୍ୟୁତାନନ୍ଦ ପୁରୋହିତ)**

ରେଢାଖୋଲ ବନ କର୍ମଚାରୀ ବୁଧବାର ୧୯୨ବଣ୍ଡଲ କେନ୍ଦୁପତ୍ର ସହ ଭ୍ୟାନ୍‌କୁ ମୋଚିବାହାଲ- ବିରମହାରାଜପୁର ରାସ୍ତାର ଚକାମୁଣ୍ଡା ଛକରୁ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଚାରମାଳ ଥାନା ବଡମାଲ ଗ୍ରାମର ଡ୍ରାଇଭର ସୁଶାନ୍ତ ପଲେଇ, ମଦନ ପଣ୍ଡା, ବୁଡିଖମାର ଗ୍ରାମର ପ୍ରସାଦି ବଘାର ଓ ଯାଦବ ପୋଢ। ସୂଚନାମତେ ବୁଧବାର ଭୋର ସମୟରେ ଏକ ନମ୍ବରବିହୀନ ପିକଅପ ଭ୍ୟାନ ଯୋଗେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ନେଇ ଡିଏଫଓ ଅରବିନ୍ଦ ମହାନ୍ତି ସୂଚନା ପାଇ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏସିଏଫ୍ ଦେବୀପ୍ରସାଦ ରାଉତଙ୍କ ନେତୃତ୍ୱରେ ବଡମାଲ ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀଙ୍କ ସମେତ ବନକର୍ମଚାରୀ ଚଢାଉ କରି ଚକାମୁଣ୍ଡା ଗ୍ରାମ ଛକରୁ କେନ୍ଦୁପତ୍ର ବୋଝେଇ ପିକଅପ ଭ୍ୟାନ ଜବତ କରିଥିଲେ। ଗୁରୁବାର ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜ ଅଧିକାରୀ କହିଛନ୍ତି।



ଜବତ କେନ୍ଦୁପତ୍ର।

## ଲଗାଣ ବର୍ଷା: ଦବିଲା ରାସ୍ତା, ଭାଙ୍ଗିଲା କଲଭର୍ଟ

**କୁଚିଣ୍ଡା,୨୮।୬(ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ବକ୍ସମା ପଞ୍ଚାୟତର କଟୁନଗରଠାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତା ଦବି ଯାଇଛି। ଏଥିସହ ସେଠାରେ ଥିବା କଲଭର୍ଟ ଭାଙ୍ଗିଯାଇଛି। ତେବେ ନିମ୍ନମାନର କାମ ଯୋଗୁ ଏଭଳି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, କୁଚିଣ୍ଡା ବ୍ଲକ ବକ୍ସମାଠାରୁ ବରଘାଟ ପର୍ଯ୍ୟନ୍ତ ୭ କି.ମି. ୯୮୦ ମିଟର ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ୨୦୧୬ବର୍ଷରେ ୩ କୋଟି ୫୬ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିଲା। ସମ୍ବଲପୁରର ଏକ ଠିକା ସଂସ୍ଥା ନିର୍ମାଣ କାମ କରିଥିବାବେଳେ କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଏହାର ତଦାରଖ କରୁଥିଲା। ରାସ୍ତା ସାଙ୍ଗକୁ ଠିକା ସଂସ୍ଥା



ରାସ୍ତା ଉପରେ କଲଭର୍ଟ ଭାଙ୍ଗି ସୃଷ୍ଟି ହୋଇଥିବା ଗର୍ତ୍ତ।

କେତେଗୁଡିଏ କଲଭର୍ଟ ମଧ୍ୟ ନିର୍ମାଣ କରିଥିଲା। ତେବେ ସ୍ଲାବ କଲଭର୍ଟ ପରିବର୍ତ୍ତେ କେବଳ ସିମେଣ୍ଟ ହ୍ୟୁମ ପାଇପ୍ ପକାଇ ଅତି ନିମ୍ନମାନର କଂକ୍ରିଟ କରି ରାସ୍ତା ନିର୍ମାଣ କରିଥିଲା। ଫଳରେ କମ ସମୟ ମଧ୍ୟରେ ଏହା ଖରାପ ହୋଇଯାଇଥିଲା। ମାତ୍ର ଠିକାଦାରଙ୍କ ୫ ବର୍ଷ ଗ୍ୟାରେଣ୍ଟି ଥିବାରୁ ଠିକା ସଂସ୍ଥା ମଝିରେ ମଝିରେ ଏହାର ମରାମତି କାମ କରୁଥିଲା। ଇତି ମଧ୍ୟରେ ଗ୍ୟାରେଣ୍ଟି ସମୟ ଅବଧି ସରିଯାଇଥିବାରୁ ଚଳିତବର୍ଷ ଏହି ରାସ୍ତାର ମରାମତି ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଏହି ମରାମତି କାମ ପାଇଁ ସୁମିତ ଆସୋସିଏଟ ଠିକା ସଂସ୍ଥା ଟେଣ୍ଡର ପାଇଥିଲା। ତେବେ ଏହି ସଂସ୍ଥା ରାସ୍ତା ମରାମତି କାମ କଲା ସମୟରେ କଲଭର୍ଟ ଗୁଡ଼ିକର ମରାମତି କରି ନ ଥିଲା। ତେଣୁ ଲଗାଣ ବର୍ଷା ଦ୍ୱାରା ଅଧିକ ପାଣି ଆସି ହ୍ୟୁମ ପାଇପ୍‌ରେ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରକୁ ମାଡିଆସିଥିଲା। ଫଳରେ ଦୁର୍ବଳ ପୁରୁଣା କଂକ୍ରିଟ ଏହାକୁ ସମ୍ଭାଳି ନ ପାରିବାରୁ ସେଠାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ରାସ୍ତାଟି ଭାଙ୍ଗି ଯାଇଥିଲା। ତେବେ ରାସ୍ତା ମଝିରେ ବିରାଟ ଗାତ ସୃଷ୍ଟି ହୋଇଥିବାରୁ ଏହା ବିପଦପୂର୍ଣ୍ଣ ହୋଇପଡିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ତୁରନ୍ତ ଏହାର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ନାୟକଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି ମରାମତି ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଥିଲେ।


ବଲାଙ୍ଗୀର ବାହୁଡ଼ା ଯାତ୍ରାରେ ଦେବୋତ୍ତର ରଥକୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି।


ଲୋଇସିଂହାରେ ରଥାରୁଢ଼ ଶ୍ରୀଜୀଉ।

# ସିନାପାଲିରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା

ସିନାପାଲି,୨୮।୬(ମନଫୁଲ ମେହେର)

ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ନୂଆପଡ଼ା ଜିଲା ସିନାପାଲିରେ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା ବୁଧବାର ପାଳିତ ହୋଇଯାଇଛି। ସକାଳୁ ନେହେରୁ ମଣ୍ଡପସ୍ଥିତ ମାଉସି ମା' ମନ୍ଦିରରେ ରୀତିନୀତିରେ ପୂଜାପାଠ ହୋଇଥିଲା। ଅପରାହ୍ନରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ କରାଯାଇ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ବୈଶମ୍ପାୟନ ମେହେରଙ୍କ ଦ୍ୱାରା ତିନି ରଥରେ ଛେରାପହରା ପରେ ରଥଟଣା ଆରମ୍ଭ ହୋଇଥିଲା। ରଥଯାତ୍ରା ଭଳି ବାହୁଡ଼ାରେ ମଧ୍ୟ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ। ସନ୍ଧ୍ୟା ସୁଦ୍ଧା ଶ୍ରୀଜୀଉମାନେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଲେ। ଗୁରୁବାର ରଥାରୂଢ଼ା ଶ୍ରୀଜୀଉଙ୍କ ସୁନାବେଶ, ଅଧରପଣା ନୀତି ପରେ ନିଳାଦ୍ରୀ ବିଜେ କରାଯିବ ବୋଲି ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ଦିଆଯାଇଛି। ପ୍ରବଳ ଭିଡ଼ ଦୃଷ୍ଟିରୁ ମନ୍ଦିର କମିଟି ପକ୍ଷରୁ ବିଭିନ୍ନ ସ୍ଥାନରେ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଓ ଯେ କୌଣସି ଅଘଟଣ ରକ୍ଷା ପାଇଁ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗ ମୁତୟନ ରହିଥିଲେ। ଏହି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣପ ପତିଏଲପ, ହାତୀବନ୍ଧା, କେନ୍ଦୁମୁଣ୍ଡା, ଟିମନପୁର, ସିଙ୍ଘଝର, ବରଗାଁ, ଚଳନା, ଗଣ୍ଡାବାହାଲି, ଗୋର୍ଲା, ସାଗୁନଭା ଅରସାପ ଗମ୍ଭାରିଗୁ ଜାମଗାଁ ଆଦି ଗ୍ରାମରେ ଶାନ୍ତିଶୃଙ୍ଖଳା ସହ ବାହୁଡ଼ା ସମ୍ପନ୍ନ ହୋଇଥିବା ବେଳେ ସବୁଠି ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି।

# ମନ୍ଦିର ଫେରିଲେ ତିନି ଠାକୁର

ବଲାଙ୍ଗୀର, ୨୮।୬
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ବିଭିନ୍ନ ସ୍ଥାନରେ ବୁଧବାର ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ତିନି ଠାକୁର ମାଉସୀ ମା' ମନ୍ଦିରରୁ ଶ୍ରୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହା ସହିତ ଚଳିତବର୍ଷର ପବିତ୍ର ରଥଯାତ୍ରା ସମ୍ପନ୍ନ ହୋଇଛି। ବଲାଙ୍ଗୀର ସହରରେ ଦେବୋତ୍ତର ବିଭାଗ ପକ୍ଷରୁ ପରିଚାଳିତ ରଥଯାତ୍ରାରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସମ୍ମୁଖସ୍ଥ ମାଉସୀ ମା' ମନ୍ଦିରରୁ ତିନି ଠାକୁର ଗୋପାଳଜୀ ମନ୍ଦିରକୁ ଫେରିଛନ୍ତି। ବଲାଙ୍ଗୀର ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ, ଉପଜିଲାପାଳ କୁମାର ନାଗଭୂଷଣ ଏଠାରେ ପହଣ୍ଡି ବେଳେ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁମାନେ ଗୋପାଳଜୀ ମନ୍ଦିର ପର୍ଯ୍ୟନ୍ତ ରଥକୁ ଟାଣି ଆଣିଥିଲେ। ପରେ ବିଧି ଅନୁଯାୟୀ ତିନି ବିଗ୍ରହଙ୍କୁ ମନ୍ଦିର ଭିତରକୁ ନିଆଯାଇଥିଲା। ଟିକ୍ରାପଡା ଗାନ୍ଧୀ ପାଠାଗାର ମାଉସୀ ମା' ମନ୍ଦିରରୁ ତିନି ଠାକୁର ବାହୁଡା ଯାତ୍ରାରେ ଜଗନ୍ନାଥପଡା ମନ୍ଦିରକୁ ଫେରିଥିଲେ। ରଥକୁ ସହସ୍ରାଧିକ ଶ୍ରଦ୍ଧାଳୁମାନେ ଟାଣି ନେଇଥିଲେ। ତେଲିଗୋଠପଡା ରାଧାକୃଷ୍ଣ ମନ୍ଦିରସ୍ଥିତ ମାଉସୀ ମା' ମନ୍ଦିରରୁ ତିନି ଠାକୁରଙ୍କୁ ପହଣ୍ଡି ବିଜେ କଲା ପରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ରଥ ଟାଣିଥିଲେ। ଡେଲିମାର୍କେଟସ୍ଥିତ ରାମଚରିତ ମାନସ ମନ୍ଦିର ପରିସରସ୍ଥ ମାଉସୀ ମା' ମନ୍ଦିରରୁ ଟିକ୍ରାପଡା ମନ୍ଦିରକୁ ତିନି ବିଗ୍ରହଙ୍କ ରଥ ଫେରିଥିଲା। ମାଳପଡା ମାଉସୀ ମନ୍ଦିରରୁ ଶୈଳଶ୍ରୀ ପ୍ୟାଲେସକୁ ରଥ ବାହୁଡା ହୋଇଥିଲା। ସାହାଣୀ ରଥ ମଧ୍ୟ ଏବିଏସ୍ଏସ୍ ରୋଡସ୍ଥିତ ମନ୍ଦିରକୁ ଫେରିଥିଲା। ଏହା ସହିତ ରାଧାରାଣୀପଡା, ପ୍ୟାଲେସ ଲାଇନ୍, ତୁଳସୀ ନଗର, କଳାମଣ୍ଡଳପଡା, ଏବିଏସଏସ, ତାଲପାଲିପଡା, ବରପାଲିପଡା, ଗୋପବନ୍ଧୁନଗର, ଗାନ୍ଧୀନଗରପଡା, ରାଧାରାଣୀପଡାରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି । ବାହୁଡା ଯାତ୍ରାରେ ସହସ୍ରାଧିକ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ ଲାଗିଥିଲା । ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବାହୁଡା ଯାତ୍ରାର ଧାରାବିବରଣୀ ପ୍ରଦାନ କରାଯାଇଥିଲା। ଆଶିଷ ପ୍ଲାଜା ହୋଟେଲ ବାଲକୋନୀ ଠାରେ ଖୋଲାଯାଇଥିବା ସୂଚନା କେନ୍ଦ୍ରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀଙ୍କ ପରିଚାଳନାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶିକ୍ଷାବିତ୍ ସନାତନ ଠାକୁର, କବି ବିଭୂତି ଭୂଷଣ ମିଶ୍ର, କବି ମଧୁସୂଦନ ନାୟକ, କବି ବିଜୟ କୁମାର ତ୍ରିପାଠୀ, କବି ସନ୍ଦୀପ କୁମାର କୁଅଁର, ଅଧ୍ୟାପିକା ପ୍ରବଚିକା ଏଲୋରା ମିଶ୍ର ବଲାଙ୍ଗୀରର ରଥଯାତ୍ରା ପରମ୍ପରା, ଜଗନ୍ନାଥ ତତ୍ତ୍ୱ, ସଂସ୍କୃତି ସମ୍ପର୍କରେ ଧାରାବିବରଣୀ ପ୍ରଦାନ କରିଥିଲେ। ଏଠାରେ ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁ ମଧ୍ୟ ବିଭାଗ ପକ୍ଷରୁ ବିକ୍ରି କରାଯାଇଥିଲା। ବାହୁଡା ଯାତ୍ରା ପାଇଁ ପ୍ରବଳ ଜନସମାଗମ ହୋଇଥିଲା।

**ଖପ୍ରାଖୋଲ(ଅଭୟ ତ୍ରିପାଠୀ):** ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡାରେ ବାହୁଡ଼ା ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମାଉସୀ ମା' ମନ୍ଦିରରେ ପୂଜାନୀତି ପରେ ତିନି ଠାକୁରଙ୍କୁ ପହଣ୍ଡି କରି ରଥାରୁଢ଼ କରାଯାଇଥିଲା। ଗୌନ୍ତିଆ ଉତ୍ତମ ବରିହା ଛେରା ପହଁରା କରିଥିଲେ। ପୂଜକ ବଶିଷ୍ଠ ଦେବ ମିଶ୍ର, ଓଁକାର ମିଶ୍ର, ଦତ୍ତ ମିଶ୍ର, ବୈଦ୍ୟନାଥ ମିଶ୍ରଙ୍କ ସହ ଗାଁ କମିଟି ସଭାପତି ଯଶୋବନ୍ତ ସାହୁ, ସମ୍ପାଦକ ଅମୂଲ୍ୟ କୁମାର ଭୋଇ, ପଞ୍ଚାନନ ସାହୁ, ଓଁକାର ଭୋଇ, କ୍ଷୀରୋଦ ପ୍ରଧାନ, କ୍ଷମାନିଧି ଭୋଇ, ଅଶୋକ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ। ରଥକୁ ଶ୍ରଦ୍ଧାଳୁମାନେ ଟାଣି ମନ୍ଦିର ଯାଏ ଆଣିଥିଲେ। ପରେ ତିନି ଠାକୁରଙ୍କୁ ମନ୍ଦିର ନିଆଯାଇଥିଲା।

**ଲୋଇସିଂହା(ସୁଶାନ୍ତ ବାରିକ):** ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡ଼ା ଗ୍ରାମରେ ବାହୁଡ଼ା ଯାତ୍ରା ବୁଧବାର ପାଳିତ ହୋଇଯାଇଛି। ସକାଳେ ରୀତିନୀତି ଅନୁଯାୟ ପୂଜକ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ୩ଜଣ କର୍ତ୍ତା ନାରାୟଣ ସାହୁ, ରମେଶ ସାହୁ, ହିମାଂଶୁ ସାହୁ ଓ ଗ୍ରାମ୍ୟ କମିଟି ତରଫରୁ ଛେରା ପହଁରା କରାଯାଇ ଶ୍ରୀଜୀଉଙ୍କୁ ରଥାରୁଢ଼ କରାଯାଇଥିଲା। ସନ୍ଧ୍ୟାରେ ଦୁଇଟି ମହିଳା ସଙ୍କୀର୍ତ୍ତନ୍ୟ ଦଳ ସଂକୀର୍ତ୍ତନ ପରିବେଷଣ ପରେ ରଥଟଣା ହୋଇଥିଲା। ପରେ ମହାପ୍ରଭୁ ସ୍ୱମନ୍ଦିର ଅଭିମୁଖେ ଯାଇଥିଲେ।

**ଗୁଡ଼ଭେଲା (ମନୋଜ କୁମାର ଜୈନ):** ଗୁଡ଼ଭେଲା ଓ ତୁଷୁରା ଏନଏସିରେ ବୁଧବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତୁଷୁରା ଜଗନ୍ନାଥ ମନ୍ଦିରରେ ଥିବା ମାଉସୀ ମନ୍ଦିରରୁ ଶ୍ରୀଜୀଉମାନଙ୍କୁ ରଥରେ ଅଣାଯାଇଥିଲା। ଶଙ୍ଖ, ବାଦ୍ୟ, କୀର୍ତ୍ତନ ଦଳ ଏଥିରେ ସାମିଲ ହୋଇଥିଲେ।


ବଲାଙ୍ଗୀର ଜିଲା ତୁଷୁରାରେ ରଥରେ ଶ୍ରୀଜୀଉଙ୍କୁ ନିଆଯାଉଛି।

ସରିଲା ବାହୁଡ଼ା ଯାତ୍ରା


ବାହୁଡ଼ା ଯାତ୍ରା ପରେ ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜଗନ୍ନାଥ ମନ୍ଦିରରେ ତିନି ଠାକୁର।

# ଦେବଦେବୀଙ୍କ ଲାଠିଯାତ୍ରା ସହ ବାହୁଡ଼ିଲେ ୩ ଠାକୁର


ଦେବଦେବୀଙ୍କ ଲାଠି ସହ ବାହୁଡ଼ା ଯାତ୍ରା।

କୋକସରା,୨୮।୬
(ଦୁଷ୍ମନ୍ତ କୁମାର ପାଟଯୋଶୀ)

## ଗୋଟୋମୁଣ୍ଡାରେ ନିଆରା ରଥଯାତ୍ରା

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଗୋଟୋମୁଣ୍ଡା ଗ୍ରାମରେ ଏକ ନିଆରା ପରମ୍ପରାରେ ବାହୁଡା ଯାତ୍ରା ବୁଧବାର ସମ୍ପନ୍ନ ହୋଇଛି। ଗୋଟୋମୁଣ୍ଡା ଓ ପାଖାପାଖି ଗ୍ରାମଗୁଡିକର ଦେବଦେବୀଙ୍କ ଲାଠି, କୁର୍ସି ଓ କାଳିଶି ସାମିଲ ହେବା ପରେ ଏଠାରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଥାଏ। ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଥିବା ଗୋଟୋମୁଣ୍ଡା ଗ୍ରାମ ନିକଟବର୍ତ୍ତୀ ଗାଁଗୁଡିକରେ ଅଧିକ ସଂଖ୍ୟକ ଆଦିବାସୀ ସମ୍ପ୍ରଦାୟର ଲୋକେ ବାସ କରୁଛନ୍ତି। ଆଜି ଜଗନ୍ନାଥ ମହାପ୍ରଭୁଙ୍କ ବାହୁଡା ଯାତ୍ରା ପାଳିତ ହେଉଥିବା ବେଳେ ପୂର୍ବରୁ ଗୋଟୋମୁଣ୍ଡାରେ ଆଜିର ଦିନରେ ମଣ୍ଡେଇ ଯାତ୍ରା ହେଉଥିଲା। ଏହି ମଣ୍ଡେଇ ଯାତ୍ରାରେ ଗୋଟୋମୁଣ୍ଡା ସହ ଆଖପାଖ ଗ୍ରାମଗୁଡିକର ଦେବଦେବୀମାନେ ସାମିଲ ହୋଇଥାନ୍ତି।

ଗୋଟୋମୁଣ୍ଡା ଓ ଆଖପାଖ ଗ୍ରାମର ଦେବଦେବୀ ଲାଠି, କାଳିଶି ସହ ବଜାବଜାଇ ଗୋଟୋମୁଣ୍ଡା ଗ୍ରାମର ଦେବୀ ପୀଠରେ ପହଞ୍ଚି ଥିଲେ। ପରେ ଦେବଦେବୀଙ୍କ ପୂଜା ଆରମ୍ଭ ହୋଇଥଲା। ପୂଜା କାର୍ଯ୍ୟ ଶେଷ ହେବା ପରେ ଦେବଦେବୀମାନଙ୍କ ଲାଠି, କାଳିଶି ନିଜର ବାଜା ବଜାଇ ମାଉଁସୀ ମା' ମନ୍ଦିର ଅଭିମୂଖେ ବାହାରିଥିଲେ। ମାଉସୀ ମନ୍ଦିର ପହଞ୍ଚିବା ପରେ ଦେବଦେବୀମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ପାଛୋଟି ନେବା ପାଇଁ ଅନୁରୋଧ କରିଥିଲେ। ଦେବଦେବୀଙ୍କ ଅନୁରୋଧ ପରେ ତିନି ଠାକୁର ରଥ ଚାରିପଟେ ପରିକ୍ରମା କରି ରଥରେ ବିଜେ କରିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ଛତିଶଗଡ଼ ସମେତ ନବରଙ୍ଗପୁର ଓ ଦଣ୍ଡପାଟ ଅଞ୍ଚଳର ଭକ୍ତଙ୍କ ସମାଗମ ହୋଇଥିଲା। ବାହୁଡା ଯାତ୍ରାକୁ ସୁଚାରୁ ରୂପେ ପରିଚାଳନା ପାଇଁ ଜଗନ୍ନାଥ କମିଟି ସଭାପତି ହେମନ୍ତ ମାଝି, ଉପସଭାପତି ପ୍ରାର୍ଥବ ମାଝି, ପୂର୍ଣ୍ଣଚନ୍ଦ୍ର ନାଏକ, ଦୁର୍ଯୋଧନ କାଣ୍ଡ, ହିମାଞ୍ଚଳ ପୂଝାରି, ପୂଜକ ମନୋହର ପୂଝାରୀ, ଜଗନ୍ନାଥ ପୂଜକ ସୁବାଷ ଚନ୍ଦ୍ର ଦାସ, ବଳରାମ ମାଝି, ବଳିଆର ସିଂ ମୋରାଇ, ଭରତ ପୂଝାରୀ, ମୁକୁନ୍ଦ ନାଗେଶ ପ୍ରମୁଖ ସମେତ ଗ୍ରାମବାସୀଙ୍କ ସହଯୋଗ କରିଥିଲେ। ଆମପାଣି ଥାନାଧିକାରୀ ଚତୁର୍ଭୁଜ ନାଏକଙ୍କ ନେତୃତ୍ୱରେ ପୋଲିସ ମୁତୟନ ରହି ବାହୁଡା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ନିୟନ୍ତ୍ରଣ କରିଥିଲେ।

# ଜିଲା ବାହାରକୁ ଯିବେ କଳାହାଣ୍ଡି ଛାତ୍ରୀଛାତ୍ର

ଭବାନୀପାଟଣା,୨୮।୬(ଉତ୍ତମ କୁମାର ଦାଶ)

## ଓଟିଇଟି ପରୀକ୍ଷା

■ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ

ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିବା ପାଇଁ ଓଡିଶା ଶିକ୍ଷକ ପାତ୍ରତା ପରୀକ୍ଷା(ଓଟିଇଟି) ବାଧ୍ୟତା ମୂଳକ ହୋଇଥାଏ। ଜଣେ ଯଦି ଓଟିଇଟି ପାସ କରିନାହିଁ ଶିକ୍ଷକ ନିଯୁକ୍ତି ସମୟରେ ଉକ୍ତ ପ୍ରାର୍ଥୀଙ୍କ ପାଇଁ ଆବେଦନ ଫର୍ମ ଅନଲାଇନରେ ଉପଲବ୍ଧ ହୁଏନାହିଁ। ତେଣୁ ଏହି ପରୀକ୍ଷା ଦେବା ପାଇଁ ପ୍ରତିବର୍ଷ ଜିଲାର ଅନେକ ସିଟି ଓ ବିଇଡି ଡିଗ୍ରୀ ଧାରୀ ଚାହିଁ ରହିଥାନ୍ତି। ଚଳିତ ବର୍ଷର ଓଟିଇଟି ପରୀକ୍ଷା ରାଜ୍ୟରେ ଆସନ୍ତା ଜୁଲାର ୧ ତାରିଖରେ ହେବ। ତେବେ କଳାହାଣ୍ଡି ଜିଲାର ଛାତ୍ରୀଛାତ୍ରମାନେ ପୂର୍ବରୁ ନିଜ ଜିଲାରେ ଏହି ପରୀକ୍ଷା ଦେଉଥିବାବେଳେ ଏଥର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଥର କଳାହାଣ୍ଡି ଜିଲାର ଛାତ୍ରୀଛାତ୍ରମାନେ ଜିଲା ବାହାରେ ବଲାଙ୍ଗୀର, ବରଗଡ, ସମ୍ବଲପୁର, ଝାରସୁଗୁଡା, ଦେବଗଡ ଆଦି ଜିଲାରେ ବିଭିନ୍ନ ସ୍ଥାନରେ ହୋଇଥିବା କେନ୍ଦ୍ରକୁ ପରୀକ୍ଷା ଦେଇଯିବେ ବୋଲି ଜଣାପଡିଛି। ଏହାଦ୍ୱାରା ସେମାନେ ଶାରୀରିକ, ମାନସିକ ଓ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଅଭିଭାବକଙ୍କ ମଧ୍ୟରେ ଆଲୋଚନା ହେଉଛି। ଏପରିକି ସକାଳରେ ଏହି ପରୀକ୍ଷା ହେବାକୁ ଥିବାବେଳେ ଦୂରତା ହେତୁ ଗୋଟିଏ ଦିନ ପୂର୍ବରୁ ଆଶାୟୀ ସେଠାକୁ ଯାଇ ରହିଲେ ଏହି ପରୀକ୍ଷା ଦେଇ ପାରିବେ ନ ଚେତ ଦେଇ ପାରିବେନାହିଁ। ସେହିପରି ଆଶାୟୀଙ୍କ ସଂଖ୍ୟା ଅଧିକ ହେତୁ ହୋଟେଲ ମଧ୍ୟ ମିଳୁ ନ ଥିବା ଜଣାପଡିଛି। ଏହା ପୂର୍ବରୁ ପରୀକ୍ଷା କେନ୍ଦ୍ର ସମ୍ବନ୍ଧରେ କୌଣସି ଅଭିଯୋଗ ପାଇଁ ଗଣଶିକ୍ଷା ବିଭାଗ ଏକ ଟୋଲ ଫ୍ରି ନଂ ୦୬୭୧୨-୪୧୨୦୫୯ ଜାରି କରିଥିଲେ। ମଙ୍ଗଳବାର କିଛି ଅଭିଭାବକ ଏହି ନମ୍ବରରେ ଅଧିକ ଦୂରତା ହେତୁ ପରୀକ୍ଷା କେନ୍ଦ୍ର ପରବର୍ତ୍ତନ ପାଇଁ ଅଭିଯୋଗ କରିଥିବାବେଳେ ଏହାରି ଉତ୍ତରରେ ସେପଟରୁ ବୁଧବାର ସୁଦ୍ଧା ପରୀକ୍ଷା କେନ୍ଦ୍ରଗୁଡିକ ପରବର୍ତ୍ତନ ହେବ ବୋଲି କୁହାଯାଇଥିଲା। ହେଲେ ବୁଧବାର ଉପରୋକ୍ତ ନମ୍ବରକୁ କଲ କଲେ କେହି ଉଠାଉ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। କଳାହାଣ୍ଡି ଜିଲା ଭଳି ଏକ ଆଦିବାସୀ ଓ ଅଧୁଷିତ ଜିଲାରେ ଏହି ପରୀକ୍ଷା ହୋଇ ନ ଥିବାରୁ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଓଲଟିଲା ପିକ୍‌ଅପ୍: ଜଣେ ମୃତ, ୧୨ ଆହତ


ଦୁର୍ଘଟଣାରେ ଆହତ ସଂକୀର୍ତ୍ତନ ଦଳ ସଦସ୍ୟ।


ଓଲଟି ପଡିଥିବା ପିକ୍‌ଅପ୍ ଭ୍ୟାନ।

ବଲାଙ୍ଗୀର/ପାଟଣାଗଡ଼, ୨୮।୬
(ବୀରେନ୍ଦ୍ର କୁମାର ଝାଙ୍କର/ପ୍ରହ୍ଲାଦ ପାଢ଼ି)

## ବାହୁଡ଼ା ଯାତ୍ରାରେ ନାମ ସଂକୀର୍ତ୍ତନ କରିବାକୁ ଯାଉଥିଲେ

ବଲାଙ୍ଗୀର ଜିଲା ପାଟଣାଗଡ଼ ରାମପୁରରୁ ବାନ୍ଧନବାଡି ଗାଁକୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ଭଇଁଷା ନିକଟରେ ବୁଧବାର ଅପରାହ୍ଣ ପ୍ରାୟ ୪ଟାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୨ଜଣ ଆହତ ହୋଇଛନ୍ତି। ମୃତକ ରାମପୁରର ମୁକେଶ ସାରସୁଲିଆ(୪୦) ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ରାମପୁର ଗାଁରୁ ଏକ ସଂକୀର୍ତ୍ତନ ଦଳ ବାନ୍ଧନବାଡି ଗାଁକୁ ବାହୁଡ଼ା ଯାତ୍ରାରେ ନାମ ସଂକୀର୍ତ୍ତନ କରିବା ପାଇଁ ପିକ୍‌ଅପ୍‌ରେ ଯାଉଥିଲେ। ୪୨ନମ୍ବର ରାଜ୍ୟ ରାଜପଥର ଭଇଁଷା ଛକ ନିକଟରେ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଭ୍ୟାନ୍‌ରେ ବସିଥିବା ୩୫ଜଣ ସଂକୀର୍ତ୍ତନ ଦଳ ସଦସ୍ୟ ଛିଟିକି ପଡିଥିଲେ। ଏଥିରେ ଅଧିକାଂଶ ମହିଳା ଥିଲେ। ଦୁର୍ଘଟଣା ଖବର ପାଇବା ପରେ ସ୍ଥାନୀୟ ଲୋକେ ଆହତଙ୍କୁ ପାଟଣାଗଡ ଡାକ୍ତରଖାନା ପଠାଇଥିଲେ। ସେଠାରେ ଗୁରୁତର ଥିବା ଦୁଇଜଣଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ମୁକେଶଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଆହତଙ୍କୁ ପାଟଣାଗଡ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି।

**କୋଇଲା ଖଣିରେ ପୁଣି ଦେଖା ଦେଲା ମହାବଳ ବାଘ**

ହେମଗିର,(ଚୈତନ୍ୟ ପଟେଲ ): ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ମନୋହରପୁର କୋଇଲା ଖଣିରେ ପୁଣି ମହାବଳ ବାଘ ଦେଖାଦେଇଛି। ମଙ୍ଗଳବାର ରାତି ପ୍ରାୟ ୯ଟାରେ କୋଇଲା ଖଣି ଅଞ୍ଚଳରେ ମହାବଳ ବାଘ ବୁଲୁଥିବା ସୁରକ୍ଷାକର୍ମୀ ଦେଖିବାକୁ ପାଇଥିଲେ। ଗତ କିଛି ମାସତଳେ ଏହି କୋଇଲା ଖଣିରେ ଏକ ମହାବଳ ବାଘ ବୁଲୁଥିବାର ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ ହୋଇଥିଲା।

## ସଂକ୍ଷେପରେ

### ଟ୍ରାକ୍ଟର ଦୁର୍ଘଟଣାରେ ଡ୍ରାଇଭର ମୃତ

**ହେମଗିର,୨୮।୬(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ କୁଲୁଡ଼ିହିଠାରେ ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉସତାଲି ଗ୍ରାମର ସାଗର ଧୁସୁରା (୨୦)। ପୋଲିସ ହେମଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସାଗର ବୁଧବାର କୁଲୁଡ଼ିହିଠାରେ ଏକ ବିଲରେ ଟ୍ରାକ୍ଟର ଯୋଗେ ହଳ କରୁଥିବା ସମୟରେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତାଙ୍କୁ ହେମଗିର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ତାଙ୍କ ମୃତ୍ୟୁକୁ ନେଇ ଡାକ୍ତରଖାନା ପରିସରରେ ପରିବାର ପକ୍ଷରୁ ଉତ୍ତେଜନା ପ୍ରକାଶ ପାଇଛି।

### ବାଇକ, ବୁଲେଟ ମୁହାଁମୁହିଁ ଧକ୍କା, ଜଣେ ମୃତ

**ଲହୁଣୀପଡ଼ା,୨୮।୬(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ଗୌଡୁଣିପୋଷଠାରେ ବୁଧବାର ଅପରାହ୍ନରେ ବୁଲେଟ ଓ ବାଇକ୍ ମୁହାଁମୁହିଁ ଧକ୍କାହୋଇଥିଲା। ଫଳରେ ଘଟଣା ସ୍ଥଳରେ ବୁଲେଟ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ମୃତ ଯୁବକ ହେଲେ ବିଶ୍ରା ଥାନା ଅନ୍ତର୍ଗତ ବଡ଼ବନ୍ଧୁଆ ଗ୍ରାମର ପ୍ରଭୁ ସିଂ (୨୦)। ଅନ୍ୟ ୩ ଜଣ ଆହତ ହୋଇଛନ୍ତି। କେ.ବଲାଙ୍ଗ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଚିକିତ୍ସା ପାଇଁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଗାଡ଼ି ୩ଟିକୁ ଜବତ କରି ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବୁଲେଟ ଯୋଗେ ପ୍ରଭୁ ଓ ଅନ୍ୟ ଜଣେ କେ. ବଲାଙ୍ଗ ପଟୁ କମାରପୋଷ ପଟେ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ପ୍ରଭୁ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ହଠାତ୍ ସେହି ସମୟରେ ଆସୁଥିବା ଟ୍ରକଟି ଚଢ଼ିଯିବାରୁ ପ୍ରଭୁଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହିଁ ମୃତ୍ୟୁ ହୋଇଯାଇଥିଲା

### ସରପଞ୍ଚଙ୍କ ଘରୁ ଚୋରି ସାମଗ୍ରୀ ଜବତ, ୨ ଗିରଫ

**କୁତ୍ରା,୨୮।୬(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ଜଣେ ସରପଞ୍ଚଙ୍କ ଘରୁ ଚୋରି ସାମଗ୍ରୀ ଜବତ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ତେଲିଘନାସ୍ଥିତ ଶିବା ସିମେଣ୍ଟ ଜେଏସ୍ ଡବ୍ଲ୍ୟୁ କାରଖାନା ରହିଛି। ସେଠାରେ ଏଲଏନଟି କମ୍ପାନୀ ଠିକାରେ କାମକରୁଛି। ଗତ ୨୬ ତାରିଖ ରାତିରେ ଏଲ୍ଏନଟି କମ୍ପାନୀର ବିଭିନ୍ନ ଲୁହା ସାମଗ୍ରୀ ଚୋରି ହୋଇଥିବା ନେଇ କୁତ୍ରା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଚୋରି ଘଟଣାରେ ସମ୍ପୃକ୍ତ କନ୍ଦେଇମୁଣ୍ଡା ଗ୍ରାମର ଅଭିଯୁକ୍ତ ବିପିନ ମିଞ୍ଜ ଓ ଜଗନ୍ନାଥ ବାରବିଆଙ୍କୁ ଗିରଫ କରି ଜଣେ ସରପଞ୍ଚଙ୍କ ଘରୁ ଚୋରି ସାମଗ୍ରୀ ଜବତ କରିଥିଲା। ତାଙ୍କ ପାଖରୁ ପୋଲିସ ୩ ଟି ଲୁହାର ଜୋତା ଷ୍ଟାଣ୍ଡ, ୩ ଟି ଲୁହା ସିଡ଼ି,ଏକ ନିଆଁଲିଭା ଯନ୍ତ୍ର, ୨୦ ଟି ଜିଆଇ ପାଇପ, ଆଜବେଷ୍ଟ ପ୍ରଭୃତି ଜବତ କରିଛି।

### ପଞ୍ଚାୟତ ଗୃହ ଉଦ୍‌ଘାଟିତ

**ଲାଠିକଟା,୨୭।୬(ରାମେଶ୍ୱର ଖାଡଙ୍ଗା):** ଲାଠିକଟା ବ୍ଲକ ହାତୀବନ୍ଧା ପଞ୍ଚାୟତର ନୂତନ ପଞ୍ଚାୟତ ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ପଞ୍ଚାୟତ ଗୃହକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ସରପଞ୍ଚ ଭାରତୀ ମୁଣ୍ଡାରୀ, ସମିତି ମେମ୍ବର ସୁକୁରା ରଞ୍ଜନ ଭୁମିଜ୍ ଓ ତ୍ରିଲୋକ ନାଥ ସିଂ ଏବଂ ଗ୍ରାମର ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ। ଦୀର୍ଘ ଦିନ ହେବ ପୁରୁଣା କୋଠା ତଳେ ଚାଲି ଥିଲା ପଞ୍ଚାୟତ କାର୍ଯ୍ୟାଳୟ। ଏହାକୁ ସୁଧାରିବା ପାଇଁ ଅଣ୍ଟା ଭିଡ଼ିଥିଲେ ନୂତନଭାବେ ଯୋଗ ଦେଇଥିବା ବିଡିଓ ମୋନସ୍ୱିନୀ ଦାସ ଓ ବିଧାୟକ ତରାଇ। ଏହାକୁ ମୁଖ୍ୟତଃ ଲିଟୁ ଓ ତାଙ୍କର ସହଯୋଗୀମାନେ ସଫଳ କରିବାରେ ସାହାଯ୍ୟ କରିଥିଲେ।


ସୁନ୍ଦରଗଡ଼ରେ ଠାକୁରଙ୍କୁ ପହଣ୍ଡି କରାଯାଉଛି।


କୁତ୍ରାରେ ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।

**ସରିଲା ବାହୁଡ଼ା**

# ରତ୍ନବେଦିକୁ ଫେରିଲେ ଚତୁର୍ଦ୍ଧାମୂର୍ତ୍ତି

**ସୁନ୍ଦରଗଡ଼,୨୮।୬(ଜୟନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ଼ରେ ବାହୁଡ଼ାଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ସ୍ଥାନୀୟ ରାଜବାଟୀସ୍ଥିତ ଜଗନ୍ନାଥ ମନ୍ଦିର ଆଡ଼ପ ମଣ୍ଡପରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି ବିଜେ କରି ରଥାରୂଢ଼ କରାଯିବା ପରେ ସନ୍ଧ୍ୟାରେ ରଥଟଣା ହୋଇଥିଲା। ବଳଭଦ୍ର ଓ ଜଗନ୍ନାଥଙ୍କୁ ଗୋଟିଏ ରଥରେ ଓ ଦେବୀ ସୁଭଦ୍ରାଙ୍କୁ ଅନ୍ୟ ଗୋଟିଏ ରଥରେ ରଥାରୂଢ଼ କରି ରଥ ଟଣା ଯାଇଥିଲା। ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣି ଥିଲେ। ସୁନ୍ଦରଗଡ଼ ରାଜା ସମରେନ୍ଦ୍ର ଶେଖରଦେଓ ପହଣ୍ଡି ଓ ରଥ ଉପରେ ଛେରାପହଁରା ନୀତି କରିଥିଲେ। ରଥ ୨ଟିକୁ ରିଜେଣ୍ଟ ମାର୍କେଟ ଛକ ପର୍ଯ୍ୟନ୍ତ ନିଆଯାଇଥିଲା। ପରେ ପୁଣି ସେଠାରୁ ଟଣା ଯାଇ ଜଗନ୍ନାଥ ମନ୍ଦିର ନିକଟରେ ରାତି ୮ଟା ୪୫ରେପହଞ୍ଚି ଥିଲା। ରାତି ସଢ଼େ ୯ଟାରେ ଶ୍ରୀଜୀଉଙ୍କୁ ପୁଣି ପହଣ୍ଡି ବିଜେ କରିଯାଇ ମନ୍ଦିର ଭିତରେ ପ୍ରବେଶ ପରେ ଲକ୍ଷ୍ମୀ–ନାରାୟଣ କଳି(ଭେଟ)ହୋଇଥିଲା। ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ସସ୍ମିତା ସାହୁ ଓ ବିଭୂରଞ୍ଜନ ମହାନ୍ତି ଲକ୍ଷ୍ମୀ–ନାରାୟଣ କଳି ସଙ୍ଗୀତ ଗାନ କରିଥିଲେ। ପ୍ରଭୁ ଜଗନ୍ନାଥ ମା' ଲକ୍ଷ୍ମୀଙ୍କୁ ରସଗୋଲା ଦେଇ ମାନଭଞ୍ଜନ ପରେ ମନ୍ଦିର କବାଟ ଖୋଲିଥିଲେ। ଚତୁର୍ଦ୍ଧାମୂର୍ତ୍ତି ମନ୍ଦିର ପ୍ରବେଶ ପରେ ରାଜା ସମରେନ୍ଦ୍ର ଶେଖରଦେଓ ଓ ରାଣୀ ବିଜ୍ଞାନୀ ଶେଖରଦେଓ ବନ୍ଦାପନା କରିଥିଲେ। ସେହିପରି ସୁନାରୀପଡ଼ାର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଙ୍ଗାଢିପା ମାଉସୀ ମା' ମଣ୍ଡପରୁ ପହଣ୍ଡି କରି ରଥାରୂଢ଼ ପରେ ସନ୍ଧ୍ୟାରେ ରଥଟଣା ହୋଇଥିଲା। ସୁନାରୀପଡ଼ା ଭାଗବତ ମନ୍ଦିର ନିକଟରେ ରଥ ପହଞ୍ଚିବାପରେ ମହିଳାମାନେ ଶ୍ରୀଜୀଉଙ୍କୁ ବନ୍ଦାପନା ଓ ଛପନଭୋଗ ଲାଗି କରିଥିଲେ। ପରେ ଚତୁର୍ଦ୍ଧା ମୂର୍ତ୍ତି ମନ୍ଦିର ପ୍ରବେଶ କରିଥିଲେ। ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଟାଉନ ଥାନା ଆଇଆଇସି ସୁଷାନ୍ତ କୁମାର ପରିଡ଼ା, ଉଭୟ ମନ୍ଦିରର ପରିଚାଳନା କମିଟର କର୍ମକର୍ତ୍ତା ଓ ସଦସ୍ୟମାନେ ସମସ୍ତ କାର୍ଯ୍ୟ ପରଚାଳନା କରିଥିଲେ। ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ସ୍କାଉଟ ଟିମ୍ ବାହୁଡ଼ାଯାତ୍ରାରେ ସେବାକାର୍ଯ୍ୟ କରିଥିଲେ।


ରାଜଗାଙ୍ଗପୁରରେ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତି


କୁଆଁରମୁଣ୍ଡାରେ ରଥାରୂଢ଼ ତିନିଠାକୁର

**କୁତ୍ରା,(ଦେବାଶିଷ ସାହୁ):** କୁତ୍ରାରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଯାଇଛି। ପାରମ୍ପରିକ ରୀତନୀତି ଅନୁଯାୟୀ ମାଉସୀ ମା' ମନ୍ଦିରରେ ଶ୍ରୀଜୀଉଙ୍କ ପୂଜାନୀତି ପରେ ଧାଡ଼ି ପହଣ୍ଡିରେ ରଥ ଉପରେ ବିଜେ କରାଯାଇଥିଲା। ପରେ ଶିବଶଙ୍କର ବେହେରା ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ବଡ଼ଦାଣ୍ଡ ବିଜୁ ଏକ୍ସପ୍ରେସ ୱେ ରାସ୍ତା ଦେଇ ରଥଟଣା ହୋଇଥିଲା। ସନ୍ଧ୍ୟା ୭ଟାରେ ଜଗନ୍ନାଥ ମନ୍ଦିର ନିକଟରେ ରଥ ପହଞ୍ଚିଥିଲା। ପରେ ରଥାରୂଢ଼ ଶ୍ରୀଜିଉମାନଙ୍କୁ ଧାଡ଼ି ପହଣ୍ଡିରେ ନେଇ ଜଗନ୍ନାଥ ମନ୍ଦିରରେ ବିଜେ କରାଯାଇଥିଲା। ରବିନ୍ଦ୍ର କୁମାର ପଣ୍ଡା ପୂଜା ଦାୟିତ୍ୱ ନିର୍ବାହ କରିଥିଲେ। ସଭାପତି ଶଙ୍କର ପ୍ରସାଦ ଟପ୍ପୋ,ସମ୍ପାଦକ ପ୍ରଶାନ୍ତ ସାହୁ,ଦେବାଶିଷ ସାହୁ,ଅନୁପ ଅଗ୍ରୱାଲ,ମନୋଜ ଦାସ,ବିଭିଷଣ ବାରିକ,ଛବିଳ ସାହୁ,ରିଙ୍କୁ ସିଂ,ଚେପୋ ଲାକଡା, ବଜରଙ୍ଗକେଶରୀ ସାହୁ, ଦିଲୀପ ବେହେରା, ରାଜେଶ ସାହୁ, ସୁନୀଲ ପଟେଲ, ମିଲୁ କୁଜୁର, କ୍ରିଷ୍ଣା ଲାକଡାଙ୍କ ସମେତ ଗ୍ରାମର ମାତୃଶକ୍ତି ଉପସ୍ଥିତ ରହି ସୂଚାରରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ପାରମ୍ପରିକ ସଂସ୍କୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ରାଜଗାଙ୍ଗପୁର,(ଅଶୋକ ପାଣି):** ରାଜଗାଙ୍ଗପୁର ପୌରାଞ୍ଚଳ ତଥା ପଞ୍ଚାୟତ ସ୍ତରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥି ମଧ୍ୟରୁ ସହରର ପାହାଡ଼ି ମନ୍ଦିରରେ ଥିବା ମାଉସୀ ମା' ମନ୍ଦିରରୁ ଲିପଲୋଇସ୍ଥିତ ଜଗନ୍ନାଥ ମନ୍ଦିରକୁ ହେଉଥିବା ବାହୁଡ଼ା ଯାତ୍ରା ବହୁ ଆଡ଼ମ୍ବର ସହକାରେ ହୋଇଯାଇଛି। ମାଉସୀ ମା' ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ରହଣି ସମୟରେ ମନ୍ଦିର କମିଟି ପକ୍ଷରୁ ୮ ଦିନ ଧରି ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରବଚକ ତଥା ଭଜନ ଗାୟକ ଉପସ୍ଥିତ ରହି ଦର୍ଶକଙ୍କ ମନ ମୋହିଥିଲେ। ମୁଖ୍ୟତଃ ଅନିଲ ବାୱାରା, ଶିବ ପ୍ରସାଦ ଦାସ, ଶରଣାରବିନ୍ଦ ଓଝା ପ୍ରଭୃତିଙ୍କ ପ୍ରବଚନ ଓ ଭଜନ ବହୁ ପ୍ରଂଶସିତ ହୋଇଥିଲା। ମାଉସୀ ମା' ମନ୍ଦିର କମିଟି ସଭାପତି କୁଶଦେବ ପଣ୍ଡା, କାର୍ଯ୍ୟକାରୀ ସଭାପତି ଅମରେଶ ପଣ୍ଡା, ସାଧାରଣ ସମ୍ପାଦକ ଦେବରଞ୍ଜନ ବିନୋଦ ପ୍ରଭୃତିଙ୍କ ଉଦ୍ୟମ ଦ୍ୱାରା ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।

**ବଡ଼ଗାଁ,(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁରେ ବାହୁଡ଼ା ଯାତ୍ରା ଶେଷ ହୋଇଛି। ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନାପରେ ଅପରାହ୍ନରେ ରଥାରୂଢ଼ କରାଯାଇଥିଲା। ସ୍ୱାଗତ ପାଣିଗ୍ରାହୀ, ନିହାର ରଞ୍ଜନ ପାଣିଗ୍ରାହୀ, ଲୁଲୁ ପାଣିଗ୍ରାହୀ, ବିଶ୍ୱଜିତ ପାଣିଗ୍ରାହୀ, କମଳେନ୍ଦୁ ପାଣିଗ୍ରାହୀ, ଦତ୍ତା ତ୍ରୟ ପାଣିଗ୍ରାହୀ ପହଣ୍ଡି କରିଥିବାବେଳେ ଦିବ୍ୟାଲୋଚନ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ଜଗନ୍ନାଥ ମନ୍ଦିର କମିଟି ସଭାପତି ଦିଲୀପ ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ ହୋଇଥିଲା।

**କୁଆଁରମୁଣ୍ଡା,(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ନାଗରାଗଡ଼ରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀଉଙ୍କ ସମସ୍ତ ରୀତିନୀତି ପରେ ପ୍ରବୀର କୁମାର ସିଂ ରଥରେ ଛେରାପହଁରା କରିଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥ ବଜରଙ୍ଗ ଛକସ୍ଥିତ ମାଉସୀ ମା' ମନ୍ଦିର ନିକଟରୁ ବାହାରି ୧୪୩ ନମ୍ବର ଜାତୀୟ ରାଜପଥରେ ଟଣାଯାଇଥିଲା। ସନ୍ଧ୍ୟା ସାଢ଼େ୭ଟା ସୁଦ୍ଧା ରଥ ନାଗରାଗଡ଼ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲା। ଅନୁରୂପଭାବେ ବୀରମିତ୍ରପୁର ପୌରାଞ୍ଚଳରେ ବାହୁଡ଼ା ଯାତ୍ରା ଶେଷ ହୋଇଛି। ରେଲୱେ ଷ୍ଟେସନ ନିକଟରେ ଥିବା ମାଉସୀ ମା' ମନ୍ଦିରରୁ ଶ୍ରୀଜୀଉମାନେ ରଥାରୁଢ଼ ହେବା ପରେ ଅପରାହ୍ନ ୪ଟାରେ ବୀରମିତ୍ରପୁର ରେଲୱେ ଷ୍ଟେସନ ମ୍ୟାନେଜର ମାନସ ରଞ୍ଜନ ମିଶ୍ର ଛେରାପହଁରା କରିଥିଲେ। ଏହାପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା।

**ହେମଗିର,(ଚୈତନ୍ୟ ପଟେଲ ):** ହେମଗିରରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀଉଙ୍କୁ ରିତିନିତୀ ଅନୁସାରେ ପୂଜାର୍ଚ୍ଚନା କରି ରଥାରୁଢ଼ କରାଯାଇ ନଗର ପରିକ୍ରମା କରାଯାଇଥିଲା। ପ୍ରଥମେ ହେମଗିର ରାଜାଙ୍କ ଉଆସରୁ ୩ ଠାକୁରଙ୍କୁ ରଥା ରୁଢ଼ କରି ଅନେକ ଭଜନ, କିର୍ତ୍ତନ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ତାଳେ ତାଳେ ନଗର ପରିକ୍ରମା କରାଯାଇଥିଲା। ପରେ ଗୁଣ୍ଡିଚା ମନ୍ଦିର ଠାରେ ତିନି ଠାକୁରଙ୍କ ରଥ ପହଞ୍ଚି ଥିଲା। ଏଥିସହ କନିକା,ବସୁନ୍ଦରା,ବିଲେଇମୁଣ୍ଡା ଆଦି ଅଞ୍ଚଳରେ ମଧ୍ୟ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ପ୍ରଣବଙ୍କ ଜନ୍ମଦିନରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ

**ବଡ଼ଗାଁ,୨୮।୬(ଅଶୋକ ଷଡ଼ଙ୍ଗୀ)**

ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ୫୨ତମ ଜନ୍ମ ଦିବସ ଉପଲକ୍ଷେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ସାହୁ, ଫୁଲବାରୀ ସରପଞ୍ଚ ଯୋଗୀନ୍ଦ୍ର କିଷାନ, ସତ୍ୟ ନାରାୟଣ ନାୟକ, ଟଙ୍କ ରୋହିଦାସ୍, ଅନୁପ ବିଶି, ତୁଳାରାମ ହୋତା, ଏମ୍. ଡି ଜିଆଉଲ୍ ଉପସ୍ଥିତ ଥିଲେ। ଜିଲା ପରିଷଦ ସଭ୍ୟ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିବା ପରେ ରକ୍ତଦାତାମାନେ ରକ୍ତଦାନ କରିଥିଲେ। ଶିବିରରେ କିରଣ ହାଁସଦା, ରଞ୍ଜିତ ମଇଲ, ବିଶ୍ୱଜିତ ବେହେରା, ତପସ୍ୱିନୀ ବେସନ, ଯୋଗେନ୍ଦ୍ର କିସାନ, ତୁଳାରାମ ହୋତା, ସୋନୁ ଦାସ, ସରଜୁ ପାନା, ଆଦିତ୍ୟ ପାତ୍ର, ଶ୍ରୀତମ ମହାନ୍ତିଙ୍କ ସହିତ ଅଞ୍ଚଳର ମୋଟ ୪୦ ଜଣ ରକ୍ତଦାନ କରିଥଲେ। ଓଡ଼ିଶା ବ୍ଲଡ ସେଣ୍ଟର୍ ସୁନ୍ଦରଗଡ଼ ମୁଖ୍ୟାଳୟର କର୍ମଚାରୀ ରତ୍ନପ୍ରଭା ନାୟକ, ଜ୍ୟୋସ୍ନାରାଣୀ ଦେଉରିଆ, ମନୋଜ ରଣା, ଦୁଷ୍ମନ୍ତ ପଟେଲ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।



ଜିଲାପରିଷଦ ସଭ୍ୟଙ୍କୁ ବ୍ଲଡ ବ୍ୟାଙ୍କ ଅଧିକାରୀ ମାନପତ୍ର ଦେଉଛନ୍ତି।

## ବାହୁଡ଼ା ଯାତ୍ରା ଦେଖିବାକୁ ଆସିଥିବା ୫ ଯୁବକଙ୍କୁ ଭୁଜାଲି ମାଡ଼

**ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି**

**ସୁନ୍ଦରଗଡ଼,୨୮।୬ (ଜୟନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ସବଡ଼େଗାରେ ବୁଧବାର ବାହୁଡ଼ା ଯାତ୍ରା ବେଳେ ୫ଜଣ ଯୁବକ ଆକ୍ରମଣର ଶିକାର ହୋଇଛନ୍ତି। ବାହୁଡ଼ା ଯାତ୍ରା ଦେଖିବାକୁ ଆସିଥିବାବେଳେ ଯାତ୍ରା ପଡିଆରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମନେ ସେମାନଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଗୁରୁତରଙ୍କୁ ସବଡେଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ତଳସରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଶିଶୁ ଶ୍ରମିକ ସଚେତନତା ରଥ ଶୁଭାରମ୍ଭ


ସବୁଜ ପତାକା ଦେଖାଇ ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ଦେବଗଡ଼,୨୮।୬(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ପ୍ରଶାସନ ଏବଂ ଶ୍ରମ ବିଭାଗ ଆନୁକୂଲ୍ୟରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ବୁଧବାର ଶୁଭାରମ୍ଭ ହୋଇଛି। ଜିଲା ଶ୍ରମ ବିଭାଗ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ସଚେତନତା ପାଇଁ ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତ ପରିଭ୍ରମଣ କରିବ। ଏହାର ଉଦ୍ଦେଶ୍ୟ ୧୪ ବର୍ଷ ପୂର୍ଣ୍ଣ ହୋଇ ନ ଥିବା ଶିଶୁଙ୍କୁ ନିଯୁକ୍ତି ଦେବା ଓ ୧୫ ବର୍ଷରୁ ୧୮ ବର୍ଷ କିଶୋରଙ୍କୁ ବୃତ୍ତି ଏବଂ ପ୍ରକ୍ରିୟାରେ ନିୟୋଜନ କରିବା ଦଣ୍ଡନୀୟ ଅପରାଧ। ଏହି ସଚେତନତା ଶୋଭାଯାତ୍ରାରେ ୱେଲଫେୟାର କୋଅର୍ଡିନେଟର ରତନ କୁମାର ରାଏ, ପିଏଲଭି ମେମ୍ବର, ଏନ୍‌ଜିଓ ମେମ୍ବର ଜିତା ବାରକୋଟ, ଟ୍ରେଡ୍ ୟୁନିୟନ, ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ ଜିଲା ଶ୍ରମ ଅଧିକାରୀଙ୍କ କର୍ମଚାରୀ ଉପସ୍ଥିତ ଥିଲେ।

## ଖେଳ ପଡ଼ିଆ ଉନ୍ନତୀକରଣକୁ ବିରୋଧ

**ଲହୁଣୀପଡ଼ା,୨୮।୬(ଦାଶରଥିପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଶସ୍ୟକଳା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଚାଲିଥିବା ଖେଳ ପଡ଼ିଆର ଉନ୍ନତି କରଣକୁ ବିରୋଧ କରାଯାଉଥିବା ଜଣାପଡ଼ିଛି। ଖେଳ ପଡ଼ିଆର ଉନ୍ନତି କରଣ ପାଇଁ ସ୍ଥାନୀୟ ଲୋକମାନେ ସରପଞ୍ଚଙ୍କ ନିକଟରେ ଦାବି କରିଥିଲେ। ଫଳରେ ସରପଞ୍ଚ ସେଲ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ସହ ପାରିପାର୍ଶ୍ୱିକ ପାଣ୍ଠିରୁ ଖେଳ ପଡ଼ିଆର ଉନ୍ନତି କରିବା ପାଇଁ କହିଥିଲେ। ସେଲ କର୍ତ୍ତୃପକ୍ଷ ରାଜି ହେବା ସହିତ ୧୫ ଦିନ ପୂର୍ବରୁ ଉନ୍ନତି କରଣ କାର୍ଯ୍ୟ ଆରମ୍ଭ କରିଥିଲେ। ସେଠାରେ ଏକ ଷ୍ଟେଜ, ପୋଷାକ ବଦଳ କୋଠରୀ ସହିତ ଅନ୍ୟାନ୍ୟ ଉନ୍ନତି କରଣ କାର୍ଯ୍ୟ ଚାଲିଥିବା ବେଳେ କିଛି ସ୍ଥାନୀୟ ଲୋକେ ଉକ୍ତ ପଡ଼ିଆକୁ ବ୍ୟକ୍ତିଗତ ଜମି ଦାବି କରି କାର୍ଯ୍ୟକୁ ବନ୍ଦ କରି ଦେଇଛନ୍ତି। ଏ ସଂକ୍ରାନ୍ତରେ ସେଲ ଜିଏମ୍, ସୁନ୍ଦରଗଡ଼ ଜିଲାପାଳ, ଉପଜିଲାପାଳ, ବଣେଇ ଓ ଲହୁଣୀପଡ଼ା ତହସିଲଦାର, ବିଡିଓ ଓ ସ୍ଥାନୀୟ ସରପଞ୍ଚଙ୍କୁ ମଧ୍ୟ ଲିଖିତଭାବେ ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଶସ୍ୟକଳା ସରପଞ୍ଚ ଏମଲେନ ଭୂୟାଁଙ୍କୁ ପଚାରିବାରୁ, ଲୋକଙ୍କ ଦାବି ଅନୁଯାୟୀ ସେଲ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ଖେଳପଡ଼ିଆର ଉନ୍ନତି କରଣ ପାରିପାର୍ଶ୍ୱିକ ପାଣ୍ଠିରୁ କରାଯାଉଥିଲା। ଏହା ବ୍ୟକ୍ତିଗତ ମାଲିକାନାର ଜମି ବୋଲି ଆମେ ଜାଣି ନ ଥିଲୁ। ପ୍ରଶାସନର ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଗଲେ ଆମେ ଏକମତ ରହିବୁ ବୋଲି ଭୂୟାଁ କହିଛନ୍ତି।

## ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

**ଲହୁଣୀପଡ଼ା,୨୮।୬(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ସଭାକକ୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ସୁରଞ୍ଜନ ସାହୁ, ବିଡିଓ ଅନୁରାଗ ମିଶ୍ର, ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ, ଉପଖଣ୍ଡ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ଜିଲା ସାମାଜିକ ସମୀକ୍ଷକ ଅମିତା ମେଣ୍ଡୋଲୀ, ବିଏସଓ ଦୋଳାନନ୍ଦ ମାହାନ୍ତ, ଏପିଓ ବିଷ୍ଣୁମୋହନ ନାଏକ ମଞ୍ଚାସୀନ ଥିଲେ। ବିଭିନ୍ନ ପଞ୍ଚାୟତରେ ଚାଲିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ ଆୟୋଗର ୨୦୨୩–୨୪ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷା ହୋଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ପ୍ରତ୍ୟେକ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପଞ୍ଚଦଶ ଅର୍ଥ ଆୟୋଗ ମାଧ୍ୟମରେ କାର୍ଯ୍ୟ କରାଯାଇଥିଲେ ମଧ୍ୟ ପ୍ରାୟ ଜାଗାରେ ସୂଚନା ଫଳକ ଲାଗି ନ ଥିବା ବେଳେ କେତେକ ସ୍ଥାନରେ କାମ କରି ମଧ୍ୟ ଶ୍ରମିକମାନେ ପାରିଶ୍ରମିକ ପାଇବାରୁ ବଞ୍ଚିତ ହେଉଛନ୍ତି। ସମସ୍ୟାଗୁଡ଼ିକର ବିଚାର କରି ସୂଚନା ଫଳକ ଲାଗି ନ ଥିବା ସ୍ଥାନରେ ୭ ଦିନ ମଧ୍ୟରେ ସୂଚନା ଫଳକ ଲଗାଇବା ସହିତ ପାଉଣା ପାଇ ନ ଥିବା ଶ୍ରମିକଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ କରିବା ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

# ନକାରାତ୍ମକ ରାଜନୀତି ଆରମ୍ଭ କରିଛନ୍ତି ଭାଜପା ନେତା

## ଏକାମ୍ର ପ୍ରକଳ୍ପକୁ ବନ୍ଦ ଲାଗି ଷଡ଼ଯନ୍ତ୍ର କରି ଫେଲ୍ ମାରିଥିଲେ କେନ୍ଦ୍ରମନ୍ତ୍ରୀ,ଏମ୍‌ପି: ବିଜେଡି

ଭୁବନେଶ୍ୱର,୨୮।୬(ଅନିଲ ଦାସ)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ବିକାଶ ଲାଗି ମୁଖ୍ୟମନ୍ତ୍ରୀ ବୁଧବାର ଏକ ଆଧ୍ୟାତ୍ମିକ ପରିବେଶରେ ଏକାମ୍ର ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ମାତ୍ର ଓଡ଼ିଶା ଭାଜପାର ନେତାମାନେ ଅସହିଷ୍ଣୁ ହୋଇ ଏହାକୁ ବିରୋଧ କରୁଥିବାରୁ ବିଜେଡି ପକ୍ଷରୁ ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୁଧବାର ଶଙ୍ଖ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ଏକାମ୍ର ପ୍ରକଳ୍ପକୁ ବନ୍ଦ କରିବା ପାଇଁ କେମିତି ଅତ୍ୟନ୍ତ ତଳ ସ୍ତରକୁ ଯାଇ ଜଣେ କେନ୍ଦ୍ରମନ୍ତ୍ରୀ ଏବଂ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଷଡ଼ଯନ୍ତ୍ର କରିଥିଲେ ତାହା ଓଡ଼ିଶାବାସୀ ଭଲ ଭାବେ ଜାଣନ୍ତି। କିନ୍ତୁ ମହାପ୍ରଭୁଙ୍କ ଇଚ୍ଛା ଆଗରେ ସେମାନଙ୍କର ଏହି ଷଡ଼ଯନ୍ତ୍ର ଫେଲ୍ ମାରିଥିଲା। ଏବେ ପରେ ବି ଓଡ଼ିଶା ଭାଜପା ନେତାମାନଙ୍କ ସଦବୁଦ୍ଧି ଜାତ ହେଲା ନାହିଁ। ସାରା ଓଡ଼ିଶାରେ ଯେତେବେଳେ କୋଟି କୋଟି ଶ୍ରଦ୍ଧାଳୁ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଏକାମ୍ର କ୍ଷେତ୍ରର ବିକାଶ ଲାଗି ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ସ୍ୱାଗତ କରୁଛନ୍ତି, ଏଭଳି ସ୍ଥିତିରେ ଓଡ଼ିଶା ଭାଜପା ଏହାକୁ ନେଇ ନକାରାତ୍ମକ ରାଜନୀତି କରିବା ଆରମ୍ଭ କରିଦେଇଛି। ଏଥିରୁ ସ୍ପଷ୍ଟ ଯେ ଭାଜପାର ଏହି ନେତାମାନେ ଏକାମ୍ର କ୍ଷେତ୍ରର ବିକାଶକୁ ସହିପାରୁ ନାହାନ୍ତି। ନିଜର ବଡ଼ ହୃଦୟ ଦେଖାଇ ମୁଖ୍ୟମନ୍ତ୍ରୀ ଦଳମତ ନିର୍ବିଶେଷରେ ସବୁ ନେତାମାନଙ୍କୁ ଏକାମ୍ର ପ୍ରକଳ୍ପର ଶିଳାନ୍ୟାସ ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ। ମାତ୍ର ସେମାନେ ଜାଣିଶୁଣି ଏହି ଉତ୍ସବରେ ସହଭାଗୀ ହେବାକୁ ଆସିଲେ ନାହିଁ। ପାଲଟା ହୀନ ରାଜନୀତି କରିବା ଲାଗି ଏହାକୁ ବି ବିରୋଧ କଲେ। ଏକାମ୍ର ପ୍ରକଳ୍ପକୁ ବିରୋଧ କରି ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଯେଉଁଭଳି ନିମ୍ନ ରୁଚିର ମନ୍ତବ୍ୟ ଦେଉଛନ୍ତି, ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ଓଡ଼ିଶାର ବିକାଶକୁ କିଏ ବିରୋଧ କରୁଛି, ତାହା ଓଡ଼ିଶାବାସୀ ଭଲ ଭାବେ ଜାଣନ୍ତି। ସେହି କାରଣରୁ ଓଡ଼ିଶାରେ ଭାଜପା ସବୁବେଳେ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେଉଛି। ବିଶେଷ କରି କୋଟି କୋଟି ଓଡ଼ିଆଙ୍କ ଭାବାବେଗ ସହ ଜଡ଼ିତ ଥିବା ଏକାମ୍ର କ୍ଷେତ୍ର ଭଳି ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀର ବିକାଶକୁ ବିରୋଧ କରି ଏହାର ରାଜନୀତିକରଣ କରୁଥିବା ଭାଜପା ନେତାମାନଙ୍କୁ ଓଡ଼ିଶାବାସୀ କେବେ କ୍ଷମା ଦେବେ ନାହିଁ ବୋଲି ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି କହିଛନ୍ତି।



ନୂଆଦିଲ୍ଲୀଠାରେ ବୁଧବାର ଦଳର ପଦାଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଉପସ୍ଥିତ ନ୍ୟାଶନାଲ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର, ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ପଟେଲ, ସୁପ୍ରିୟା ସୁଲେ ଓ ଅନ୍ୟମାନେ।

# ଏକାମ୍ର ପ୍ରକଳ୍ପ ନାଁରେ ୧୧୦୦ ବର୍ଷର ଐତିହ୍ୟକୁ ଅଣଦେଖା କରା ନ ଯାଉ: ଭାଜପା

ଭୁବନେଶ୍ୱର, ୨୮।୬(ସୁନିତ୍ ମିଶ୍ର)

ପୁରୁଣା ଐତିହ୍ୟ ଓ କୀର୍ତ୍ତିରାଜି ଆମର ଦୁର୍ମୂଲ୍ୟ ସମ୍ପଦ। ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଆମ ସମସ୍ତଙ୍କର ଦାୟିତ୍ୱ ହେବା ଦରକାର। ରାଜ୍ୟ ସରକାରଙ୍କୁ ଅନୁରୋଧ, ଏକାମ୍ର ପ୍ରକଳ୍ପରେ ରାଜନୀତି ନ କରି ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ ବୋଲି ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଓଡ଼ିଶା ହେଉଛି ସଂସ୍କୃତି ତଥା ଆଧ୍ୟାତ୍ମିକ ଐତିହ୍ୟର ଭଣ୍ଡାର। ଭାରତର ଆମ ମାଟିରେ ଥିବା ଅନେକ ପବିତ୍ର ସ୍ଥାନ ମଧ୍ୟରେ ମହାପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ର ଏକ ବିଶେଷ ସ୍ଥାନ ବହନକରେ। ଏକାମ୍ର ପ୍ରକଳ୍ପର ଭୂମିପୂଜନ ନାଁରେ ବିଶ୍ୱରେ ପରିଚିତ ଥିବା ୧୧୦୦ ବର୍ଷ ତଳର ପୁରୁଣା ଐତିହ୍ୟ, କୀର୍ତ୍ତିରାଜି, ସଂସ୍କୃତି ଓ ପରମ୍ପରାକୁ ଅଣଦେଖା କରା ନ ଯାଉ। ଦୀର୍ଘ ବର୍ଷ ଶାସନରେ ରହିବା ପରେ ସରକାରଙ୍କ ସୌନ୍ଦର୍ଯ୍ୟକରଣ କଥା ମନେପଡୁଛି। ସୌନ୍ଦର୍ଯ୍ୟକରଣକୁ ଆମର ବିରୋଧ ନାହିଁ, କିନ୍ତୁ ପ୍ରାଚୀନ ଐତିହ୍ୟ, କୀର୍ତ୍ତିରାଜିର ପୁନରୁଦ୍ଧାର ଏବଂ ପ୍ରତ୍ନତତ୍ତ୍ୱର ଅନୁସନ୍ଧାନ କେମିତି ମିଳିବ, ସେଥିପାଇଁ ଆମେ ଚିନ୍ତିତ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ଓ ସର୍ବେକ୍ଷଣ ସଂସ୍ଥା ଅଧୀନରେ ସଂରକ୍ଷିତ ଥିବା ଶୁକଶାରୀ ମନ୍ଦିର ରାଜ୍ୟ ସରକାରଙ୍କ ବୁଲ୍‌ଡୋଜର ବୁଲିବା ବେଳେ ପ୍ରାଚୀନ ଭଗ୍ନାବଶେଷ ତଥା ରାଜ୍ୟ ସରକାର ଅଣଦେଖା କରୁଥିବା ପୁରାତନ ସମୟର ଐତିହାସିକ କୀର୍ତ୍ତିରାଜି ସାମ୍ନାକୁ ଆସିଥିଲା। ଏହା ଉପରେ ଗଭୀର ଚିନ୍ତାବ୍ୟକ୍ତ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତତ୍କାଳୀନ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ତୁରନ୍ତ ପ୍ରତିକ୍ରିୟା ସ୍ୱରୂପ ଏକ ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡାର(ଜିପିଆର୍) ସର୍ଭେ ଆରମ୍ଭ କରାଯାଇଥିଲା। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଦ୍ୱାରା ଆଇଆଇଟି ଗାନ୍ଧୀନଗରର ବୈଜ୍ଞାନିକମାନଙ୍କ ସହଯୋଗରେ ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ଐତିହାସିକ ଅଭିଜ୍ଞତାର ବ୍ୟବହାରକରି ସର୍ଭେ ଆରମ୍ଭ ହୋଇଥିଲା। ଲିଙ୍ଗରାଜ ମନ୍ଦିରର ଚତୁଃପାର୍ଶ୍ୱ, ଦେବୀପାଦହରା ପୁଷ୍କରିଣୀ ଓ ଶୁକଶାରୀ ମନ୍ଦିର ପରିସରରେ ଏହି ଟିମ୍ ଆସି ଏକ ବ୍ୟବସ୍ଥିତ ଓ ପୁଙ୍ଖାନୁପୁଙ୍ଖ ସର୍ଭେ କରିଥିଲେ। ଏହି ସର୍ବେକ୍ଷଣରେ ଅନେକ ଲୁଚି ରହିଥିବା ସତ୍ୟ ସାମ୍ନାକୁ ଆସିଥିଲା, ଯାହା ଆମର ପୁରାତନ ସଭ୍ୟତା ଓ ପୂର୍ବପୁରୁଷମାନଙ୍କ ଭକ୍ତିର ପ୍ରମାଣ ରଖିଥିଲା। ଠିକ୍ ଏହି ସମୟରେ ପୁଣି ଏକ ଭୂମିପୂଜନ ନାଁରେ ରାଜନୈତିକ ମଞ୍ଚ ତିଆରି କରି ଲୋକଙ୍କୁ ଭୁଆଁ ବୁଲାଇବାର ଯେଉଁ ପ୍ରହେଳିକା ତିଆରି କରାଯାଉଛି, ତାହାକୁ ନିନ୍ଦା କରୁଛୁ ବୋଲି ସମୀର କହିଛନ୍ତି ।

# ୫-ଟି ସଚିବଙ୍କୁ ନେଇ ଥମୁନି ବିରୋଧୀଙ୍କ ଟାର୍ଗେଟ

ଭୁବନେଶ୍ୱର,୨୮।୬(ସୁନିତ୍ ମିଶ୍ର)

- କେନ୍ଦ୍ର କେତେଦୂର କାର୍ଯ୍ୟାନୁଷ୍ଠାନ ନେଉଛି ଦେଖିବା କଥା: କଂଗ୍ରେସ
- କେନ୍ଦ୍ର ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ନେବ: ଭାଜପା
- ବିରୋଧୀଙ୍କ କଥାକୁ ଲୋକମାନେ ଗ୍ରହଣ କରୁନାହାନ୍ତି: ବିଜେଡି

ଓଡ଼ିଶା କ୍ୟାଡରର ଜଣେ ଆଇଏଏସ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଦେବା ପରେ ରାଜନୀତି ବୟାନବାଜି ଜୋର ଧରିଛି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି)ଭି.କେ.ପାଣ୍ଡିଆନଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ଶାସନ ସଚିବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏଭଳି ସ୍ଥଳେ ରାଜ୍ୟ ସରକାର ଆକ୍ସନ ନ ନେଲେ କେନ୍ଦ୍ର ସରକାର ନେବେ କି ବୋଲି କଂଗ୍ରେସ ପ୍ରଶ୍ନ କରିଛି।

ତେବେ ଏଭଳିସ୍ଥଳେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି, ମୁଖ୍ୟ ଶାସନ ସଚିବ ଯେଉଁ ଫାଇଲ୍ ପଠାଇବେ ତାହା ତାଙ୍କ ବ୍ୟକ୍ତିଗତ ସଚିବଙ୍କ ମାଧ୍ୟମରେ ହିଁ ଯିବ। ତେଣୁ ସେ ଫାଇଲ ଫେରିବା ନେଇ ଆଶା କରାଯାଇପାରିବ ନାହିଁ। ଏହା ଉପରେ ରାଜ୍ୟ ସରକାର କିଛି କାର୍ଯ୍ୟାନୁଷ୍ଠାନ ନେବେ ନାହିଁ। କେନ୍ଦ୍ର ସରକାର ଯଦି ଚାହିଁବେ ତେବେ କାର୍ଯ୍ୟାନୁଷ୍ଠାନ ହେବ ଯଦି ନ ଚାହିଁବେ ତେବେ କିଛି ହେବ ନାହିଁ। କେନ୍ଦ୍ର ସରକାର ପ୍ରଥମେ ଡେପୁଟେଶନରେ ନିଅନ୍ତି ତା'ପରେ ସେମାନେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ ବୋଲି ବିଜୟ କହିଛନ୍ତି। ସେହିପରି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଯଦି କେନ୍ଦ୍ର ସରକାର ଯିଏ ଅଛନ୍ତି ସେମାନେ ଚାହିଁଲେ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବାହାରିପଡ଼ିବା କଥା। ଯେହେତୁ ବିଜେଡି-ଭାଜପା ଏକାଠି ହୋଇ ଅଛନ୍ତି। କେତେଦୂର ସେମାନେ କାର୍ଯ୍ୟାନୁଷ୍ଠାନ ନେବାକୁ ବାହାରୁଛନ୍ତି ତାକୁ ଦେଖିବାର ବାକି ରହିଛି ବୋଲି ଶରତ କହିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ୫-ଟି ସଚିବଙ୍କୁ ତୁରନ୍ତ ବହିଷ୍କାର କରାଯିବା ଦରକାର। ସେ ଅଗଣତାନ୍ତ୍ରିକ ପଦ୍ଧତିରେ ସୁପର ଚିଫ୍ ମିନିଷ୍ଟର ଭଳି କାର୍ଯ୍ୟ କରୁଛନ୍ତି, କାର୍ଯ୍ୟାଦେଶ ବାଣ୍ଟୁଛନ୍ତି, ପ୍ରତିଶ୍ରୁତି ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଯଦି ଏହା ଉପରେ କିଛି ପଦକ୍ଷେପ ନ ନେବେ ତେବେ ଭାଜପା କେନ୍ଦ୍ର ସରକାରଙ୍କୁ ଜଣାଇବ। କେନ୍ଦ୍ର ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଭାଜପାର ବିଶ୍ୱାସ ରହିଥିବା ମୋହନ କହିଛନ୍ତି। ତେବେ ବିରୋଧୀଙ୍କ ଏଭଳି ଅଭିଯୋଗକୁ ପାଲଟା ଟାର୍ଗେଟ କରି ବିଜେଡି ନେତା ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ଗ୍ରାଉଣ୍ଡକୁ କେବଳ ୫-ଟି ସଚିବ ନୁହନ୍ତି ଉନ୍ନୟନ କମିଶନର, ମୁଖ୍ୟଶାସନ ସଚିବ ମଧ୍ୟ ଯାଉଛନ୍ତି। ମନ୍ତ୍ରୀମାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅଛି ଲୋକଙ୍କ ପାଖକୁ ଯିବା ଲାଗି। ଆମେ ଲୋକଙ୍କ ପାଖକୁ ଯାଉଛୁ ଆଉ କେତେଜଣ ଲୋକ ଭୁବନେଶ୍ୱରରେ ବସି ଦିଲ୍ଲୀ, ଦୌଲତାବାଦ୍ ଦୌଡୁଛନ୍ତି। ବିରୋଧୀ ଯେଉଁ କଥା କହୁଛନ୍ତି ଲୋକମାନେ ତାକୁ ଗ୍ରହଣ କରୁନାହାନ୍ତି ବୋଲି ଅତନୁ କହିଛନ୍ତି।

# ଛତିଶଗଡ଼ ବିଧାନସଭା ନିର୍ବାଚନ ନେଇ କଂଗ୍ରେସର ରଣନୀତି ଆଲୋଚନା


ଦିଲ୍ଲୀରେ ଏଆଇସିସି କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ବୈଠକରେ ଛତିଶଗଡ଼ କଂଗ୍ରେସ ପ୍ରଭାରୀ କୁମାରୀ ସେଲ୍‌ଜା, ରାହୁଲ ଗାନ୍ଧୀ, ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଉପସ୍ଥିତ।

**ନୂଆଦିଲ୍ଲୀ, ୨୮।୬(ପି.ଟି.):** ଚଳିତ ବର୍ଷ ଶେଷ ଭାଗରେ ଛତିଶଗଡ଼ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ବୁଧବାର କଂଗ୍ରେସର ଶୀର୍ଷନେତାମାନଙ୍କର ବୈଠକ ବସି ରଣନୀତି ସମ୍ପର୍କରେ ଆଲୋଚନା ହୋଇଛି। ଏଆଇସିସି ମୁଖ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ଛତିଶଗଡ଼ ଦାୟିତ୍ୱରେ ଥିବା ଦଳର ପ୍ରଭାରୀ କୁମାରୀ ସେଲ୍‌ଜା, ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ବେଣୁଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟବାସୀଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ଦଳୀୟ କର୍ମୀମାନେ ଏକାଠି କାମ କରିବା ଆବଶ୍ୟକ ବୋଲି ଖାର୍ଗେ କହିଥିଲେ। ଦଳ ରଣନୀତି ଉପରେ ବିଚାର ବିମର୍ଶ ହୋଇଥିଲା। ବୈଠକରେ ରାଜ୍ୟ କଂଗ୍ରେସ ସଭାପତି ମୋହନ ମର୍କାମ ଏବଂ ମନ୍ତ୍ରୀ ଟି.ଏସ୍. ସିଂଦେଓ ଉପସ୍ଥିତ ଥିଲେ। ତେବେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ପରିବର୍ତ୍ତନ ସମ୍ଭାବନାକୁ ସିଂଦେଓ ଖଣ୍ଡନ କରିଛନ୍ତି। କଂଗ୍ରେସ ଗତ ୫ ବର୍ଷ ମଧ୍ୟରେ କରିଥିବା ବିକାଶମୂଳକ କାର୍ଯ୍ୟ ଆଧାରରେ ଏଥର ନିର୍ବାଚନ ଲଢ଼ିବ ବୋଲି ସେ କହିଛନ୍ତି।

# ବିଜେଡିରୁ ଇସ୍ତଫା ଦେଲେ ଶ୍ୟାମାପ୍ରସାଦ

**ବାଲେଶ୍ୱର, ୨୮।୬ (ମାନସ ବିଶ୍ୱାଳ):** ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନମଣ୍ଡଳୀରେ ପ୍ରତିଶ୍ରୁତି ଅନୁଯାୟୀ ହେଉନି ଉନ୍ନୟନମୂଳକ କାର୍ଯ୍ୟ। ଏହାର ପ୍ରତିବାଦ କରି ବିଜେଡିର ଶ୍ୟାମାପ୍ରସାଦ ବେହେରା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ଷ୍ଟେଶନ କ୍ଲବ ପରିସରରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଛାଡ଼ି ବସ୍ତା ନିର୍ବାଚନମଣ୍ଡଳୀର ଶ୍ୟାମାପ୍ରସାଦ ବିଜେଡିରେ ଯୋଗ ଦେଇଥିଲେ। ଦଳରେ ସକ୍ରିୟତାର ସହ କାର୍ଯ୍ୟ କରୁଥିବା ବେଳେ ୫-ଟିସଚିବ ଭି.କେ. ପାଣ୍ଡିଆନ ଯେଉଁଭଳି ଭାବେ ଦଳକୁ କରାୟତ୍ତ କରିଛନ୍ତି ତାହାକୁ ବିରୋଧ କରି ଶ୍ୟାମାପ୍ରସାଦ ଦଳ ଛାଡିଥିବା କହିଛନ୍ତି। ନିର୍ବାଚିତ ଲୋକ ପ୍ରତିନିଧିଙ୍କ ପରାମର୍ଶରେ ଶାସନ ବ୍ୟବସ୍ଥା ଚାଲିବା ପରିବର୍ତ୍ତେ ଶାସକ ଦଳର ବିଧାୟକ ଓ ମନ୍ତ୍ରୀମାନେ ସଚିବଙ୍କ ଆଗରେ ହାତଯୋଡ଼ି ଛିଡ଼ା ହେବା ବାସ୍ତବିକ ଦୁଃଖଦାୟକ। ଜଣେ ସ୍ୱାଭିମାନୀ ଓଡ଼ିଆ ଭାବେ ଏଭଳି କାର୍ଯ୍ୟକଳାପକୁ ସେ ଗ୍ରହଣ କରିପାରୁନାହାନ୍ତି। ଅନ୍ୟପକ୍ଷରେ ଅବହେଳିତ ବସ୍ତା ନିର୍ବାଚନମଣ୍ଡଳୀର ବିକାଶ ନେଇ ସେ ବିଜେଡିରେ ଯୋଗଦେଇଥିବା ବେଳେ ବିଗତ ୪ବର୍ଷ ମଧ୍ୟରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇ ନ ଥିବା ଆରୋପ ଉଠାଇଛନ୍ତି। ଶାସକ ଦଳରେ ଥାଇ ଜନସାଧାରଣଙ୍କ ଜୀବନଧାରଣରେ କୌଣସି ପ୍ରକାର ଉନ୍ନତି ନ ଆସିବା ବିରୋଧରେ ସେ ଦଳରୁ ଇସ୍ତଫା ଦେଉଥିବା କହିଥିଲେ। ତାଙ୍କର ରାଜନୈତିକ ଭବିଷ୍ୟତ ସମ୍ପର୍କରେ ବିଚାରବିମର୍ଶ ପରେ ନିଷ୍ପତ୍ତି ନେବେ ବୋଲି ଶ୍ୟାମାପ୍ରସାଦ ସୂଚନା ଦେଇଥିଲେ।

Government of Odisha No. B-398
OFFICE OF THE CHIEF CONSTRUCTION ENGINEER
CUTTACK (R&B) CIRCLE, CUTTACK
E-mail.ID-sectcrb_2006@yahoo.co.in; Tel/Fax – 0671-2301751/2302751
( 'e' – PROCUREMENT NOTICE )
Bid Identification No.CCE Ctc.(R&B) 8/2023-24

1. The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Building works as mentioned below.
2. No. of work :- 09 Nos.
3. Nature of work :- Building work
4. Class of contractor :- 'A' Class
5. Tender paper cost :- Rs.10000/- (online)
6. Available of bid document in the website. :- From 10.07.2023 to 17.30 hours of 24.07.2023
7. Date of opening of bid :- Dt. 25.07.2023 at 11.00 hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./-P.K. Rath, Chief Construction Engineer, Cuttack (R&B) Circle
OIPR-34012/11/0014/2324

Request for Proposal Notice
No. CAD-1082:- The District Administration wants to bring excellence in public service delivery and to redress grievances of citizens in a meaningful method by effectively coordinating with different Departments of the Government and tries to eliminate the causes of grievances through the e-grievance web portal and mobile application. Interested Bidders may apply as per the datelines.

| | |
|---|---|
| Date of Publication | 28.06.2023 |
| Bid document download start date and time | 28.06.2023 |
| Last date and time of submission of queries for Pre-Bid Conference | 3 days after date of publication |
| Bid submission end date and time | 20.07.2023 by 4.00 PM |
| Bid Validity Period | 90 days |
| Mode of Submission | Offline by Registered Post / Speed Post or drop box kept at O/o CDO- Cum-EO, Zilla Parishad, Ganjam, Chatrapur, PIN-761020 |
| Opening of Technical Bid date and time | 21.07.2023 at 11.00 AM |
| Presentation of Responsive Bids (as per pre-qualification criteria) | 21.07.2023 |
| Opening of Financial Bids | 21.07.2023 |

For details on RFP, the bidders are requested to visit the website: ganjam.nic.in
CDO-cum-EO
Zilla parishad, Ganjam
OIPR-19372/11/0001/2324

See Career Appointment on every Wednesday & Saturday

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
No. CAD-1076
Tender Call Notice No. BBSR/ELECT/E-4406/22-23/1458 Dated: 22.06.2023
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
Name of the Work : Construction of 11/0.4KV, 25KVA S/S for power supply to proposed MSME Park at Golamunda, Under SDO Dharamgarh, Kalahandi.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-14/23-24 | 03.07.2023 at 17.00 hrs. | 13.07.2023 at 12.00 hrs. |

Further details can be seen from the e-Procurement Portal: www.tendersorissa.gov.in. Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.
OIPR-14003/11/0091/2324 Sd./- Divisional Head (Elect.), IDCO, Bhubaneswar

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE CHIEF GENERAL MANAGER (P&C)
IDCO, IDCO TOWERS, JANPATH, BHUBANESWAR-751022
No. CAD-1079
Tender Call Notice No. IDCO/H.O./P&C/EST/E-2361/03/03/2023/19582 Dated: 26.06.2023
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1 | Construction of SFRC/RCC Pre-Cast Compound Wall around Ac.186.53 land at Bolang under land bank scheme in the district of Balasore | Rs.488.37 Lakh | 04 (Four) Calendar Months |
| 2 | Construction of SFRC/RCC Pre-Cast Compound Wall around Ac.9.92 land at Balagopalpur under land bank scheme in the district of Balasore | Rs.107.66 Lakh | 03 (Three) Calendar Months |
| 3 | Construction of SFRC/RCC Pre-Cast Compound Wall around Ac.10.50 land at Bampada under land bank scheme in the district of Balasore | Rs.79.12 Lakh | 02 (Two) Calendar Months |

1. Other details

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-48/2022-23 | 06.07.2023 at 17.00 Hrs. | 21.07.2023 upto 17.00 Hrs. |

Further details can be seen from the e-Procurement Portal: www.tendersodisha.gov.in. and Corrigendum if any will not be published in Newspapers and can only be seen in the e-Procurement portal www.tendersodisha.gov.in and www.idco.in.
Sd./- Chief General Manager (P&C)
IDCO, Bhubaneswar
OIPR-14003/11/0088/2324

OFFICE OF THE CHIEF DISTRICT AGRICULTURE OFFICER, (GAJAPATI)
Letter No. 1992 Date: 23.06.23
Expression of Interest (EOI) for engagement of Cluster Level Facilitating Agency under Crop diversification Programme in Mega Lift Irrigation Projects 2023-24 of Govt. of Odisha
No. L-48:- Expression of Interest is invited by the Chief District Agricultrure Officer, (Gajapati) from the experienced and interested organizations for engagement of Facilitating Agencies for selected cluster of (Gajapati) of district under Crop Diversification Programme in Mega Lift Irrigation Projects 2023-24. Interested organizations/agencies are required to submit the EOI in sealed envelope superscribed as Application for engagement of Cluster Level Facilitating Agency under Crop diversification programme in mega lift irrigation project of Gajapati district as per enclosed application format by Registered/Speed Post. Proposals in E-Mail would not be entertained in this regard. The EOI should be addressed to Office of the Chief District Agriculture Officer (O/o Chief District Agriculture Officer, Gajapati, Paralakhemundi). Last date for receipt of EOI is (06.07.2023) upto (01.00 PM) and the same shall be opened on the same day at (05.00 PM) in presence of authorized signatory and representatives. The application form and detail terms & conditions are available in the official website of District nic portal.
The authority shall not be responsible for any sort of postal delay and the EoI received beyond scheduled date and time shall not be entertained and out right to be rejected. The authority reserves the right to cancel/reject any or all the EOI without assigning any reason thereof.
Sd./- Chief District Agriculture Officer (Gajapati)
OIPR-01005/11/0001/2324

INVITATIONS FOR BIDS THROUGH e-Procurement For Constrcution of Multipurpose Agricultural Godown-cum-District Training Center at Dist.: Kalahandi, Kandhamal & Nayagarh
The Odisha Agro Industries Corporation Ltd.
(A Govt. of Odisha Undertaking)
Regd.: H.O.: 95, Satyanagar, Bhubaneswar - 751007
Tel.: (0674) 2570687, Email: oaicho@orissaagro.com
E-PROCUREMENT TENDER
No. CAD-1087: E-procurement tender in conformity with technical specification, term & conditions in tender documents are invited from registered Civi Contractors/Firms for the works "Construction of Multipurpose Agricultural Godown-cum-District Training Center at Kalahandi, Kandhamal & Nayagarh districts. For details please visit website http://tendersodisha.gov.in. Bid documents will be available in above website from 29.06.2023 at 10.00 A.M. to 19.07.2023 upto 5.00 P.M. for "ONLINE BIDDING" on payment of Rs.10,000/- + GST @ 18% per set. The bid of the work shall be opened on 20.07.2023 at 11.30 A.M. in the office of the undersigned. The bidder must possess matching class compatible Digital Signature Certificate (DSC). The undersigned reserves the right to accept/reject any/all application(s) without assigning any reason thereof.
Sd./- Dy. General Manager (E&I) Sd./- Managing Director
OIPR-01047/11/0028/2324

GOVERNMENT OF ODISHA
REVENUE AND DISASTER MANAGEMENT DEPARTMENT
QUOTATION CALL NOTICE
No. RDM-OEB-MENTEN-0001-2016/22574/R&DM, dated 27 JUN 2023
No. F-85:- Sealed Quotations in plain paper/letter pad are invited from intending firms/suppliers/dealers/manufacturers having income tax clearance certificate and GST Registration No. for supply and installation of All-in-One PC with the following mentioned specifications:
*"Dell Inspiron 27 7710 Touch All in One Desktop 11th Generation*
*Core i7-1165G7 16GB RAM, 1TB HDD+512GB SSD, 2GB Graphics*
*Windows 11+ MS Office 27" FHD (White)"*
The Quotation shall have their offer price of the article / item(s) including different taxes thereon along with the terms and conditions, if any. Under no circumstances they would be allowed to indicate any type of taxes and no other terms and condition will be accepted after submission of the quotation.
The Quotation should reach the undersigned within 21(twenty one) days from the date of issue of this quotation call notice and the same shall be opened on the same day at 4 PM in the presence of bidder or their authorized representatives.
The Quotation received in incomplete form or after the scheduled date and time shall be summarily rejected. The authority reserves the right to reject all or any quotation without assigning any reason thereof.
Sd./- Under Secretary to Government
OIPR-24001/11/0021/2324

GOVERNMENT OF ODISHA No. B-403
OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR
Mail ID: sepwdsbp@rediffmail.com
e-Procurement
BID IDENTIFICATION No. CCENC (R AND B)/05/2023-24
No. 3205 Dtd.21.06.2023
1. The Chief Construction Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in Double Cover System in ONLINE MODE for the construction of Road Works and Building Works as detailed in the DTCN from the eligible class of contractors.
2. No. of Works : 15 (Fifteen) (Roads and Buildings)
3. Tender Cost : Rs.10,000/-
4. Class of Contractor : "B" Class and "A" Class
5. Date & time of available in website & receipt of Bids : From 03.07.2023 to 17.00 hours of 18.07.2023
6. Date of opening of technical Bid: 19.07.2023 at 11.00 hours
7. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/addendum will be displayed in the website www.tendersodisha.gov.in.

Sd./- Chief Construction Engineer
OIPR-34035/11/0006/2324 Northern (R&B) Circle, Sambalpur

GOVERNMENT OF ODISHA
"e" PROCUREMENT NOTICE No. B-394
Bid Identification No. S.E. GTN (R&B) - 6/2023-24
E-mail address: eeghatagaon2015@gmail.com
Letter No. 4182 Dt.22.06.2023
1. The Executive Engineer, Ghatagaon (R&B) Division on behalf of Governor of Odisha invites percentage rate Bids in Single Cover System in Online mode from the eligible contractor for composite Building Works as mentioned below.
2. Nature of the Work : Road Work
3. Number of Work : 01 (One) No.
4. Estimated Cost : Rs.18.69 Lakhs (Approx.)
5. Period of Completion : 01 (One) Calendar Month
6. Date & Time of availability of bid document in the portal : From 11.30 A.M. of Dt.01.07.2023 to 05.00 P.M. of Dt.10.07.2023
7. Last Date/time for receipt of bids in the portal : 05.00 P.M. of Dt.10.07.2023
8. Date of Opening of Bid : 11.00 A.M. of Dt.11.07.2023
9. Further details can be seen from the e-procurement portal https://tendersodisha.gov.in. Any addendum/corrigendum/ cancellation of tender can also be seen in the same website only.

Sd./- Executive Engineer
OIPR-34140/11/0004/2324 Ghatagaon (R&B) Division

WATCO
OFFICE OF THE GENERAL MANAGER, WATCO DIVISION-II, BHUBANESWAR
Near Rajiv Bhawan, Unit-V, Bhubaneswar-751001, Odisha, India, Telefax:- +91-674-2390322
No. C-679:- E-mail – gmdivtwowatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB) Dtd.27.06.2023

| | | | |
|---|---|---|---|
| 01 | Nos. of the work | : | 3 Nos. |
| 02 | Estimated cost | : | Rs.79.66 Lakhs, Rs.76.26 Lakhs & Rs. 47.35 Lakhs |
| 03 | Period of completion | : | 1 (One Month) |
| 04 | Class of contractor | : | Manufacturers / Authorized Dealer / Distributor joint venture with Electrical license holder |
| 05 | Date & Time of availability of bid document in the portal | : | From 11.00 AM of Dt.01.07.2023 to 5.00 PM of 10.07.2023 |
| 06 | Last date / time of receipt of bids in the portal | : | 5.00 PM of 10.07.2023 |
| 07 | Last date & time of seeking clarification | : | 5.00 PM of 04.07.2023 |
| 08 | Date & Time of opening of bids | : | At 12.30 PM of 11.07.2023 |
| 09 | Name and Address of the Officer Inviting Bid | : | General Manager, WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in"
Sd./- GENERAL MANAGER, WATCO DIVISION-II, BHUBANESWAR
OIPR-13089/11/0010/2324



ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମଙ୍ଗଳବାର କାଶୀପୁରଠାରେ ଆରୋମା ପାର୍କର ଉଦ୍‌ଘାଟନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ସେ ବିଭିନ୍ନ ହିତାଧିକାରୀଙ୍କୁ ପ୍ଲଟ୍ ଆବଣ୍ଟନ ସହ ବିଭିନ୍ନ ସଂସ୍ଥାର ପ୍ରତିନିଧିମାନଙ୍କୁ ସମ୍ମାନିତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧାମିଙ୍କ ସମେତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ଉତ୍ତରାଖଣ୍ଡର ବିଧାୟକ ଏବଂ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

## ଟାଟା ଏଆଇଏର ଡିଜିଟାଲ ଅଭିଯାନ

ନୂଆଦିଲ୍ଲୀ,୨୮।୬

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଟାଟା ଏଆଇଏ ଲାଇଫ୍ ଇନ୍ସ୍ୟୁରାନ୍ସର ନୂତନ ତଥା ସ୍ୱତନ୍ତ୍ର ଡିଜିଟାଲ ଅଭିଯାନ 'ଯାଦୁଇ ପକେଟ୍ କା ସିକ୍ରେଟ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଯେଉଁଥିରେ ପିଲାମାନଙ୍କ ସ୍ୱପ୍ନ ପୂରଣ କରିବାରେ ବାପାଙ୍କ ବାସ୍ତବ ଗୋପନୀୟତାକୁ ମଧ୍ୟ ବିଶେଷ ଭାବେ ଉନ୍ମୋଚନ କରାଯାଇଛି । ସେହି ଭାବନାରୁ ମ୍ୟାଜିକ ପକେଟ୍ ଅଭିଯାନର ପରିକଳ୍ପନା କରାଯାଇଛି । ଏହି ଡିଜିଟାଲ ସିନେମା ଶେଷରେ ବାର୍ତ୍ତା ଦିଆଯାଇଛି ଯେ ଟାଟା ଏଆଇଏର ଫର୍ଚୁନ୍ ଗ୍ୟାରେଣ୍ଟି ପ୍ଲସ୍ ସେଭିଂ ପ୍ଲାନ୍ ଜରିଆରେ ଏହି ଯାଦୁ ସମ୍ଭବ ଯାହା ପଲିସି ଅବଧି ସାରାରେ ଗ୍ୟାରେଣ୍ଟି ନିୟମିତ ଆୟ ପ୍ରଦାନ କରୁଛି । ଏ ସମ୍ପର୍କରେ ଟାଟା ଏଆଇଏ ଲାଇଫ୍ ଇନ୍ସ୍ୟୁରାନ୍ସର ଚିଫ୍ ମାର୍କେଟିଂ ଅଫିସର ଗିରୀଶ କାଲ୍‌ରା କହିଛନ୍ତି, ପରିବାରର ଆୟକାରୀ ସଦସ୍ୟ ଭାବେ ଜଣେ ବାପା ନୀରବରେ ବହୁ ତ୍ୟାଗ କରିଥାଏ ।

## ପିଏନ୍‌ବି ପକ୍ଷରୁ ହିନ୍ଦୀ କାର୍ଯ୍ୟଶାଳା, ପ୍ରତିଯୋଗିତା



ଭୁବନେଶ୍ୱର,୨୮।୬

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ 'ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ଜୁନ୍ ତ୍ରୈମାସିକ ବୈଠକ ତଥା କର୍ମଚାରୀମାନଙ୍କ ପାଇଁ ରାଜଭାଷା ନୀତି ଏବଂ ନିୟମ ସମ୍ପର୍କିତ ଏକ ହିନ୍ଦୀ କାର୍ଯ୍ୟଶାଳା ଏବଂ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ମଣ୍ଡଳର ମୁଖ୍ୟ ଅଜିତ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ 'ରାଜଭାଷା କାର୍ଯ୍ୟାନ୍ୱୟନ ସମିତି'ର ଜୁନ୍ ତ୍ରୈମାସର ପ୍ରଥମ ବୈଠକରେ ମଣ୍ଡଳ କାର୍ଯ୍ୟାଳୟ ଏବଂ ଏହାର ନିୟନ୍ତ୍ରଣାଧୀନ ଶାଖା କାର୍ଯ୍ୟାଳୟଗୁଡ଼ିକରେ ରାଜଭାଷା କାର୍ଯ୍ୟାନ୍ୱୟନ ସ୍ଥିତିର ସମୀକ୍ଷା କରାଯାଇଥିଲା । ବରିଷ୍ଠ ପ୍ରବନ୍ଧକ (ରାଜଭାଷା) ଆନନ୍ଦ କୁମାର ମିଶ୍ର ଏକ ପିପିଟି ପ୍ରସ୍ତୁତ କରି ଏହା ମାଧ୍ୟମରେ ରାଜଭାଷା ବିଭାଗ, ଗୃହ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ରାଜଭାଷା ନୀତିର ପ୍ରଚାର ଓ ପ୍ରସାରରେ ୧୨ 'ପ୍ର' ର ନୀତି, ରାଜଭାଷାର ସାମ୍ବିଧାନିକ ସ୍ଥିତି, ଅଧିନିୟମ ଏବଂ ନିୟମାବଳୀର ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟଶାଳା ଶେଷରେ ବିଷୟ ସମ୍ବନ୍ଧିତ ଏକ ପ୍ରଶ୍ନୋତ୍ତରୀ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ଅଶ୍ୱିନୀ ପଟେଲ, ଶକ୍ତିଧର ଝା ଏବଂ ରଶ୍ମିତା ଭୋଇଙ୍କୁ ରାଜଭାଷା ମଣ୍ଡଳ ମୁଖ୍ୟ ଏବଂ ମୁଖ୍ୟ ପ୍ରବନ୍ଧକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ଆଜିଠାରୁ ଡିଏସ୍ଏସ୍‌ର ୨୬ତମ ସଂସ୍କରଣ

ଭୁବନେଶ୍ୱର,୨୮।୬

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଦୁବାଇର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ଦୁବାଇ ସମର ସର୍‌ପ୍ରାଇଜ (ଡିଏସ୍ଏସ୍)ର ଶୁଭାରମ୍ଭ ହେବାକୁ ଯାଉଛି । ଏପରିକି ୨୦୨୩ ଜୁନ୍ ୨୯ରୁ ଡିଏସ୍ଏସ୍‌ର ୨୬ତମ ସଂସ୍କରଣ ଆନୁଷ୍ଠାନିକ ଭାବେ ଆରମ୍ଭ ହେଉଛି । ଉଲ୍ଲେଖଯୋଗ୍ୟ, ଦୁବାଇର ଫେଷ୍ଟିଭାଲ ଏବଂ ରିଟେଲ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଡିଏସ୍ଏସ୍‌ର ୨୬ତମ ସଂସ୍କରଣ ୨୦୨୩ ଜୁନ୍ ୨୯ରୁ ଆରମ୍ଭ ହୋଇ ୨୦୨୩ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଉକ୍ତ ପ୍ରଦର୍ଶନୀ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏପରିକି ଦୀର୍ଘ ୨ମାସରୁ ଅଧିକ ସମୟ (୬୭ ଦିନ) ର ନିରୋଳା ମଜା ଓ ଉତ୍ସାହ ସହିତ କନ୍‌ସର୍ଟ, ଇଭେଣ୍ଟ ଓ ଚିତ୍ତାକର୍ଷକ ଅନୁଭୂତି ହାସଲ କରିପାରିବେ । ସେହିଭଳି ଡିଏସ୍ଏସ୍‌ର ଉଦ୍‌ଘାଟନୀ ଉତ୍ସବ କୋକାକୋଲା ମଇଦାନଠାରେ ୨୦୨୩ ପାଳନ କରାଯିବ । ଏପରିକି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ହୁସେନ ଅଲୀ ଜସମି ଓ କାଦିମ ଅଲ ସାହିର ମୁଖ୍ୟ ଆକର୍ଷଣ ସାଜିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି । ଉକ୍ତ କାର୍ଯ୍ୟକ୍ରମ ଜୁଲାଇ ୨ ସନ୍ଧ୍ୟା ୮ ଘଟିକାଠାରୁ ଆରମ୍ଭ ହେବ । ବିଶେଷକରି ପ୍ଲାଟିନମଲିଷ୍ଟ, ଦୁବାଇ କ୍ୟାଲେଣ୍ଡର ଓ କୋକାକୋଲା ଆରିନା ସାଇଟ ଏଇଡି ୧୫୦ଠାରୁ ଟିକେଟ କ୍ରୟ କରାଯାଇପାରିବ । ସେହିପରି ସାଉଦି ଆରବର କିମ୍ବଦନ୍ତୀ ମହମ୍ମଦ ଅବୋଦା ମଧ୍ୟ ଉକ୍ତ ଉତ୍ସବରେ ଏକ ଅବିଶ୍ୱସନୀୟ ପ୍ରଦର୍ଶନ କରିବେ । ଏହି ଆଇକନିକ୍ ଗାୟକଙ୍କୁ ଦେଖିବା ପାଇଁ ଏଇଡି ୨୯୫ରୁ ପ୍ଲାଟିନଲିଷ୍ଟରେ ଟିକେଟ କ୍ରୟ କରାଯାଇପାରିବ । ଅପରପକ୍ଷରେ ଡିଏସ୍ଏସ୍‌ର ପ୍ରଯୋଜକ ର୍ୟାକ୍‌ବ୍ୟାଙ୍କ ମାଷ୍ଟରକାର୍ଡ ଏବଂ ବିଭିନ୍ନ ଷ୍ଟ୍ରାଟେଜିକ ପାର୍ଟନରଙ୍କ ସହାୟତାରେ ଅନ୍ତର୍ଭୁକ୍ତ ଏଆଇ ଫୁଟାଏମ ମଲସ, ଏଆଇ ସିଫ,ଏଆଇ ଜାରୁନି ଗ୍ରୁପ୍, ଏଡବ୍ଲୁ ରୋଷ୍ଟାମାନି ଗ୍ରୁପ୍, ବ୍ଲୁ ୱାଟରସ, ସିଟିୱାକ, ଏମିରଟସ ଏୟାରଲାଇନ, ଏନକ, ଇଟିସଲଟ,ନାକେଲ ମଲ୍, ଡ୍ରାଗନ ଓ ଆଉଟଲେଡ୍ ଭିଲେଜ ପ୍ରମୁଖ ରହିଛନ୍ତି ।

## ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଶୁଖିଲା ରାଶନ ବଣ୍ଟନ

ଭୁବନେଶ୍ୱର,୨୮।୬ (ଅଭୟ ଦାଶ)



ଓଡ଼ିଶାର ବାଲେଶ୍ୱର ଜିଲା ଅନ୍ତର୍ଗତ ବାହାନଗାଠାରେ ଘଟିଥିବା ଦୁଃଖଦ ରେଳ ଦୁର୍ଘଟଣାର ମୃତକ ଓ ଗୁରୁତର ଆହତଙ୍କ ପରିବାର ସଦସ୍ୟମାନଙ୍କୁ ସହାୟତା ଉଦ୍ୟମ ଜାରି ରଖି ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ପୀଡ଼ିତ ପରିବାରଙ୍କୁ ଶୁଖିଲା ରାଶନ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଭଦ୍ରକ ଜିଲାରୁ ଆରମ୍ଭ କରାଯାଇଛି । ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଥିବା ୧୦ ସୂତ୍ରୀ ରିଲିଫ୍ ଯୋଜନାର ଏକ ଅଂଶ ଭାବେ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ବିଶେଷକରି ପୀଡ଼ିତଙ୍କ ପରିବାରକୁ ୬ମାସର ଶୁଖିଲା ରାଶନ ସାମଗ୍ରୀ ସମେତ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ଆଶ୍ୱସ୍ତି ପାଇଁ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ଫାଉଣ୍ଡେଶନ ପୂର୍ବରୁ ଘୋଷଣା କରିଥିଲା ବେଳେ ଭଦ୍ରକ ସହରରେ ସମ୍ପୃକ୍ତ ଜିଲାର ପୀଡ଼ିତମାନଙ୍କ ପରିବାର ସଦସ୍ୟ ରିଲାଏନ୍ସ ଫାଉଣ୍ଡେଶନଠାରୁ ଶୁଖିଲା ରାଶନ ସାମଗ୍ରୀ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ଜରୁରିକାଳୀନ ସେକ୍ସନର ଜିଲା ପ୍ରକଳ୍ପ ଅଧିକାରୀ ଅମ୍ଳାନ କୁମାର ସେନାପତି ଓ ଏସ୍ଇଏଡିଏର ସହାୟକ ସଚିବ ଅଞ୍ଜନ କୁମାର ଚାନ୍ଦଙ୍କ ସମେତ ରିଲାଏନ୍ସ ଫାଉଣ୍ଡେଶନ ବିପର୍ଯ୍ୟୟ ପରିଚାଳନା ଟିମ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସେହିଭଳି ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ଜିଲାରେ ରହିଥିବା ପୀଡ଼ିତଙ୍କ ପରିବାରବର୍ଗଙ୍କୁ ୬ମାସର ଶୁଖିଲା ରାଶନ ରିଲିଫ୍ ସାମଗ୍ରୀ ପ୍ରଦାନ କରାଯିବ । ଅପରପକ୍ଷରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ରହିଥିବା ଏହି ଟ୍ରେନ୍ ଦୁର୍ଘଟଣାର ପୀଡ଼ିତ ପରିବାରଗୁଡ଼ିକ ଚିହ୍ନଟ କରିବା ଲାଗି ରିଲାଏନ୍ସ ଫାଉଣ୍ଡେଶନ ବିଭିନ୍ନ କର୍ତ୍ତୃପକ୍ଷ ଓ ସରକାରୀ ଏଜେନ୍ସିମାନଙ୍କ ସହ ମିଶି କାର୍ଯ୍ୟ କରୁଛି । ଏହା ପରେ ଘରକୁ ଘର ଯାଇ ପ୍ରତ୍ୟେକଙ୍କର ବ୍ୟକ୍ତିବିଶେଷ ଆବଶ୍ୟକତାର ଅନୁଶୀଳନ କରାଯାଉଛି ।

## ହୋଣ୍ଡା ଆକ୍ଟିଭାର ନୂତନ ମାଇଲଖୁଣ୍ଟ

ଭୁବନେଶ୍ୱର,୨୮।୬

ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ)ର ସ୍କୁଟର ବ୍ରାଣ୍ଡ୍ ହୋଣ୍ଡା ଆକ୍ଟିଭା ନିକଟରେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି । ଏପରିକି ହୋଣ୍ଡା ଆକ୍ଟିଭା ୩ କୋଟି ଯାନ ବିକ୍ରିର ଏକ ଐତିହାସିକ ରେକର୍ଡ ସ୍ଥାପନ କରିଛି, ଏହି ଉଲ୍ଲେଖନୀୟ ଉପଲବ୍ଧି ଭାରତୀୟ ସ୍କୁଟର ବଜାରରେ ହୋଣ୍ଡା ଆକ୍ଟିଭାର ଆଧିପତ୍ୟ ଓ ଭରସାଯୋଗ୍ୟ ଯାନ ପାଲଟିଛି । ବିଶେଷ କରି ଭାରତୀୟ ବଜାରରେ ଶ୍ରେଷ୍ଠ ମାନର ଦୁଇଚକିଆ ଯାନ ଗମନାଗମନ ସୁବିଧା ପ୍ରଦାନ କରିବାରେ ହୋଣ୍ଡା ଆକ୍ଟିଭାର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି । ଉଲ୍ଲେଖଯୋଗ୍ୟ, ୨୦୦୧ ରେ ହୋଣ୍ଡା ଆକ୍ଟିଭାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଥିଲା । ହେଲେ ଦୀର୍ଘ ୨୨ ବର୍ଷର ଯାତ୍ରାରେ ହୋଣ୍ଡା ଆକ୍ଟିଭା ଅନେକ ମାଇଲଖୁଣ୍ଟ ହାସଲ ସହ ଅତୁଳନୀୟ ସଫଳତା ଆଡ଼କୁ ଅଗ୍ରସର ହୋଇଛି । ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍‌ର ସଭାପତି, ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ସୁସୁମୁ ଓଟାନି କହିଛନ୍ତି, ହୋଣ୍ଡା ଆକ୍ଟିଭାର ଏହି ଉଲ୍ଲେଖନୀୟ ଯାତ୍ରାକୁ ନେଇ ଆମେ ବେଶ୍ ଉତ୍ସାହିତ ଅଛୁ । ସେହିଭଳି ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ ଯୋଗେଶ ମାଥୁର କହିଛନ୍ତି, ସ୍କୁଟର ଶିଳ୍ପର ବିପ୍ଳବକୁ ଆଗକୁ ବଢ଼ାଇବା ପ୍ରତି ଆମର ରହିଥିବା ଉତ୍ସର୍ଗୀକୃତ ମନୋଭାବକୁ ଏହି ମାଇଲଖୁଣ୍ଟ ସୁଦୃଢ଼ କରୁଛି ଏବଂ ଆକ୍ଟିଭା ବ୍ରାଣ୍ଡ୍ ଓ ଏଚ୍ଏମ୍ଏସ୍ଆଇ ଉପରେ ଭରସା ପ୍ରକଟ କରିଥିବା ୩ କୋଟି ଭାରତୀୟଙ୍କୁ ଆମେ ଧନ୍ୟବାଦ ଜଣାଉଛୁ ।

ଫୁର୍‌ସତ୍



## ଭାରତରୁ ପ୍ରତିନିଧିତ୍ୱ କରିବେ ସୋନମ

**ଲଣ୍ଡନ:** ବ୍ରିଟେନ୍-ଇଣ୍ଡିଆ ୱିକ୍ ୨୦୨୩ ରିସେପ୍ସନ୍‌ରେ ଯୋଗ ଦେବା ଲାଗି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ବଲିଉଡ୍ ଅଭିନେତ୍ରୀ ସୋନମ କପୁରଙ୍କୁ ନିମନ୍ତ୍ରଣ କରିଛନ୍ତି । ଖବର ମୁତାବକ ଆୟୋଜିତ ରିସେପ୍ସନ୍ କାର୍ଯ୍ୟକ୍ରମରେ ଭାରତ ପକ୍ଷରୁ ସୋନମ ପ୍ରତିନିଧିତ୍ୱ କରିବେ । ଏହାପୂର୍ବରୁ ବ୍ରିଟେନ୍‌ର କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ରାଜ୍ୟାଭିଷେକ ଅବସରରେ ସୋନମ ଏକମାତ୍ର ବଲିଉଡ୍ ଅଭିନେତ୍ରୀ ଭାବେ ଯୋଗଦେଇଥିଲେ । ବ୍ରିଟେନ୍-ଇଣ୍ଡିଆ ୱିକ୍ ୨୦୨୩ ରିସେପ୍ସନ୍ କାର୍ଯ୍ୟକ୍ରମ ଋଷି ସୁନକ ହୋଷ୍ଟ କରୁଛନ୍ତି । ୨୬ରୁ ଆରମ୍ଭ ହୋଇଥିବା ରିସେପ୍ସନ୍ ୩୦ ପର୍ଯ୍ୟନ୍ତ ଚାଲିବ । ସ୍ୱାମୀ ଆନନ୍ଦ ଆହୁଜା, ପୁଅ ବାୟୁ ସହିତ ସୋନମ ଏବେ ଲଣ୍ଡନରେ ରହୁଛନ୍ତି । ପୂର୍ବରୁ ଚାର୍ଲ୍ସଙ୍କ ରାଜ୍ୟାଭିଷେକ କାର୍ଯ୍ୟକ୍ରମରେ ଯୋଗଦେଇ ସୋନମ ଭାରତ ସମ୍ପର୍କରେ ଲୋକଙ୍କୁ ଉଦ୍‌ବୋଧନ ଦେଇଥିଲେ । ଆଗାମୀ ଦିନରେ ସୋନମ ଶୋମ ମଖିଜାଙ୍କ ଫିଲ୍ମ 'ବ୍ଲାଇଣ୍ଡ'ରେ ନଜର ଆସିବେ । ଏଥିରେ ପୂରବ କୋହଲି, ବିନୟ ପାଠକ, ଶୁଭମ ସରଫ ପ୍ରମୁଖ କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିବ ।

## ସାମାଜିକ ଉନ୍ନତି ପାଇଁ ପରିସଂଖ୍ୟାନ

### ଜାତୀୟ ପରିସଂଖ୍ୟାନ ଦିବସ



ସାମାଜିକ ଉନ୍ନତି ପାଇଁ ପରିସଂଖ୍ୟାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରିସଂଖ୍ୟାନ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଭାରତରେ ପ୍ରତିବର୍ଷ ୨୯ ଜୁନ୍‌ରେ ଜାତୀୟ ପରିସଂଖ୍ୟାନ ଦିବସ ପାଳନ କରାଯାଇଥାଏ । ଏହିଦିନ କିମ୍ବଦନ୍ତୀ ଭାରତୀୟ ପରିସଂଖ୍ୟାନ ବିଶେଷଜ୍ଞ ପି.ସି. ମାହାଲାନୋବିସଙ୍କ ଜନ୍ମ ଦିବସକୁ ସ୍ମରଣ କରିଥାଏ । ପ୍ରତିବର୍ଷ ଜାତୀୟ ପରିସଂଖ୍ୟାନ ଦିବସରେ ଭାରତ ସରକାର ଏହି ଦିନ ପାଳନ ପାଇଁ ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି । ଭାରତରେ ଜାତୀୟ ପରିସଂଖ୍ୟାନ ଦିବସ ପ୍ରଥମେ ୨୦୦୭ରେ ପାଳନ କରାଯାଇଥିଲା । ଏନେଇ ୫ ଜୁନ୍ ୨୦୦୭ରେ ଇଣ୍ଡିଆନ ଗେଜେଟରେ ଏକ ଘୋଷଣା ପ୍ରକାଶ ପାଇଲା । ସେବେଠାରୁ ସାମାଜିକ ଉନ୍ନତି ପାଇଁ ସରକାରୀ ପରିସଂଖ୍ୟାନର ମହତ୍ତ୍ୱ ବିଷୟରେ ଜନସାଧାରଣଙ୍କ ଲାଗି ସଚେତନତା ସୃଷ୍ଟି କରିବା ପାଇଁ ପରିସଂଖ୍ୟାନ ଦିବସରେ ସେମିନାର, ଆଲୋଚନାଚକ୍ର, ବିତର୍କ ଏବଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ ।

ଭାରତ ସରକାର ପରିସଂଖ୍ୟାନକୁ ସମ୍ମାନ ଦେବା ପାଇଁ ମାହାଲାନୋବିସଙ୍କ ଜନ୍ମଦିନକୁ ଚୟନ କରିଥିଲେ । ଜାତୀୟ ପରିସଂଖ୍ୟାନ ଦିବସର ଉଦ୍ଦେଶ୍ୟ ହେଉଛି ଭାରତର ଅର୍ଥନୈତିକ ଯୋଜନାରେ ଅବଦାନ ପାଇଁ ସ୍ୱର୍ଗତ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମାହାଲାନୋବିସଙ୍କୁ ସମ୍ମାନିତ କରିବା । ଜାତୀୟ ପରିସଂଖ୍ୟାନ ଦିବସରେ ପରିସଂଖ୍ୟାନ ଶିକ୍ଷାକୁ ଆଗକୁ ବଢ଼ାଇବା ଏବଂ ଏହାର ମହତ୍ତ୍ୱ ପ୍ରତି ଧ୍ୟାନ ଦେବା ପାଇଁ ଭାରତ ସରକାର ଏହି କାର୍ଯ୍ୟକ୍ରମଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରିଥାନ୍ତି ।

ପ୍ରତିବର୍ଷ ପରିସଂଖ୍ୟାନ ଦିବସ ସମସାମୟିକ ଜାତୀୟ ଗୁରୁତ୍ୱପୂର୍ଣ୍ଣ ଥିମ ସହିତ ପାଳନ କରାଯାଇଥାଏ । ଚଳିତ ୨୦୨୩ ବର୍ଷ ପାଇଁ ପରିସଂଖ୍ୟାନ ଦିବସର ବିଷୟବସ୍ତୁ ହେଉଛି 'ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ନଜର ରଖିବା ପାଇଁ ଜାତୀୟ ସୂଚକ ଫ୍ରେମୱାର୍କ ସହିତ ରାଜ୍ୟ ସୂଚକ ଫ୍ରେମୱାର୍କର ସହଯୋଗିତା'(ଆଲାଇନମେଣ୍ଟ ଅଫ ଷ୍ଟେଟ ଇଣ୍ଡିକେଟର ଫ୍ରେମୱାର୍କ ୱିଥ୍ ନ୍ୟାଶନାଲ ଇଣ୍ଡିକେଟର ଫ୍ରେମୱାର୍କ ଫର ମନିଟରିଂ ସସଷ୍ଟେନବୁଲ ଡେଭଲପମେଣ୍ଟ ଗୋଲସ୍) ।

## ୧,୬୩୯ କୋଟିର ଘର

**ବର୍ନ:** ସୁଇଜରଲାଣ୍ଡରେ ବିଶ୍ୱର ସବୁଠୁ ଦାମୀ ଘର ୨୦୦ ନିୟୁତ ଡଲାର (ପାଖାପାଖି ୧,୬୩୯ କୋଟି)ରେ କିଣି ଚର୍ଚ୍ଚାକୁ ଆସିଛନ୍ତି ଭାରତୀୟ ବଂଶୋଦ୍ଭବ ପଙ୍କଜ ଓସ୍ୱାଲ ଏବଂ ସ୍ତ୍ରୀ ରାଧିକା ଓସ୍ୱାଲ । ୪୩୦,୦୦୦ ସ୍କୋୟାର୍ ଫୁଟ୍‌ର ଏହି ଘରକୁ ପୂର୍ବରୁ ଗ୍ରୀସ୍ ବ୍ୟବସାୟୀ ଆରିଷ୍ଟଟଲ୍ ଓନାସିସ୍‌ଙ୍କ ଝିଅ କ୍ରିଷ୍ଟିନା ଓନାସିସ୍ କିଣିଥିଲେ । ଓସ୍ୱାଲ ଗ୍ରୁପ୍ ଗ୍ଲୋବାଲ ନାଁରେ ପଙ୍କଜଙ୍କର ଏକ କମ୍ପାନୀ ରହିଛି । ପଙ୍କଜ ପେଟ୍ରୋକେମିକାଲ୍ସ, ରିୟଲ ଇଷ୍ଟେଟ୍, ଫର୍ଟିଲାଇଜର୍ସ ଏବଂ ଖଣି କାରବାର କରନ୍ତି । ବିଶ୍ୱର ଏହି ସବୁଠୁ ଦାମୀ ଘରର ଇଣ୍ଟେରିୟର ବଦଳାଯିବ, ଯାହାପାଇଁ ପଙ୍କଜ ଡିଜାନର ଜିଓଫ୍‌ରି ୱିଲକରଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି । ୨୦୧୩ରେ ଅଷ୍ଟ୍ରେଲିଆରୁ ଓସ୍ୱାଲଙ୍କ ପରିବାର ସୁଇଜରଲାଣ୍ଡ ଆସିଥିଲା । ବଡ଼ ଝିଅ ବସୁନ୍ଧରା ଓସ୍ୱାଲ (୨୪) କମ୍ପାନୀର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିବାବେଳେ ସାନ ଝିଅ ରିଧି ଓସ୍ୱାଲ (୧୯) କେମିକାଲ ଇଞ୍ଜିନିୟରିଂ ଛାତ୍ରୀ ।



## ୮ ଫୁଟ୍‌ର ଆଇଫୋନ୍

ନ୍ୟୁୟର୍କ

୮ ଫୁଟ୍‌ର ଆଇଫୋନ୍‌କୁ ନେଇ ଏବେ ନ୍ୟୁୟର୍କର ୟୁଟ୍ୟୁବର ମଥେଉ ବିମ୍ ଚର୍ଚ୍ଚାକୁ ଆସିଛନ୍ତି । ଆଇ-ଫୋନ୍ ୧୪ ପ୍ରୋ ମାକ୍ସର ଏହି ମଡେଲ ସାଧାରଣ ଫୋନ୍ ଭଳି କାମ କରୁଛି । ଫୋନ୍‌ରେ କ୍ୟାମେରା ଥିବାବେଳେ ସେଲ୍‌ଫି ପାଇଁ ଫ୍ରଣ୍ଟ କ୍ୟାମେରା ମଧ୍ୟ ରହିଛି । ସାଧାରଣ ଫୋନ୍ ଭଳି ଅନ୍ୟ ଫିଚର୍ସ ମଧ୍ୟ ଏହି ଫୋନ୍‌ରେ ରହିଛି । କିନ୍ତୁ ଜଣଙ୍କ ପକ୍ଷେ ଏହାକୁ ଟେକି ନେବା ସହଜ ନୁହେଁ । ଫୋନ୍‌ଟି ଖୁବ୍ ଭାରି । ଏହି ବିରାଟକାୟ ଫୋନ୍‌ରେ ସେଲ୍‌ଫି ନେବା କଷ୍ଟକର ବୋଲି ବିମ୍ କହିଛନ୍ତି । ୨୦୨୦ରେ ଜେଡ୍ଏଚ୍‌ସି ନାମରେ ଜଣେ ୟୁଟ୍ୟୁବର ୬ ଫୁଟ୍‌ର ମାବାଇଲ୍ ତିଆରି କରି ରେକର୍ଡ କରିଥିଲେ । ପୂର୍ବ ରେକର୍ଡକୁ ଭାଙ୍ଗିବାକୁ ଯାଇ ବିମ୍ ୮ ଫୁଟ୍‌ର ଫୋନ୍ ତିଆରି କରିଥିବା କହିଛନ୍ତି ।



## ସେନାରେ ରବି କିଶନଙ୍କ ଝିଅ ଈଶିତା



**ମୁମ୍ବାଇ:** ଜଣାଶୁଣା ଅଭିନେତା ରବି କିଶନଙ୍କ ଝିଅ ଈଶିତା ଶୁକ୍ଳା ସେନାରେ ଯୋଗ ଦେଇଛନ୍ତି । ବିବାଦୀୟ ଅଗ୍ନିବୀର ଯୋଜନା ଅନ୍ତର୍ଗତ ଈଶିତା ଆର୍ମିରେ ଜଏନ୍ କରିବାର ସୁଯୋଗ ପାଇଛନ୍ତି । ଏ ନେଇ ଭାଜପା ନେତା ରବି କିଶନ ଝିଅ ଈଶିତାଙ୍କ ଫଟୋ ଟୁଇଟରରେ ଶେୟାର କରିଛନ୍ତି । ଈଶିତାଙ୍କ ବୟସ ୨୧ ବର୍ଷ ହୋଇଥିବାବେଳେ ସେ ଦିଲ୍ଲୀ ଡିରେକ୍ଟୋରେଟର '୭ ଗାର୍ଲ ବାଟାଲିଅନ୍' କାଡେଟ୍ ବୋଲି ରବି ଶେୟାର କରିଥିବା ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି । ଝିଅ ଈଶିତାଙ୍କୁ ନେଇ ରବିଙ୍କୁ ସୋସିଆଲ ମିଡିଆ ୟୁଜର୍ସ ଖୁବ୍ ପ୍ରଶଂସା କରିବା ଆରମ୍ଭ କରିଛନ୍ତି । ରବିଙ୍କର ଆଉ ୩ ଜଣ ପିଲା ଅଛନ୍ତି ସେମାନେ ହେଲେ ରିଭା, ତିନସ୍କ ଏବଂ ସକ୍ଷମ । ରିଭା ଆକ୍ଟିଂରେ ନିଜ କ୍ୟାରିୟର ଗଢ଼ିବାକୁ ଚାହୁଁଛନ୍ତି । ଭୋଜପୁରୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ରବି କିଶନ (୫୩) ବେଶ୍ ଲୋକପ୍ରିୟ ଅଭିନେତା । ଏହାଛଡ଼ା ସେ ତାମିଲ, ତେଲୁଗୁ ଏବଂ ଅନେକ ହିନ୍ଦୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଲିସା
ପରିବାରବର୍ଗ


ଗୁଡ୍ଡୁଲୁ
ପରିବାରବର୍ଗ


ଜୀତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓସିଏଲ୍: ଓଡ଼ିଶା ପାନ୍ଥର୍ସ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଓଡ଼ିଶା ପାନ୍ଥର୍ସ ଦଳ।

ଭୁବନେଶ୍ୱର, ୨୮।୬ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ରେ ଓଡ଼ିଶା ପାନ୍ଥର୍ସ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ୨୦ ଓଭର ବିଶିଷ୍ଟ ହୋଇଥିଲା। ବୁଧବାର ଅନୁଷ୍ଠିତ ରୋମାଞ୍ଚହୀନ ଫାଇନାଲରେ ପାନ୍ଥର୍ସ ୭ ଉଇକେଟରେ ଓଡ଼ିଶା ଚିତାସ୍‌କୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚିତାସ୍ ୧୮.୪ ଓଭରରେ ମାତ୍ର ୮୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ କିଷାନ ରଥ ସର୍ବାଧିକ ୩୬ ରନ କରିଥିଲେ। ବିପକ୍ଷ ଦଳର ବାଦଲ ବିଶ୍ୱାଳ ୪ଟି ଓ ଅଭିଷେକ ଯାଦବ ୨ଟି ଉଇକେଟ ନେଇଥିଲେ। ଜବାବରେ ପାନ୍ଥର୍ସ ୧୩.୩ ଓଭରରେ ୩ ଉଇକେଟ ହରାଇ ୯୧ ରନ ସଂଗ୍ରହ କରି ନେଇଥିଲା। ସନ୍ଦୀପ ପଟ୍ଟନାୟକ ୪୦ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ଦେଇଥିଲେ। ଚିତାସ୍‌ର ଶୁଭମ୍ ନାୟକ ୨ଟି ଉଇକେଟ ପାଇଥିଲେ। ଓଡ଼ିଶା ପାନ୍ଥର୍ସର ବାଦଲ ବିଶ୍ୱାଳ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଅଭିଷେକ ଯାଦବ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ଆକାରରେ ଏ ଦୁହିଁଙ୍କୁ ଯଥାକ୍ରମେ ୪,୦୦୦ ଓ ୨୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଓଡ଼ିଶା ଚିତାସ୍‌ର ଗୌରବ ଚୌଧାରୀ ଶ୍ରେଷ୍ଠ ବ୍ୟାଟର, ଓଡ଼ିଶା ଲାୟନ୍ସର ପ୍ରଦୀପ ପ୍ରଧାନ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଫଳରେ ଗୌରବ ରେଡ୍ କ୍ୟାପ୍ ଓ ପ୍ରଦୀପ ଗ୍ରୀନ୍ କ୍ୟାପ ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ତଥା ଓଡ଼ିଶା ରଣଜୀ ଦଳର ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆ ଓ ଡ୍ରିମ୍ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ପ୍ରମୋଦ ଚନ୍ଦ୍ର ରଥ ଅତିଥିଭାବେ ଯୋଗ ଦେଇଥିଲେ। ଉଭୟଙ୍କୁ ଓସିଏ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ଆପେକ୍ସ କାଉନସିଲ ସଦସ୍ୟ ରାକେଶ ମହାନ୍ତି, ସଦସ୍ୟ ଧୀରେନ ପଲେଇ, ଶିବବ୍ରତ ମଲିକ ଓ ଅମିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ଦିବସରେ ବୋଲରଙ୍କ ପ୍ରାଧାନ୍ୟ

## ଦୁଲୀପ ଟ୍ରଫି: କେନ୍ଦ୍ରାଞ୍ଚଳ ବନାମ ପୂର୍ବାଞ୍ଚଳ

ଅଲୁର, ୨୮।୬

ଘରୋଇ କ୍ରିକେଟର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ ଟ୍ରଫିର କ୍ୱାର୍ଟର ଫାଇନାଲ ବୁଧବାର କେନ୍ଦ୍ରାଞ୍ଚଳ ଓ ପୂର୍ବାଞ୍ଚଳ ମଧ୍ୟରେ ଏଠାରେ ଆରମ୍ଭ ହୋଇଛି। ମ୍ୟାଚର ପ୍ରଥମ ଦିବସରେ ବୋଲରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ଫଳରେ କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସ ୭୧.୪ ଓଭରରେ ୧୮୨ରେ ସୀମିତ ରହିଥିବାବେଳେ ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହାର ବେଳକୁ ପୂର୍ବାଞ୍ଚଳ ୨ ଉଇକେଟ ହରାଇ ୩୨ ରନ ସଂଗ୍ରହ କରିଛି। ୮ ଉଇକେଟ ସୁରକ୍ଷିତ ଥିବାବେଳେ ପୂର୍ବାଞ୍ଚଳ ଆହୁରି ୧୫୦ ରନ ପଛରେ ରହିଛି।

### ମୁରାସିଂଙ୍କୁ ୫ ଉଇକେଟ

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା କେନ୍ଦ୍ରାଞ୍ଚଳ। ବିବେକ ସିଂ ଓ ହିମାଂଶୁ ମନ୍ତ୍ରୀ ଦଳକୁ ଭଲ ଆରମ୍ଭ ଦେଇଥିଲେ ହେଁ ଏହାପରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ କେନ୍ଦ୍ରାଞ୍ଚଳ ଇନିଂସ ଅଧିକ ସମୟ ତିଷ୍ଠିପାରି ନ ଥିଲା। ପୂର୍ବାଞ୍ଚଳ ପକ୍ଷରୁ ଖେଳୁଥିବା ତ୍ରିପୁରାର ଡାହାଣହାତୀ ମିଡିୟମ ପେସର ମଣିଶଙ୍କର ମୁରାସିଂ ଚମତ୍କାର ବୋଲିଂ କରି କେନ୍ଦ୍ରାଞ୍ଚଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେ ଓପନିଂ ଯୋଡ଼ି ଭାଙ୍ଗିବା ସହ ୫ ଉଇକେଟ ସଫଳତା ପାଇଥିଲେ। ତାଙ୍କ ବୋଲିଂ ଫିଗର ଥିଲା ୨୦-୩-୪୨-୫। ଓପନିଂ ଯୋଡ଼ିରେ ୩୯ ରନ ଯୋଗ ହେବା ପରେ ବିବେକ ସିଂ (୨୧ ରନ)ଙ୍କୁ କ୍ଲିନ୍ ବୋଲ୍ଡ କରି ପୂର୍ବାଞ୍ଚଳକୁ ବ୍ରେକ୍ ଥ୍ରୁ ଦେଇଥିଲେ ମୁରାସିଂ। ହିମାଂଶୁ ମନ୍ତ୍ରୀ ୨୯ ରନକରି ରନ୍‌ଆଉଟ ହୋଇ ଯାଇଥିଲେ। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚର୍ଚ୍ଚିତ ଚେହେରା ରିଙ୍କୁ ସିଂ ଦଳ ପକ୍ଷରୁ ସର୍ବାଧିକ ୩୮ ରନ କରିଥିଲେ। ଉଇକେଟ କିପର ଉପେନ୍ଦ୍ର ଯାଦବ ୨୫ ରନର ଯୋଗଦାନ ଦେଇଥିବାବେଳେ ଅନ୍ୟ କୌଣସି ବ୍ୟାଟର ୨୦ ରନ ସ୍ପର୍ଶ କରିପାରି ନ ଥିଲେ। ଅଧିନାୟକ ଶିବମ୍ ମାଭି ୧୬ରନକରି ଅପରାଜିତ ରହିଥିଲେ। ମୁରାସିଂଙ୍କ ବ୍ୟତୀତ ପୂର୍ବାଞ୍ଚଳ ପକ୍ଷରୁ ଶାହାବାଜ ଅହମଦ ୨ଟି ଏବଂ ଇଶାନ ପୋରେଲ ଓ ଶାହାବାଜ ନଦୀମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ନିରାଶ କଲେ ଶାନ୍ତନୁ

ପ୍ରତିଯୋଗିତା ପାଇଁ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୨ ଖେଳାଳି ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଶାନ୍ତନୁ ମିଶ୍ର ସୁଯୋଗ ପାଇଥିବାବେଳେ ସୂର୍ଯ୍ୟକାନ୍ତ ପ୍ରଧାନ ବାହାରେ ରହିଥିଲେ। ତେବେ ଶାନ୍ତନୁ ସୁଯୋଗର ସଦ୍‌ବ୍ୟବହାର କରି ନ ପାରି ନିରାଶ କରିଥିଲେ।


ମଣିଶଙ୍କର ମୁରାସିଂ

ସେ ଇନିଂସ ଓପନ କରି ୩୧ ବଲ୍‌ରୁ ୧ ଚୌକା ସହାୟତାରେ ମାତ୍ର ୬ ରନ କରିଥିବାବେଳେ ଦ୍ରୁତ ବୋଲର ଆଭେସ ଖାଁଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ ହୋଇଥିଲେ। ପୂର୍ବାଞ୍ଚଳ ଇନିଂସ ଆରମ୍ଭରେ ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲିବା ପୂର୍ବରୁ ଆଭେସଙ୍କ ଶିକାର ହୋଇଥିଲେ। ଫଳରେ ଶୂନ୍ୟ (୦)ରେ ପ୍ରଥମ ଉଇକେଟ ହରାଇଥିବା ପୂର୍ବାଞ୍ଚଳ ୧୯ ରନରେ ଦ୍ୱିତୀୟ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ସୁଦୀପ କୁମାର ଘରମି ୧୯ ଓ ଶାହାବାଜ ନଦୀମ ୬ ରନରେ ଅପରାଜିତ ରହିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଆଭେସ ଖାଁ ୨ଟି ଯାକ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସ: ୧୮୨/ଅଲ୍‌ଆଉଟ (ରିଙ୍କୁ ସିଂ-୩୮, ହିମାଂଶୁ ମନ୍ତ୍ରୀ-୨୯, ଉପେନ୍ଦ୍ର ଯାଦବ-୨୫, ମଣିଶଙ୍କର ମୁରାସିଂ-୫/୪୨, ଶାହାବାଜ ଅହମଦ-୨/୪୨, ଇଶାନ ପୋରେଲ-୧/୧୬, ଶାହାବାଜ ନଦୀମ-୧/୫୨)। ପୂର୍ବାଞ୍ଚଳ ପ୍ରଥମ ଇନିଂସ: ୩୨/୨।

# ଉତ୍ତରାଞ୍ଚଳ ୩୦୬/୬


ଧ୍ରୁବ ସୋରେ

**ବେଙ୍ଗାଲୁରୁ, ୨୮।୬:** ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ମ୍ୟାଚର ପ୍ରଥମ ଦିବସରେ ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୩୦୬ ରନ ସଂଗ୍ରହ କରିଛି। ଶତକ ହାସଲ କରିଥିବା ଓପନର ଧ୍ରୁବ ସୋରେ ୨୧୧ ବଲ୍‌ରୁ ୧୩୫ (୨୨ ଚୌକା) ରନ କରି ଆଉଟ ହୋଇଥିବାବେଳେ ନିଶାନ୍ତ ସିନ୍ଧୁ ୭୬ ଓ ପୁଲକିତ ନାରଙ୍ଗ ୨୩ ରନରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ଚୋପ୍ରା ୩୨ ଓ ପ୍ରଭସିମରନ ସିଂ ୩୧ ରନ କରିଛନ୍ତି। ଉତ୍ତର-ପୂର୍ବାଞ୍ଚଳ ବୋଲରଙ୍କ ମଧ୍ୟରେ ଫେଇରୋଇଜାମ ଜୋତିନ ଓ ଏଲ୍.କିଶାନ ସିଙ୍ଘା ୨ଟି ଲେଖାଏ ଏବଂ ଦୀପୁ ସାଙ୍ଗମା ଓ ଇମ୍‌ଲିୱାତି ଲେମତୁର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

# ଉତ୍ତର ପ୍ରଦେଶ, ଛତିଶଗଡ଼, ଦିଲ୍ଲୀ ବିଜୟୀ

## ଜାତୀୟ ଜୁନିୟର ମହିଳା ହକି

ଭୁବନେଶ୍ୱର, ୨୮।୬ (ତପନ ସ୍ୱାଇଁ)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୧୩ଶ ଜାତୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ୩ ମ୍ୟାଚରେ ଉତ୍ତର ପ୍ରଦେଶ, ଛତିଶଗଡ଼ ଓ ଦିଲ୍ଲୀ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ଉତ୍ତର ପ୍ରଦେଶ ୧୮-୦ ଗୋଲରେ ଦାଦ୍ରା ଓ ନଗର ହାବେଳିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଖୁଶି ରାଠୋର ୨, ୩, ୩୨, ୪୩ ଓ ୫୭ତମ ମିନିଟରେ ଏବଂ ଅଧିନାୟିକା ହିନା ବାନୋ ୧୮, ୨୨, ୪୫, ୪୬ ଓ ୬୦ତମ ମିନିଟରେ ୫ଟି ଲେଖାଏ ଗୋଲ ଦେଇଥିଲେ। ଦିବ୍ୟା ୧୦ ଓ ୫୯, ସୁନୀତା କୁମାରୀ ୩୭ ଓ ୪୫, ପୀତାମ୍ବରୀ କୁମାରୀ ୫୦ ଓ ୫୪ ମିନିଟରେ ୨ଟି ଲେଖାଏ ଏବଂ କାଞ୍ଚନ କୁମାରୀ ୨୬ ଓ ପୁଷ୍ପାଞ୍ଜଳି ସୋନକର ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ଏକ ମ୍ୟାଚରେ ଛତିଶଗଡ଼ ୧୯-୦ରେ ବିହାରକୁ ପରାସ୍ତ କରିଛି। ଦଳ ପକ୍ଷରୁ ଗୀତା ଯାଦବ ୭, ୨୮, ୪୭, ୪୮ ଓ ୫୭ତମ ମିନିଟରେ ୫ଟି, ଆଞ୍ଚଲ ସାହୁ ୨୨, ୪୪ ଓ ୫୩ତମ ମିନିଟରେ ୩ଟି, ଅଞ୍ଜଳି ୧୯ ଓ ୫୧, ମମତେଶ୍ୱରୀ ଲାହାରେ ୨୫ ଓ ୩୪, ଶିବାନୀ ଦିବାକର ୩୨ ଓ ୩୩ତମ ମିନିଟରେ ୨ଟି ଲେଖାଏ ଏବଂ ଅନିଶା ସାହୁ ୨ୟ, ଜନଭି ଯାଦବ ୧୧, ମୋନିକା ତିର୍କୀ ୩୧, ରଜନୀ ସାହୁ ୪୪ ଓ ସୁନୀତା କୁମାରୀ ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସଂଘର୍ଷପୂର୍ଣ୍ଣ ତୃତୀୟ ମ୍ୟାଚରେ ଦିଲ୍ଲୀ ୩-୨ ଗୋଲରେ କେରଳକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଆଂଶିକା ୭ମ, ଶୁଭମ୍ ୧୫ ଓ ସାନା ୪୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କେରଳର ଅନ୍‌ସା ଜୋସେଫ ୪୩ ଓ ୫୦ତମ ମିନିଟରେ ପେନାଲ୍ଟି କର୍ନରରୁ ୨ଟି ଗୋଲ ପରିଶୋଧ କରିଥିଲେ।


ଉତ୍ତର ପ୍ରଦେଶ ଏବଂ ଦାଦ୍ରା ଓ ନଗର ହାବେଳି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଓଡ଼ିଶାର ମୀରାରାଣୀଙ୍କୁ ଗୁରୁଦାୟିତ୍ୱ

## ଜାତୀୟ ସିନିୟର ଜିମ୍ନାଷ୍ଟିକ୍ସ

ଭୁବନେଶ୍ୱର, ୨୮।୬ (ତପନ ସ୍ୱାଇଁ)

ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଜମ୍ମୁରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ଜାତୀୟ ସିନିୟର ରିଦିମିକ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା। ଆଗାମୀ ଏସୀୟ କ୍ରୀଡା ପାଇଁ ଚୟନ ଟ୍ରାଏଲ୍ ଭାବେ ଏହି ପ୍ରତିଯୋଗିତା ପରିଗଣିତ ହେଉଛି। ଅର୍ଥାତ୍ ଏଥିରେ ଯେଉଁମାନେ ଭଲ ପ୍ରଦର୍ଶନ କରିବେ ସେମାନେ ଆସନ୍ତା ଏସୀୟ କ୍ରୀଡ଼ାପାଇଁ ମନୋନୀତ ହୋଇପାରିବେ। ଏହା ବ୍ୟତୀତ ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକ ପାଇଁ ଏହି ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ର୍ୟାଙ୍କିଂ ତାଲିକା ମଧ୍ୟ ପ୍ରସ୍ତୁତ କରାଯିବ। ଜମ୍ମୁ ପ୍ରତିଯୋଗିତାର ସୁପରିଚାଳନା ପାଇଁ ଭାରତୀୟ ଜିମ୍ନାଷ୍ଟିକ୍ସ ମହାସଂଘ ପକ୍ଷରୁ ଏକ ୧୬ ଜଣିଆ ବିଚାରକ ମଣ୍ଡଳୀ ଗଠନ କରାଯାଇଛି। ଏହି ତାଲିକାରେ ଓଡ଼ିଶାରୁ ଏକମାତ୍ର ଜଜ୍ ଭାବେ ମୀରାରାଣୀ ଦାସ ସ୍ଥାନ ପାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ଜିମ୍ନାଷ୍ଟିକ୍ସ ସଙ୍ଘ ଓ ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘର ଅଶୋକ ସାହୁ, ନରହରି ସେଠୀ, ଗୁରୁପ୍ରସାଦ ପଟ୍ଟନାୟକ ଓ ଜେ. ଏମ୍. ସ୍ପୋର୍ଟସ ଏକାଡେମୀର ଯଶୋବନ୍ତ ଦାସ, ଅତିଶ ରାଉତ, ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ମୀରାରାଣୀ ଭୁବନେଶ୍ୱରରେ ଥିବା ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଚେୟାରମ୍ୟାନ ଅଛନ୍ତି।


ମୀରାରାଣୀ ଦାସ

**Birthday Wish**



May you be gifted with life's biggest joys and never-ending bliss. After all, you yourself are a gift to earth, so you deserve the best.
"Happy birthday Jeet"
Best Wishes From- Papa, Mama, Chachu, Chachi, Juhi, Chintu, Pinu, Rishi. mausa, Mausi, Maa, Aae
D-0685

# Classified Everyday
0674-2580101, 2549949


REAL ESTATE

**SALE**

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୭୦୦ ଜାଗା ବିକ୍ରି ହେଉଛି। 9437621753.
D-75122

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279.
D-74875

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Newly open Relax, Refresh Paras Aurvedic SPA at Bhubaneswar. 9124433891.
D-0633

Newly open health benefits SPA special offer @ 799 Jaydev Vihar. 8018429809.
D-75121

Herbal full body massage by smart/expert therapist. Contact: 9040171280.
D-74699

Spa Kerala body massage only best Therapist @699/-Bhubaneswar. 9337672475.
D-0678

Newly healthcare benefited SPA experience Therapist, Bhubaneswar. Please visit this SPA. 7846814019.
D-75125

Newly open Salon/SPA with expert therapist (health benefits). 8114322659.
D-75123

Newly healthcare benefited SPA experience Therapist, Bhubaneswar. Please visit this SPA. 7749034655.
D-75124

**LOST**

ମୁଁ ଶ୍ରଦ୍ଧାଞ୍ଜଳି ପଣ୍ଡା, ଘର ଢେଙ୍କାନାଳ ସ୍ଥିତ ଭାପୁର। ଗତ ୨୩।୦୬।୨୦୨୩ ତାରିଖରେ ମୋର ସିଏଲ୍‌ସି ସାର୍ଟିଫିକେଟ୍ ଭାପୁର ବଜାର ଯିବା ରାସ୍ତାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ସିଏଲ୍‌ସି ସାର୍ଟିଫିକେଟ୍ ପାଆନ୍ତି, ତେବେ ୯୪୩୯୨୩୪୦୧୪ ଓ ୭୯୭୮୮୩୨୮୨ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।
ଧ-୦୬୮୦

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

Before the Notary Public, Sambalpur, I, Sulekha Bouddha (40), D/o- Kulamani Suna, Kainsir, P.O.-Sankarma, P.S.- Ainthapali, Sambalpur, I changed my surname from Behera to Bouddha. Henceforth I shall be known as Sulekha Bouddha for all purposes.
D-0684

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ଶ୍ରୀମୁଖ ନାଏକ
ଅବସରପ୍ରାପ୍ତ ପୋଲିସ ଆଇଆଇସି
ଚିଟୈଗୁଡ଼ା ହାଇସ୍କୁଲପଡ଼ା, କୁନାଗଡ଼, କଳାହାଣ୍ଡି
ଆବିର୍ଭାବ: ୦୪।୦୪।୧୯୬୦
ତିରୋଧାନ: ୨୦।୦୬।୨୦୨୩
ତୁମର ସ୍ନେହ-ଶ୍ରଦ୍ଧା, ତ୍ୟାଗ ଆମମାନଙ୍କ ପ୍ରତି ଚିର ସ୍ମରଣୀୟ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ତମର ଭାଇ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀ, ଝିଆରୀ, ପୁତୁରା ଓ ପରିବାରବର୍ଗ।
ଧ-୦୬୮୬

**Shradhanjali**



Birth- Durgastami-1975
Death Bada- Ekadasi- 2005 June
Baba Soyuz,
You have left me from Bada Ekadasi 2005, I always remember and pray the lord for your peaceful rest eternally. May God rest you eternal peace, may God grant peace
Bapa P.N. Sethi
D-0681

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√Mrunal Kanta Swain (Titu)
Hotel Miland Palace (Director)
(ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର)
ଆବିର୍ଭାବ : ୧୯.୧୦.୧୯୫୭ (ରମା ଏକାଦଶୀ)
ତିରୋଧାନ : ୧୫.୦୭.୨୦୧୬ (ସୁନାବେଶ, ଏକାଦଶୀ)
ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ, ପିତରି ପ୍ରିତୀମାପନେ ପ୍ରିୟନ୍ତେ ସର୍ବଦେବତା। ବାପା, ଆକାଶ ପରି ବ୍ୟାପ୍ତ, ସମୁଦ୍ର ପରି ଗଭୀର ଥିଲା ଆପଣଙ୍କ ଉପସ୍ଥିତି, ଆପଣ ଜଣେ ଦାୟିତ୍ୱସମ୍ପନ୍ନ ଏବଂ ସମୟାନୁବର୍ତ୍ତୀ ଥିଲେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ଯେଉଁଠି ଭି ଥାଆନ୍ତୁ ଆର୍ଶୀବାଦ ସର୍ବଦା ପ୍ରଦାନ କରୁଥାନ୍ତୁ।
ଶୋକସନ୍ତପ୍ତ : ପତ୍ନୀ-ଜଲି, ପୁଅ-ଆତିଥ୍ୟ, ଲିସା-ବିବେକ, ଟିସା-ତରୁଣ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୫୫୨

# ପୂଜା ଯାହା ଚାହୁଁଥିଲେ...


ପୂଜା ହେଗ୍‌ଡେ

କଥାରେ ଅଛି–ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ପୂଜା ହେଗ୍‌ଡେ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି ସମାଜସେବା ଉପରେ ପର୍ଯ୍ୟବସିତ ଏକ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଯଦିଓ ଏହାର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏଭଳି ଏକ ଭୂମିକା ସମ୍ପର୍କରେ ପୂଜା ହେଗ୍‌ଡେ କହନ୍ତି, 'ଜଣେ ଗାଁଉଲି ନାରୀ ସମାଜସେବା କରିବାକୁ ଆଗଭର ହୋଇଛି। ହେଲେ ଏକ ନିପଟ ମଫସଲରେ ତାହାର ପ୍ରକୃତ ଅର୍ଥକୁ ଅନେକେ ବୁଝିବାକୁ ନାରାଜ। ଏପରି କି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ଦୃଢ଼ମନା ସେହି ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟା ଭିଡ଼ିଛି। ଶେଷରେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ପଛାଉ ନାହିଁ। ଏଭଳି ଏକ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେବାକୁ ଯାଉଛି, ଯାହାର ଏକ ଭଲ ଟାଇଟଲ ସନ୍ଧାନରେ ଅଛନ୍ତି ପ୍ରଯୋଜକ।' ତେବେ ଏଭଳି ଏକ ଭୂମିକା ପୂଜାଙ୍କ ଆକ୍ଟିଂ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା। ପୂଜାଙ୍କର ବଲିଉଡ କ୍ୟାରିୟର ଆରମ୍ଭ ହୋଇଥିଲା ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ 'ମହେଞ୍ଜୋଦାରୋରୁ (୨୦୧୬)।

# ସବୁ ଗୁଜବ

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ନାମୀ ଅଭିନେତ୍ରୀ ତାପସୀ ପାନ୍ନୁଙ୍କ ଟେନ୍‌ସନ ବଢ଼ିଯାଇଛି। କାରଣ କ'ଣ ଜାଣନ୍ତି ? ଶୁଣିବାକୁ ମିଳୁଛି ଯେ, ସେ କୁଆଡେ ଏକ ସିନେମା ପାଇଁ ଅଧିକ ପାରିଶ୍ରମିକ ଦାବି କରୁଛନ୍ତି। ହେଲେ ଯେତେବେଳେ ଏକଥା ତାଙ୍କ କାନରେ ପଡ଼ିଲା ସେତେବେଳେ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏ ନେଇ ସଫେଇ ଦେଇ ତାପସୀ କହନ୍ତି, ଏକଥା ସତ ଯେ ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଆସିଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲି। ଏହି କାହାଣୀରେ କିଛି ପରିବର୍ତ୍ତନ ପାଇଁ ପ୍ରଯୋଜକ ବ୍ୟସ୍ତ ଅଛନ୍ତି। ହେଲେ ଚାରିଆଡେ ଆଲୋଚନା ହେଉଛି ଯେ, ମୁଁ କୁଆଡ ଏହି ନୂଆ ଫିଲ୍ମ ପାଇଁ ଡବଲ ପାରିଶ୍ରମିକ ଦାବି କରୁଛି। ଏହା ସମ୍ପୂର୍ଣ୍ଣ ମିଛ। ଆଉ ଯେଉଁ ଆଲୋଚନା ହେଉଛି ତାହା ଗୁଜବ। ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ସେଥିରେ ଯେଉଁ ପରିବର୍ତ୍ତନ କରାଯାଉଛି ସେ ନେଇ ସେମାନେ ମୋ ସହ ମଧ୍ୟ ଯୋଗାଯୋଗରେ ଅଛନ୍ତି। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ହେଲେ ତାହା ଆଦୌ ସତ ନୁହେଁ। ମୁଁ ଯେ ମୋର ରେମ୍ୟୁନରେଶନକୁ ଏକାଥରେ ଡବଲ କରିଦେବି– ଏକଥା କଦାପି ସମ୍ଭବ ନୁହେଁ।'


ତାପସୀ

# କର୍ତ୍ତବ୍ୟ ବଡ଼ କଥା

ଭାଇ–ଭାଇ ଭିତରେ ସମ୍ପର୍କ ଅତି ନିବିଡ଼। ହେଲେ ପରିସ୍ଥିତିରେ ପଡ଼ି ଏହି ସମ୍ପର୍କ ଭିନ୍ନ ରୂପ ନେଇଥାଏ। ତେବେ ନିଜ କର୍ତ୍ତବ୍ୟରୁ ଓହରି ଯାଇନି ବଡ଼ ଭାଇ। ଆକ୍ସନ, ରୋମାଣ୍ଟିକ ଓ ସସ୍‌ପେନ୍ସ ଭରା ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଶଙ୍କର : ଦ ଡ୍ରେଷ୍ଟୟର'। ଖାସ୍ କଥା ହେଲା ଏହି ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ଲିଡ୍ ରୋଲ୍‌ରେ ଦେବା ଏବଂ ଦିବ୍ୟା ଅଭିନୟ କରୁଥିବା ବେଳେ ସିଦ୍ଧାନ୍ତ ମହାପାତ୍ରଙ୍କୁ ଟାଇଟଲ ଭୂମିକାରେ ଦେଖିବାକୁ ମିଳିବ। ଏହାର ପ୍ରଯୋଜନା କରିଛନ୍ତି ଅରବିନ୍ଦ ସାହୁ। ଦେବା ସିଦ୍ଧାନ୍ତ ମହାପାତ୍ରଙ୍କ ସାନ ଭାଇ ଭୂମିକାରେ ଅଭିନୟ କରିଥିବା ବେଳେ ଦିବ୍ୟା ଜଣେ ସ୍କୁଲ ଶିକ୍ଷୟିତ୍ରୀ ରୋଲ୍‌ରେ ଦେଖାଦେବେ। ଦେବା ନିଶାକୁ ଜୀବନର ସର୍ବସ୍ୱ ଭାବି ଚାଲୁଥିବା ବେଳେ ଦେଖାହୁଏ ଦିବ୍ୟା ସହିତ। ଦୁହେଁ ଦୁହିଁଙ୍କୁ ଭଲ ପାଇଁ ବସନ୍ତି। ବଦଳିଯାଏ ଦେବାର ଜୀବନଶୈଳୀ। ତାପରେ କ'ଣ ଘଟେ ତାହା ସିନେମାରେ ଦେଖିବାକୁ ପାଇବେ। ସାଇ ଦରବାର ଫିଲ୍ମସ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ. ପାଢ଼ୀ। ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ଦାସ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। ଏହି ଫିଲ୍ମରେ ନିଜ ଭୂମିକାକୁ ନେଇ ଆଶାବାଦୀ ଅଛନ୍ତି ଶିବ। ସେ ଏହାପୂର୍ବରୁ 'ବିଶ୍ୱରୂପ' ଏବଂ 'ଗୁରୁଦେବ' ଫିଲ୍ମରେ ଅଭିନୟ କରିସାରିଛନ୍ତି। କୁନା ତ୍ରିପାଠୀ, କେ.କେ, କାଳୀ, ବିଜୁ ବଡ଼ଜେନା, ଦୀପ୍ତିରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୂପୁର ଘୋଷ୍ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।


'ଶଙ୍କର' ଫିଲ୍ମରେ ଦେବା–ସିଦ୍ଧାନ୍ତ

ପରଦାରେ

# ପ୍ରିୟେ, ତୁ ମୋର ସିଏ


'ପ୍ରିୟେ ତୁ ମୋର ସିଏ' ଫିଲ୍ମରେ ଅମ୍ଲାନ–ଏଲିନା

ଝିଲିକ୍ ମୋଶନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ସିନେମା 'ପ୍ରିୟେ, ତୁ ମୋର ସିଏ' ଆଜି ପରଦା ଉପରକୁ ଆସୁଛି। ଏହାର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, ଆକ୍ସନ, କମେଡ଼ି ମଧ୍ୟ ରହିଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଝିଲିକ୍। ଏହାର ନାୟକ ଭୂମିକାରେ ଅମ୍ଲାନ ଅଭିନୟ କରିଛନ୍ତି ଏବଂ ନାୟିକା ଭାବରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଏଲିନା। ବବି ମିଶ୍ର, ସୋମା ଭୌମିକ, ଅମର, ଗୁଡ୍ଡୁ, ଧରିତ୍ରୀ ଖଣ୍ଡୁଆଳ, ପୃଥ୍ୱୀରାଜ ନାୟକ, ଟିଲୁ ଭାଇ ଓ ଇଲୁ ବାନାର୍ଜୀଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଧାଂଶୁ ସାହୁ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। ଏହି ଫିଲ୍ମ ସମ୍ପର୍କରେ ଝିଲିକ୍ କହନ୍ତି, 'ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ଫିଲ୍ମଟିକୁ ନିର୍ମାଣ କରାଯାଇଛି। ଏଥିରୁ ଦର୍ଶକ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ପାଇବେ ବୋଲି ଦୃଢ଼ ଆଶା ରହିଛି। ସିନେମାଟିଏ ନିର୍ମାଣ କରିବା ସମୟରେ କାହାଣୀ, କଳାକାର ଚୟନ, ସଙ୍ଗୀତ ଏବଂ ପିକ୍ଚରାଇଜେଶନକୁ ସବୁବେଳେ ଗୁରୁତ୍ୱ ଦେଇଥାଏ।' ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ଜଣାପଡିବ।

# ଆଲିୟାଙ୍କ ଫିଟ୍‌ନେସ ଟିପ୍ସ

ଆଲିୟା ଭଟ୍ଟ ଏବେ ବୁଲି ବୁଲି ଗୋଟିଏ ଜିନିଷ ବାଣ୍ଟୁଛନ୍ତି। ଯଦି ସାଙ୍ଗମାନେ ଭେଟ ହୋଇଗଲେ ତେବେ ପ୍ରଥମେ ସେକଥାକୁ ନେଇ ଲମ୍ବା ଆଲୋଚନା ହେଉଛି। କଥା କ'ଣ କି ଆଲିୟା ବର୍ତ୍ତମାନ ଫିଟନେସ୍ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ନିକଟରେ ଶପିଂ କରିବା ସମୟରେ କେତେ ଜଣ ସାଙ୍ଗଙ୍କ ସହ ତାଙ୍କର ଭେଟ ହୋଇଗଲା। ମଲ୍‌ରୁ ବାହାରିବା ପରେ ସିଧା ଚାଲିଲେ ଏକ କଫି ପବ୍‌କୁ। ସେଠାରେ କଫିର ମଜା ନେବା ସହ ଫିଟ୍‌ନେସ ବିଷୟରେ ବଖାଣିବାକୁ ଭୁଲି ନ ଥିଲେ ସେ। ଏ ସମ୍ପର୍କରେ ଆଲିୟା କହନ୍ତି, 'ଆଜିକାଲିର ବିଜି ଲାଇଫରେ ନିଜ ଫିଟ୍‌ନେସ ପ୍ରତି ଧ୍ୟାନ ଦେବା ଜରୁରୀ। ନ ହେଲେ ଅଯଥାରେ ଆମକୁ ରୋଗ ମାଡ଼ି ବସିବ। ତେଣୁ ମୁଁ ଏହାକୁ ନେଇ ଅଧିକ ସତର୍କ ଥାଏ। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ୍ କରିବାକୁ ଭୁଲି ନ ଥାଏ। ଆଉ ସବୁବେଳେ ନିଜ ଡାଏଟିଂକୁ ନେଇ ଆଲର୍ଟ ଥାଏ। ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ମଧ୍ୟ ରହିଛି।' ଆଲିୟାଙ୍କ ଅଭିନୀତ 'ରକି ଔର ରାଜା କି ପ୍ରେମ କାହାନୀ' ଚଳିତ ବର୍ଷ ଜୁଲାଇ ୨୮ରେ ରିଲିଜ ହେବାକୁ ଯାଉଛି। କରନ୍ ଜୋହରଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରଣବୀର ସିଂ। ଅନ୍ୟପକ୍ଷରେ ଏହି ଫିଲ୍ମରେ ଧର୍ମେନ୍ଦ୍ର, ଜୟା ବଚ୍ଚନ ଏବଂ ସବାନା ଆଜମୀଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ଆଲିୟା

# ସାମାନ୍ୟ ଭୁଲ୍ ପାଇଁ...

ମଣିଷ ଜୀବନରେ ଭୁଲ୍ ହେବା କିଛି ନୂଆ କଥା ନୁହେଁ। କିନ୍ତୁ ବେଳେବେଳେ ଏକ ଭୁଲ୍‌ର ପରିଣାମ ଭୟଙ୍କର ହୋଇଥାଏ। ସାମାନ୍ୟ ତ୍ରୁଟି ପାଇଁ କିପରି ଦୁଇଟି ପରିବାର ଅଯଥାରେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ତାହାର ପରିଣାମ କ'ଣ ହେଉଛି ତାହାକୁ ନେଇ କାହାଣୀ ଗତିଶୀଳ। ଆଉ ଏଭଳି ଏକ ଭିନ୍ନଧରଣର କଥାବସ୍ତୁକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ବେସାହାରା'। ଆଚାର୍ଯ୍ୟ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଦ୍ୱିତୀୟ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ଯୋଗୀ' ଫେମ୍ ନିର୍ଦ୍ଦେଶକ ନିରଞ୍ଜନ ବେହେରା। ''ଏହା ଏକ ମୌଳିକ କାହାଣୀକୁ ନେଇ ପ୍ରସ୍ତୁତ ହେଉଛି। ମଦ କିପରି ଦୁଇଟି ପରିବାରକୁ ସମସ୍ୟା ମୁହଁକୁ ଠେଲିଦେଉଛି ତାହା ଏଥିରେ ଦେଖିବାକୁ ମିଳିବ ବୋଲି କହନ୍ତି ନିରଞ୍ଜନ।'' ଉକ୍ତ ସିନେମାର ବିଭିନ୍ନ ଭୂମିକାରେ ଜ୍ୟୋତି ନାୟକ, ସୁପ୍ରିୟା, ପିଣ୍ଟୁ ନନ୍ଦ, ପ୍ରଦ୍ୟୁମ୍ନ ଲେଙ୍କା, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ବିଜୁ ବଡ଼ଜେନା ଏବଂ ପପି ସନ୍ତୁକା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିରେ ସଂଯୋଜିତ ଚାରୋଟି ଗୀତକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ସୂଚନାଯୋଗ୍ୟ, ଏହା ପୂର୍ବରୁ ପ୍ରଦୀପ 'ପ୍ରେମ ପାଇଁ ମହାଭାରତ' ଶୀର୍ଷକ ସିନେମା ପ୍ରଯୋଜନା କରିଥିଲେ, ଯାହା ଦର୍ଶକଙ୍କ ମନକୁ ଛୁଇଁପାରିଥିଲା। ତେବେ ଏହି ଫିଲ୍ମରେ ଜ୍ୟୋତି–ସୁପ୍ରିୟାଙ୍କ ଯୋଡି କି କମାଲ କରୁଛି ତାହା ଦେଖିବାକୁ ବାକି ରହିଲା।

'ବେସାହାରା' ଫିଲ୍ମରେ ଜ୍ୟୋତି–ସୁପ୍ରିୟା



# ଗୁରୁଦାୟିତ୍ୱ

କଙ୍ଗନା ରାଣାଓ୍ୱତଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ ରିଲିଜ ଅପେକ୍ଷାରେ ଥିବା ସିନେମା 'ଏମରଜେନ୍ସି'ରେ ତାଙ୍କୁ ଦର୍ଶକ ନୂଆ ଅବତାରରେ ଦେଖିବାକୁ ପାଇବେ। ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶାସନକାଳରେ ଜାରି ହୋଇଥିବା ଏମରଜେନ୍ସିକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଖାସ୍ କଥା ହେଲା, ଏହି ଫିଲ୍ମରେ ସେ ଇନ୍ଦିରା ଗାନ୍ଧୀ ଭୂମିକାରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ତା'ସହ ଏହାର କାହାଣୀ ମଧ୍ୟ ସେ ରଚନା କରିଛନ୍ତି। କେବଳ ସେତିକି ନୁହେଁ, ରେନୁ ପିଟ୍ଟିଙ୍କ ସହ ସେ ଏହାର ପ୍ରଯୋଜନା ମଧ୍ୟ କରିଛନ୍ତି। ଏହି ଫିଲ୍ମରେ କଙ୍ଗନାଙ୍କ ବ୍ୟତୀତ ଅନୁପମ ଖେର, ଶ୍ରେୟାଶ ତଲପାଡେ, ମହିମା ଚୌଧୁରୀ ଏବଂ ମିଲନ୍ଦ ସୋନମ ମଧ୍ୟ ଅଭିନୟ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଜି.ଭି. ପ୍ରକାଶ କୁମାର। ଏ ନେଇ କଙ୍ଗନା କହନ୍ତି, 'ଏହି ଫିଲ୍ମଟି ମୋ ପାଇଁ ଏକ ଚ୍ୟାଲେଞ୍ଜ। କାରଣ ଏକାଧାରରେ ଏହାର ପ୍ରଯୋଜନା, ନିର୍ଦ୍ଦେଶନା ଏବଂ ମୁଖ୍ୟ ଭୂମିକାରେ ଅଭିନୟ କରିବା ଛୋଟ କଥା ନୁହେଁ। କାହାଣୀକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ସେ ନେଇ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ଫିଲ୍ମଟି ଚଳିତ ବର୍ଷ ନଭେମ୍ବର ୨୪ରେ ପରଦା ଉପରକୁ ଆସିବ।


କଙ୍ଗନା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୯/୨୦୨୩ Bhubaneswar, Thursday, June 29/ 2023



ଜର୍ମାନୀର ବର୍ଲିନଠାରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସରେ ଅଂଶଗ୍ରହଣ କରି ପ୍ରଥମଥର ପାଇଁ ୮ ପଦକ ହାସଲ କରିଥିବା ଓଡ଼ିଶା ଆଥଲେଟ୍‌ଙ୍କୁ ବୁଧବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁ ଓ ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଦିଲ୍ଲୀ ଷ୍ଟାଡିୟମ ନବୀକରଣ ପାଇଁ ୨୫ କୋଟି

**କ୍ରିକେଟ ବିଶ୍ୱକପ୍ ୨୦୨୩**

**ନୂଆଦିଲ୍ଲୀ, ୨୮।୬(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍ ୨୦୨୩ ଆସନ୍ତା ଅକ୍ଟୋବର-ନଭେମ୍ବର ମାସରେ ଭାରତରେ ଅନୁଷ୍ଠିତ ହେବ। ଭାରତର ଭିନ୍ନି ଭିନ୍ନ ୧୦ ସହରରେ ସମୁଦାୟ ୪୮ ମ୍ୟାଚ ଖେଳାଯିବ। ଅହମଦାବାଦ, ହାଇଦ୍ରାବାଦ, ଧର୍ମଶାଳା, ଦିଲ୍ଲୀ, ଚେନ୍ନାଇ, ଲକ୍ଷ୍ନୌ, ପୁଣେ, ବେଙ୍ଗାଲୁରୁ, ମୁମ୍ବାଇ ଓ କୋଲକାତା ଭଳି ୧୦ଟି ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳାଯିବ। ୱାର୍ମଅପ୍ ମ୍ୟାଚ୍‌ଗୁଡିକ ହାଇଦ୍ରାବାଦ, ଥିରୁଭାନନ୍ତପୁରମ୍ ଓ ଗୁଆହାଟୀରେ ଖେଳାଯିବ। ତେବେ ବିଶ୍ୱକପ ପୂର୍ବରୁ ଦିଲ୍ଲୀର ଅରୁଣ ଜେଟଲୀ କ୍ରିକେଟ ଷ୍ଟାଡିୟମ ଉନ୍ନତୀକରଣ ପାଇଁ ନିଷ୍ପତ୍ତି ନେଇଛି ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ(ଡିଡିସିଏ)। ବିସିସିଆଇ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ କେବଳ ଦିଲ୍ଲୀ ନୁହେଁ ବରଂ ହାଇଦ୍ରାବାଦ, କୋଲକାତା, ମୁମ୍ବାଇ ଓ ମୋହାଲି ଭଳି ଷ୍ଟାଡିୟମଗୁଡିକର ମଧ୍ୟ ନବୀକରଣ କରାଯିବ। ଅରୁଣ ଜେଟଲୀ ଷ୍ଟାଡିୟମର ନବୀକରଣ ପାଇଁ ୨୦-୨୫କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି କୁହାଯାଇଛି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ଦିଲ୍ଲୀରେ ଖେଳାଯାଇଥିଲା। ମ୍ୟାଚ୍ ସମୟରେ ଶୌଚାଳୟକୁ ନେଇ ଅନେକ ଦର୍ଶକ ଅଭିଯୋଗ କରିଥିଲେ।

# ୱାର୍ନର, ସ୍ମିଥ୍‌ଙ୍କ ଅର୍ଦ୍ଧଶତକ

**ଆଶେସ୍ ଟେଷ୍ଟ**

**ଲଣ୍ଡନ, ୨୮।୬**

ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ଆଶେସ୍ ଟେଷ୍ଟରେ ଡେଭିଡ୍ ୱାର୍ନର ଓ ଷ୍ଟିଭେନ୍ ସ୍ମିଥ୍‌ଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଦୃଢ ସ୍ଥିତିରେ ରହିଛି। ଟସ୍ ଜିତି ଇଂଲଣ୍ଡ ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ପ୍ରଥମ ଦିନର ଖବର ପ୍ରସ୍ତୁତ ସୁଦ୍ଧା ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ୨୩୦ ରନ୍ ସଂଗ୍ରହ କରିଛି। ଲର୍ଡ୍ସର ଘାସୁଆ ପିଚ୍‌ରେ ଇଂଲଣ୍ଡ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ବଲ୍ ସୁଇଂ ହେଉଥିବା ବେଳେ ଗୋଟିଏ ପଟରୁ ଉସ୍‌ମାନ ଖ୍ୱାଜା ଡିଫେଣ୍ଡ କରୁଥିବା ବେଳେ ଡେଭିଡ୍ ୱାର୍ନର କାଉଣ୍ଟର ଆଟାକ୍ କରିଥିଲେ। ଖ୍ୱାଜା ୭୦ ବଲ୍ ଖେଳି ୧୭ ରନ୍ କରିଥିବା ବେଳେ ୱାର୍ନର ୮୮ ବଲ୍‌ରୁ ୬୬ ରନ୍ କରିଥିଲେ। ୨୪ତମ ଓଭରରେ ପଦାର୍ପଣକାରୀ ଜୋସ୍ ଟଙ୍ଗଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ ଖ୍ୱାଜା। ଆଉଟ ହେବା ପୂର୍ବରୁ ପ୍ରଥମ ଉଇକେଟରେ ୱାର୍ନରଙ୍କ ସହିତ ସେ ୭୩ ରନ୍ ଯୋଡିଥିଲେ। ଲଞ୍ଚ ପରେ ୱାର୍ନର ନିଜ ଚିରାଚରିତ ଢଙ୍ଗରେ ବ୍ୟାଟିଂ କରିଥିଲେ। ଦଳୀୟ ସ୍କୋର ୯୬ ରନ୍‌ରେ ସେ ଟଙ୍ଗଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହି ଇନିଂସରେ ୮ ଚୌକା ଓ ୧ ଛକା ସାମିଲ ଥିଲା। ଚତୁର୍ଥ ଉଇକେଟରେ ମାର୍ନସ ଲାବୁଶେନ୍(୪୭) ଓ ଷ୍ଟିଭ୍ ସ୍ମିଥ୍(୫୨*)ଙ୍କ ମଧ୍ୟରେ ୧୦୨ ରନ୍‌ର ଭାଗୀଦାରି ହୋଇଥିଲା। ଲାବୁଶେନ୍ ୯୩ ବଲ୍ ଖେଳି ୭ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ସ୍ମିଥ୍୧୦୪ ବଲ୍ ଖେଳି ୬ ଚୌକା ମାରିଛନ୍ତି। ଦଳୀୟ ସ୍କୋର ୧୯୮ରେ ଲାବୁଶେନ୍‌ଙ୍କୁ ଆଉଟ କରି ଓଲି ରବିନ୍‌ସନ୍ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ଖବର ପ୍ରସ୍ତୁତ ବେଳକୁ ଷ୍ଟିଭ୍ ସ୍ମିଥ୍(୫୨) ଓ ଟ୍ରାଭିସ୍ ହେଡ୍(୨୬) ରନ୍‌ରେ ବ୍ୟାଟିଂ କରୁଛନ୍ତି। ଇଂଲଣ୍ଡ ପକ୍ଷରୁ ଜୋଶ୍ ଟଙ୍ଗ ଦୁଇଟି ଓ ଓଲି ରବିନ୍‌ସନ୍ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୬୧ ଓଭରରେ ୨୩୦/୩ (ଡେଭିଡ୍ ୱାର୍ନର-୬୬, ମାର୍ନସ୍ ଲାବୁଶେନ୍-୪୭, ଷ୍ଟିଭ୍ ସ୍ମିଥ୍-୫୨*, ଜୋଶ ଟଙ୍ଗ-୨/୪୮, ଓଲି ରବିନ୍‌ସନ୍-୧/୩୭)।



ପଡ଼ିଆ ମଧ୍ୟରେ 'ଜଷ୍ଟ ଷ୍ଟପ୍ ଅଏଲ' ସଂସ୍ଥାର ଜଣେ ସଦସ୍ୟ।

## 'ଜଷ୍ଟ ଷ୍ଟପ୍ ଅଏଲ' ପକ୍ଷରୁ ପ୍ରତିବାଦ

ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ଆଶେସ୍ ଟେଷ୍ଟରେ ପରିବେଶ ସୁରକ୍ଷା ଉପରେ କାମ କରୁଥିବା ସଂସ୍ଥା 'ଜଷ୍ଟ ଷ୍ଟପ୍ ଅଏଲ' ପକ୍ଷରୁ ପ୍ରତିବାଦ କରାଯିବା କାରଣରୁ ଖେଳ ୫ ମିନିଟ ପାଇଁ ବନ୍ଦ ରହିଥିଲା। ଦୁଇ ଜଣ ପ୍ରତିବାଦ କାରୀ ପଡିଆ ମଧ୍ୟକୁ ପଶି ଆସି ପିଚ୍ ଖରାପ କରିବାକୁ ପ୍ରୟାସ କରିଥିଲେ। ଜଣଙ୍କୁ ଇଂଲଣ୍ଡ ଉଇକେଟ କିପର ଜନି ବେୟାରଷ୍ଟୋ କାନ୍ଧରେ ଉଠାଇ ୫୦ ମିଟର ନେଇ ଯାଇଥିଲେ। ସେଠାରୁ ସୁରକ୍ଷା କର୍ମୀ ତାଙ୍କୁ ନେଇଥିଲେ। ଅନ୍ୟ ଜଣଙ୍କୁ ପିଚ୍ ଉପରକୁ ଆସିବାକୁ ରୋକିଥିଲେ ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ନର ଓ ଇଂଲଣ୍ଡର ବେନ୍ ଷ୍ଟୋକ୍ସ। ଦ୍ୱିତୀୟ ପ୍ରତିବାଦକାରୀ ଜଣଙ୍କ କିଛି କମଳା ରଙ୍ଗର ପାଉଡର ପକାଇଥିଲେ ମଧ୍ୟ ଏହା ପିଚ୍‌ରେ ପଡି ନ ଥିଲା। ପୋଲିସ୍ ପକ୍ଷରୁ ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି।

# ଅର୍ମଣ୍ଡ ଡୁପ୍ଲାଣ୍ଟିସ୍‌ଙ୍କ ବିଶ୍ୱ ରେକର୍ଡ

**ଓଷ୍ଟ୍ରାଭା (ଚେକ୍ ରିପବ୍ଲିକ୍), ୨୮।୬(ପି.ଟି.)**

ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ଗୋଲ୍ଡେନ୍ ସ୍ପାଇକ୍ ମିଟ୍‌ରେ ବିଶ୍ୱରେକର୍ଡ ନିଜ ନାମରେ କରିଛନ୍ତି ସ୍ୱିଡେନ୍‌ର ପୋଲଭଲ୍ଟର ଅର୍ମଣ୍ଡ ଡୁପ୍ଲାଣ୍ଟିସ୍। ମଙ୍ଗଳବାର ବିଶ୍ୱରେକର୍ଡ ସହିତ ସେ ୬.୧୨ ମିଟର ଦୂରତା ହାସଲ କରିବାରେ ସମର୍ଥ ହୋଇଥିଲେ। ୨୩ ବର୍ଷୀୟ ଏହି ଖେଳାଳି ଜଣକ ପୂର୍ବରୁ ଚଳିତ ମାସରେ ନେଦରଲାଣ୍ଡ୍ସର ହେଙ୍ଗେଲୋରେ ୬.୧୧ ମିଟର ସହିତ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇ ବିଶ୍ୱରେକର୍ଡ କରିଥିଲେ। ନିଜର ପ୍ରଥମ ପ୍ରୟାସରେ ସେ ୬.୧୨ ମିଟର ଦୂରତା ହାସଲ କରିଥିବା ବେଳେ ପରବର୍ତ୍ତୀ ପ୍ରୟାସରେ ୬.୧୭ ମିଟର ଦୂରତାରେ ବିଫଳ ହୋଇଥିଲେ। ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପ୍ରୟାସ କରିଥିଲି। ତେବେ ଆଗାମୀ ଦିନରେ ୬.୧୭ ମିଟର ଦୂରତା ହାସଲ କରିବା ନେଇ ଡୁପ୍ଲାଣ୍ଟିସ୍ ପ୍ରକାଶ କରିଥିଲେ। ଆମେରିକାରେ ଜନ୍ମିତ ଏହି ଆଥ୍‌ଲେଟ ଜଣକ ଏହା ପୂର୍ବରୁ ଏକ କ୍ଲେରମଣ୍ଟ-ଫେରାଣ୍ଡ ଇନ୍‌ଡୋର ମିଟ୍‌ରେ ୬.୨୨ ମିଟର ଦୂରତା ହାସଲ କରିବାର ବିଶ୍ୱରେକର୍ଡ ମଧ୍ୟ ନିଜ ନାମରେ ରଖିଛନ୍ତି।

ଏହି ଟୁର୍ନାମେଣ୍ଟରେ ବିଶ୍ୱରେକର୍ଡଧାରୀ ଆମେରିକୀୟ ଶଟ୍‌ପୁଟର ର୍‍ୟାନ୍ କ୍ରାଉଜର ୨୨.୬୩ ମିଟର ନିଜର ଗୋଲ୍ଡେନ୍ ସ୍ପାଇକ୍ ରେକର୍ଡ ଭାଙ୍ଗିଛନ୍ତି। ଅଲିମ୍ପିକ ଚାମ୍ପିୟନ ପୁଏର୍ଟରିକୋର ୧୦୦ ମିଟର ବାଧାଦୌଡ ଧାବିକା ଜସ୍ମିନ କାମାକୋ କ୍ୱିନ୍ ୧୨.୪୨ ସେକେଣ୍ଡର ସମୟ ନେଇ କ୍ରମାଗତ ଦ୍ୱିତୀୟ ବର୍ଷ ବିଜୟୀ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ଅକାନି ସିମ୍ବିନ ୯.୯୮ ସେକେଣ୍ଡର ସମୟ ସହିତ ପୁରୁଷ ୧୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ୨୦୦ ମିଟର ସ୍ପ୍ରିଣ୍ଟରେ ଦକ୍ଷିଣ ଆଫ୍ରିକାର ଲୁକ୍ସୋଲୋ ଆଡାମ୍ସ ୨୦.୨୨ ସେକେଣ୍ଡ ନେଇ ବିଜୟୀ ହୋଇଛନ୍ତି। ଜାମ୍ବିଆର ମୁଜାଲା ସାମୁକୋଙ୍ଗା ୪୫.୦୫ ସେକେଣ୍ଡ ସମୟ ନେଇ ୪୦୦ ମିଟର ରେସ୍ ବିଜୟୀ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ଜାକିଥ୍ ନେନେ ୪୫.୨୨ ସେକେଣ୍ଡର ସମୟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପୁରୁଷ ଡିସ୍କସ ଥ୍ରୋରେ ସ୍ଲୋଭେନିଆର କ୍ରିଷ୍ଟିଆନ୍ କେହ ୬୮.୫୫ ମିଟର ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

**ଗୋଲ୍ଡେନ୍ ସ୍ପାଇକ୍ ମିଟ୍**



ଅର୍ମଣ୍ଡ ଡୁପ୍ଲାଣ୍ଟିସ୍

# ଶ୍ରୀୟଙ୍କା ଷଡ଼ଙ୍ଗୀଙ୍କୁ ସ୍ୱର୍ଣ୍ଣ ପଦକ

**ନ୍ୟାଶନାଲ ଟ୍ରାଏଲ୍ସ**

**ନୂଆଦିଲ୍ଲୀ, ୨୮।୬ (ପି.ଟି.)**

ନୂଆଦିଲ୍ଲୀର କର୍ନି ସିଂ ଶୁଟିଂ ରେଞ୍ଜରେ ଅନୁଷ୍ଠିତ ନ୍ୟାଶନାଲ ଶୁଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଶ୍ରୀୟଙ୍କା ଷଡଙ୍ଗୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାର ପଞ୍ଚମ ଦିନରେ ଶ୍ରୀୟଙ୍କାଙ୍କ ବ୍ୟତୀତ ଅଲିମ୍ପିଆନ୍ ମନୁ ଭାକେର ଓ ମଧ୍ୟପ୍ରଦେଶର ଗୋଲ୍ଡି ଗୁର୍ଜର ମଧ୍ୟ ନିଜ ନିଜ ଇଭେଣ୍ଟରେ ପ୍ରଥମ ସ୍ଥାନରେ ରହିଛନ୍ତି। ୧୦ ମିଟର ଏୟାର ରାଇଫଲ୍ ଟି-୬ ବର୍ଗରେ ଶ୍ରୀୟଙ୍କା ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ମହିଳା ୨୫ ମିଟର ପିସ୍ତଲର ଟି୭ ବର୍ଗରେ ମନୁ ଓ ୫୦ ମିଟର ପୁରୁଷ ରାଇଫଲ ୩ ପୋଜିସନର ଟି-୫ ବର୍ଗରେ ଗୋଲ୍ଡିପ୍ରଥମ ସ୍ଥାନ ହାସଲ କରିଛନ୍ତି।

୧୦ ମିଟର ଏୟାର ରାଇଫଲ୍ ଟି-୬ ବର୍ଗରେ ଶ୍ରୀୟଙ୍କା ୬୩୨.୧ ପଏଣ୍ଟ ସ୍କୋର କରିଥିଲେ। ଏହା ସହିତ ଚତୁର୍ଥ ଖେଳାଳି ଭାବରେ ସେ ନ୍ୟାଶନାଲ ଟ୍ରାଏଲ୍ସରୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫାଇନାଲ ରାଉଣ୍ଡର ପ୍ରଥମ ସିରିଜ୍‌ରୁ ୫୩ ପଏଣ୍ଟ ସହିତ ଆରମ୍ଭ କରିଥିବା ବେଳେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ଫାଇନାଲରେ ସେ ୨୫୩.୧ ପଏଣ୍ଟ ହାସଲ କରିଥିବା ବେଳେ ଟି-୫ ବର୍ଗର ବିଜେତା ରମିତା ୨୫୨.୪ ଓ ନାନ୍ସି ୨୩୦.୭ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲେ।

ଅଲିମ୍ପିଆନ୍ ମନୁ ଯୋଗ୍ୟତା ପର୍ଯ୍ୟାୟରେ ୫୯୧ ପଏଣ୍ଟ ସହିତ ଏକ ନମ୍ବର ସ୍ଥାନରେ ରହିଥିଲେ। ଫାଇନାଲରେ ୩୯ ପଏଣ୍ଟ ସ୍କୋର କରିବା ସହିତ ବିଶ୍ୱରେକର୍ଡରୁ ମାତ୍ର ୧ ପଏଣ୍ଟ ପଛରେ ରହି ଯାଇଥିଲେ। ରାହି ସର୍ନୋବତ୍ ୩୭ ପଏଣ୍ଟ ସହିତ ଦ୍ୱିତୀୟ ଓ ଅଭିଦ୍ନ୍ୟ ଅଶୋକ ପାଟିଲ ୩୨ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଥିଲେ। ୫୦ ମିଟର ପୁରୁଷ ରାଇଫଲ ୩ ପୋଜିସନରେ ଗୋଲ୍ଡି ଯୋଗ୍ୟତା ପର୍ଯ୍ୟାୟରେ ୬୦୦ରୁ ୫୮୬ ପଏଣ୍ଟ ସ୍କୋର କରିଥିଲେ। ଫାଇନାଲରେ ସେ ୪୫୪.୫ ପଏଣ୍ଟ ସ୍କୋର କରିଥିବା ବେଳେ ହିମାଚଳର ସୂର୍ଯ୍ୟପ୍ରତାପ ସିଂ ବଂସ୍ଥୁ ୪୫୩.୭ ଓ ଭାରତୀୟ ନୌସେନାର ନୀରଜ କୁମାର ୪୪୩.୫ ପଏଣ୍ଟ ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ।



ରମିତା, ଶ୍ରୀୟଙ୍କା ଷଡ଼ଙ୍ଗୀ ଓ ନାନ୍‌ସି।

# ୱିମ୍ବଲଡନ୍ ପାଇଁ ଅଲକାରାଜ୍, ସ୍ୱିଟେକ୍ ପ୍ରଥମ ସିଡ୍

**ୱିମ୍ବଲଡନ୍, ୨୮।୬ (ପି.ଟି.):** ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ୍ ପାଇଁ ବୁଧବାର ସିଡେଡ୍ ଖେଳାଳିଙ୍କ ତାଲିକା ପ୍ରକାଶ ପାଇଛି। ସ୍ପେନ୍‌ର କାର୍ଲୋସ୍ ଅଲକାରାଜଙ୍କୁ ପୁରୁଷ ବର୍ଗରେ ଓ ମହିଳା ବର୍ଗରେ ଇଗା ସ୍ୱିଟେକଙ୍କୁ ପ୍ରଥମ ସିଡ୍‌ର ମାନ୍ୟତା ମିଳିଛି। ପୋଲାଣ୍ଡର ୨୨ ବର୍ଷୀୟ ଇଗା ସ୍ୱିଟେକ୍ ୪ଟି ଗ୍ରାଣ୍ଡସ୍ଲାମ ବିଜୟୀ ହୋଇଥିବା ବେଳେ ଚଳିତ ସେପ୍ଟେମ୍ବରରେ ପ୍ରଥମ ଥର ପାଇଁ ହାର୍ଡକୋର୍ଟରେ ୟୁଏସ୍ ଓପନ ବିଜୟୀ ହୋଇଥିଲେ। ତେବେ ଗ୍ରାସ୍ କୋର୍ଟରେ ତାଙ୍କର ବିଜୟ ରେକର୍ଡ ୫-୩ ରହିଛି। ଏପ୍ରିଲ୍ ୨୦୨୨ରୁ ନମ୍ବର ୱାନ ରହିଥିବା ବେଳେ ଏହି ଟୁର୍ନାମେଣ୍ଟରେ ସଫଳ ହେବା ନେଇ ଆଶା ରଖିଛନ୍ତି। ଗ୍ରାସ୍‌କୋର୍ଟରେ ସଫଳ ହେବା ତାଙ୍କ ପାଇଁ ଚ୍ୟାଲେଞ୍ଜ ବୋଲି ସେ କହିଛନ୍ତି।

# ଭାରତ-ଲେବାନନ, କୁଏଟ୍-ବାଂଲାଦେଶ

**ସାଫ୍ ଚାମ୍ପିୟନଶିପ୍ ସେମିଫାଇନାଲ**

**ବେଙ୍ଗାଲୁରୁ, ୨୮।୬**

ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଚାଲିଥିବା ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ଭାରତ ଓ ଲେବାନନ ମଧ୍ୟରେ ମୁକାବିଲା ହେବ। ଦ୍ୱିତୀୟ ସେମିରେ କୁଏଟକୁ ଭେଟିବ ବାଂଲାଦେଶ। ବୁଧବାର ଅନୁଷ୍ଠିତ ଗ୍ରୁପ୍ 'ବି'ର ୨ଟି ଲିଗ୍ ମ୍ୟାଚରେ ଲେବାନନ ୧-୦ ଗୋଲରେ ମାଳଦ୍ୱୀପକୁ ଏବଂ ବାଂଲାଦେଶ ୩-୧ ଗୋଲରେ ଭୁଟାନକୁ ପରାସ୍ତ କରିଛି। ବିଜୟ ଫଳରେ ଲେବାନନ ଗ୍ରୁପ୍ 'ବି'ରେ ୩ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟ ପାଇଛି। ଫଳରେ ଗ୍ରୁପ୍‌ର ଶୀର୍ଷ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବାଂଲାଦେଶ ୩ ମ୍ୟାଚରୁ ୬ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ର ଅନ୍ୟ ୨ ଦଳ ମାଳଦ୍ୱିପ ଓ ଭୁଟାନର ଅଭିଯାନ ଶେଷ ହୋଇଛି। ଭାରତ ଗ୍ରୁପ୍ 'ଏ'ରେ ଅପରାଜେୟ ରହିଥିଲେ ହେଁ ୩ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ୬ ପଏଣ୍ଟ ପାଇଥିଲା। ଏହି ଗ୍ରୁପ୍‌ର ଅନ୍ୟତମ ଦଳ କୁଏଟ୍ ମଧ୍ୟ ୬ ପଏଣ୍ଟ ସହ ଲିଗ୍ ପର୍ଯ୍ୟାୟ ଶେଷ କରିଥିଲା। ତେବେ ପ୍ରଦର୍ଶନ ଭିତ୍ତିରେ କୁଏଟ ପ୍ରଥମ ଓ ଭାରତ ଦ୍ୱିତୀୟ ସ୍ଥାନ ପାଇଥିଲା। ଫଳରେ ଗ୍ରୁପ୍ 'ଏ'ର ଦ୍ୱିତୀୟ ଦଳ ଭାରତ ଓ ଗ୍ରୁପ୍ 'ବି'ର ପ୍ରଥମ ଦଳ ଲେବାନନ ମଧ୍ୟରେ ସେମିଫାଇନାଲ ହେବା ସ୍ପଷ୍ଟ ହୋଇ ଯାଇଥିଲା। ଜୁଲାଇ ୧ ତାରିଖରେ ଭାରତ ଓ ଲେବାନନ ମ୍ୟାଚ ସନ୍ଧ୍ୟା ୭ଟା ୩୦ରେ ଆରମ୍ଭ ହେବ। ଅପରାହ୍ନ ୩ଟାରେ ପ୍ରଥମ ସେମିଫାଇନାଲରେ କୁଏଟକୁ ଭେଟିବ ବାଂଲାଦେଶ।

ନିକଟରେ ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଭାରତ ଓ ଲେବାନନ ପରସ୍ପରକୁ ୨ ଥର ଭେଟିଥିଲେ। ଏଥିରୁ ଲିଗ୍ ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଥିବାବେଳେ ଫାଇନାଲରେ ଲେବାନନକୁ ୨-୦ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ତେଣୁ ଆଗାମୀ ସେମିଫାଇନାଲରେ ଭାରତର ପଲା ନିଶ୍ଚିତ ଭାରି ରହିବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ